ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଡିସେମ୍ବର ୨୭/୨୦୧୮ (୧୬ ପୃଷ୍ଠା) Sambalpur, Thursday, December 27/ 2018 | ★★

୧୫ଶ ଭାଗ ୧୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ପଦାର୍ପଣରେ ମୟଙ୍କଙ୍କ ଚମକ

ମେଲବୋର୍ନରେ ବୁଧବାର ଟେଷ୍ଟ କ୍ୟାରିୟର ଆରମ୍ଭ କରି ଅର୍ଦ୍ଧଶତକ ହାସଲ ସହ ରେକର୍ଡ ବୁକ୍‌ରେ ସାମିଲ ହୋଇଛନ୍ତି ଭାରତୀୟ ଓପନର ମୟଙ୍କ ଅଗ୍ରୱାଲ।

୧୫

୦୯

ବାଲାସାହେବ ଠାକ୍‌ରେଙ୍କ ଭୂମିକାରେ ନୱାଜୁଦ୍ଦିନ

ନୱାଜୁଦ୍ଦିନ ସିଦ୍ଦିକ୍ ଅଭିନୀତ ଶିବସେନା ସୁପ୍ରିମୋ ବାଲାସାହେବ ଠାକ୍‌ରେଙ୍କ ଜୀବନ କାହାଣୀ ଉପରେ ଆଧାରିତ 'ଠାକ୍‌ରେ ବାୟୋପିକ୍' ଫିଲ୍ମର ଅଢ଼େଇ ମିନିଟ୍ ଟ୍ରେଲର ବୁଧବାର ରିଲିଜ୍ ହୋଇଛି।

ଓଡ଼ିଶାକୁ ମିଳୁ ଆର୍ଥିକ ସ୍ୱାୟତ୍ତତା: ନବୀନ

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)

ଦରକାର ନାହିଁ ଆମର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା। ଦରକାର ନାହିଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍। ଓଡ଼ିଶାକୁ ଆର୍ଥିକ ସ୍ୱାୟତ୍ତତା(ଅଟୋନୋମୀ) ପ୍ରଦାନ କର। ଓଡ଼ିଶା ଦକ୍ଷିଣ ଏସିଆରେ ସବୁଠୁ ଅଗ୍ରଣୀ ରାଜ୍ୟରେ ପରିଣତ ହେବ। ବହୁବର୍ଷ ପୂର୍ବେ ବିଜୁବାବୁ ଏହି କଥା କହିଥିଲେ, ଯାହାକୁ ଆଜି ମଧ୍ୟ ପ୍ରତି ଓଡ଼ିଆ ସମର୍ଥନ କରୁଥିବା ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭୁବନେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଦଳର ୨୧ତମ ପ୍ରତିଷ୍ଠା ଦିବସରେ ସେ ଏହି କଥା କହିଛନ୍ତି। ସେହିପରି ସେ ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ କରି ସିଧା କେନ୍ଦ୍ରର ମୋଦି ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ନିର୍ବାଚନ ପୂର୍ବରୁ ପ୍ରତିଷ୍ଠା ଦିବସରେ କେନ୍ଦ୍ର ପ୍ରତି ନବୀନଙ୍କ ଏହି ଆକ୍ରମଣାତ୍ମକ ସ୍ୱଭାବ କର୍ମୀଙ୍କୁ ଉତ୍ସାହିତ କରିଛି। ଅପରପକ୍ଷେ ବିରୋଧୀ ପାଲଟା ପ୍ରଶ୍ନ କରି ଶାସକ ବିଜେଡିକୁ ଘେରିଛନ୍ତି। ଯାହାକୁ ନେଇ ରାଜ୍ୟ ରାଜନୀତି ଜୋର ଧରିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଜାତୀୟ ରାଜପଥ କ୍ଷେତ୍ରରେ ରାଉରକେଲାରୁ କଟକ ଆସୁଥିଲା ବେଳେ ସମ୍ବଲପୁର ପର୍ଯ୍ୟନ୍ତ ☞ପୃଷ୍ଠା–୪

ବିଜେଡି ପାଳିଲା ପ୍ରତିଷ୍ଠା ଦିବସ

- ଆକ୍ରମଣାତ୍ମକ ଶୈଳୀରେ ନବୀନଙ୍କ ପ୍ରଶ୍ନବାଣ
- କେନ୍ଦ୍ର ନେଇଛି ଅଧିକ, ଦେଇଛି କମ୍
- ଓଡ଼ିଶା ପ୍ରତି ଜାତୀୟ ଦଳର ଦରଦ ନାହିଁ

- ମୁହଁରେ ଚାଷୀଙ୍କ କଥା, ମଧ୍ୟସ୍ଥ ମାଲାମାଲ

ସହାୟତା ବାହାନାରେ ଶୋଷଣ

ହର୍ଷବର୍ଦ୍ଧନ ବେହେରା

ଯାଜପୁର ଅଫିସ,୨୬।୧୨

ମୁହଁରେ ଚାଷୀଙ୍କ କଥା କହି ସରକାର ଯୋଗାଣ ବିଭାଗ, ମିଲ୍ ମାଲିକ ଓ ବ୍ୟବସାୟୀଙ୍କ ହିତରେ କାର୍ଯ୍ୟ କରୁଥିବା ମନେ ହେଉଛି। ଏଥିଯୋଗୁ ମଧ୍ୟସ୍ଥ ମାଲାମାଲ୍ ହେଉଥିବାବେଳେ ଚାଷୀ ଶୋଷଣର ଶିକାର ହେଉଛନ୍ତି। ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଥିବା ଚାଷୀକୁଳର ଆର୍ଥିକ ମାନଦଣ୍ଡ ଭାଙ୍ଗି ପଡୁଛି । ଏହାସହ ପ୍ରଶାସନିକ ଅବହେଳା ଏହି କ୍ଷେତ୍ରରେ ଅଧିକ ବାଧକ ସାଜିଛି। ଏହି କାରଣରୁ ହତୋତ୍ସାହିତ ହୋଇ ଶେଷରେ ଚାଷୀ ଆତ୍ମହତ୍ୟା କରିବାକୁ ବାଧ ହେଉଛି। ଅନ୍ୟପକ୍ଷେ ଦ୍ରୁତ ଶିଳ୍ପାୟନ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ଗ୍ରାମୀଣ ଜୀବନ ଓ କୃଷି କ୍ଷେତ୍ରକୁ ଯଥେଷ୍ଟ ପରିମାଣରେ ପ୍ରଭାବିତ କରିଛି। ଯାଜପୁର ଜିଲାରେ ଗତ ୪ବର୍ଷ ମଧ୍ୟରେ ୧୬ଜଣ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମାତ୍ର କୃଷି ବିଭାଗ ପକ୍ଷରୁ ତଦନ୍ତ କରାଯିବା ପରେ ଚାଷୀ ଆତ୍ମହତ୍ୟା ଶୂନ ବୋଲି ଦର୍ଶାଯାଇଛି। ଗତ ୪ବର୍ଷର ଧାନ ସଂଗ୍ରହ ରିପୋର୍ଟକୁ ଅବଲୋକନ କଲେ ସରକାରୀ ଭାବେ ଧାନର ଅଭାବୀ ବିକ୍ରି ଜଳଜଳ ହୋଇ ଦିଶୁଛି। ଏହି ୪ବର୍ଷରେ ଧାର୍ଯ୍ୟଲକ୍ଷ୍ୟଠାରୁ ସମୁଦାୟ ୨,୯୧,୬୬୫ କୁଇଣ୍ଟାଲ କମ୍ ଧାନ ସଂଗ୍ରହ ହୋଇଛି।

ଯାଜପୁର ଜିଲାରେ ୧,୪୫,୪୫୦ ହେକ୍ଟର ଚାଷ ଜମି ରହିଛି। ସେଥିରୁ ୧,୧୭,୦୦୦ ହେକ୍ଟର ଜମିରେ ଧାନ ଚାଷ ହୋଇଥାଏ । ଖରିଫ ଋତୁରେ ୬୧,୩୨୨(୪୨%) ହେକ୍ଟର ଓ ରବି ଋତୁରେ ୩୪,୬୦୦(୨୪%) ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ରହିଥିବା ସରକାରୀ ଭାବେ କୁହାଯାଉଛି। ହେଲେ ପ୍ରତିବର୍ଷ ଏଠାରେ ଚାଷୀ ବନ୍ୟା କିମ୍ବା ମରୁଡିର ସମ୍ମୁଖୀନ ହେଉଛନ୍ତି। ଯାଜପୁର ଜିଲାରେ ଖଣିର ପ୍ରାଚୁର୍ଯ୍ୟ ରହିଛି। ୧୩ଟି ବୃହତ ଶିଳ୍ପ କାରଖାନା ଏଠାରେ ପ୍ରତିଷ୍ଠା ହୋଇଛି। ତଥାପି ଚାଷୀ ନିଯୁକ୍ତି ପଛରେ ନ ଧାଇଁ ଚାଷ ପ୍ରତି ଆଗ୍ରହ ରଖିଛି। ଧାନ ସମେତ ପନିପରିବା ଚାଷରେ ଜିଲା ବହୁ ଆଗରେ ରହିଛି। ହେଲେ ଧାନଚାଷ ଆରମ୍ଭରେ ଦଲାଲମାନେ ଚାଷୀଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରି କୁଇଣ୍ଟାଲ ପିଛା ୧୧୦୦ଟଙ୍କାରେ ଧାନ କିଣିବାକୁ ଚୁକ୍ତି କରୁଛନ୍ତି। ଏହାବାଦ ଜିଲାରେ ଜାଣିଶୁଣି ବିଳମ୍ବରେ ଧାନମଣ୍ଡି ଖୋଲା ଯାଉଥିବାରୁ ଚାଷୀ ବାଧ ହୋଇ ନିଜର କଷ୍ଟୋପାର୍ଜିତ ଧାନକୁ କମ୍ ଦରରେ ଦଲାଲ ହାତରେ ଚେକି ଦେଉଛି। ସମବାୟ

ସରକାରୀ ଭାବେ ଚାଷୀ ମୃତ୍ୟୁ ଶୂନ

ସମିତିଗୁଡିକ ଭାଗଚାଷୀ ନାମରେ ବିଭିନ୍ନ କୃଷି ସମ୍ବନ୍ଧୀୟ ଯୋଜନାରେ ଅର୍ଥ ହଡ଼ପ କରୁଥିବା ଏଠାରେ ନୂଆ କଥା ନୁହେଁ। ସରକାରୀ ଭାବେ ଧାନ ସଂଗ୍ରହରେ ଲକ୍ଷ୍ୟଧାର୍ଯ୍ୟ ମଧ୍ୟ କେବେ ପୂରଣ ହୋଇପାରୁ ନାହିଁ। ୨୦୧୪–୧୫ ଆର୍ଥିକ ବର୍ଷରେ ଲକ୍ଷ୍ୟଧାର୍ଯ୍ୟ ୮,୫୧,୮୫୨ କୁଇଣ୍ଟାଲ ମଧ୍ୟରୁ ୮,୩୪,୯୨୦ କୁଇଣ୍ଟାଲ, ୨୦୧୫–୧୬ ଆର୍ଥିକ ବର୍ଷରେ ଲକ୍ଷ୍ୟଧାର୍ଯ୍ୟ ୯,୯୨,୬୪୬ କୁଇଣ୍ଟାଲରୁ ୯,୩୬,୨୦୬ କୁଇଣ୍ଟାଲ, ୨୦୧୬–୧୭ ଆର୍ଥିକ ବର୍ଷରେ ୮,୨୯,୪୧୧ କୁଇଣ୍ଟାଲରୁ ୬,୦୮,୫୫୮ କୁଇଣ୍ଟାଲ ଓ ୨୦୧୭–୧୮ ଆର୍ଥିକ ବର୍ଷରେ ୭,୦୫,୮୮୨ କୁଇଣ୍ଟାଲରୁ ୬,୦୮,୪୪୧ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି । ଗତ ୪ବର୍ଷ ମଧ୍ୟରେ କୌଣସି ବର୍ଷ ମଧ୍ୟ ଧାନ ସଂଗ୍ରହ ଧାର୍ଯ୍ୟଲକ୍ଷ୍ୟକୁ ଛୁଇଁ ପାରି ନାହିଁ। ଚଳିତ ୨୦୧୮–୧୯ ଆର୍ଥିକ ବର୍ଷରେ ପ୍ରଥମ ପର୍ଯ୍ୟାୟରେ ୫,୪୪,୦୦୦ କୁଇଣ୍ଟାଲ ଧାନ କିଣିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ହେଲେ ସୋମବାର ସୁଦ୍ଧା ୨୬ଟି ପ୍ୟାକ୍ସ ଜରିଆରେ ମାତ୍ର ୪୦,୮୭୫.୭୪ କୁଇଣ୍ଟାଲ ଧାନ କିଣାଯାଇଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି। ମଣ୍ଡି ଖୋଲିବାରେ ବିଳମ୍ବ ନେଇ ଗତ ୨୦ତାରିଖରେ ଜିଲାପାଳ ୬୦ଟି ପ୍ୟାକ୍ସର ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ☞ପୃଷ୍ଠା–୫

- ପ୍ରଶ୍ନର ଜବାବରେ ନବୀନଙ୍କୁ ଧର୍ମେନ୍ଦ୍ରଙ୍କ ପ୍ରଶ୍ନ

ଦୁର୍ନୀତି ଦାନବକୁ ଦାନା ଦେଉଛି କିଏ

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରର ମୋଦି ସରକାରଙ୍କୁ ପଚାରିଥିବା ୯ଟି ପ୍ରଶ୍ନର ଜବାବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଲଟା ପ୍ରଶ୍ନ କରିଛନ୍ତି। ଚିଟ୍‌ଫଣ୍ଡ, ଖଣି ଦୁର୍ନୀତି, ପିସିର ଦାନବକୁ କିଏ ଦାନା ଦେଉଛି ମୁଖ୍ୟମନ୍ତ୍ରୀ ଏହାର ଜବାବ ଦେବାର ଆବଶ୍ୟକତା ଅଛି। ଖୋର୍ଦ୍ଧା–ବଲାଙ୍ଗୀର ରେଳ ଲାଇନ ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଦୋଷ ଦେଉଛନ୍ତି। ଏଠାରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ, ଖୋର୍ଦ୍ଧା–ବଲାଙ୍ଗୀର ରେଳ ଲାଇନ ପାଇଁ ରାଜ୍ୟ ସରକାର କେତେ ଏବଂ କେଉଁଠି ଜମି ଯୋଗାଇଛନ୍ତି। ହରିଦାସପୁର–ପାରାଦୀପ ରେଳଲାଇନ ପାଇଁ ମଧ୍ୟ ସମ୍ପୂର୍ଣ୍ଣ ଜାଗା ମିଳିପାରି ନାହିଁ। ବିଜେଡି ବିଧାୟକମାନେ ଚାନ୍ଦା ମାଗୁଛନ୍ତି, ନ ହେଲେ କାମ କରାଇ ଦେଉନାହାନ୍ତି। କେଉଁ ରେଳଲାଇନ ପାଇଁ କେତେ ଜାଗା ରାଜ୍ୟ ସରକାର ଦେଇଛନ୍ତି ସନ୍ଧ୍ୟା ସୁଦ୍ଧା ମୁଖ୍ୟମନ୍ତ୍ରୀ ଉତ୍ତର ରଖନ୍ତୁ ବୋଲି ଧର୍ମେନ୍ଦ୍ର ଆହ୍ୱାନ କରିଛନ୍ତି। ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବିଲ୍‌କୁ କେନ୍ଦ୍ର ସରକାର କାହିଁକି ଗୃହୀତ କରିନାହାନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ଯେତେବେଳେ ପାର୍ଲାମେଣ୍ଟରେ ତିନ୍ ତଲାକ୍ ସମ୍ପର୍କିତ ଆଇନ ଆସିଲା ସେତେବେଳେ ବିଜେଡି ଏମ୍‌ପିମାନେ କାହିଁକି ସମର୍ଥନ କରି ନ ଥିଲେ। ବର୍ତ୍ତମାନ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରିମଣ୍ଡଳରେ କେତେଜଣ ମହିଳା ଅଛନ୍ତି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବୁଧବାର ବରମୁଣ୍ଡା ପଡିଆରେ ଆୟୋଜିତ 'ଜବାବ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଧର୍ମେନ୍ଦ୍ର କହିଛନ୍ତି ଯେ, ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ଅତି ପାଖରେ ରହୁଥିବା ସରୋଜ

'ଜବାବ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ

- ୧୦୦ଦିନ ଯାଏ ଗାଁ ବୁଲିବ ରଥ
- ୱେବ୍‌ସାଇଟ୍ ଜରିଆରେ ପ୍ରଶ୍ନ ପଚାରିବାକୁ ଆହ୍ୱାନ

ସାହୁ ନାମକ ବ୍ୟକ୍ତି ଜଣକ କିଏ। ଉଜ୍ଜ୍ୱଳା ଯୋଜନାକୁ ନେଇ ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଭାରତ ସରକାରଙ୍କର ସବୁଠୁ ବଡ଼ ଯୋଜନାଭାବେ ଉଜ୍ଜ୍ୱଳା ପରିଗଣିତ । ସାରା ଦେଶରେ ବର୍ତ୍ତମାନ ସୁଦ୍ଧା ୬କୋଟି ଗରିବ ମା', ଭଉଣୀଙ୍କୁ ମାଗଣାରେ ☞ପୃଷ୍ଠା–୪

- ଦିଲ୍ଲୀ, ୟୁପିରେ ଏନ୍‌ଆଇଏ ଚଢ଼ାଉ

ଆଇଏସ୍ ଆତଙ୍କକୁ ପ୍ରହାର

ନୂଆଦିଲ୍ଲୀ,୨୬।୧୨ (ପି.ଟି./ଆଇଏଏନ୍‌ଏସ୍)

ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)କୁ ଲାଗିଛି ଶକ୍ତ ଝଟକା। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ବୁଧବାର ଭୋର ସମୟରେ ଦିଲ୍ଲୀ ଓ ଉତ୍ତରପ୍ରଦେଶ(ୟୁପି)ର ୧୭ଟି ସ୍ଥାନରେ ଚଢ଼ାଉ କରିଛି। ଏସବୁ ସ୍ଥାନରୁ ଆଇଏସ୍ ସହ ଅନୁବନ୍ଧିତ ହରକତ୍-ଉଲ୍-ହର୍ବ-ଇ-ଇସ୍‌ଲାମର ୧୬ ଜଣଙ୍କୁ ଧରାଯାଇଛି। ସନ୍ଦିଗ୍ଧ ଆତଙ୍କବାଦୀମାନେ କେତେଜଣ ରାଜନେତାଙ୍କୁ ଓ ଉତ୍ତର ଭାରତର ବ୍ୟସ୍ତବହୁଳ ଅଞ୍ଚଳ ବିଶେଷକରି ଦିଲ୍ଲୀରେ ଆକ୍ରମଣ କରିବା ପାଇଁ ଷଡ଼ଯନ୍ତ୍ର ରଚିଥିଲେ ବୋଲି ତଦନ୍ତକାରୀ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ☞ପୃଷ୍ଠା–୪

ଜେହାଦୀ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ

- ଧରାପଡ଼ିଲା ଆଇଏସ୍‌ର ହରକତ୍-ଉଲ୍-ହର୍ବ-ଇ-ଇସ୍‌ଲାମ ନେଟ୍‌ୱର୍କ
- ୧୭ ସ୍ଥାନରେ ଚଢ଼ାଉ, ବିପୁଳ ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ଜବତ
- ୧୦ ଜେହାଦୀ ଗିରଫ, ୬ ଅଟକ

ଆଜିର ସମ୍ପାଦକୀୟ

ବୁଲା କୁକୁର ସମସ୍ୟାର ସମାଧାନ

ଆଜିର ମନ୍ତବ୍ୟ

ଚାଷୀଙ୍କୁ ଫସଲ ବୀମା ଦେବା ନେଇ ମିଛ ଜହୁଡ଼ି କେନ୍ଦ୍ରର ଭାଜପା ସରକାର।
–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

କିଛି ତଥ୍ୟ

୨୦୦୦ ମସିହା ଏପ୍ରିଲ ୦ାରୁ ୨୦୧୮ ଜୁନ ମଧ୍ୟରେ ଭାରତ ଜାପାନଠାରୁ ୨୮.୧୬ ବିଲିୟନ ଡଲାରର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ଲାଭ କରିଛି।
– ବାଣିଜ୍ୟ ମନ୍ତ୍ରଣାଳୟ

CBSE Exam Mate ପୃଷ୍ଠା -୧୧

NECC NATIONAL EGG CO-ORDINATION COMMITTEE 26.12.2018 Venkobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	80	132	142
CTC	80	132	142
DKL	82	135	145
BDK	82	135	145
BLS	84	137	147
ANG	84	137	147

*Conditions Apply

Eggs Retail Price- 55/-Dozen
Issued in the Interest of Consumers

ନୂଆବର୍ଷରୁ ଶ୍ରୀମନ୍ଦିରରେ ଟିକେଟ ଦର୍ଶନ

ପୁରୀ ଅଫିସ, ୨୬।୧୨

ନୂଆବର୍ଷରୁ ଶ୍ରୀମନ୍ଦିରରେ ଲାଗିବ ମହାପ୍ରସାଦ ଦର ତାଲିକା। ଏଥିସହ ଟିକେଟ ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ। ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର।

ମୁଖ୍ୟ ପ୍ରଶାସକ ମହାପାତ୍ର କହିଛନ୍ତି ଯେ, ନୂଆବର୍ଷରୁ ଶ୍ରୀମନ୍ଦିରରେ ଟିକେଟ ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ। ଏହି ବ୍ୟବସ୍ଥାର ରୂପରେଖ ସଂକ୍ରାନ୍ତରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ପ୍ରତିହାରୀ ନିଯୋଗକୁ ଦାୟିତ୍ୱ ଦିଆଯାଇଥିଲା। ସମ୍ପୃକ୍ତ ନିଯୋଗ ଏହାର ବ୍ଲୁ ପ୍ରିଣ୍ଟ ପ୍ରାୟତଃ ଚୂଡ଼ାନ୍ତ କରିସାରିଛି। ଆସନ୍ତା ସପ୍ତାହରେ ନିଯୋଗ ଏହାକୁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିବ। ଟିକେଟର ଦାମ୍ କେତେ ରହିବ ବର୍ତ୍ତମାନ ତାହା ଚୂଡ଼ାନ୍ତ ହୋଇନାହିଁ। ଏହାର ବ୍ଲୁ ପ୍ରିଣ୍ଟ ପାଇବା ପରେ ପରିଚାଳନା କମିଟି ବୈଠକରେ ଟିକେଟ୍ ଦାମ୍ ସ୍ଥିର କରାଯିବ। ଏହି ଟିକେଟ ଦର୍ଶନ ଭିତର କାଠ ନିକଟରେ ହିଁ ହେବ। ଏହି ସମୟରେ ସାଧାରଣ ଦର୍ଶନରେ ଯେପରି କୌଣସି ପ୍ରକାର ବ୍ୟାଘାତ ନ ହୁଏ ତାହା ଉପରେ ଗୁରୁତ୍ୱ ଦିଆଯିବ। ଟିକେଟ ଦର୍ଶନଧାରୀ କେଉଁବାଟ ଦେଇ ପ୍ରବେଶ ଓ ପ୍ରସ୍ଥାନ କରିବେ ତାହା ସ୍ଥିର ହେବ। ଏହାପରେ ନୂଆବର୍ଷରୁ ଏହି ବ୍ୟବସ୍ଥା ଆରମ୍ଭ ହେବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ତେବେ ନିର୍ଦ୍ଦିଷ୍ଟ ତାରିଖ ସମ୍ପର୍କରେ ପ୍ରଶ୍ନ ହେବାରୁ ଜାନୁୟାରୀ ମଧ୍ୟରେ ଏହା ଆରମ୍ଭ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ସେହିପରି ମହାପ୍ରସାଦ ଦର ନିର୍ଦ୍ଧାରଣ ପ୍ରାୟ ଚୂଡ଼ାନ୍ତ ହୋଇସାରିଛି। ଏ ସମ୍ପର୍କରେ ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରାଯିବା ପରେ ନୂଆବର୍ଷରୁ ଅବଡ଼ା ଦର ତାଲିକା ଆନନ୍ଦ ବଜାର ସମେତ ଶ୍ରୀମନ୍ଦିରରେ ବିଭିନ୍ନ ସ୍ଥାନରେ ଲଗାଯିବ। ଏହି ତାଲିକାରେ ଓଳି ଚିତ୍ର ରହିବ। ଓଳିର ସାଇଜ ଏବଂ ଦାମ୍ ଏଥିରେ ଉଲ୍ଲେଖ

କରାଯିବ। ଏହାଦ୍ୱାରା ମହାପ୍ରସାଦ କିଣିବା ବେଳେ ଭକ୍ତଙ୍କ ମନରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ରହିବ ନାହିଁ। ତେବେ ମୁଖ୍ୟ ପ୍ରଶାସକ ଧାର୍ଯ୍ୟ ତାରିଖ କହି ନ ଥିଲେ ମଧ୍ୟ ଆସନ୍ତା ଜାନୁୟାରୀର କୌଣସି ଏକ ଦିନରେ ତାଲିକା ଲଗାଯିବ ବୋଲି ସୂଚନା ଦେଇଛନ୍ତି।

ସୂଚନାଥାଉ କି, ମହାପ୍ରସାଦ କିଣିବାକୁ ନେଇ ଅନେକ ସମୟରେ ଆନନ୍ଦ ବଜାରରେ ଅପ୍ରୀତିକର ପରିସ୍ଥିତି ଉପୁଜୁଥିଲା। ଏମିତି କି ବେଳେ ବେଳେ ଭକ୍ତଙ୍କୁ ଦୁର୍ବ୍ୟବହାରର ଶିକାର ହେବାକୁ ପଡୁଥିଲା। ବାରମ୍ବାର ଏପରି ଅଭିଯୋଗ ଆସିବା ପରେ ଶ୍ରୀମନ୍ଦିର ପ୍ରଶାସନ ଶୃଙ୍ଖଳା ଆଣିବା ଲାଗି ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରି ମହାପ୍ରସାଦ ଦର ତାଲିକା ଲଗାଇବାକୁ ନିଷ୍ପତ୍ତି ନେଇଛି। ସେହିପରି ଗତ ନଭେମ୍ବର ୨୬ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଶ୍ରୀମନ୍ଦିରରେ ଟିକେଟ ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଗତ ୪ ତାରିଖରେ ଅନୁଷ୍ଠିତ ବୈଠକରେ ଏହାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ପ୍ରତିହାରୀ ନିଯୋଗକୁ ଦାୟିତ୍ୱ ଦିଆଯାଇଥିଲା।

ସାମାଜିକ, ଅର୍ଥନୈତିକ, ରାଜନୈତିକ, ନ୍ୟାୟିକ ଘଟଣାବଳୀ ସହ ପରିବେଶ ଓ ଜୀବଜନ୍ତୁ ସମ୍ବନ୍ଧୀୟ ଖବର ୨୦୧୮କୁ ଚଳଚଞ୍ଚଳ କରି ରଖିଥିଲା । ସେହିସବୁ ଘଟଣାକୁ ନେଇ ଧରିତ୍ରୀର କାର୍ଟୁନ୍ ସ୍ପେସ୍ ଭରପୂର ହୋଇଥିଲା । ସେଥିମଧ୍ୟରୁ ପାଠିକାପାଠକଙ୍କୁ ଆନ୍ଦୋଳିତ କଲାଭଳି କିଛି ବ୍ୟଙ୍ଗଚିତ୍ରକୁ ଏଠାରେ ସ୍ଥାନିତ କରାଯାଇଛି ।

–କାର୍ଟୁନିଷ୍ଟ: ଉତ୍କଳ ଗୌରବ









ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ

ସଂକ୍ଷେପରେ

ଏସ୍‌ସିବି, ଭିମ୍‌ସାରରେ ସୃଷ୍ଟି ହେଲା ୫୬ ନର୍ସିଂ ଶିକ୍ଷକ ପଦବୀ

ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୨୬।୧୨(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଏବଂ ବୁର୍ଲାର ଭିମ୍‌ସାରରେ ୫୬ ନର୍ସିଂ ଶିକ୍ଷକ ପଦବୀ ସୃଷ୍ଟିକୁ ବୁଧବାର ମଞ୍ଜୁର କରିଛନ୍ତି। ଏସ୍‌ସିବି ସ୍ଥିତ ନର୍ସିଂ କଲେଜ ପାଇଁ ୩୨ଶିକ୍ଷକ ପଦବୀ ସୃଷ୍ଟି ହୋଇଛି। ସେଥିମଧ୍ୟରୁ ଗୋଟିଏ ଲେଖାଏ ପ୍ରିନ୍ସିପାଲ, ଭାଇସ ପ୍ରିନ୍ସିପାଲ, ପ୍ରଫେସର, ୪ଟି ଆସୋସିଏଟ୍ ପ୍ରଫେସର, ୬ ଆସିଷ୍ଟାଣ୍ଟ ପ୍ରଫେସର, ୧୯ ଟ୍ୟୁଟର ଏବଂ ୭ଟି ପ୍ରଶାସନିକ ପଦବୀ ରହିଛି। ସେହିପରି ବୁର୍ଲାସ୍ଥିତ ଭିମ୍‌ସାର ନର୍ସିଂ କଲେଜରେ ୨୪ଟି ପଦବୀ ସୃଷ୍ଟି କରାଯାଇଛି। ତନ୍ମଧ୍ୟରେ ରହିଛି ଗୋଟିଏ ଲେଖାଏ ପ୍ରିନ୍ସିପାଲ, ଭାଇସ୍ ପ୍ରିନ୍ସିପାଲ, ପ୍ରଫେସର, ୩ ଆସୋସିଏଟ୍ ପ୍ରଫେସର, ୮ ସହାୟକ ପ୍ରଫେସର ତଥା ଲେକ୍ଚରର, ୧୦ ଟ୍ୟୁଟର ଏବଂ ୭ଟି ପ୍ରଶାସନିକ ପଦବୀ । ଏହିପରି ୫୬ଟି ନର୍ସିଂ ଶିକ୍ଷକ ପଦବୀକୁ ମିଶାଇ ମୋଟ ୭୦ଟି ପଦବୀ ସୃଷ୍ଟି କରାଯାଇଛି। ଏହାର ମଞ୍ଜୁରୀ ନେଇ ବୁଧବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

କନିଷ୍ଠ ଯନ୍ତ୍ରୀଙ୍କୁ ଜେଲଦଣ୍ଡ

କଟକ ଅଫିସ, ୨୬।୧୨: ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଖୋର୍ଦ୍ଧା ଜିଲା ବେଗୁନିଆ ଗ୍ରାମ୍ୟ ନିର୍ମାଣ ସେକ୍ସନର କନିଷ୍ଠ ଯନ୍ତ୍ରୀ ତିରୁପତି ଭେଙ୍କଟେଶ୍ୱର ପାଣିଙ୍କୁ ଜେଲ୍ ଓ ଜରିମାନା ଦଣ୍ଡାଦେଶ ହୋଇଛି। ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ପାଣିଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଆଦାୟ ହୋଇ ନ ପାରିଲେ ଅଭିଯୁକ୍ତଙ୍କୁ ଆଉ ୬ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାଥାଉକି, କନିଷ୍ଠ ଯନ୍ତ୍ରୀ ପାଣିଙ୍କ ନାଁରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ୨୦୦୧ ମେ ୩୦ରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଘର ଓ ସମ୍ପର୍କୀୟ ଘର ଆଦି ଯାଞ୍ଚ କରାଯାଇଥିଲା। ତଦନ୍ତ ପରେ ପାଣିଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୨୫/୨୦୦୧ରେ ଏକ ମାମଲା ରୁଜୁ ହୋଇଥିଲା। ଭିଜିଲାନ୍ସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ୍‌ରେ ପାଣି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଦର୍ଶାଯାଇଥିଲା। ପୂର୍ବତନ ଭିଜିଲାନ୍ସ ଇନ୍ସପେକ୍ଟର ସୁମନ୍ତ କୁମାର ମହାପାତ୍ର ମାମଲାର ତଦନ୍ତ କରିଥିବା ବେଳେ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ପି. ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।



ଲାଞ୍ଚ ମାମଲା: ପୂର୍ବତନ ମୋହରିର ଦଣ୍ଡିତ

କଟକ ଅଫିସ, ୨୬।୧୨

ଏକ ଲାଞ୍ଚ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି କଟକ ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜଣେ ପୂର୍ବତନ ମୋହରିରଙ୍କୁ ଜେଲ୍ ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ରାୟ ଅନୁଯାୟୀ, ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟ ହେଲେ ଅଭିଯୁକ୍ତଙ୍କୁ ଆଉ ୨ ମାସ ଜେଲ୍ ଭୋଗିବାକୁ ପଡ଼ିବ। ଅଭିଯୁକ୍ତ ଜଣକ ହେଉଛନ୍ତି ସିଦ୍ଧେଶ୍ୱର ପଣ୍ଡା। ସେ ଯାଜପୁର ଜିଲା ମାର୍କଣ୍ଡପୁର ଆର୍‌ଆଇ ଅଫିସରେ ପୂର୍ବରୁ କାର୍ଯ୍ୟ କରୁଥିଲେ। ଯାଜପୁର ଜିଲା ବଳିଆ ମୁଣ୍ଡଳି ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କଠାରୁ ୫୦୦ ଟଙ୍କା ଲାଞ୍ଚ ନେଇ ସେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ତାଙ୍କ ବିରୋଧରେ କଟକ ଭିଜିଲାନ୍ସ ଥାନାରେ ୪୧/୧୯୯୯ରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାଟିର ଚାର୍ଜଶିଟ ହୋଇ ତାହା କୋର୍ଟଙ୍କ ବିଚାରାଧୀନ ଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଗୌରମୋହନ ଦାସ ମାମଲା ପରିଚାଳନା କରୁଥିଲେ।

■ ପିପିଲି ଗଣବଳାତ୍କାର ମାମଲା

ସିବିଆଇ ତଦନ୍ତ ଦାବିକଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ପିପିଲି ଗଣବଳାତ୍କାର ମାମଲାରେ ଅଭିଯୁକ୍ତମାନେ ନିର୍ଦ୍ଦୋଷରେ ଖଲାସ ହେବା ପରେ ବରିଷ୍ଠ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବୟାନକୁ ନେଇ ବାକ୍‌ଯୁଦ୍ଧ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ମହାରଥୀଙ୍କ ବୟାନକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିନ୍ଦା କରିଛନ୍ତି। ପୀଡିତାଙ୍କୁ ନ୍ୟାୟ ମିଳିଲା ବୋଲି ମନ୍ତ୍ରୀ କହିବା ଦୁଃଖଦାୟକ ଓ ହୃଦୟ ବିଦାରକ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨୫କିମି ଦୂରରେ ଏହି ଘଟଣା ଘଟିଛି । ପୀଡିତାଙ୍କ ମୃତ୍ୟୁ ଘଟିଥିବା ବେଳେ ଦୋଷୀକୁ ଦଣ୍ଡ ଦେବାରେ ରାଜ୍ୟ ସରକାର ଯୋଜନାବଦ୍ଧ ଭାବେ ତଥ୍ୟ ପ୍ରମାଣ ଉପସ୍ଥାପନ ନ କରି ଖସାଇ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମହିଳାଙ୍କୁ ସମ୍ମାନ ଓ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବେବିନା କଣ ୩୩ ପ୍ରତିଶତ ମହିଳାଙ୍କ ଭିତରେ ଆସୁନାହିଁ କି ବୋଲି ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ବେବିନା ମାମଲାରେ ମହାରଥୀଙ୍କୁ ମୁଖ୍ୟମନ୍ତ୍ରୀ ମନ୍ତ୍ରିମଣ୍ଡଳରୁ ବାହାର କରିଥିଲେ। ସ୍ଥାନୀୟ ଥାନା ଅଧିକାରୀ ତଦନ୍ତରେ ଅବହେଳା ପାଇଁ ନିଲମ୍ବିତ ହୋଇଥିଲେ। ଏବେବି ସାକ୍ଷ୍ୟ ପ୍ରମାଣ ନ ଦେଇ ଦୋଷୀକୁ ଖଲାସ କରିବାରେ ସରକାର ସହଯୋଗ କରିଥିବା କଥା ପୀଡିତାଙ୍କ ପରିବାର ଲୋକେ ଗଣମାଧ୍ୟମ ଆଗରେ ଅଭିଯୋଗ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମହିଳାଙ୍କ ପ୍ରତି ସାମାନ୍ୟ ସମ୍ମାନ ଥିଲେ ମାମଲାର ତଦନ୍ତ ସିବିଆଇକୁ ତୁରନ୍ତ ଦିଅନ୍ତୁ ବୋଲି ଧର୍ମେନ୍ଦ୍ର ଦାବି କରିଛନ୍ତି।

ରାଜ୍ୟବ୍ୟାପୀ କଳାଦିବସ ପାଳିଲା କଂଗ୍ରେସ

■ ଶାସକ ଦଳକୁ ନିରଞ୍ଜନଙ୍କ ପ୍ରଶ୍ନ, ବିକାଶର ଜବାବ ଦିଅ

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ବିଜେଡି ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଚ ଉପରୁ ସିଧାସଳଖ ଭାଜପା ଓ କଂଗ୍ରେସକୁ ଟାର୍ଗେଟ କରିଥିଲେ। କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ସିଧାସଳଖ କେତୋଟି ପ୍ରସଙ୍ଗରେ ପ୍ରଶ୍ନ କରି ଅଡୁଆରେ ପକାଇବାକୁ ଚେଷ୍ଟା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆକ୍ଷେପ ପରେ ଉଭୟ ଭାଜପା ଓ କଂଗ୍ରେସ ବିଜେଡିକୁ ପାଲଟା ପ୍ରଶ୍ନ ପଚାରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ବିଜେଡିକୁ କଡା ଭାଷାରେ ସମାଲୋଚନା କରିଛନ୍ତି।

ନିରଞ୍ଜନ ପ୍ରଶ୍ନ କରିଛନ୍ତି, ରାଜ୍ୟରେ ୮୫ଲକ୍ଷ ବେକାର ଯୁବତୀ,ଯୁବକଙ୍କ ପାଇଁ କୌଣସି ପ୍ରକାର ନିଯୁକ୍ତି ନାହିଁ। ୧୮ବର୍ଷ ମଧ୍ୟରେ ଏହା ବିଜେଡିର ଏକ ବିକାଶ। ୨୦୦୦ମସିହାରେ ରାଜ୍ୟର ଋଣଭାର ୧୮ହଜାର କୋଟି ଟଙ୍କା ଥିଲା ଏବେ ଏହା ୯୩ହଜାର କୋଟି ଟଙ୍କାରେ ପହଞ୍ଚିଛି। ଏହା ଆଉ ଏକ ବିକାଶ। ଚାଷୀ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୬୫ ପ୍ରତିଶତ ଲୋକ ଏବେ ବିପିଏଲ୍ ତାଲିକାରେ ଅଛନ୍ତି। ଜଳସେଚନ ପ୍ରକଳ୍ପ ଗୋଟିଏ ବି ହେଲା ନାହିଁ। ଉଜ୍ଜ୍ୱଳା ଯୋଜନାର ସଫଳତା କଥା ଭାଜପା ନେତାମାନେ କହୁଛନ୍ତି। ରନ୍ଧନ ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ୪ଶହ ଟଙ୍କା ଥିଲା ଏବେ ହଜାରେ ଟଙ୍କା ହେଲାଣି। ଏହା କ'ଣ ସଫଳତା ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା କଥା ଶାସକ ଦଳ କହୁଛି। ମାତ୍ର ନୀତି ଆୟୋଗରେ ଏନେଇ ଆଲୋଚନା କରାଯାଉନାହିଁ। ଏହି ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟରେ ବାରମ୍ବାର ଆଲୋଚନା ହେଲା । ସେଥିରେ କାହିଁକି କିଏ ଭାଗ ନେଲେ ନାହିଁ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ଏଠାରେ ସ୍ପେଶାଲ ଷ୍ଟାଟସ୍ କଥା କହି ଲୋକଙ୍କୁ ଭୁଝାଉଛନ୍ତି। ଏହା ଅତ୍ୟନ୍ତ ହାସ୍ୟାସ୍ପଦ କଥା ବୋଲି ନିରଞ୍ଜନ କହିଛନ୍ତି। ଏସବୁ ଉପରେ ମୁଖ୍ୟମନ୍ତ୍ରୀ ଜବାବ୍ ରଖନ୍ତୁ ବୋଲି ନିରଞ୍ଜନ ଦାବି କହିଛନ୍ତି।

ଅନ୍ୟପକ୍ଷେ ସରକାରୀ ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଥିବା ଏବଂ ପଞ୍ଚାୟତ ପ୍ରତିନିଧିମାନଙ୍କ ଅଧିକାର କ୍ଷୁର୍ଣ୍ଣ ହେଉଥିବା ଅଭିଯୋଗରେ କଂଗ୍ରେସ ପକ୍ଷରୁ ବୁଧବାର ରାଜ୍ୟବ୍ୟାପୀ କଳା ଦିବସ ପାଳନ କରାଯାଇଛି। ରାଜ୍ୟର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କଳା ଦିବସ ପାଳନ କରିଛି। ଦଳୀୟ କର୍ମୀମାନଙ୍କୁ ସକ୍ରିୟ କରିବା ଲାଗି କଂଗ୍ରେସ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରିଥିବା ଜଣାପଡିଛି। ଦଳର ରାଜ୍ୟ କାର୍ଯ୍ୟାଳୟ ପରିସରରେ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟଙ୍କ ନେତୃତ୍ୱରେ କଳା ଦିବସ ପାଳନ କରାଯାଇଛି। ମୁହଁରେ କଳାପଟି ବାନ୍ଧି ନେତା ଓ କର୍ମୀମାନେ ପ୍ରତିବାଦ କରିଛନ୍ତି।

ଭୁବନେଶ୍ୱର କଂଗ୍ରେସଭବନଠାରେ ନେତୃବୃନ୍ଦ ମୁହଁରେ କଳାକପଡ଼ା ବାନ୍ଧି ବସିଛନ୍ତି।

ଟ୍ରକ୍‌କୁ ପିଟିଲା ପିକ୍‌ନିକ୍ ବସ୍

ଅନୁଗୋଳ ଅଫିସ/ଡେରାବିଶ୍ (ଡି.ଏନ.ଏ.),୨୬।୧୨

କେନ୍ଦ୍ରାପଡାରୁ ରାଉରକେଲା ଯାଉଥିବା ପିକ୍‌ନିକ୍ ବସ୍ ମଣିଶିବ(ନଂ. ଓଆର୍ ୦୫ ବି ୬୫୫୫) ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଟ୍ରକ୍‌କୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅନୁଗୋଳ ଜିଲା ବଅଁରପାଳ ଗୋଡମରା ନିକଟରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ୩୪ ଯାତ୍ରୀ ଆହତ ହୋଇଥିବାବେଳେ ଜଣେ ମହିଳାଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟ ଆହତମାନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ କରାଯାଇ ଘରକୁ ପଠାଇ ଦିଆଯାଇଛି।

ଯାତ୍ରୀଙ୍କ କହିବା ମୁତାବକ, କେନ୍ଦ୍ରାପଡ଼ା ଜିଲା ଡେରାବିଶ୍ ବ୍ଲକ ଠାକୁରପାଟଣା ଅଞ୍ଚଳରୁ ମଙ୍ଗଳବାର ରାତି ପ୍ରାୟ ୮ଟାରେ ମଣିଶିବ ବସ୍ ୬୨ ଯାତ୍ରୀଙ୍କୁ ଧରି ରାଉରକେଲା ଅଭିମୁଖେ ଯାଉଥିଲା। ରାତି ପ୍ରାୟ ୧ଟା ୫୦ରେ ଗୋଡମରାଠାରେ ଥିବା ପେଟ୍ରୋଲ ପମ୍ପ ନିକଟରେ ବସ୍‌ଟି ଏକ ଟ୍ରକ୍‌କୁ ଓଭରଟେକ୍ କରୁଥିବା ସମୟରେ ସାମ୍ନା ପଟୁ ଆଉ ଏକ ୧୦ ଚକିଆ ଟ୍ରକ୍(ନଂ. ଓଡ଼ି ୩୫ ସି ୦୬୬୬) ଆସିଯାଇଥିଲା। ବସ୍‌ଟିକୁ ଦେଖି ଉକ୍ତ ୧୦ ଚକିଆ ଟ୍ରକ୍ ହଠାତ୍ ଅଟକି ଯାଇଥିଲା। ଫଳରେ ବସ୍‌ଟି ଉକ୍ତ ଟ୍ରକ୍‌କୁ ସାମ୍ନା ପଟୁ ଧକ୍କା ଦେଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା।

ନିକଟରେ ଥିବା ପେଟ୍ରୋଲ ପମ୍ପର କର୍ମଚାରୀମାନେ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇବାର ବ୍ୟବସ୍ଥା କରିଥିଲେ । ଗୁରୁତର ଅନୀତା ସାହୁ(୩୮)ଙ୍କୁ କଟକ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ବସ୍ ମାଲିକ କେନ୍ଦ୍ରାପଡା ବଣିଆମାଳ ଅଞ୍ଚଳର ରାମଚନ୍ଦ୍ର ପ୍ରଧାନଙ୍କ ନାମରେ ବଅଁରପାଳ ଥାନାରେ ଏକ ମାମଲା(ନଂ. ୨୭୦/୧୮)ରୁଜୁ ହୋଇଛି । ବସ୍ ଚାଳକ କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇ ଅଞ୍ଚଳର ସେକ୍ ଆଲ୍ଲ ଉଦ୍ଦିନ ଓ ଟ୍ରକ୍ ଚାଳକ ଢେଙ୍କାନାଳ ଜିଲା ମୋଟଙ୍ଗା ଅଞ୍ଚଳର ଲମ୍ବୋଦର ସିଂଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

କପ୍ତିପଦା, ୨୬।୧୨ (ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ନେଦାମ ମୟୂରନଚା ଗ୍ରାମର ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ପିଟି ପିଟି ହତ୍ୟା କରିଥିବା କପ୍ତିପଦା ଥାନାରେ ଅଭିଯୋଗ ହୋଇଛି । ମୃତକଙ୍କ ଭାଇ ରାଜେନ୍ଦ୍ର ଭକ୍ତାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ- ୧୪୬/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ସ୍ୱାମୀ ଅଶୋକ ନାଏକଙ୍କୁ ଗିରଫ କରାଯାଇଛି। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜଣାପଡିଛି। ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, ଅଶୋକଙ୍କ ସ୍ତ୍ରୀ ବୁଧି ମଙ୍ଗଳବାର ସନ୍ଧ୍ୟାରେ ତାଳପୋଖରୀ ହାଟକୁ ଯାଇ ବିଳମ୍ବରେ ଘରକୁ ଫେରିଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଶୋକ ତାଙ୍କୁ ନିସ୍ଥୁକ ପିଟି ଥିଲେ । ଏହାପରେ ତାଙ୍କୁ ଟାଣି ଟାଣି ନିକଟସ୍ଥ ଜଙ୍ଗଲକୁ ନେଇ ଯାଇଥିଲେ। ଗୁରୁତର ହୋଇ ପଡିଥିବା ବୁଧିଙ୍କ ସେଦିନ ରାତିରେ ସେଠାରେ ମୃତ୍ୟୁ ଘଟିଥିଲା। ସକାଳୁ ପୋଲିସ ଗ୍ରାମବାସୀଙ୍କଠାରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଦ୍ୱିତୀୟ ସ୍ତ୍ରୀଙ୍କ ସହ ସ୍ୱାମୀଙ୍କ ଆତ୍ମହତ୍ୟା

ବହଳଦା,୨୬।୧୨(ଡି.ଏନ.ଏ.)

ଦ୍ୱିତୀୟ ବିବାହ କରି ପରିବାର ଲୋକଙ୍କ ରୋଷର ଶିକାର ହେବା ପରେ ଜଣେ ଯୁବକ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ସହ ଆତ୍ମହତ୍ୟା କରିଛନ୍ତି । ଏପରି ଦୁଃଖଦ ଘଟଣା ବୁଧବାର ମୟୂରଭଞ୍ଜ ଜିଲା ତିରିଂ ଥାନା ଅନ୍ତର୍ଗତ ହସେଲଡିହିରେ ଘଟିଛି। ଉକ୍ତ ଗ୍ରାମଠୁ ଦେଢ କି.ମି. ଦୂର ନିଛାଟିଆ ସ୍ଥାନରେ ଥିବା ଏକ ଖେଳ ପଡିଆରୁ ବୁଧବାର ଅପରାହ୍ନରେ ପୋଲିସ ଉଭୟଙ୍କ ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି। ମୃତକଦ୍ୱୟ ହେଲେ ତିରିଂ ଥାନା ଭୋଲାଗାଡିଆ (ବାଙ୍କିଡୋଲା)ର ଲାଖାନ ସୋରେନ(୨୨) ଓ ସେହି ଥାନା ସିଦାଡିହି ଗାଁର ଚମ୍ପା ମୁର୍ମୁ(୧୯) । ମୃତଦେହ ନିକଟରେ ୨ଟି ପାଣି ବୋତଲ ଓ ସିନ୍ଦୂର ପଡିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଉଭୟ ବିଷ ପିଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି । ଏନେଇ ତିରିଂ ଥାନାରେ ଏକ ମାମଲା (ନଂ ୨୫/୧୮) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନା ପଠାଯାଇଛି ।

ଏନେଇ ଚମ୍ପାଙ୍କ ପରିବାର ସଦସ୍ୟଙ୍କୁ ଯୋଗାଯୋଗ କରିବାରୁ ସେମାନଙ୍କ ଝିଅ ୨ ଦିନ ପୂର୍ବରୁ ଘରୁ ଫେରାର ହୋଇଯାଇଥିଲେ। ବୁଧବାର ସେ ଆତ୍ମହତ୍ୟା କରିଥିବା ଖବର ପାଇଛୁ ବୋଲି ଘର ଲୋକେ କହିଛନ୍ତି। ଅପରପକ୍ଷେ ଲାଖାନଙ୍କ ବାପା ପୋଲିସ ନିକଟରେ ଦେଇଥିବା ବୟାନ ଅନୁଯାୟୀ, ତାଙ୍କ ପୁଅ ପୂର୍ବରୁ ବିବାହ କରି ସାରିଥିଲେ। ହେଲେ ୨ ଦିନ ପୂର୍ବେ ଚମ୍ପା ନାମ୍ନୀ ଯୁବତୀଙ୍କୁ ସିନ୍ଦୂର ପିନ୍ଧାଇ ଘରକୁ ଆଣି ତାଙ୍କ ଦ୍ୱିତୀୟ ସ୍ତ୍ରୀ ରୂପେ ପରିଚୟ ଦେଇଥିଲେ। ଏହାକୁ ଘର ଲୋକେ ତୀବ୍ର ବିରୋଧ କରିବାରୁ ଉଭୟ ସେଠାରୁ ପଳାଇ ଆସିଥିଲେ। ବୁଧବାର ଉଭୟଙ୍କ ମୃତଦେହ ହସେଲଡିହି ପଡିଆରେ ପଡିଥିବା ଖବର ପାଇଥିଲୁ। ଆମେ ସେଠାକୁ ଯିବା ପରେ ଉଭୟଙ୍କ ମୃତଦେହ ପଡିଥିବା ଦେଖିଥିଲୁ।

ପ୍ରବଳ ଥଣ୍ଡା: ୧୦ ଡିଗ୍ରୀ ତଳେ ୮ ସହର

■ଦାରିଙ୍ଗବାଡ଼ି ୫.୫, ଫୁଲବାଣୀ ୬

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ହେବ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଉପକୂଳଠାରୁ ଆଭ୍ୟନ୍ତରୀଣ ସବୁଠି ଶୀତର ପ୍ରକୋପ ଜାରି ରହିଛି। ରାତ୍ରିର ପାରଦ ୬ ଡିଗ୍ରୀ ତଳକୁ ଖସିଯାଉଛି। ଏପରିକି କେତେକ ସ୍ଥାନରେ ୫ ଡିଗ୍ରୀ ତଳେ ମଧ୍ୟ ରହୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାଜ୍ୟର ୮ଟି ସହର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଯାଇଛି। ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୫.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୬, ଅନୁଗୋଳ ୮.୬, ଝାରସୁଗୁଡ଼ା ୯.୪, କେନ୍ଦୁଝର ୯.୧, ସମ୍ବଲପୁର ୯.୯, ସୁନ୍ଦରଗଡ଼ ୯, ବାଲେଶ୍ୱର ୧୦, ବାରିପଦା ୧୦.୫, ତାଳଚେର ୧୦.୩ ଏବଂ କୋରାପୁଟ ୧୦.୬ ଡିଗ୍ରୀ ସେଲସିୟସ ଥିବା ରେକର୍ଡ କରାଯାଇଛି। ସଞ୍ଜ ନଇଁବା ମାତ୍ରେ ପ୍ରଚଣ୍ଡ ଥଣ୍ଡା ମାଡ଼ି ଆସୁଛି। ପ୍ରବଳ ଶୀତରେ କିଳିବିଳି ହେଉଛନ୍ତି ରାଜ୍ୟବାସୀ । ଉପକୂଳରୁ ପଶ୍ଚିମ ଏବଂ ଉତ୍ତରରୁ ଦକ୍ଷିଣ ସବୁଠି ଶୀତର ପ୍ରକୋପ ଜାରି ରହିଛି। ପ୍ରବଳ ଥଣ୍ଡା ଦେହ ଥରାଇ ଦେଉଛି। ଶୀତବସ୍ତ୍ର ନ ଘୋଡାଇ ହେଲେ ଥଣ୍ଡା ପ୍ରକୋପରୁ ବର୍ତ୍ତିବା ସହଜ ହେଉନାହିଁ। ଲଗାତର ପାରଦ ଖସିବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଆସନ୍ତା ଦିନେ ଦୁଇଦିନ ଯାଏ ରାଜ୍ୟରେ ପାରଦ ୧ରୁ ୨ ଡିଗ୍ରୀ ସେଲସିୟସ ଉପରକୁ ଉଠିବା ସମ୍ଭାବନା ରହିଛି। ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଉପରେ ଏକ ଟ୍ରଫଲାଇନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗୁରୁବାର ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ପାଗ ମେଘୁଆ ରହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

ଆର୍.ପି. ସିଂ ପର୍ଯ୍ୟଟନ ନିର୍ଦ୍ଦେଶକ

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)

ରାଜ୍ୟ ସରକାର ବୁଧବାର ଦୁଇ ଜଣ ଆଇଏଏସ୍ ଅଫିସରଙ୍କୁ ଅଦଳବଦଳ କରିଛନ୍ତି। ୨୦୦୭ ବ୍ୟାଚ ଆଇଏଏସ୍ ଆର୍.ପି. ସିଂଙ୍କୁ ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଥିବା ବଳଓ୍ୱନ୍ତ ସିଂଙ୍କୁ କୃଷି ବିପଣନ ବିଭାଗର ନିର୍ଦ୍ଦେଶକ ଏବଂ ଓଡ଼ିଶା କୃଷି ବିପଣନ ବୋର୍ଡର ମେମ୍ବର ସେକ୍ରେଟାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ୨୪ ତାରିଖରେ ରାଜ୍ୟ ସରକାର ଦୁଇଜଣ ବରିଷ୍ଠ ଆଇଏଏସ୍ ଅଫିସର ନିକୁଞ୍ଜ କିଶୋର ଧଳ ଏବଂ ଚନ୍ଦ୍ରଶେଖର କୁମାରଙ୍କୁ ଅଦଳବଦଳ କରିଥିଲେ। ଚନ୍ଦ୍ରଶେଖର କୁମାରଙ୍କୁ ରାଜ୍ୟ ପଣ୍ୟାଗାର ନିଗମ(ଓଏସ୍‌ଡବ୍ଲ୍ୟୁସି)ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ନିକୁଞ୍ଜ ଧଳଙ୍କୁ ରାଜସ୍ୱ ବିଭାଗ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ତେବେ ଚନ୍ଦ୍ରଶେଖର କୁମାର ନୂତନ ଦାୟିତ୍ୱ ସମ୍ଭାଳିବା ଆଗରୁ କେନ୍ଦ୍ରୀୟ ଡେପୁଟେଶନରେ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଆବେଦନ କରିବାକୁ ରାଜ୍ୟ ସରକାର ତାଙ୍କୁ ଅନୁମତି ପ୍ରଦାନ କରିଛନ୍ତି।

ଗନ୍ଧମାର୍ଦ୍ଦନ ପର୍ବତରେ ମାଓବାଦୀ-ଯବାନ ଗୁଳି ବିନିମୟ

ପଦ୍ମପୁର,୨୬।୧୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଳ ଗନ୍ଧମାର୍ଦ୍ଦନ ପର୍ବତ ନିକଟରେ ରହିଥିବା ମନଭଙ୍ଗ ଡ୍ୟାମ୍ ପାଖରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ମାଓବାଦୀ-ଯବାନ ମୁହାଁମୁହିଁ ହୋଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ କୌଣସି ଯବାନ ଆହତ ହୋଇ ନ ଥିବାବେଳେ ୨ଜଣ ମାଓବାଦୀ ଆହତ ହୋଇଥିବା ସନ୍ଦେହ କରାଯାଉଛି ବୋଲି ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି ।

ଏସଡିପିଓ ପଣ୍ଡା ଆହୁରି କହିଛନ୍ତି, ସିଆର୍‌ପିଏଫ୍ ଓ ଡିଭିଏଫ୍ ଯବାନମାନେ କୋମ୍ବିଂ ଅପରେଶନ ଚଳାଇଥିଲେ। ଏହି ସମୟରେ ମନଭଙ୍ଗ ଡ୍ୟାମ ପାଖରେ ନୂଆପଡ଼ା, ବଲାଙ୍ଗୀର, ବରଗଡ଼ ଡିଭିଜନର ମାଓବାଦୀ ଏରିଆ କମାଣ୍ଡର ରବୀନ୍ଦ୍ରଙ୍କ ନେତୃତ୍ୱରେ ୮/୧୦ଜଣ ମାଓବାଦୀ ଗନ୍ଧମାର୍ଦ୍ଦନ ପର୍ବତ ଉପରୁ ତଳକୁ ଆସୁଥିଲେ। ଯବାନମାନେ ମାଓବାଦୀଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲେ । ମାତ୍ର ସେମାନେ ଆତ୍ମସମର୍ପଣ ନ କରି ଯବାନଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ତେବେ ଯବାନମାନଙ୍କ ପାଲଟା ଗୁଳି ଚାଳନା ଯୋଗୁ ମାଓବାଦୀ ଏରିଆ କମାଣ୍ଡର ରବୀନ୍ଦ୍ରଙ୍କ ସମେତ ୨ଜଣ ମାଓବାଦୀ ଆହତ ହୋଇଥିବା ସନ୍ଦେହ କରାଯାଉଛି। ଯବାନଙ୍କ ଗୁଳିର ସମ୍ମୁଖୀନ ହୋଇ ନ ପାରି ସମସ୍ତ ମାଓବାଦୀ ସେଠାରୁ ଛତ୍ରଭଙ୍ଗ ଦେଇ ଖସିଯାଇଥିଲେ ବୋଲି ପଣ୍ଡା କହିଛନ୍ତି । ସେହିପରି ଘଟଣାସ୍ଥଳରୁ ୧୬ଟି ଅଫୁଟା ଗୁଳି, ଟର୍ଚ୍ଚ ଲାଇଟ୍, ରକ୍ତଭିଜା ଗାମୁଛା, ଛୁରି ଆଦି ଜବତ ହୋଇଥିବା ସେ କହିଛନ୍ତି। ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୨୦୩/୧୮) ରୁଜୁ ହୋଇଥିବାବେଳେ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି । ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁ, ଡିଏସ୍‌ପି ନଗେନ୍ଦ୍ର ପ୍ରସାଦ ନାୟକ, ପଦ୍ମପୁର ଏସ୍‌ଡିପିଓ ପଣ୍ଡା ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି ।

ଖବରଦାତା ସମ୍ମିଳନୀରେ ପଦ୍ମପୁର ଏସ୍‌ଡିପିଓ ଗୁଳି ବିନିମୟ ସମ୍ପର୍କରେ ସୂଚନା ଦେଉଛନ୍ତି ।

ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ

ଜେଲ୍ ଗଲେ ପୋଲିସ ସବ୍ଇନ୍ସପେକ୍ଟର

କଟକ ଅଫିସ, ୨୬।୧୨

ଭୁବନେଶ୍ୱର କୋର୍ଟରେ କାର୍ଯ୍ୟରତ ପୋଲିସ ସବ୍ଇନ୍ସପେକ୍ଟର ଦିଲୀପ କୁମାର ଦାସଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରିଛି। ପରେ ତାଙ୍କୁ କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦାସଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଗତ ୧୪ ତାରିଖରେ ଭିଜିଲାନ୍ସ ପକ୍ଷରୁ ଦାସଙ୍କ ଘର, ଅଫିସ ଆଦି ସ୍ଥାନରେ ଭିଜିଲାନ୍ସ ଯାଞ୍ଚ କରିଥିଲା। ଯାଞ୍ଚରୁ ମୋଟ ୯୮ ଲକ୍ଷ ୨ହଜାର ୩୨୭ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା।

ଓଡ଼ିଶାକୁ ମିଳୁ ଆର୍ଥିକ...

କୌଣସି ସମସ୍ୟା ନାହିଁ। କାରଣ ଏହା ବିଜୁ ଏକ୍ସପ୍ରେସ ୱେର ଅଂଶବିଶେଷ, ଯାହାକି ରାଜ୍ୟ ସରକାରଙ୍କ ସଫଳତାର ପରିଚୟ। ହେଲେ ସମ୍ବଲପୁର ପରେ ବିନା ବୋର୍ଡ ଦେଖି ଆଖି ବନ୍ଦ କରି ମଧ୍ୟ ଜାଣି ହେବ ଯେ, ଜାତୀୟ ରାଜପଥ ଉପରେ ଗାଡ଼ି ଚାଲିଛି। ଯେଉଁ ଯାତ୍ରୀମାନେ ଗମନାଗମନ କରୁଛନ୍ତି, ସେମାନଙ୍କୁ ଭଗବାନ ଭରସା । ସମାନ ଚିତ୍ର ବାରିପଦା-ଦେବଗଡ଼ ଜାତୀୟ ରାଜପଥରେ ମଧ୍ୟ ଅନୁଭୂତ ହେଉଛି। ସାଢେ ୪ ବର୍ଷ ଅପେକ୍ଷା ପରେ ବି କୋଷ୍ଟାଲ ହାଇୱେ ଦେଖିପାରିଲୁ ନାହିଁ। ଟେଲିକମ୍ କ୍ଷେତ୍ରରେ ବିଏସ୍ଏନ୍ଏଲ୍ ଭାରତ ସରକାରଙ୍କ ବୃହତ୍ ନେଟୱର୍କ। ହେଲେ ଓଡ଼ିଶାର ଅଧିକାଂଶ ଗାଁରେ ଏହି ନେଟୱର୍କ ମିଳୁନାହିଁ। ନେଟୱର୍କ ପାଇଁ ଗଛ କିମ୍ବା ଛାତ ଉପରକୁ ଯିବାକୁ ପଡୁଛି। ଟ୍ରେନ୍ ଏବଂ ପ୍ଲାଟଫର୍ମ ଟିକେଟ୍ ବୃଦ୍ଧି ହିଁ ରେଲୱେର ବିକାଶ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଆଜି ଅଧୁରା। ରାଜ୍ୟ ସରକାର ପ୍ରକଳ୍ପର ଅଧା ଖର୍ଚ୍ଚ ସହ ମାଗଣାରେ ଜମି ପ୍ରଦାନ କରୁଛନ୍ତି, ତଥାପି କାମ ବଢୁନାହିଁ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ବୋଧେ ଇତିହାସ ବହିରେ ରହିଯିବ, ଯାହାକୁ ପିଲାମାନେ ପଢିବେ ବୋଲି ନବୀନ କହିଛନ୍ତି।

ରାଜ୍ୟରେ ବ୍ୟାଙ୍କ ସେବା ବିପର୍ଯ୍ୟସ୍ତକୁ ନେଇ ବିଜେଡି ସଭାପତି କେନ୍ଦ୍ରକୁ ଟାର୍ଗେଟ୍ କରିଛନ୍ତି। ରାଜ୍ୟ ଦେଉଥିବା ଟିକସ ବଦଳରେ ପର୍ଯ୍ୟାପ୍ତ ଅନୁଦାନ ପାଉ ନ ଥିବା କହି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, କେନ୍ଦ୍ର ପ୍ରଚାର କରିଥିଲା ଯେ, କୋଇଲା ନିଲାମ ଦ୍ୱାରା ଓଡ଼ିଶାକୁ ପ୍ରାୟ ୭୦ ହଜାର କୋଟି ଟଙ୍କା ମିଳିବ। ହେଲେ ୩ ବର୍ଷରେ ମାତ୍ର ମିଳିଛି ୩୭୦ କୋଟି ଟଙ୍କା। ଚାଷୀଙ୍କୁ ଶସ୍ୟ ବୀମାର ଉଚିତ କ୍ଷତିପୂରଣ ଓ ପରିମାଣ ଠିକ୍ ସମୟରେ ମିଳିପାରୁନାହିଁ। ଚାଷୀଙ୍କ ଲାଭ ନ ହୋଇ ଘରୋଇ ବୀମା କମ୍ପାନୀଙ୍କର ଲାଭ ହେଉଛି। ଭାଜପା ୨୦୧୪ ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବା, ଦେଢ଼ଗୁଣ ଏମ୍ଏସପି ବୃଦ୍ଧି କରିବା ଓ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ସାଢ଼େ ୪ ବର୍ଷ ବିତିବା ପରେ ମଧ୍ୟ ତନ୍ମଧ୍ୟରୁ ଗୋଟିଏ ବି ପ୍ରତିଶ୍ରୁତି ପୂରଣ ହୋଇନାହିଁ। ଜନଜାତି ଅଞ୍ଚଳର ବିକାଶ ପାଇଁ ଉଦ୍ଦିଷ୍ଟ ଅର୍ଥ ବନ୍ଦ କରିବା ସହିତ ଅନୁସୂଚିତ ଜାତି(ଏସ୍ସି) ଓ ଜନଜାତି(ଏସ୍ଟି) ପିଲାଙ୍କ ଛାତ୍ରବୃତ୍ତି ଅର୍ଥ ବନ୍ଦ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ରର ଉଜ୍ଜ୍ୱଳା ଯୋଜନା, ମହାନଦୀ ଓ ପୋଲାଭରମ୍ ପ୍ରସଙ୍ଗରେ ମଧ୍ୟ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ତଥ୍ୟ ଦେଇ ଆରୋପ କରିଛନ୍ତି ଯେ, କେନ୍ଦ୍ର ସରକାର ୩୦ଲକ୍ଷ ମହିଳାଙ୍କୁ ଗ୍ୟାସ୍ ସଂଯୋଗ ଦିଆଗଲା ବୋଲି ଦାବି କରୁଛନ୍ତି। ହେଲେ ଏଲପିଜି ଦର ବୃଦ୍ଧି ଯୋଗୁ ରିଫିଲିଂ କେତେଜଣ କରୁଛନ୍ତି। ମହାନଦୀ ଓ ପୋଲାଭରମ୍ ପ୍ରସଙ୍ଗରେ ସମାଧାନ ପାଇଁ ରାଜ୍ୟକୁ କୋର୍ଟର ଦ୍ୱାରସ୍ଥ ହେବାକୁ ପଡିଛି। ତେଣୁ ଏ ସମସ୍ତ ବିଷୟର ଜବାବ ଓଡ଼ିଶା ମାଗୁଛି ବୋଲି ନବୀନ କହିଛନ୍ତି। ଏଥିସହିତ କେନ୍ଦ୍ର ସରକାରଙ୍କ ବିରୋଧରେ ଓଡ଼ିଶାରେ ଘରେ ଘରେ ବାର୍ତ୍ତା ପହଞ୍ଚାଇବା ପାଇଁ କର୍ମୀଙ୍କୁ ଅନୁରୋଧ କରିଛନ୍ତି। ୨୦୧୫ରୁ କୋଇଲା ରୟାଲ୍ଟି ସଂଶୋଧନ ହୋଇନାହିଁ। ୫ ମିନିଟ୍ ମଧ୍ୟରେ ଏହାର ନିଷ୍ପତ୍ତି ହୋଇପାରିବ। ହେଲେ ତାହା ହେଉନାହିଁ, ଯାହା ଫଳରେ ଓଡ଼ିଶା କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ମୁଖ୍ୟମନ୍ତ୍ରୀ ଯୁକ୍ତି ଉପସ୍ଥାପନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଭାରତ ସରକାର କ୍ଲିନ୍ ଏନର୍ଜି ସେସ୍ ବସାଇ ୨୧୦୦ କୋଟି ଟଙ୍କା ଆଦାୟ କଲେ, କିନ୍ତୁ ଓଡ଼ିଶାବାସୀଙ୍କୁ କିଛି ମିଳିଲା ନାହିଁ। ଓଡ଼ିଶାର ମାଟି ଓ ଖଣିକୁ ନେଇ ମହାନଦୀ କୋଲ୍ ଫିଲ୍ଡ ଭଳି କମ୍ପାନୀ ଗଠନ କରାଗଲା, ଯିଏ କି ପ୍ରତିବର୍ଷ ୨୦ ହଜାର କୋଟି ଟଙ୍କା ଲାଭ କରୁଛି। କିନ୍ତୁ ରାଜ୍ୟବାସୀ କେବଳ ପ୍ରଦୂଷଣ ପାଉଛନ୍ତି। ରେଲୱେ ବାର୍ଷିକ ୨୦ ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ କରୁଥିଲା ବେଳେ ରାଜ୍ୟ ପାଇଁ ବଜେଟରେ ମାତ୍ର ୨ହଜାର କୋଟି ଟଙ୍କା ଆସୁଛି । କଂଗ୍ରେସ ହେଉ କି ଭାଜପା, ରାଜ୍ୟ ପ୍ରତି କାହାର ଦରଦ ନାହିଁ। ସେହିପରି ରାଜ୍ୟ ସରକାର କଥା ନୁହେଁ, କାମରେ ବିଶ୍ୱାସ ରଖୁଥିବା ନବୀନ ପଟ୍ଟନାୟକ କହିଛନ୍ତି।

ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମ୍ପି ବଳଭଦ୍ର ମାଝି, ସରୋଜିନୀ ହେମ୍ବ୍ରମ, ପ୍ରସନ୍ନ ପାଟଶାଣୀ, ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜୟ କୁମାର ମହାନ୍ତି, ମେୟର ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର କେ. ଶାନ୍ତି, ଛାତ୍ର ସଭାପତି ରାଣାପ୍ରତାପ ପାତ୍ର ଏବଂ ମହିଳା ସଭାନେତ୍ରୀ ମିନତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସଭାପତିଙ୍କ ସମେତ ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପ୍ରତିଷ୍ଠା ଦିବସ ପୂର୍ବରୁ ଦଳର ସଭାପତି ଗୋଟିଏ ମାସର ଦରମାକୁ ଦଳୀୟ ପାଣ୍ଠିକୁ ଦାନ କରିବା ପାଇଁ ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତା ଅନୁରୋଧ କରିଥିଲେ। ପ୍ରତିଷ୍ଠା ଦିବସରେ ଭୁବନେଶ୍ୱରର ସଂଖ୍ୟାଧିକ କର୍ପୋରେଟର ନିଜର ଗୋଟିଏ ମାସର ଦରମା ଚେକ୍ ଆକାରରେ ପ୍ରଦାନ କରିଛନ୍ତି।

ଦୁର୍ନୀତି ଦାନବକୁ ...

ଗ୍ୟାସ୍ ସଂଯୋଗ ଦିଆଯାଇଛି । ଓଡ଼ିଶାରେ ଏବେ ପ୍ରତି ୧୦୦ଜଣଙ୍କ ମଧ୍ୟରୁ ୭୫ଜଣ ଗ୍ୟାସ୍ ସଂଯୋଗ ପାଇଛନ୍ତି। ହେଲେ ଗ୍ୟାସ୍ ସବ୍‌ସିଡି ଗରିବଙ୍କ ପାଇଁ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ୨୦୧୮ରେ ୧୮୫୦ ଟଙ୍କା ସବ୍‌ସିଡି ନେଇଛନ୍ତି। ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ପାଇଁ ରାଜ୍ୟ ସରକାର ଦାୟୀ। କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟାରେ ଗତ ୭୦ରୁ ୭୫ଦିନ ମଧ୍ୟରେ ପେଟ୍ରୋଲ ଦର ୨୦ଟଙ୍କା ହ୍ରାସ ପାଇଛି। ଭାଜପା ଓ ଅଣଭାଜପା ଶାସିତ ରାଜ୍ୟ ଟ୍ୟାକ୍ସ ଛାଡ଼ କରିଛନ୍ତି। ମାତ୍ର ଓଡ଼ିଶା ସରକାର ଟ୍ୟାକ୍ସ ଛାଡ଼ କରୁନାହାନ୍ତି। ଓଡିଆଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ସରକାର ଟ୍ୟାକ୍ସ କାହିଁକି କମାଉନାହାନ୍ତି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ୨୦୧୬ରେ ମୁଖ୍ୟମନ୍ତ୍ରୀ ସୋହେଲା ସମାବେଶରେ ଚାଷୀଙ୍କୁ ଧାନର ଏମ୍ଏସ୍ପି ଉପରେ ୧୦୦ଟଙ୍କାର ବୋନସ ଦେବା ପାଇଁ ଘୋଷଣା କରିଥିଲେ। ଅଢେଇ ବର୍ଷ ବିତିଯାଇଥିବାବେଳେ ଚାଷୀମାନଙ୍କୁ ବୋନସ ମିଳିଲାନାହିଁ। ପ୍ରଧାନମନ୍ତ୍ରୀ ଧାନର ଏମ୍ଏସପି ୧୫୫୦ଟଙ୍କାରୁ ବୃଦ୍ଧି କରି ୧୭୫୦ଟଙ୍କା କରିଛନ୍ତି। ରାଜ୍ୟର ଚାଷୀ ମାତ୍ର ୫୦୦ରୁ ୮୦୦ ଟଙ୍କାରେ ଆନ୍ଧ୍ର ଓ ଛତିଶଗଡ଼ରେ ଧାନ ବିକ୍ରୀ କରୁଛନ୍ତି। ଏ ସମସ୍ତ କାମ ପାଇଁ ରାଜ୍ୟ ସରକାର ଦାୟୀ। ସେହିପରି ପ୍ରାଇଭେଟ କମ୍ପାନୀଗୁଡ଼ିକୁ ରାଜ୍ୟ ସରକାର ନିଯୁକ୍ତି ଦେଇ ଏବେ କେନ୍ଦ୍ର ଉପରେ ଦୋଷ ଦେବାର ଅପଚେଷ୍ଟା କରୁଛନ୍ତି ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି। ଏହାସହ ବିଜେଡି ବିଧାୟକମାନେ ଚିଟଫଣ୍ଡ, ପିସି ଆଦି ବିଭିନ୍ନ ଦୁର୍ନୀତିରେ ସମ୍ପୃକ୍ତ। ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଆୟୁଷ୍ମାନ୍ ଭାରତ ଯୋଜନାରେ ରାଜ୍ୟ ସରକାର ସାମିଲ ହେଲେ ନାହିଁ। ଓଡ଼ିଶାରେ ସ୍ୱାସ୍ଥ୍ୟସେବାର ବିକାଶ ପାଇଁ କେନ୍ଦ୍ର ସରକାର ୫ଟି ମେଡିକାଲ କଲେଜ ଓଡ଼ିଶାକୁ ଦେଲେ । ମାତ୍ର ରାଜ୍ୟର ଅଧିକାଂଶ ଡାକ୍ତରଖାନାରେ ଡାକ୍ତର ନାହାନ୍ତି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟର ୩୧୪ ବ୍ଲକରେ କେତେ ଜଳସେଚନ ହୋଇଛି ତାହା ସ୍ପଷ୍ଟ କରିବା ଦରକାର ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ, ଆଦିବାସୀ ଛାତ୍ରୀଛାତ୍ରମାନଙ୍କୁ ବୃତ୍ତି ଦେବା ପାଇଁ କେନ୍ଦ୍ର ସରକାର ଅର୍ଥ ଯୋଗାଉଛନ୍ତି। ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରି ନ ପାରିବା କାରଣରୁ ବଳକା ଅର୍ଥ ଫେରିଯାଉଛି। କେନ୍ଦ୍ର ୨ହଜାର କୋଟି ଟଙ୍କା ଦେଲେ ଏମାନେ ଖର୍ଚ୍ଚ କରିପାରୁ ନାହାନ୍ତି, ୫ହଜାର କୋଟି ଟଙ୍କା ନେଇ କ'ଣ କରିବେ ବୋଲି ଜୁଏଲ କହିଛନ୍ତି।

'ଜବାବ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମରେ ବେକାର ଯୁବତୀ, ଯୁବକମାନଙ୍କ ଉପରେ ଆଧାରିତ ଏକ ଟେଲି ଫିଲ୍ମ ସିଡୀ ଉନ୍ମୋଚନ କରାଯାଇଛି। ଏହାସହ ୧୪୭ଟି ରଥ (ପିକ୍ ଅପ୍ ଭ୍ୟାନ୍)ର ଉଦ୍‌ଘାଟନ କରାଯାଇଛି। ଏହି ରଥଗୁଡିକ ଆସନ୍ତା ୧୦୦ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଗାଁ, ପଞ୍ଚାୟତସ୍ତରକୁ ଯାଇ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରଚାର କରିବ। ଅନ୍ୟପକ୍ଷରେ ୱେବ୍‌ସାଇଟ୍ ମାଧ୍ୟମରେ ପ୍ରତ୍ୟେକ ଲୋକମାନେ ନିଜ ନାଁ ରେଜିଷ୍ଟର କରି ପ୍ରଶ୍ନ ପଚାରିବାର ବ୍ୟବସ୍ଥା କରାଯାଇଛି। ଧର୍ମେନ୍ଦ୍ର ପ୍ରଧାନ ଏହି ୱେବ୍‌ସାଇଟ୍‌ର ଉଦ୍‌ଘାଟନ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

ଆଇଏସ୍ ଆତଙ୍କକୁ ...

ଏନ୍ଆଇଏର ପୋଲିସ ଆଇଜି ଆଲୋକ ମିତ୍ତଲ ଏହି ଅପରେଶନ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ହରକତ୍-ଉଲ୍-ହର୍ବ-ଇ-ଇସ୍‌ଲାମ ସଦସ୍ୟଙ୍କ ସନ୍ଦିଗ୍ଧ ଗତିବିଧି ନେଇ ପୂର୍ବରୁ ଗୋଇନ୍ଦା ସୂଚନା ମିଳିଥିଲା। ଏଥିଯୋଗୁ କିଛିଦିନ ହେଲା ସନ୍ଦିଗ୍ଧମାନେ ଏନ୍ଆଇଏ ରାଡାରରେ ଥିଲେ। ଏନ୍ଆଇଏ ପକ୍ଷରୁ ନୂଆଦିଲ୍ଲୀ ଏବଂ ୟୁପିର ୧୭ ସ୍ଥାନରେ ଚଢ଼ାଉ କରାଯାଇ ଜେହାଦୀ ନେଟୱର୍କର ପର୍ଦ୍ଦାଫାଶ କରାଯାଇଛି। ଦିଲ୍ଲୀର ସିଲାମପୁର, ୟୁପିର ଲକ୍ଷ୍ନୌ, ଆମ୍‌ରୋହା ଓ ହାପୁର ଜିଲାରେ ଚଢ଼ାଉବେଳେ ବିପୁଳ ବିସ୍ଫୋରକ, ଏକ ଦେଶୀ ରକେଟ ଲଞ୍ଚର, ୧୦୦ ମୋବାଇଲ ଏବଂ ୧୩୫ଟି ସିମ୍‌କାର୍ଡ ଜବତ ହୋଇଛି। ଏହି ସ୍ଥାନଗୁଡ଼ିକରୁ ୧୬ ଜଣଙ୍କୁ ଧରାଯାଇଛି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୬ ଜଣଙ୍କୁ ଅଟକ ରଖି ଜେରା ଚାଲିଛି। ଜେହାଦୀମାନେ ଆତ୍ମଘାତୀ ଆକ୍ରମଣ ପାଇଁ ଯୋଜନା କରୁଥିଲେ ବୋଲି ସେମାନଙ୍କ ପ୍ରସ୍ତୁତିରୁ ସ୍ପଷ୍ଟ ହେଉଛି। ଏହି ଆତଙ୍କବାଦୀ ସଙ୍ଗଠନ ନିଜେ ପାଣ୍ଠି ଯୋଗାଡ଼ କରୁଥିଲା। ଏହାର ସଦସ୍ୟମାନେ ଅର୍ଥ ପାଇଁ ନିଜ ନିଜ ଘରୁ ସୁନା ଅଳଙ୍କାର ଚୋରିକରି ବାହାରେ ବିକ୍ରି କରୁଥିଲେ। କିନ୍ତୁ ବିଦେଶରେ ଥିବା ଜଣେ ହ୍ୟାଣ୍ଡଲର ସେମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ। ୟୁପି ପୋଲିସର ଆତଙ୍କବାଦୀ ନିରୋଧୀ ଦଳ (ଏଟିଏସ୍) ସହାୟତାରେ ଆମରୋହାରୁ ମୁଫ୍‌ତି ସୁହେଲଙ୍କୁ ଗିରଫ କରାଯାଇଛି। ଏକ ମସଜିଦରେ ମୌଲବୀ ଥିବା ସୁହେଲ ଆଇଏସ୍ ଦ୍ୱାରା ଅନୁପ୍ରାଣିତ ଏହି ଆତଙ୍କବାଦୀ ସଙ୍ଗଠନର ମୁଖ୍ୟ ଥିଲେ। ସେମାନେ ଆତ୍ମଘାତୀ ଆକ୍ରମଣ କିମ୍ବା ରିମୋଟ କଣ୍ଟ୍ରୋଲରେ ବୋମା ବିସ୍ଫୋରଣ କରିବାକୁ ପ୍ରସ୍ତୁତ ହେଉଥିଲେ ବୋଲି ସୁହେଲଙ୍କଠାରୁ ଜବତ ବୁଲେଟ୍-ପ୍ରୁଫ୍ ଜାକେଟରୁ ଜଣାପଡ଼ିଛି। ଗିରଫ ଓ ଅଟକଙ୍କୁ ତଦନ୍ତକାରୀ ଅଧିକାରୀମାନେ ପ୍ରଶ୍ନ କରୁଛନ୍ତି। ସେମାନଙ୍କଠାରୁ ଅଧିକ ତଥ୍ୟ ହାସଲ କରାଯାଇପାରିବ ବୋଲି ଏନ୍ଆଇଏ ଆଶା କରୁଛି।

ଖଟିରେ ଖଟିରେ...

ଚୋପାଟା ଦେବେ

ଆରେ ହେ, ମତେ ୟୁଆଡେ ଆଣିବା କଥା ଏଇଟା ସେଇ ଜାଗା ନା ନାହିଁ। ହଁ ହଁ, ଆମେ ଠିକ୍ ଜାଗାକୁ ଆସିଛେ। ଆରେ ଅନ୍ଧ, ଯଦି ଏଇଟା ଠିକ୍ ଜାଗା ତେବେ ଏଠି ଯୁବକ କାହାନ୍ତି। ମାଇକ୍ ସାଉଣ୍ଡ ଶୁଭୁଛି ଆଉ ମହିଳାମାନେ ଅଛନ୍ତି, ତାଛଡା ମାଳମାଳ ଧଳା କନାଗୁଡ଼ା ଚେୟାର ପଡିଛି, ଇରେ ଭାଇ ଏଇଟା ଯୁବ ନା ମହିଳା ସମାବେଶ ମତେ କହିଲୁ। ଏ ମହିଳାମାନେ ବି ଆଉ ଯୁବ ଅବସ୍ଥାରେ ଥିଲା ଭଳି ଦିଶୁନାହାନ୍ତି। ଆରେ ହେଇ ଏ ଗେରୁଆ ବାଲାଙ୍କ କଥା ଆଉ ନୁହେଁ, ଚାଲ ସେଇ ଶଙ୍ଖ ଫୁଙ୍କିବା। କଥା କ'ଣ କି ବୁଧବାର ଗେରୁଆ ବାଲାଏ ପ୍ରଶ୍ନ ପଚାରିବାକୁ ଯୁବକମାନଙ୍କର ଗୋଟିଏ କାର୍ଯ୍ୟକ୍ରମ କରୁଥାଆନ୍ତି। ହେଲେ ଯୁବକମାନଙ୍କ ପାଇଁ ହୋଇଥିବା ଏତେ ବଡ଼ ସଭାରେ ଯୁବମାନେ ନ ଥାଆନ୍ତି। କାର୍ଯ୍ୟକ୍ରମର ଏହି ଅବସ୍ଥା ଦେଖି ସେଠାକୁ ଆସିଥିବା ଦୁଇ ଯୁବକଙ୍କ ଭିତରେ ଏମିତି ବାର୍ତ୍ତାଳାପ ଚାଲିଥାଏ। ସେତିକି ବେଳେ ଜଣେ ମାନ୍ୟବର ଆସି ପହଞ୍ଚିଗଲେ। ଆଉ ଲୋକସଂଖ୍ୟା ଦେଖି ମାନ୍ୟବରଙ୍କ ମୁହଁ ପୂରା ଶୁଖି ଝାଉଁଳି ଗଲା। ଆଉ ତାଙ୍କୁ ଦେଖିବା କ୍ଷଣି ଦୁଇ ଚାରିଜଣ ଧାଇଁ ଆସି ମାନ୍ୟବରଙ୍କୁ ମଞ୍ଚ ଉପରକୁ ଡାକିଲେ। ଏତିକିରେ ତାଙ୍କ ଫଁ ଦେଖାଇବା ଆରମ୍ଭ କରିଦେଲେ ଆଉ କହିଲେ, ଇରେ ହେ ତୁମେଗୁଡ଼ା କୋଉ କାମକୁ ନୁହେଁ। ହଜାରେ ଯୁବକଙ୍କୁ ଆଣିପାରୁନ କ'ଣ ନା ଜବାବ୍ ମାଗିବୁ। ଏମିତି ଯାଇ ଜବାବ ମାଗିଲେ ସେମାନେ ତୁମକୁ ଚୋପାଟା ଦେବେ।

ମ୍ୟାଡାମ ପୂରା ଦମ୍‌ରେ

ଅଫିସର ଚାକିରି ଛାଡି ମ୍ୟାଡାମ ରାଜଧାନୀ ମୁହାଁ ହୋଇଛନ୍ତି। ରାଜନୀତିରେ ପାଦ ମଧ୍ୟ ଥାପିଛନ୍ତି। ନୟାପଲ୍ଲୀରେ ମ୍ୟାଡାମଙ୍କ ଅଫିସ ହୋଇଥିବାରୁ ଆଖପାଖ ଖଟିରେ ତାଙ୍କ ଚର୍ଚ୍ଚା ଜୋର ଧରିଛି। କଥା ସମ୍ରାଟ ଖୋର୍ଦ୍ଧା ଆସିବା ପୂର୍ବରୁ ତାଙ୍କୁ ନେଇ ଭାରି ଚର୍ଚ୍ଚା ଧରିଥିଲା। ହେଲେ ସଭାରେ ମ୍ୟାଡାମ୍‌ଙ୍କୁ ଦେଖିବାକୁ ମିଳି ନ ଥିଲା। ମାଳ ପିନ୍ଧାଇ ମ୍ୟାଡାମ ପରଦା ଆଢୁଆଳକୁ ଚାଲିଯାଇଥିଲେ। ଏହା ପରଦିନ ସକାଳୁ ଖଟିରେ ମ୍ୟାଡାମଙ୍କ ଚର୍ଚ୍ଚା ଏତେଟା ଜମି ନ ଥିଲା। ହେଲେ ଅପରାହ୍ନରେ ମ୍ୟାଡାମ ମାରିଥିଲେ ମାଷ୍ଟର ଷ୍ଟ୍ରୋକ୍ । ରାଜଧାନୀ ଆଖପାଖର ଶାସକ ଦଳିଆ ବାହିନୀକୁ ଗେରୁଆ ଟୋପି ପିନ୍ଧାଇ ଦଳକୁ ନେଇ ଆସିଥିଲେ। ସକାଳେ ଯେଉଁ ସମର୍ଥକ ଖଟିରେ ମନ ମାରି ବସିଥିଲେ। ସନ୍ଧ୍ୟାରେ ସେମାନେ କୁହାକୁହି ହେଉଥିଲେ, ଯାହା କୁହ ମ୍ୟାଡାମ ପୂରା ଦମ୍‌ରେ । ଆଗକୁ ଦେଖ, ଖେଳ କେମିତି ଜମୁଛି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ

ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ମାନସିକ ଅସୁସ୍ଥତା କାର୍ଯ୍ୟକ୍ଷେତ୍ରକୁ ମନ୍ଥର କରିପାରେ। ଆଜିଦିନଟିରେ ଆପଣଙ୍କୁ ସାମଗ୍ରିକ ସୁଖ, ସୁବିଧା ସାଙ୍ଗକୁ ଅର୍ଥ ଓ ସମ୍ମାନ ମିଳିବ। ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ମିଳିବ ଓ ଆଗାମୀ ସମୟ ପାଇଁ କେତେକ ମୂଲ୍ୟବାନ ଉପଦେଶ ପାଇବେ। ଆଲୋଚନା ପରିସରରେ ନୂତନ ବନ୍ଧୁତ୍ୱ ସ୍ଥାପନ କରି ଖୁସୀ ହେବେ।

ବୃଷ

ସଭାସମିତିରେ ମନେମନେ ବିରକ୍ତି ପ୍ରକାଶ କଲେ ମଧ୍ୟ ବନ୍ଧୁଙ୍କ ସମ୍ମୁଖରେ ସତକଥା ପ୍ରକାଶ କରିପାରିବେ ନାହିଁ। ପରିବାର ସମ୍ବନ୍ଧରେ ଅଯଥା ଗୁଡାଏ ଚିନ୍ତାକରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ ବରଂ ଲାଭ ବଦଳରେ କ୍ଷତି ଅଧିକ ହୋଇପାରେ। ଯାତ୍ରା ସମୟରେ କୌଣସି ବ୍ୟକ୍ତିଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ।

ମିଥୁନ

କର୍ମକ୍ଷେତ୍ରରେ ସମସ୍ୟା ବିଜଡିତ ରହିବା କାରଣରୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇ ପାରନ୍ତି। ମାନସିକ ଅସ୍ଥିରତା କାରଣରୁ ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ନିଜର କର୍ତ୍ତବ୍ୟନିଷ୍ଠା ଫଳରେ ପରିବାରର ଲୋକମାନଙ୍କଠାରୁ ଆଦର, ଶ୍ରଦ୍ଧା ପାଇବେ।

କର୍କଟ

କର୍ମକ୍ଷେତ୍ରରେ ଆଶାନୁରୂପ ଅର୍ଥ, ସମ୍ମାନ, ସହଯୋଗ ନ ପାଇ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ସ୍ତରରେ ପକ୍ଷପାତିତାକୁ ନେଇ ମାନସିକ ସ୍ତରରେ କଷ୍ଟ ପାଇପାରନ୍ତି। କୌଣସିଠାରୁ ପାଇବାକୁ ଥିବା ଅର୍ଥ ନ ପାଇବା କାରଣରୁ ବ୍ୟତିବ୍ୟସ୍ତ ହୋଇପଡିବେ। ସରକାରୀ କାମରେ ଦୂର ସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

ସିଂହ

ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ସଙ୍ଗଠନ, ରାଜନୀତି, ସଭାସମିତି, ପ୍ରଶାସନ କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ। କ୍ରୀଡ଼ା ଓ କଳା, ସଙ୍ଗୀତ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପରିସ୍ଥିତିର ତାଡ଼ନାରେ ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମରୁ ଓହରି ପାରିବେ ନାହିଁ।

କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପରକଥାରେ ମନ ଦେଇ ନିଜ କାମକୁ ଅବହେଳାଜନିତ ମନସ୍ତାପ କରିପାରନ୍ତି।

ତୁଳା

ପରିବାରର ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ଚଳାଇନେବେ। ଆନୁଷ୍ଠାନିକ କ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ନିର୍ମାଣ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହୋଇପାରନ୍ତି।

ବିଛା

ଆଜି ଦିନଟିରେ ମନ ଅନୁଯାୟୀ କାମଗୁଡିକ ସମ୍ପନ୍ନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ଅନ୍ୟମାନଙ୍କ ଉପରେ ନିର୍ଭର କରି ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଠକାମିରେ ପଡିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

ଧନୁ

ସହକର୍ମୀଙ୍କ ସାହାଯ୍ୟରେ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରୁ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ଟେନ୍‌ସନ କିଛିମାତ୍ରାରେ କମିଯିବ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବା କଷ୍ଟକର ହୋଇପଡିବ। ସଭାସମିତି କିମ୍ବା ବନ୍ଧୁଙ୍କଠାରୁ ବସ୍ତ୍ରଭୂଷଣ ଲାଭ କରିପାରନ୍ତି।

ମକର

ମନେ ମନେ ଯାହା ଚାହୁଁଛନ୍ତି, ତାହା ଆଜି ଅବଶ୍ୟ ପାଇବେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି, ବିବାଦୀୟ ଘଟଣାରେ ବିଜୟୀ ଏବଂ ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହେବେ। ଭ୍ରମଣ ଅବକାଶରେ ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

କୁମ୍ଭ

ବିଭିନ୍ନ ପ୍ରକାର କାର୍ଯ୍ୟବ୍ୟସ୍ତତା କାରଣରୁ ଘରର ଆବଶ୍ୟକତା ପୂରଣ ପାଇଁ ସମୟ ପାଇବେ ନାହିଁ। ଲେଖାପଢ଼ା, ପ୍ରଶାସନ, ପରିବହନ, ନିର୍ମାଣ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳିନେବେ। ନିଜ ସ୍ୱାର୍ଥ ପାଇଁ ସହକର୍ମୀ ଫାଇଦା ଉଠାଇବାକୁ ଚେଷ୍ଟା କରିପାରନ୍ତି।

ମୀନ

କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ, ଅବଶ୍ୟ ବନ୍ଧୁମାନଙ୍କ ସାହାଯ୍ୟ ଦ୍ୱାରା ହିଁ ସମ୍ଭବ ହୋଇପାରେ। ଖଳ ଲୋକଙ୍କ ଦ୍ୱାରା ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବାର ଆଶଙ୍କାକୁ ଏଡିହେବ ନାହିଁ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ସୃଷ୍ଟି ହୋଇପାରେ। ଧାର ସୂତ୍ରରେ ପାଇବାକୁ ଚେଷ୍ଟା କରିବେ।

ଆଜି ପୌଷ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ଗୁରୁବାର, ଡିସେମ୍ବର ୨୭ ତାରିଖ, ଦିବା ଘ.୧୨।୩୨ମି. ପର୍ଯ୍ୟନ୍ତ ମଘା/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୬ମି. ଗତେ ଘ.୧୧।୪୭ମି. ମଧ୍ୟେ, ଘ.୧।୦୮ମି. ଗତେ ଘ.୨।୨୯ମି. ମଧ୍ୟେ ଅମୃତ ବେଳା। ଦିବା ଘ.୭।୪୪ମି. ମଧ୍ୟେ ଘ.୧୧।୪୭ମି. ଗତେ, ଘ.୧।୦୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧।୦୮ମି. ଗତେ ଘ.୨।୩୦ମି. ମଧ୍ୟେ ରାହୁକାଳ।

ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ

ସଂକ୍ଷେପରେ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ପୂର୍ବତନ ଆର୍‌ଟିଓଙ୍କୁ ୨ବର୍ଷ ଜେଲ

କଟକ ଅଫିସ, ୨୬।୧୨: ଅବସରପ୍ରାପ୍ତ ଓଏଏସ୍ ଅଫିସର ତଥା କୋରାପୁଟର ପୂର୍ବତନ ଆର୍‌ଟିଓ ପୁରନ୍ଦର ପୂଜାରୀଙ୍କୁ ଜେଲ୍ ଓ ଜରିମାନା ଦଣ୍ଡାଦେଶ ହୋଇଛି। ପୂଜାରୀଙ୍କ ବିରୋଧରେ ଆଗତ ଆୟ ବହିର୍ଭୂତ ସମ୍ପତ୍ତି ମାମଲାର ଚୂଡ଼ାନ୍ତ ଶୁଣାଣି କରି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ପୂଜାରୀଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ସୂଚନା ଥାଉକି, ପୂଜାରୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ସୂଚନା ପାଇଥିଲା। ୨୦୦୬ ଜୁନ ୨୪ରେ ପୂଜାରୀଙ୍କ ଘର, ଅଫିସ ଆଦି ସ୍ଥାନକୁ ଏକକାଳୀନ ଯାଞ୍ଚ ପରେ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା (୧୯/୨୦୦୬) ରୁଜୁ ହୋଇଥିଲା। ତଦନ୍ତ ପରେ ପୂଜାରୀଙ୍କ ବିରୋଧରେ ଦାଖଲ କରାଯାଇଥିବା ଚାର୍ଜଶିଟ୍‌ରେ ସେ ୧୬ ଲକ୍ଷ ୬୬ହଜାର ୬୮୮ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଦର୍ଶାଯାଇଥିଲା। ଭିଜିଲାନ୍ସ ଡିଏସ୍‌ପି ଶିଶିର କୁମାର ଭୋଇ ମାମଲାର ତଦନ୍ତକାରୀ ଅଧିକାରୀ ଥିବାବେଳେ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ସୁନୀଲ କୁମାର ପତି ମାମଲା ପରିଚାଳନା କରୁଥିଲେ। ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ପୂଜାରୀଙ୍କ ବିରୋଧରେ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ପ୍ରାଧିକୃତ ଅଧିକାରୀଙ୍କ କୋର୍ଟରେ ଏକ ମାମଲା ୧୬/୨୦୧୩ ରୁଜୁ କରାଯାଇଛି। ଉକ୍ତ ମାମଲା କୋର୍ଟଙ୍କ ବିଚାରାଧୀନ ଅଛି।

ମନୋଜ ଦାସ ପାଇବେ ‘ନୀଳିମାରାଣୀ ସାହିତ୍ୟ ସମ୍ମାନ’

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ): ବିଶିଷ୍ଟ ସାହିତ୍ୟିକ ପ୍ରଫେସର ମନୋଜ ଦାସ ପ୍ରଥମ ‘ନୀଳିମାରାଣୀ ସାହିତ୍ୟ ସମ୍ମାନ’ ପାଇବେ। ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା ‘କାଦମ୍ବିନୀ’ ପକ୍ଷରୁ ଭାରତୀୟ ସାହିତ୍ୟକୁ ସାମଗ୍ରିକ ଅବଦାନ ତଥା ଜୀବନବ୍ୟାପୀ ସାହିତ୍ୟ ସାଧନା ନିମନ୍ତେ ଅନ୍ତର୍ଜାତୀୟ ସ୍ତରର ଖ୍ୟାତି ସମ୍ପନ୍ନ ଲେଖକ ପ୍ରଫେସର ଦାସଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, କଳା, ସାହିତ୍ୟ ଓ ସମାଜସେବା ପ୍ରତି ରୁଚି ରଖୁଥିବା ଆଦର୍ଶସ୍ଥାନୀୟା ମା’ ନିଳମାରାଣୀଙ୍କ ସ୍ମୃତିରେ ଏକ ଜାତୀୟ ସ୍ତରୀୟ ସାହିତ୍ୟ ସମ୍ମାନ ପ୍ରତିବର୍ଷ ପ୍ରଦାନ କରିବାକୁ ଗତବର୍ଷ ‘କାଦମ୍ବିନୀ ସାହିତ୍ୟ ମହୋତ୍ସବ’ ଅବସରରେ ‘କାଦମ୍ବିନୀ’ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଘୋଷଣା କରିଥିଲେ। ଭାରତବର୍ଷରେ ଜଣେ କୃତବିଦ୍ୟ ସାରସ୍ୱତ ସ୍ରଷ୍ଟାଙ୍କ ସାମଗ୍ରିକ କୃତି ତଥା ଭାରତୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଡ. ସାମନ୍ତ କହିଥିଲେ। ସେହି ଅନୁସାରେ ଗଠିତ ଏକ ବିଚାରକମଣ୍ଡଳୀ ଏହି ସମ୍ମାନଜନକ ସମ୍ମାନ ପାଇଁ ପ୍ରଫେସର ଦାସଙ୍କୁ ଚୟନ କରିଛନ୍ତି। ଆସନ୍ତା ଜାନୁୟାରୀ ୬ରେ କିଟ୍ ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ‘କାଦମ୍ବିନୀ ସାହିତ୍ୟ ମହୋତ୍ସବ-୨୦୧୯’ ଅବସରରେ ପ୍ରଫେସର ଦାସଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ପ୍ରଫେସର ଦାସଙ୍କୁ ମାନପତ୍ର, ଉପଢୌକନ, ସ୍ୱର୍ଣ୍ଣ ପଦକ ସହିତ ୫ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ ବୋଲି ‘କାଦମ୍ବିନୀ’ର ସମ୍ପାଦିକା ଡ. ଇତି ସାମନ୍ତ ଜଣାଇଛନ୍ତି।

ଜାନୁୟାରୀ ୧୨ରୁ ଡଗ୍ ଶୋ’

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ): ଓଡ଼ିଶା କେନେଲ କ୍ଲବ୍(ଓକେସି) ପକ୍ଷରୁ ଆସନ୍ତା ଜାନୁୟାରୀ ୧୨ରୁ ଡଗ୍ ଶୋ’ ଆରମ୍ଭ ହେବ। ଶୋ’ ପାଇଁ କ୍ଲବ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। ଦୁଇଦିନ ହେବାକୁ ଥିବା ଏହି ଶୋ’ ଶ୍ୟାମପୁରସ୍ଥିତ ଶିକ୍ଷା ‘ଓ’ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ। ୧୨ତାରିଖରେ ଜର୍ମାନ ସେଫର୍ଡ ଡଗ୍ ସ୍ପେଶାଲିଟି ଶୋ’ ସହିତ ଓବିଡିଏନ୍ସ ଟ୍ରେଲ୍‌ସ ରହିଛି। ୧୩ ତାରିଖରେ ଅଲ୍ ବ୍ରିଡ୍‌ସ ଚାମ୍ପିୟନଶିପ୍ ଶୋ’ ଅନୁଷ୍ଠିତ ହେବ। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଏସବୁ ପ୍ରତିଯୋଗିତା ପାଇଁ ବିଚାରକମାନେ ଦେଶ ବିଦେଶରୁ ଆସିବେ। ଓକେସି ଓ ଜର୍ମାନ ସେଫର୍ଡ ଡଗ୍ କନ୍‌ଫଡରେଶନ୍ କଳିଙ୍ଗ ଚାପ୍ଟରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଏସ୍‌ଡି ସ୍ପେଶାଲିଟି ଶୋ’ରେ କେବଳ ଜର୍ମାନ ସେଫର୍ଡ ପ୍ରଜାତିର କୁକୁର ଭାଗ ନେଇପାରିବେ।

■ ପାରାଦୀପ-ହରିଦାସପୁର ରେଳପଥ ନିର୍ମାଣ

ପରିବେଶ ଆଇନ ଉଲ୍ଲଂଘନ, ଏନ୍‌ଜିଟିରେ ମାମଲା

କଟକ ଅଫିସ, ୨୬।୧୨: ପାରାଦୀପ-ହରିଦାସପୁର ରେଳପଥ ନିର୍ମାଣରେ ପରିବେଶ ଆଇନର ଉଲ୍ଲଂଘନ କରାଯାଇଛି। ଏ ସଂକ୍ରାନ୍ତରେ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ଆବେଦନକାରୀ ସଚ୍ଚିଭୂଷଣ ପଟ୍ଟନାୟକ, ଅଶେଷ କୁମାର ଖଟୁଆ, ଆଳୟ ସାମନ୍ତରାୟ ଓ ପ୍ରତାପ ଚନ୍ଦ୍ର ମହାନ୍ତି ପ୍ରମୁଖ ପିଟିଶନରେ ଦର୍ଶାଇଛନ୍ତି ଯେ, ପାଖାପାଖି ୫୦ ଲକ୍ଷ ଘନଫୁଟ ମାଟି ରେଳପଥ ନିର୍ମାଣ କାର୍ଯ୍ୟରେ ବିନିଯୋଗ ହୋଇଛି। ସୂଚନା ଅଧିକାର ଆଇନ ବଳରେ ଆବେଦନକାରୀମାନେ ଜାଣିବାକୁ ପାଇଛନ୍ତି ଯେ, କେନ୍ଦ୍ରାପଡ଼ା ଜିଲା ଅଧୀନରେ ଥିବା ଡେରାବିଶ, ମାର୍ଶାଘାଇ, କେନ୍ଦ୍ରାପଡ଼ା ଓ ମହାକାଳପଡ଼ା ଆଦି ତହସିଲରୁ ମାଟି ଉଠାଣ ପାଇଁ କୌଣସି ଅନୁମତି ନିଆଯାଇ ନାହିଁ। ପାରାଦୀପଠାରୁ ହରିଦାସପୁର ପର୍ଯ୍ୟନ୍ତ ପାଖାପାଖି ୮୨ କିଲୋମିଟର ଲମ୍ବ ରେଳପଥ ମଧ୍ୟରୁ କେବଳ ୪୨କିଲୋମିଟର ଅଞ୍ଚଳ କେନ୍ଦ୍ରାପଡ଼ା ଜିଲାରେ ଯାଉଛି। ପରିବେଶ ପ୍ରଭାବ ଆକଳନ ଆଇନ ବିଜ୍ଞପ୍ତି ୨୦୦୬ ଅନୁସାରେ ମାଟି ବା ଲଘୁ ଖଣିଜ ପଦାର୍ଥ ଖନନ ନିମନ୍ତେ ପରିବେଶ ମଞ୍ଜୁରୀ ଏବଂ ମାଇନିଂ ପ୍ଲାନ ଅନୁମୋଦନ ଆବଶ୍ୟକ। ମାତ୍ର ଏ କ୍ଷେତ୍ରରେ ଏହିସବୁ ଆଇନକୁ ଅନୁସରଣ କରାଯାଇ ନାହିଁ। ଏ ସମ୍ପର୍କିତ ବିଭିନ୍ନ ପ୍ରକାର ଅଭିଯୋଗ ତହସିଲଦାର ଓ ଜିଲାପାଳଙ୍କ ପାଖରେ ଦାଖଲ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହାବାଦ୍ ଉକ୍ତ ମାଟି ଉଠାଣ ଦ୍ୱାରା ବିଭିନ୍ନ ସ୍ଥାନରେ ଉତ୍ପାଦନକ୍ଷମ ମୃତ୍ତିକା ନଷ୍ଟ ହୋଇଥିବା ଦର୍ଶାଯାଇଛି। ସେହିପରି ଗଛ ମୂଳରୁ ମୃତ୍ତିକା ଖନନ ଦ୍ୱାରା ବୃକ୍ଷ ସମ୍ପଦ ପ୍ରତି ବିପଦ ଦେଖାଦେଇଛି। ଏହି ମାମଲାରେ ଆବେଦନକାରୀମାନେ କେନ୍ଦ୍ରାପଡ଼ା ଜିଲାପାଳ, ଏସ୍‌ପି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ, ରାଜ୍ୟ ପରିବେଶ ପ୍ରଭାବ ଆକଳନର କର୍ତ୍ତୃପକ୍ଷ, ଜଙ୍ଗଲ ଓ ପରିବେଶ ସଚିବ, ରେଳୱେ ବିକାଶ ନିଗମର କର୍ତ୍ତୃପକ୍ଷ ଏବଂ ୪ଟି ଠିକା ସଂସ୍ଥାକୁ ପକ୍ଷଭୁକ୍ତ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

ଭୁବନେଶ୍ୱରସ୍ଥିତ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଦଳୀୟ ନେତାମାନେ।



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବୁଧବାର ବରମୁଣ୍ଡା ପଡିଆରେ ଆୟୋଜିତ ‘ଜବାବ୍ ମାଗୁଛି ଓଡ଼ିଶା’ କାର୍ଯ୍ୟକ୍ରମରେ ଦଳୀୟ ନେତାମାନେ ବେକାର ଯୁବତୀ, ଯୁବକମାନଙ୍କ ଉପରେ ଆଧାରିତ ଏକ ଟେଲି ଫିଲ୍ମ ସିଡୀ ଉନ୍ମୋଚନ କରୁଛନ୍ତି।

■ ହାଇଟେକ୍ ମେଡିକାଲ କଲେଜରେ ନାମଲେଖା ଠକେଇ

ତିରୁପତିଙ୍କୁ ଟ୍ରାନ୍‌ଜିଟ ରିମାଣ୍ଡରେ ନେଲା ଝାଡ଼ଖଣ୍ଡ ପୋଲିସ

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ହାଇଟେକ ମେଡିକାଲ କଲେଜରେ ନାମଲେଖା ଠକେଇ ଅଭିଯୋଗରେ ଝାଡ଼ଖଣ୍ଡ ପୋଲିସ କଲେଜ ଉପାଧ୍ୟକ୍ଷ ତିରୁପତି ଚୌଧୁରୀଙ୍କୁ ଗିରଫ କରିବା ପରେ ବୁଧବାର ଟ୍ରାନ୍‌ଜିଟ ରିମାଣ୍ଡରେ ନେଇଛି। ପୂର୍ବାହ୍ନରେ ତିରୁପତିଙ୍କୁ ପୋଲିସ ସିଜେଏମ କୋର୍ଟରେ ହାଜର କରିଥିଲା। କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଝାଡ଼ଖଣ୍ଡର ଧାନବାଦ କୋର୍ଟ ପକ୍ଷରୁ ତାଙ୍କ ନାମରେ ଜାରି ହୋଇଥିବା ଏନ୍‌ବିଡବ୍ଲ୍ୟୁକୁ ସମ୍ମାନ ଜଣାଇ ଟ୍ରାନ୍‌ଜିଟ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ। ଅଭିଯୁକ୍ତଙ୍କୁ ଉପଯୁକ୍ତ ସୁରକ୍ଷା ଦେବା ସହ କୌଣସି ପ୍ରକାର ଖରାପ ବ୍ୟବହାର ପ୍ରଦର୍ଶନ ନକରି ୩୬ ଘଣ୍ଟା ଭିତରେ ଧାନବାଦ କୋର୍ଟରେ ହାଜର କରିବାକୁ ବିଚାରପତି ଝାଡ଼ଖଣ୍ଡ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ୨୦୧୩ରେ ହାଇଟେକ୍ କଲେଜରେ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ନେଇ ଝାଡ଼ଖଣ୍ଡର ରାମଧର ପ୍ରତୀକ ନାମକ ଛାତ୍ର ୫ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ନେଇ ଧାନବାଦ ଜିଲାର ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଏହା ସହ ଧାନବାଦ କୋର୍ଟରେ ଏକ ୧ସିସି ମମଲା ଦାୟର କରିଥିଲେ। ଏହାପରେ କୋର୍ଟ ତିରୁପତିଙ୍କୁ ହାଜର ହେବା ଲାଗି ନୋଟିସ ପଠାଇଥିଲେ। କିନ୍ତୁ ତିରୁପତି ହାଜର ନ ହେବାରୁ କୋର୍ଟ ତାଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ। ଉକ୍ତ ଏନ୍‌ବିଡବ୍ଲ୍ୟୁ ବଳରେ ଝାଡ଼ଖଣ୍ଡ ପୋଲିସ ମଙ୍ଗଳବାର ଶହୀଦନଗରରୁ ତିରୁପତିଙ୍କୁ ଗିରଫ କରିଥିଲା।

■ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲା

ଅଭିଯୁକ୍ତଙ୍କୁ ୩ ବର୍ଷ ୬ ମାସ ଜେଲଦଣ୍ଡ

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲାରେ ଅତିରିକ୍ତ ଜିଲାଜଜ୍ କୋର୍ଟ ବିଚାରପତି ତଥା ସ୍ପେଶାଲ ପୋକ୍‌ସୋ କୋର୍ଟ ବିଚାରପତି ଦାମୋଦର ରଥ ଅଭିଯୁକ୍ତଙ୍କୁ ୩ ବର୍ଷ ୬ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ଅଶୋକ ବେହେରା(୨୨)। ଜରିମାନା ଅନାଦାୟ ହେଲେ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ୨୦୧୫ ଅଗଷ୍ଟରେ ଜଣେ ୧୪ ବର୍ଷୀୟା ଛାତ୍ରୀ ପରିବା ଆଣିବା ପାଇଁ ବଜାରକୁ ଯାଉଥିବା ବେଳେ ଅଶୋକ ତାଙ୍କୁ ଏକ ସବ୍‌ଷ୍ଟେଶନ ମଧ୍ୟକୁ ଟେକି ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ଦଫା ୩୪୧, ୩୨୩, ୩୯୪, ୩୪୨, ୫୦୬, ୩୫୪ ଆଇପିସି (୮) ପୋକ୍‌ସୋ ଆକ୍ଟ ଅନୁସାରେ ଏକ ମାମଲା(୪୧୪/୨୦୧୫) ରୁଜୁ ହୋଇଥିଲା। ସାକ୍ଷ୍ୟପ୍ରମାଣକୁ ଭିତ୍ତିକରି କୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ତରଫରୁ ସ୍ପେଶାଲ ପିପି ସୁବ୍ରତ ପ୍ରିୟଦର୍ଶୀ ମାମଲା ପରିଚାଳନା କରିଥିଲେ।

ସହାୟତା ବାହାନାରେ ଶୋଷଣ

ପ୍ରଥମ ପୃଷ୍ଠାରୁ...

ଏହା ପ୍ୟାକ୍ସ ସମ୍ପାଦକଙ୍କ ଉପରେ କୌଣସି ପ୍ରଭାବ ପଡି ନାହିଁ। ଏଥିଯୋଗୁ ଚାଷୀମାନେ ମଧ୍ୟସ୍ଥଙ୍କ ଦ୍ୱାରା ଶୋଷିତ ହୋଇ ଚାଲିଛନ୍ତି। ନାମକୁ ମାତ୍ର ଧାନମଣ୍ଡି ଖୋଲି ଜିଲା ପ୍ରଶାସନ ଓ ଯୋଗାଣ ବିଭାଗ କର୍ମଚାରୀଙ୍କ ଅସାଧୁ ମେଣ୍ଟ ଚାଷୀଙ୍କୁ ସର୍ବସ୍ୱାନ୍ତ କରିବାରେ ଲାଗିଛି। ଏଥିଯୋଗୁ ୨୦୧୫ରୁ ଆଜି ପର୍ଯ୍ୟନ୍ତ ଧର୍ମଶାଳା ବ୍ଲକରେ ୩ ଜଣ, ସୁକିନ୍ଦା ବ୍ଲକରେ ୩, ବିଞ୍ଝାରପୁର ବ୍ଲକର ୨, ଦଶରଥପୁର ବ୍ଲକର ୨, ରସୁଲପୁର ବ୍ଲକର ୨, କୋରେଇ ବ୍ଲକର ଜଣେ, ଯାଜପୁର ବ୍ଲକର ୨ ଓ ବରୀ ବ୍ଲକର ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଯାଜପୁର କୃଷି ଉପନିର୍ଦ୍ଦେଶକ ଶରତଚନ୍ଦ୍ର ପୃଷ୍ଟିଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରଙ୍କ ବିଭିନ୍ନ ଯୋଜନା ଚାଷୀଙ୍କ ପାଖରେ କାର୍ଯ୍ୟକାରୀ ହେଉଛି। ତେଣୁ ଧାନ ଉତ୍ପାଦନ ମଧ୍ୟ କ୍ରମଶଃ ବୃଦ୍ଧି ଘଟୁଛି। ସେହି ତୁଳନାରେ ଧାନସଂଗ୍ରହ ମଧ୍ୟ ଧାର୍ଯ୍ୟ ହେଉଛି। ଚାଷୀ ଆତ୍ମହତ୍ୟା ଅଭିଯୋଗ ଉପରେ ଆବଶ୍ୟକ ତଦନ୍ତ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଉଛି ବୋଲି ପୃଷ୍ଟି କହିଛନ୍ତି।

ଚାଷୀଙ୍କ ମତ

ଚାଷୀ ଆତ୍ମହତ୍ୟାକୁ ସରକାର ମାନୁ ନାହାନ୍ତି

ବିଜେଡି ସରକାର ୨ଦଶନ୍ଧି ଧରି ଚାଷୀଙ୍କ ପାଇଁ କୌଣସି ଆଖିଦୃଶିଆ କାମ କରି ନ ଥିବାରୁ ଭୋଟ ହରାଇବାର ଆଶଙ୍କା ରହିଛି। ବିଜୁ କୃଷକ ଜନତା ଦଳ ପୁନର୍ଗଠିତ ହୋଇଥିଲେ ମଧ୍ୟ କୃଷକମାନଙ୍କ ସହ କୌଣସି ସମ୍ପର୍କ ନ ଥିବାରୁ ଚାଷୀମାନେ ଏହାଦ୍ୱାରା ବିଶେଷ ସହାୟକ ହୋଇ ପାରିବେ ନାହିଁ। ଜିଲାରେ ଅନେକ ଚାଷୀ ଋଣଗ୍ରସ୍ତ ହୋଇ ଆତ୍ମହତ୍ୟା କରିଛନ୍ତି ହେଲେ ସରକାର ତାହା ମାନୁନାହାନ୍ତି। ତେଣୁ ତାଙ୍କ ପରିବାର ଖୁସି ପାଇବାର ଏଠାରେ ପ୍ରଶ୍ନ ଉଠୁଛି କେଉଁଠି ଏଯାବତ୍ ଅନେକ ସ୍ଥାନରେ ମଣ୍ଡି ଖୋଲି ନାହିଁ। ଗତବର୍ଷ ମିଲରମାନେ ମନଇଚ୍ଛା ଧାନ କିଣିଥିଲେ। କୁଇଣ୍ଟାଲ ପିଛା ୩/୪ କେଜି କମ୍ କରିବା ସହ ଧାନର ସହାୟକ ମୂଲ୍ୟ ଠିକ୍ ସମୟରେ ପଇଠ କରି ନ ଥିଲେ। ତେଣୁ ରାଜ୍ୟ ସରକାରଙ୍କ ପ୍ରତି ଚାଷୀକୁଳର ନକାରାତ୍ମକ ଭାବନା ସୃଷ୍ଟି ହୋଇଛି।

- ବସନ୍ତ କୁମାର ପରିଡ଼ା, ଚାଷୀ, ଧର୍ମଶାଳା

ଚାଷୀଙ୍କ ଭୋଟ ବିଜେଡି ବିରୋଧରେ ଯିବ

ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିରେ ଚାଷୀ ଭୁବନେଶ୍ୱରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାକୁ ଯାଉଥିବାବେଳେ ସରକାର ୧୪୪ ଧାରା ଜାରି କରି ଚାଷୀଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରିଛନ୍ତି । ଏଥିରେ ସମସ୍ତ ଚାଷୀ ମର୍ମାହତ । ତେଣୁ ଆଗାମୀ ନିର୍ବାଚନରେ ଚାଷୀଙ୍କ ଭୋଟ ନିଶ୍ଚିତ ଭାବେ ବିଜେଡି ବିରୋଧରେ ଯିବ। ବିଜୁ କୃଷକ ଜନତା ଦଳ ହେଉ କିମ୍ବା ଯେ କୌଣସି ଯୋଜନା ଚାଷୀଙ୍କୁ ପ୍ରଭାବିତ କରି ପାରିବ ନାହିଁ ।

ଚାଷୀ ପ୍ରତିବର୍ଷ କ୍ଷତିର ସମ୍ମୁଖୀନ ହୋଇ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିବାକୁ ବାଧ ହେଉଛି। ଏହାକୁ ସରକାର ମାନୁ ନାହାନ୍ତି, ଯାହାକି ବିଡ଼ମ୍ବନା ଛଡ଼ା ଅନ୍ୟକିଛି ନୁହେଁ। ଧାନ ମଣ୍ଡି ବିଳମ୍ବରେ ଖୋଲିବାରେ ପ୍ରଶାସନ ଓ ମିଲରଙ୍କ ମଧୁଚନ୍ଦ୍ରିକା ରହିଛି। ଚାଷୀ ବାଧ ହୋଇ ୧୧୦୦ ଟଙ୍କାରେ ଦଲାଲ ହାତରେ ଧାନକୁ ବିକ୍ରି କରୁଛି। ଏଥିରେ କେତେକ ଶାସକ ଦଳର ରାଜନୈତିକ ବ୍ୟକ୍ତିଙ୍କ ମଧ୍ୟ ସମ୍ପୃକ୍ତି ରହିଛି । ତେଣୁ ଆଗାମୀ ଦିନରେ ଚାଷୀଙ୍କ ପାଇଁ ବିଜେଡି ସରକାର ବୁମେରାଂ ହେବ।

- ନାରାୟଣ ଜେନା, ସାରଙ୍ଗପୁର, ରସୁଲପୁର

ଚାଷୀଙ୍କୁ ଅଣଦେଖା କଲେ ଅଧୋପତନ ନିଶ୍ଚିତ

ଚାଷୀଙ୍କୁ ଯେ ଅଣଦେଖା କରିଛି ତା’ର ଅଧୋପତନ ନିଶ୍ଚିତ। ବିଜେଡି ସରକାର ଏହାର ଫଳ ନିଶ୍ଚିତ ଭାବେ ଭୋଗିବ। ପ୍ରତ୍ୟେକ ଚାଷୀ ବିଜେଡି ବିରୋଧରେ ଭୋଟ ଦେବାକୁ ଚିନ୍ତା କରିସାରିଲେଣି। ବିଜୁ କୃଷକ ଜନତା ଦଳ ପ୍ରକୃତ ଚାଷୀଙ୍କ ସହ କୌଣସି ସମ୍ପର୍କ ନାହିଁ। ଚାଷୀ ଆତ୍ମହତ୍ୟାକୁ ସରକାର ମାନୁ ନାହାନ୍ତି। ଯାହାକି ଆତ୍ମହତ୍ୟା କରିଥିବା ଚାଷୀର ପରିବାରକୁ ଉପହାସ ସଦୃଶ। ସରକାରୀ ଚାକିରି କରୁଥିବା ସମସ୍ତଙ୍କ ପାଇଁ ଏହି ସରକାର ଚିନ୍ତା କରୁଥିବାବେଳେ କୃଷକଙ୍କୁ ହେୟଜ୍ଞାନ କରୁଛି। ପ୍ରଶାସନ ଓ ମିଲରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ହୋଇ ମଣ୍ଡି ଖୋଲିବାରେ ବିଳମ୍ବ ହେଉଛି। ଫଳରେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି।

- ପ୍ରକାଶ ମହାନ୍ତି, ଜାବରା

ଜାଣିଶୁଣି ମଧ୍ୟସ୍ଥ ଜରିଆରେ ଧାନ କିଣାଯାଉଛି

କୃଷି ଓ କୃଷକଙ୍କୁ ସରକାର ଗତ ଦୁଇ ଦଶନ୍ଧି ଧରି ଅବହେଳା କରି ଆସିଛନ୍ତି । ତାହା ଆଗାମୀ ନିର୍ବାଚନରେ ପ୍ରତିଫଳିତ ହେବ। ଏଥରେ ନିଶ୍ଚିତ ଭାବେ ବିଜେଡି ଭୋଟ ହରାଇବାର ସମ୍ଭବନା ରହିଛି। ବିଜୁ କୃଷକ ଜନତା ଦଳ ଚାଷୀଙ୍କ ପାଇଁ ଆଦୌ ଫଳପ୍ରଦ ହୋଇପାରିବ ନାହିଁ। ଆତ୍ମହତ୍ୟା କରୁଥିବା ଚାଷୀଙ୍କ ପରିବାରକୁ ସରକାରଙ୍କ ବିଭିନ୍ନ ପ୍ରକାର ଯୋଜନା ବର୍ତ୍ତମାନ ପରିପ୍ରେକ୍ଷୀରେ ଖୁସି ଆଣି ପାରିବ ନାହିଁ। ସରକାର ମଣ୍ଡି ଜରିଆରେ ଚାଷୀଙ୍କଠାରୁ ଧାନ ନ ନେଇ ଜାଣିଶୁଣି ମଧ୍ୟସ୍ଥ ଜରିଆରେ ଧାନ କିଣୁଛନ୍ତି। ଏଥିରେ ବିଜେଡି ନେତାଙ୍କ ହାତ ରହିଛି।

- ମାନସ ସାମଲ, ଜେନାପୁର

ବେପାରୀଙ୍କ ଧାନ ମଣ୍ଡିକୁ ଯାଉଛି

ଚାଷୀ ଭୋଟ ବିଜେଡି ହିଁ ପାଇବ । ହେଲେ ବିଜୁ କୃଷକ ଜନତା ଦଳ ପୁନର୍ଗଠନ ହୋଇଛି ତାହା କିଛି ସହାୟକ ହେବ ନାହିଁ। ଯେଉଁ ଚାଷୀ ଆତ୍ମହତ୍ୟା କରିଛନ୍ତି ସେମାନଙ୍କ ପରିବାର ଦୁଃଖରେ ରହିବେ। ମଣ୍ଡିରେ ଚାଷୀଙ୍କ ଧାନ କିଣା ହେଉ ନାହିଁ । ବେପାରୀଙ୍କ ଧାନ ମଣ୍ଡିକୁ ଯାଉଛି। ଦଲାଲମାନେ କମ୍ ମୂଲ୍ୟରେ ଚାଷୀଙ୍କ ଧାନ ନେଇ ମଣ୍ଡିରେ ଦେଉଛନ୍ତି ।

- ଯୋଗେନ୍ଦ୍ର ଜେନା, ଭୁକୁଟିପାଟ

ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି

ବିଜେଡି ଚାଷୀ ଭୋଟ ହରାଇବ ନାହିଁ । ବିଜେଡି ଯେଉଁ ବିଜୁ କୃଷକ ଜନତା ଦଳ ପୁନର୍ଗଠନ କରିଛି ତାହା କୃଷକମାନଙ୍କୁ କିଛି ଫରକ ପକାଇବ ନାହିଁ। ଚାଷୀ ଆତ୍ମହତ୍ୟା ପରିବାର କେବେ ବି ଖୁସି ଫେରି ପାଇବେ ନାହିଁ । ଧାନ କିଣା ଠିକ ହେଉନାହିଁ। ଦଲାଲମାନେ ଚାଷୀଙ୍କ ଠାରୁ ଧାନ ନେଉଛନ୍ତି । ଫଳରେ ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେଉ ନ ଥିବାବେଳେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି।

- ବିକ୍ରମ କେଶରୀ ରାଉତରାୟ, ଟିଗିରିଆ ବଡ଼ଚଣା

ଚାଷୀଙ୍କ ପାଇଁ ଆଖିଦୃଶିଆ କାର୍ଯ୍ୟ ହୋଇନି

ବିଞ୍ଝାରପୁର ଅଞ୍ଚଳର ଚାଷୀ ସବୁବେଳେ ଉପେକ୍ଷିତ। ଏହା ନିଶ୍ଚିତ ଭାବେ ଆସନ୍ତା ନିର୍ବାଚନରେ ଶାସକଦଳ ପାଇଁ ନାକାରାତ୍ମକ ପ୍ରଭାବ ପକାଇବ। ଏପର୍ଯ୍ୟନ୍ତ ବିଜୁ କୃଷକ ଜନତା ଦଳ ବିଞ୍ଝାରପୁରରେ ଚାଷୀମାନଙ୍କ ପାଇଁ କୌଣସି ଆଖିଦୃଶିଆ କାର୍ଯ୍ୟ କରି ପାରିନି। ଚାଷରେ ହତାସ ହୋଇ ଆତ୍ମହତ୍ୟା କରିଥିବା ଚାଷୀ ପରିବାରକୁ କୌଣସି ପରିସ୍ଥିତିରେ ସରକାର ଖୁସି ଫେରାଇ ପାରିବେନି। ସରକାର ଧାନ କ୍ରୟ କରିବା ସମୟରେ ଚାଷୀଙ୍କଠାରୁ ଦଲାଲମାନେ ମାଲାମାଲ ହୁଅନ୍ତି। ଏଥିପାଇଁ ସରକାରୀସ୍ତରରେ କୌଣସି ତତ୍ପରତା ଦେଖିବାକୁ ମିଳୁ ନାହିଁ।

- ପ୍ରଦୀପ କୁମାର ସ୍ୱାଇଁ, ମାଁସଡା, ବିଞ୍ଝାରପୁର

କୃଷକ ମାରଣ ନୀତି ମହଙ୍ଗା ପଡ଼ିବ

ସରକାର ଚାଷୀମାନଙ୍କ ପାଇଁ ୧୮ ବର୍ଷ ଭିତରେ କୌଣସି ସୁବିଧା କରିନାହାନ୍ତି । ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ କାର୍ଯ୍ୟକାରୀ କଲେ ଚାଷୀ ଉପକୃତ ହେବେ। ଆତ୍ମହତ୍ୟା କରିଥିବା ଚାଷୀଙ୍କ ପରିବାରବର୍ଗଙ୍କୁ ସରକାର କେବେ ଖୁସି ଦେଇ ପାରିବେ ନାହିଁ। ବିଜେଡିର କୃଷକ ମାରଣନୀତି ସରକାରଙ୍କୁ ଆସନ୍ତା ନିର୍ବାଚନରେ ଅଡୁଆରେ ପକାଇବା ନିଶ୍ଚିତ।

- ସରୋଜ ସାମଲ, ବରୀ

ସରକାରଙ୍କ ଯୋଜନା ଧୂଆଁବାଣ



ସରକାର ଚାଷୀଙ୍କ ପାଇଁ ଯେଉଁସବୁ ଯୋଜନା କରିଛନ୍ତି ତାହା ଧୂଆଁବାଣ। ଯୋଜନାସବୁ ଚାଷୀଙ୍କ ନିକଟକୁ ପହଞ୍ଚି ପାରି ନାହିଁ। ଅଧିକାରୀ ଓ ନେତାମାନଙ୍କ ଦରମା ବଢୁଥିବାବେଳେ ଚାଷୀଙ୍କୁ ପେନ୍‌ସନ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ପେନ୍‌ସନ ନ ଦେଲେ ଚାଷୀମାନେ ବିଜେଡିକୁ ଭୋଟ ଦେବେ ନାହିଁ। କୋରେଇ ବ୍ଲକରେ ବିଜୁ କୃଷକ ଜନତା ଦଳ କ’ଣ ବୋଲି ଚାଷୀମାନେ ଜାଣନ୍ତି ନାହିଁ। ବିଳମ୍ବରେ ଧାନ ମଣ୍ଡି ଖୋଲାଯାଉଥିବାରୁ ଚାଷୀମାନେ ଅଭାବି ବିକ୍ରିର ଶିକାର ହେଉଛନ୍ତି। ଚାଷରେ କ୍ଷତି ଅବା କୃଷି ଋଣଭାରରେ ଅତିଷ୍ଠ ହୋଇ ଯେଉଁ ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି ସେମାନଙ୍କ ପରିବାରବର୍ଗଙ୍କୁ ଅଣଦେଖା କରାଯାଉଛି।

- ବୀରକିଶୋର ନନ୍ଦ, ବଟିରା

ଡଗ୍‌ୱେଲ ଯୋଜନାରୁ ଚାଷୀ ବଞ୍ଚିତ

ଚାଷୀମାନଙ୍କ ପାଇଁ ସରକାର ଯେଉଁସବୁ ଯୋଜନା କରୁଛନ୍ତି ତାହା ଦଳୀୟ ନେତାଙ୍କ ପକେଟକୁ ଯାଉଛି। ଜଳସେଚନ ବ୍ୟବସ୍ଥାରେ ରହିଥିବା ଡଗ୍‌ୱେଲ ଯୋଜନା ମଧ୍ୟ ଚାଷୀ ପାଇବାରୁ ବଞ୍ଚିତ ରହୁଛି। ଫଳରେ ରାଜ୍ୟ ସରକାର ଚାଷୀଙ୍କ ଆସ୍ଥା ହରାଇଛି। ପାୱାରଟିଲର ଓ ଟ୍ରାକ୍ଟର ଚାଷୀମାନଙ୍କ ନାମରେ ଅନ୍ୟମାନଙ୍କୁ ଦିଆଯାଉଛି। ବିଜୁ କୃଷକ ଜନତା କେବଳ ଘୋଷଣାରେ ସୀମିତ ରହିଛି। ଏହା କୌଣସି କାମକୁ ନୁହେଁ। ଚାଷୀ ଆତ୍ମହତ୍ୟାକୁ ସରକାର ଗ୍ରହଣ କରୁ ନାହାନ୍ତି । ମଣ୍ଡିରେ ଚାଷୀଙ୍କୁ ଗୁରୁତ୍ୱ ନ ଦେଇ ନିଜ ସ୍ୱାର୍ଥ ପାଇଁ ସରକାର କାର୍ଯ୍ୟ କରୁଛନ୍ତି।

- ନୃସିଂହଚରଣ ବିଶ୍ୱାଳ, ଶାଳକଣା

ବୁଲା କୁକୁର ସମସ୍ୟାର ସମାଧାନ

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଯେଉଁମାନେ ରାସ୍ତାର ବୁଲା କୁକୁରମାନଙ୍କ ବିରୋଧରେ ଅଭିଯୋଗ କରି ମୋ ପାଖକୁ ଚିଠି ଲେଖନ୍ତି, ଏ ନିବନ୍ଧଟି ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନେ ମୋ ପାଖକୁ ଇମେଲ ପଠାଇବା ବେଳେ ପ୍ରଥମେ ଲେଖନ୍ତି ଯେ ସେମାନେ ଖୁବ୍ ପଶୁପକ୍ଷୀ–ପ୍ରେମୀ ଏବଂ ସେମାନେ ନିଜେ ଘରେ କୁକୁର ପାଳିଛନ୍ତି। ଆମେ ସେମାନଙ୍କୁ ଓ ସେମାନଙ୍କ ପିଲାମାନଙ୍କୁ ବୁଲା କୁକୁରଙ୍କ ଦୌରାତ୍ମ୍ୟରୁ ରକ୍ଷାକରିବା ପାଇଁ କିଛି କରିବା ଉଚିତ ବୋଲି ସେମାନେ ମତବ୍ୟକ୍ତ କରନ୍ତି।

ମ୍ୟୁନିସିପାଲିଟି ଓ ଜିଲା ପ୍ରଶାସନ ତରଫରୁ ସବୁ କୁକୁରଙ୍କ ବନ୍ଧ୍ୟାକରଣ କରିବା ଲାଗି ସରକାର ତଥା କୋର୍ଟ ଆଦେଶ ଦେଇଥିଲେ ମଧ୍ୟ ବାସ୍ତବରେ ଦେଶରେ ୧୦ ପ୍ରତିଶତରୁ କମ୍ ଏହା ପାଳନ କରୁଛନ୍ତି। ପ୍ରାଣୀ ଚିକିତ୍ସକଙ୍କ ଅଭାବ, ଟଙ୍କା ଅଭାବ ଓ ସର୍ବୋପରି ଦୃଷ୍ଟିକୋଣର ଅଭାବ ଯୋଗୁ ଏହା ଘଟୁଛି। କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମକୁ ପରିବେଶ ମନ୍ତ୍ରଣାଳୟ ନିୟନ୍ତ୍ରଣ କରୁଛି, ଯିଏ ଏଥିପାଇଁ ୫୦ ଲକ୍ଷରୁ କମ୍ ଟଙ୍କା ଖର୍ଚ୍ଚ କରୁଛି। ଅଥଚ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଏଥିପାଇଁ ୩୦୦ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି। କିନ୍ତୁ ପରିବେଶ ମନ୍ତ୍ରଣାଳୟ ଏହି ଟଙ୍କା ଦେଉ ନାହିଁ। ତେଣୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିଶେଷ କିଛି ପଦକ୍ଷେପ ନେଉନାହିଁ। ସ୍ୱାସ୍ଥ୍ୟ ସଚିବ ମୋତେ କହିଲେ ଯେ, କୁକୁର ବନ୍ଧ୍ୟାକରଣ ତାଙ୍କ କାମ ନୁହେଁ। ମୁଁ ତାଙ୍କୁ ପଚାରିଲି, ତା'ହେଲେ ସେମାନେ କାହିଁକି ମଶା ମାରୁଛନ୍ତି, ତାହା ବି ସେମାନଙ୍କ କାମ ନୁହେଁ। ମ୍ୟାଲେରିଆ ଆଦି ମଶାଜନିତ ରୋଗ ନିରାକରଣ ପାଇଁ ଯେପରି ମଶା ମାରିବା ଜରୁରୀ, ସେହିପରି ଜଳାତଙ୍କ ନିରାକରଣ ପାଇଁ କୁକୁର ବନ୍ଧ୍ୟାକରଣ ମଧ୍ୟ ଜରୁରୀ। ଯଦି କୁକୁରମାନଙ୍କର ବନ୍ଧ୍ୟାକରଣ ଓ ଟିକାକରଣ କରାଯାଏ, ତେବେ ୫ ବର୍ଷ ଭିତରେ ଜଳାତଙ୍କ ନିର୍ମୂଳ ହୋଇପାରିବ।

ଅମଲାମାନଙ୍କୁ ବୁଝାଇବା ସହଜ ନୁହେଁ, କାରଣ ସେମାନଙ୍କ ମସ୍ତିଷ୍କ ଅହଂକାରରେ ପରିପୂର୍ଣ୍ଣ। ସେଠି ଆଉ ନୂଆ କିଛି ଗ୍ରହଣ କରିବା ପାଇଁ ସ୍ଥାନ ନାହିଁ। ତେବେ ବୁଲା କୁକୁର ବିରାଡ଼ି ଜନିତ ସମସ୍ୟାର ନିରାକରଣ ପାଇଁ ଆଉ ଏକ ବାଟ ଅଛି। ବେଆଇନ ପ୍ରଜନନକାରୀମାନେ ଲକ୍ଷ ଲକ୍ଷ ଜାତିଆ କୁକୁରଙ୍କ ପ୍ରଜନନ କରାଯାଉଛନ୍ତି, ଯେଉଁମାନେ ରୋଗଣା, ଅନ୍ତର୍ଜାତ (ଇନ୍‌ବ୍ରେଡ୍) ଏବଂ ସବୁ ପେଟ୍ ଦୋକାନରେ ମିଳନ୍ତି। ବିନା ପଞ୍ଜୀକରଣରେ କୌଣସି ପେଟ୍ ଦୋକାନ ପୋଷା ପଶୁଙ୍କୁ ରଖିବା ବେଆଇନ। କିନ୍ତୁ ଆମର ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାରେ ଏ ଆଇନକୁ କାର୍ଯ୍ୟକାରୀ କରିବା ଲାଗି ଆଉ କେତେଦିନ ଲାଗିବ ତାହା କହିହେବ ନାହିଁ। ତେଣୁ ଆମକୁ କ'ଣ କରିବାକୁ ହେବ ତାହା ଜାଣିବା ଦରକାର। ଆମେରିକାର ପ୍ରାଣୀ ଆଶ୍ରୟସ୍ଥଳଗୁଡ଼ିକରେ ଏକ ମାରିଦିଆଯିବାର ନୀତି ରହିଛି। ପରିତ୍ୟକ୍ତ ପ୍ରାଣୀମାନଙ୍କୁ ଆଶ୍ରୟସ୍ଥଳଗୁଡ଼ିକରେ ୨୮ ଦିନ ଯାଏ ରଖାଯାଏ। ତା'ପରେ ଯଦି ସେମାନଙ୍କୁ କେହି ପୋଷ୍ୟ ଭାବେ ଗ୍ରହଣ ନ କରନ୍ତି, ତେବେ ସେମାନଙ୍କୁ ମାରି ଦିଆଯାଏ। ସମୟକ୍ରମେ ଅନେକ ନୋ–କିଲ୍ ଶେଲ୍‌ଟର (ଯେଉଁଠି ପ୍ରାଣୀମାନଙ୍କୁ ମରାଯାଏ ନାହିଁ) ଗଢ଼ଉଠିଛି। ସେଠାରେ କୁକୁରମାନଙ୍କୁ କେହି ପୋଷ୍ୟ ଭାବେ ଗ୍ରହଣ ନ କଲେ ତାଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ପିଞ୍ଜରା ଭିତରେ ରଖାଯାଏ।

୨୦୧୭ରେ କାଲିଫର୍ନିଆ ଏକ ଆଇନ, ଏ.ବି.୪୮୫ ପ୍ରଣୟନ କଲା। ଏହି ଆଇନ ଅନୁଯାୟୀ ପେଟ୍ ଦୋକାନଗୁଡ଼ିକ କେବଳ ପ୍ରାଣୀ ଆଶ୍ରୟସ୍ଥଳଗୁଡ଼ିକରୁ ଆଣି କୁକୁରଛୁଆ, ବିରାଡ଼ିଛୁଆ ଓ ଠେକୁଆ ବିକ୍ରି କରିପାରିବେ। ଯେଉଁମାନେ ଏହାର ଉଲ୍ଲଂଘନ କରିବେ, ସେମାନଙ୍କୁ ୫୦୦ ଡଲାର ଜରିମାନା କରାଯିବା ସହ ତାଙ୍କ ଦୋକାନକୁ ବନ୍ଦ କରିଦିଆଯିବ। ଏହି ଆଇନ ପ୍ରବର୍ତ୍ତନ ହେବା ପରେ ବେଆଇନ ପ୍ରଜନନକାରୀ ଓ ଦଲାଲମାନଙ୍କର ବେପାର ବନ୍ଦ ହୋଇଗଲା। ଏଇ ନିକଟରେ ଠାଣେରେ ଜଣେ ଡାକ୍ତରଙ୍କ ବାଡ଼ିରୁ ଆମେ ୧୧ଟି କୁକୁରଙ୍କୁ ଉଦ୍ଧାର କରିଛୁ। ସେମାନଙ୍କୁ ଖାଇବାକୁ ଦିଆ ନ ଯିବାରୁ ନିଜ ମଳ ଖାଇ ଭୋକଶୋଷରେ ମୃତ୍ୟୁର ଦ୍ୱାରଦେଶରେ ପହଞ୍ଚିଯାଇଥିଲେ। କିନ୍ତୁ ସେମାନେ ଅନେକ ଛୁଆ ଜନ୍ମ କରିଥିଲେ, ଯାହାଙ୍କୁ ଡାକ୍ତର ଜଣକ ବିଦେଶୀ ଜାତିଆ କୁକୁରଛୁଆ ବୋଲି ନକଲି ସାର୍ଟିଫିକେଟ୍ ସହ ବିକ୍ରି କରିଦେଇଥିଲେ।

ଆମେରିକାର କୁକୁର ବେପାରୀମାନେ ସରକାରଙ୍କ ପଦକ୍ଷେପ ବିରୋଧରେ ପ୍ରତିବାଦ କରିବା ସହ ଯୁକ୍ତି କରିଥିଲେ ଯେ ଏହାଦ୍ୱାରା ଅନେକ ଲୋକ କର୍ମନିଯୁକ୍ତି ହରାଇବେ। କିନ୍ତୁ ତାଙ୍କ ଯୁକ୍ତିକୁ ଅଗ୍ରାହ୍ୟ କରିଦିଆଗଲା। କିନ୍ତୁ ଭାରତରେ ଏହି ବ୍ୟବସାୟୀମାନେ କାହାକୁ ନିଯୁକ୍ତି ଦିଅନ୍ତି ନାହିଁ। ଅଳ୍ପ କିଛି କୁକୁରଙ୍କୁ ରଖି ଜବରଦସ୍ତ ପ୍ରତି ଛଅମାସରେ ପ୍ରଜନନ କରାଯାଏ। ତା'ପରେ ଛୁଆମାନଙ୍କୁ ନେଇ ପେଟ୍ ଶପ୍‌ରେ ବିକ୍ରି କରାଯାଏ। ତେଣୁ ଏହାଦ୍ୱାରା ବହୁଲୋକ କର୍ମନିଯୁକ୍ତି ହରାଇବାର ଆଶଙ୍କା ନାହିଁ। ତେଣୁ ସେହି ଏକା ଆଇନ ଆମେ ଭାରତରେ କାହିଁକି ଲାଗୁ କରାଇ ନ ପାରିବା ? ବର୍ତ୍ତମାନ ପ୍ରାୟ ପ୍ରତି ସହରରେ ପ୍ରାଣୀ ମଙ୍ଗଳ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି। ଦିଲ୍ଲୀସ୍ଥିତ ମୋର ସଞ୍ଜୟ ଗାନ୍ଧୀ ଆନିମଲ କେୟାର ସେଣ୍ଟର ପ୍ରତିଦିନ ସର୍ବନିମ୍ନ ୧୦ଟି ପରିତ୍ୟକ୍ତ ପ୍ରାଣୀଙ୍କୁ ଆଣି ଆଶ୍ରୟ ଦେଉଛି। ଆମ ଦେଶରେ ଯେଉଁମାନେ ଜାତିଆ କୁକୁରଙ୍କୁ ଆଣି ରଖୁଛନ୍ତି, ତାଙ୍କୁ ଅତ୍ୟନ୍ତ ଅଯତ୍ନ ଭାବରେ ରଖୁଛନ୍ତି। ସେ କୁକୁରଗୁଡ଼ିକ ରୋଗଣା ଓ କାମୁଡ଼ା ହୋଇଯାଉଛନ୍ତି। ତା'ପରେ ତାଙ୍କୁ ଚିକିତ୍ସା କରାଇବା ନାମରେ ହସ୍ପିଟାଲ ନିଆଯାଉଛି। କୁକୁରଗୁଡ଼ିକ ଚିକିତ୍ସାଧୀନ ଥିବା ବେଳେ ଅନ୍ୟର ଅଲକ୍ଷ୍ୟରେ ମାଲିକମାନେ ତାକୁ ପରିତ୍ୟାଗ କରି ଚାଲିଯାଉଛନ୍ତି। ଆମେ ପ୍ରତି ପରିତ୍ୟକ୍ତ କୁକୁର ପାଇଁ ୧୫୦୦୦ ଟଙ୍କା ନେଉଛୁ। କିନ୍ତୁ ତାକୁ ଫାଙ୍କିବା ପାଇଁ ମାଲିକମାନେ, ଯେଉଁମାନେ ଯଥେଷ୍ଟ ଅଧିକ ଟଙ୍କା ଦେଇ ଏହି କୁକୁରଙ୍କୁ କିଣିଥାନ୍ତି, ତାଙ୍କୁ ଆମ ଗେଟ୍‌ରେ ବାନ୍ଧିଦେଇ ବା ଗେଟ୍ ଡିଆଇଁ ଭିତରକୁ ଫୋପାଡ଼ିଦେଇ ଲୁଚି ପଳାଇଯାଉଛନ୍ତି।

ଅଧିକାଂଶ ପରିତ୍ୟକ୍ତ କୁକୁର ହେଉଛନ୍ତି ପୋମେରାନିଆନ୍ ବା ସ୍ପିଜ୍ (କ୍ଷୁଦ୍ରକାୟ ଲୋମଶ କୁକୁର ବିଶେଷ) ପ୍ରଜାତିର। ଅନ୍ୟମାନେ ହେଉଛନ୍ତି ଲାବ୍ରାଡର ଏବଂ ବିଶାଳକାୟ ଲୋମଶ ସ୍ୱିସ୍ କୁକୁର, ଯେଉଁମାନଙ୍କୁ ବିଦେଶରୁ ଚୋରାରେ ଭାରତ ଅଣାଯାଇଥାଏ। ଏହା ସହ ଅନେକ ଭୋଡ଼ାଫୋନ୍ ପଗ୍ ମଧ୍ୟ ଅଛନ୍ତି। ଆମେ ସେମାନଙ୍କୁ ସ୍ୱତନ୍ତ୍ର ଆବଦ୍ଧ ପରିସରରେ ରଖୁ, ଯେପରି କି ପର୍ଯ୍ୟଟକମାନେ ସେମାନଙ୍କୁ ଭଲଭାବେ ଦେଖିପାରିବେ ଓ ନିଜ ପସନ୍ଦ ଅନୁଯାୟୀ ପୋଷ୍ୟ କରି ନେଇପାରିବେ। କିଛି କୁକୁର ପୋଷ୍ୟଭାବେ ନିଆ ହୁଅନ୍ତି ଓ ବଞ୍ଚିବାର ନୂଆ ରାହା ପାଆନ୍ତି। ଅନ୍ୟମାନେ ଅସ୍ୱସ୍ତିକର ପରିବେଶରେ ଅନ୍ୟମାନଙ୍କ ସହ ଭଗ୍ନ ହୃଦୟରେ ମୃତ୍ୟୁ ପର୍ଯ୍ୟନ୍ତ ପଡ଼ିରହନ୍ତି। ମୋ ଭଉଣୀ ସବୁଠାରୁ ଖରାପ ଅବସ୍ଥାରେ ଥିବା କୁକୁରଙ୍କୁ ନିଜ ଘରକୁ ନେଇଯାଏ ଏବଂ ତା' ଛୋଟିଆ ଘରେ ଏବେ ୧୭ଟି କୁକୁର ଅଛନ୍ତି। ମୋ ଘରେ ୨୪ଟି କୁକୁର ଅଛନ୍ତି। ସେମାନେ ସୁସ୍ଥ ହୋଇଉଠିବା ପରେ ଆମେ ଚେଷ୍ଟା କରୁ ତାଙ୍କୁ କାହାକୁ ପୋଷ୍ୟଭାବେ ଦେଇଦେବା ପାଇଁ।

ତେଣୁ ଯଦି ଆମେ ପେଟ୍ ଶପ୍‌ଗୁଡ଼ିକୁ ପ୍ରାଣୀ ଆଶ୍ରୟସ୍ଥଳରୁ କୁକୁର ଓ ବିରାଡ଼ିଙ୍କୁ ନେଇ ବିକ୍ରି କରିବା ପାଇଁ ବାଧ୍ୟ କରିପାରିବା, ତେବେ ଆମେ ଦୁଇଟି ଜିନିଷ ହାସଲ କରିପାରିବା: ପରିତ୍ୟକ୍ତ ବିଦେଶୀ କୁକୁରମାନେ ନୂଆ ଘର ପାଇପାରିବେ ଏବଂ ପେଟ୍ ଦୋକାନ ତଥା ପ୍ରାଣୀ ଆଶ୍ରୟସ୍ଥଳଗୁଡ଼ିକ ବି କିଛି ଅର୍ଥ ପାଇପାରିବେ। କୁକୁର ଓ ବିରାଡ଼ିଙ୍କର ବନ୍ଧ୍ୟାକରଣ ଓ ଟିକାକରଣ କରାଯାଇପାରିବ ଓ ସେମାନଙ୍କୁ ବିକ୍ରି କରିବା ପୂର୍ବରୁ ସୁସ୍ଥ କରାଯାଇପାରିବ। ଅପରପକ୍ଷେ ପ୍ରଜନନକାରୀମାନଙ୍କଠାରୁ ଆସୁଥିବା କୁକୁରଛୁଆମାନେ ସାଧାରଣତଃ ରୋଗଣା ହୋଇଥାନ୍ତି। ସେମାନଙ୍କର ବନ୍ଧ୍ୟାକରଣ ଓ ଟିକାକରଣ କରା ନ ଯାଇ ବିକ୍ରି କରାଯାଇଥାଏ। ଅଧିକାଂଶ କୁକୁରଛୁଆ, ବିଶେଷତଃ ପାର୍ଭୋ ଓ ଡିଷ୍ଟେମ୍ପର ପ୍ରଜାତିର, ମରିଯାଆନ୍ତି।

ଆଉ ଗୋଟିଏ କଥା ହେଉଛି ପେଟ୍ ଶପ୍‌ଗୁଡ଼ିକ ଆଶ୍ରୟସ୍ଥଳଗୁଡ଼ିକରୁ ନେଇ ସୁନ୍ଦର ଦେଶୀ କୁକୁରଛୁଆମାନଙ୍କୁ ବିକ୍ରି କରିବାକୁ ଆରମ୍ଭ କରିବେ। କାରଣ କୌଣସି ପ୍ରାଣୀ ଆଶ୍ରୟସ୍ଥଳ ଜାତିଆ ବିଦେଶୀ କୁକୁର ପ୍ରଜନନ କରାନ୍ତି ନାହିଁ। ତେଣୁ ବେଆଇନ ପ୍ରାଣୀ ପ୍ରଜନନ ବେପାର ବନ୍ଦ ହୋଇଯିବ। ଯେଉଁ ଲୋକମାନେ କୁକୁର ରଖିବାକୁ ଚାହିଁବେ ସେମାନେ ଦେଶୀ କୁକୁର ହିଁ ରଖିବାକୁ ବାଧ୍ୟ ହେବେ। ଯେଉଁମାନେ କୁକୁର କିଣିବାକୁ ଚାହିଁବେ ସେମାନେ ପେଟ୍ ଶପ୍‌ରୁ ଦେଶୀ କୁକୁର ହିଁ କିଣିବାକୁ ପାଇବେ। ମୋର ଅନୁରୋଧ ଆପଣମାନେ ଏ ବିଷୟରେ ନିଜ ଅଞ୍ଚଳରେ ପ୍ରଚାର ଅଭିଯାନ ଆରମ୍ଭ କରନ୍ତୁ। ଆମେ ଠିକ୍ ଜିନିଷ ଲାଗି ସମସ୍ତଙ୍କୁ ଅନୁପ୍ରେରିତ କରିପାରିଲେ ଏ ବିଶ୍ୱକୁ ଏକ ଦୟା ଓ କରୁଣାପୂର୍ଣ୍ଣ ବିଶ୍ୱରୂପେ ଗଢ଼ିତୋଳିପାରିବା।

Email: gandhim@nic.in

ସମ୍ମାନ, ସମ୍ବର୍ଦ୍ଧନା ଓ ପୁରସ୍କାର

ଡ. ଅନ୍ତର୍ଯ୍ୟାମୀ ମିଶ୍ର

ସମ୍ମାନ, ସମ୍ବର୍ଦ୍ଧନା ଓ ପୁରସ୍କାର ସ୍ରଷ୍ଟାର ସୃଜନଶୀଳତାକୁ ପ୍ରଗତିଶୀଳ କରିଥାଏ। କିନ୍ତୁ ସମ୍ପ୍ରତି ସମ୍ମାନ, ସମ୍ବର୍ଦ୍ଧନା, ପୁରସ୍କାର ଓ ଉପାଧି ପ୍ରଦାନର ଯେଉଁ ଧାରା ପ୍ରବାହିତ, ତାହା ସାହିତ୍ୟ ନିମିତ୍ତ ମଙ୍ଗଳଦାୟୀ ନୁହେଁ। ଏତାଦୃଶ ଧାରାରେ ସାହିତ୍ୟ କ୍ଷେତ୍ରରେ ଅସାହିତ୍ୟିକଙ୍କର ଅନୁପ୍ରବେଶ ଘଟୁଛି। ସାହିତ୍ୟର ଭୂମି ଓ ଭୂମିକା ଜାଣି ନ ଥିବା ଅନେକ ବ୍ୟକ୍ତି ସମ୍ମାନିତ, ସମ୍ବର୍ଦ୍ଧିତ ଓ ପୁରସ୍କୃତ ହେବା ଦ୍ୱାରା ବହୁ ସୃଜନଶୀଳ ପ୍ରତିଭା ଉପେକ୍ଷିତ ହେଉଛନ୍ତି। ସମ୍ପ୍ରତି ସାରସ୍ୱତ ବିକାଶଧାରାରେ ଏହା ଉତ୍କଟ ବ୍ୟାଧି ରୂପେ ପ୍ରତିଭାତ।

ପ୍ରବୁଦ୍ଧ ବିଚାରକମଣ୍ଡଳୀକୁ ନେଇ ଚୟନ ପ୍ରକ୍ରିୟା ସଂଘଟିତ ହେଉଥିଲେ ହେଁ ଶ୍ରେଷ୍ଠ ସୃଷ୍ଟିକୁ ଉପେକ୍ଷା କରାଯାଇ ସ୍ରଷ୍ଟାର ପଦବୀ ଓ କ୍ଷମତାକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। କେତେକ କ୍ଷେତ୍ରରେ ଅର୍ଥ ବଦଳରେ ସମ୍ମାନ ବା ପୁରସ୍କାର ପ୍ରଦାନ କରାଗଲାଣି। କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀରେ ପୁରସ୍କାର ପ୍ରଦାନରେ ବହୁ ପକ୍ଷପାତିତା ପରିଲକ୍ଷିତ। ଏହିସବୁ ସଂସ୍ଥାରେ କିଛି ବ୍ୟକ୍ତି ବର୍ଷ ବର୍ଷ ଧରି ବିଚାରକ ରହୁଛନ୍ତି, ଅଥଚ ସେମାନଙ୍କ ମଧ୍ୟରୁ ଅନେକେ ସ୍ରଷ୍ଟା ମଧ୍ୟ ନୁହନ୍ତି। ପୁରସ୍କାର ପ୍ରଦାନ ନିମିତ୍ତ ଯେଉଁ ଅଧିନିୟମ ପ୍ରବର୍ତ୍ତିତ ହୋଇଛି, ତାହା କେବଳ ଲୋକଦେଖାଣିଆ। ଏହିସବୁ ସଂସ୍ଥାରେ ଅବସ୍ଥାପିତ ପଦାଧିକାରୀମାନେ ଆଦୌ ପୁସ୍ତକ ଲେଖି ନ ଥିବା ବା ଖଣ୍ଡେ ଦୁଇଖଣ୍ଡ ପୁସ୍ତକ ଲେଖିଥିବା ବ୍ୟକ୍ତିଙ୍କୁ ବାରମ୍ବାର ବିଚାରକ ରଖିବା ଦ୍ୱାରା ପୁରସ୍କାର ପ୍ରଦାନରେ ଦୁର୍ନୀତିର ମାତ୍ରା ବୃଦ୍ଧି ହେବାରେ ଲାଗିଛି। କେତେକ ପଦାଧିକାରୀ ସ୍ୱକୀୟ ସ୍ୱାର୍ଥକୁ ଆଖିଆଗରେ ରଖି ବିଚାରକମଣ୍ଡଳୀ ନିଯୁକ୍ତ କରିଥାନ୍ତି ଓ ଆପଣା ବ୍ୟକ୍ତିଙ୍କୁ ପୁରସ୍କାର ପ୍ରଦାନ ନିମିତ୍ତ ଚୟନ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ଅନେକ ପଦାଧିକାରୀ ବଦଳି ହେଲେ ମଧ୍ୟ ପୁନର୍ବାର ସେହି ସ୍ଥାନକୁ କଳେବଳେକୌଶଳେ ଆସି ନିଜ ପତିଆରା ଜାରି ରଖୁଛନ୍ତି। ବହୁ ବିଜ୍ଞ ବ୍ୟକ୍ତି ପୁରସ୍କାରର ଦୁର୍ନୀତି ସମ୍ପର୍କରେ ଜାଣି ମଧ୍ୟ ନୀରବ ରହୁଛନ୍ତି। ସ୍ୱର ଉତ୍ତୋଳନ କଲେ ପୁରସ୍କାର ତାଲିକାରୁ ସେମାନଙ୍କ ନାମ କଟିଯିବ ବୋଲି ଆଶଙ୍କା କରୁଛନ୍ତି। ବେସରକାରୀ ଭାବେ ପ୍ରଦାନ କରାଯାଉଥିବା କେତେକ ପ୍ରସିଦ୍ଧ ପୁରସ୍କାର ମଧ୍ୟ ଦୁର୍ନୀତିମୁକ୍ତ ନୁହେଁ, ଯାହା ଏକ ସ୍ୱତନ୍ତ୍ର ଆଲୋଚନାର ପ୍ରତୀକ୍ଷା କରିଥାଏ। ଏହିସବୁ କାରଣ ଦୃଷ୍ଟେ ପୁରସ୍କାର, ଉପାଧି ସମ୍ମାନ ପ୍ରଭୃତି ବିବଦମାନ ହୋଇ ସେଥିରୁ ବାଦବିସମ୍ବାଦ, ହିଂସା–ପ୍ରତିହିଂସା, ଈର୍ଷା, କୁତ୍ସା, ମାଲିମକଦ୍ଦମା ପ୍ରଭୃତି ସୃଷ୍ଟି ହେଉଛି। କେତେକ କ୍ଷେତ୍ରରେ ପୁରସ୍କାର ପ୍ରଦାନକୁ କେନ୍ଦ୍ରକରି ଅଭିଜ୍ଞ ବିଚାରକମଣ୍ଡଳୀ ଏବଂ ବିବଦମାନ ପୁସ୍ତକର ସ୍ରଷ୍ଟା ଭର୍ତ୍ସନା ପାଉଛନ୍ତି। ଏହା ସ୍ରଷ୍ଟା ଓ ସୃଷ୍ଟି ପ୍ରତି ଶୁଭସୂଚନା ନୁହେଁ।

ପୁରସ୍କାର ଆଶାୟୀ ସ୍ରଷ୍ଟା ସମ୍ମାନ ବା ଉପାଧିକୁ ପ୍ରସିଦ୍ଧିର ପ୍ରତୀକ ଭାବରେ ଗ୍ରହଣ କରି ସିଦ୍ଧିକୁ ଭୁଲିଗଲେଣି। ଉପାଧି ବା ସମ୍ମାନକୁ ପ୍ରସିଦ୍ଧିର ପ୍ରତୀକ ଭାବରେ ଗ୍ରହଣ କରିବା ଏକ ଆତ୍ମପ୍ରତାରଣା। ତଥାପି ଅନେକେ ଏହାକୁ ଆତ୍ମସନ୍ତୋଷ ରୂପେ ବିଚାରୁଛନ୍ତି। ସମ୍ପ୍ରତି ସାର୍ଥକ ସୃଷ୍ଟି ନିମିତ୍ତ ସମ୍ମାନ ଅପେକ୍ଷା ପ୍ରାୟୋଜିତ ସମ୍ମାନର ସଂଖ୍ୟା ଅଧିକ। ସହରାଞ୍ଚଳରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବହୁ ସାହିତ୍ୟ ଅନୁଷ୍ଠାନ ଗଢ଼ିଉଠିଲାଣି ତଥା ସମ୍ମାନ ଓ ସମ୍ବର୍ଦ୍ଧନାର ସଂଖ୍ୟା ବୃଦ୍ଧି ପାଇଲାଣି। ଏପରିକି ଅନେକେ ଆଦୌ ସାରସ୍ୱତ ସ୍ରଷ୍ଟା ନ ହୋଇ ମଧ୍ୟ ନିଜର ପଦପଦବୀ, କ୍ଷମତା, ଅର୍ଥ ଓ ରାଜନୀତି ବଳରେ ବହୁ ସମ୍ମାନର ଅଧିକାରୀ ହେଲେଣି। ଉଦ୍ୟୋକ୍ତା ଓ କର୍ମକର୍ତ୍ତାବୃନ୍ଦ ପ୍ରତିଦାନ ଆଶାରେ ବହୁ ଉଚ୍ଚ ପଦାଧିକାରୀ, ପ୍ରଶାସକ ଓ ରାଜନେତାଙ୍କୁ ସମ୍ମାନିତ କଲେଣି। ଏହା ସାହିତ୍ୟର ସୃଜନାତ୍ମକ ସମୃଦ୍ଧିରେ ଅନ୍ତରାୟ।

ସମ୍ମାନ ଓ ଉପାଧି ପ୍ରାପ୍ତି ଲାଳସାରେ ଅନେକ ବ୍ୟକ୍ତି ସାରସ୍ୱତ ମହୋତ୍ସବର ସକଳ ବ୍ୟୟଭାର ବହନ କରୁଛନ୍ତି। କେତେକ ବ୍ୟକ୍ତି ରାଜନୈତିକ, କ୍ଷମତାସୀନ ପଦାଧିକାରୀ, ଶିଳ୍ପପତି ପ୍ରମୁଖଙ୍କୁ ଉଦ୍‌ଘାଟକ, ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଆସୀନ କରାଇ ସେହିମାନଙ୍କ ପ୍ରୋତ୍ସାହନ ଓ ଅନୁଦାନରେ ସାହିତ୍ୟ ଉତ୍ସବର ଆୟୋଜନ କରୁଛନ୍ତି। ଫଳରେ ସାହିତ୍ୟ କ୍ଷେତ୍ରରେ ଏକ ଦୁଃସ୍ଥ ପରମ୍ପରା ସୃଷ୍ଟି ହେଉଛି। ଗଣମାଧ୍ୟମ ସେମାନଙ୍କର ଏତାଦୃଶ କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଭାବରେ ପ୍ରସାରଣ କରୁଛନ୍ତି। ଏସବୁ କ୍ଷେତ୍ରରେ ସାହିତ୍ୟିକମାନେ ଉପେକ୍ଷିତ ହୋଇ ଅସାହିତ୍ୟିକଙ୍କ ପ୍ରାଧାନ୍ୟ ବୃଦ୍ଧି ପାଉଛି। ଅସାହିତ୍ୟିକ କର୍ଣ୍ଣଧାର ସାଜିବା ଦ୍ୱାରା ପ୍ରତିଭାବନ୍ତ ସ୍ରଷ୍ଟା ଅବହେଳିତ ଓ ଅପମାନିତ ହୋଇଥାନ୍ତି। ସଭାସ୍ଥଳ ଅତିଥିମାନଙ୍କ ସ୍ତାବକ, ଅନୁଗାମୀ ଓ ପୁରସ୍କାର ଆଶାୟୀ ଅସାହିତ୍ୟିକଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଥାଏ। ଏଥିରେ କେବଳ ରୋଜଗାର ଆଶାୟୀ ଆୟୋଜକ ହିଁ ଲାଭ ଉଠାଇଥାନ୍ତି। ସାହିତ୍ୟ ନିମିତ୍ତମାତ୍ର। ଉପାଧି, ପୁରସ୍କାର, ସମ୍ମାନ ଓ ସମ୍ବର୍ଦ୍ଧନା ପାଇବାକୁ ଧରାଧରି ଏକ ସାଧାରଣ କଥାରେ ପରିଣତ ହେଲାଣି। ପରିସ୍ଥିତି ଏପରି ହେଲାଣି ଯେ, ଜଣେ ସୃଜନଶୀଳ ସ୍ରଷ୍ଟା ଆପଣାର ସୃଷ୍ଟି ଯୋଗୁ ସମ୍ମାନିତ ହେଲେ ମଧ୍ୟ ସେ ଧରାଧରି କରି ପାଇଲା ବୋଲି ଲୋକେ କହୁଛନ୍ତି।

ପ୍ରଜ୍ଞାଦୀପ୍ତ ପ୍ରତିଭାଙ୍କୁ ପୁରସ୍କୃତ, ସମ୍ମାନିତ ଓ ସମ୍ବର୍ଦ୍ଧିତ କରିବାର ପରମ୍ପରା ସମ୍ପ୍ରତି ଏକ ପ୍ରହସନରେ ପରିଣତ ହୋଇଛି। ସୃଜନଶୀଳତାକୁ ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରିବାର ଉଚ୍ଚ ପରମ୍ପରା ନଷ୍ଟ ହେବା ଫଳରେ ସାରସ୍ୱତ ସାଧକଙ୍କ ମାନସରୁ ଆତ୍ମବିଶ୍ୱାସ ଓ ସୃଜନ ପ୍ରୟାସ ଅପସରିଯାଉଛି। ଅବଶ୍ୟ ଏଥିରେ ବ୍ୟତିକ୍ରମ ରହିଛି, କିନ୍ତୁ ତାହାର ଉଦାହରଣ ଖୁବ୍ ସ୍ୱଳ୍ପ। କେତେକ କ୍ଷେତ୍ରରେ ପୁରସ୍କାର ପ୍ରଦାନକୁ ରାଜନୈତିକ ପ୍ରଦୂଷଣମୁକ୍ତ କରାଯାଇପାରୁନାହିଁ। ଫଳରେ ସ୍ରଷ୍ଟା ଓ ସୃଷ୍ଟିର ସୀମା ତଥା ସମ୍ଭାବନା ଦିଗନ୍ତବିସ୍ତାରୀ ହୋଇପାରୁନାହିଁ। ଏହା ସାହିତ୍ୟ ନିମିତ୍ତ ଶୁଭଙ୍କର ନୁହେଁ। ବେଳହୁଁ ସାବଧାନ ନ ହେଲେ ସାହିତ୍ୟ ନିମ୍ନସ୍ତରକୁ ଚାଲିଯାଇ ଗୁଣାତ୍ମକ ମାନ ତଥା ପାଠକୀୟ ଅଭିରୁଚି ହରାଇବସିବ।

ଦକ୍ଷିଣକାଳୀମାର୍ଗ, ଢେଙ୍କାନାଳ, ମୋ–୮୮୯୫୨୩୦୭୨୨

ଏଇ ଭାରତରେ

ସମ୍ପ୍ରତି ମହିଳାମାନେ ବିଭିନ୍ନ କ୍ଷେତ୍ରରେ ସଫଳତାର ଶିଖର ଛୁଉଁଛନ୍ତି। ସେମାନେ କେବଳ ନିଜ ପରିବାର ନୁହେଁ ଗାଁ, ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରୁଛନ୍ତି। ତଥାପି ଏ ସମାଜରେ କେଉଁଠି ନା କେଉଁଠି ଶିଶୁକନ୍ୟା ପ୍ରତି ଆଦର, ସୁରକ୍ଷାର ଅଭାବ ଦେଖିବାକୁ ମିଳୁଛି। ସେମାନଙ୍କୁ ବୋଝ ଭାବିବା ବନ୍ଦ ହୋଇପାରିନାହିଁ। ଫଳରେ ସେମାନଙ୍କ ଜନ୍ମକୁ ଦୁର୍ଭାଗ୍ୟ ମନେକରି ସେମାନଙ୍କ ଜୀବନ ନେବାକୁ ଅନେକଙ୍କ ମନରେ ତିଳେମାତ୍ର ସଙ୍କୋଚ ରହୁନାହିଁ। ଏଭଳି ଏକ ଲୋମଟାଙ୍କୁରା ଘଟଣା ଘଟିଛି ଲକ୍ଷ୍ନୌରେ, ଯେଉଁଥିରୁ ମଣିଷ କେତେ କ୍ରୂର ହୋଇପାରେ ତାହା ଜଣାପଡୁଛି। କାରଣ ୪ ମାସର ଶିଶୁକନ୍ୟାର ପାଟିରେ କପଡ଼ା ପୂରାଇ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଛି। ହେଲେ ବିଡ଼ମ୍ବନା ଯେ, ଏଠି ହତ୍ୟାକାରୀ ହେଉଛି ଖୋଦ୍ ମା'। କେବଳ ସେତିକି ନୁହେଁ, ନିଜ ସ୍ୱାମୀ ଆଗରେ ସେ ହତ୍ୟା କରିଥିବା ସ୍ୱୀକାର କରି ଝିଅକୁ ମୁକ୍ତି ଦେଇଥିବା କହିଛନ୍ତି। ଲକ୍ଷ୍ନୌ ଇନ୍ଦିରାନଗର ଅଧୀନ ରବୀନ୍ଦ୍ରନଗରରେ ରହୁଥିବା ମେକାନିକାଲ ଇଞ୍ଜିନିୟର ବ୍ରଜନନ୍ଦନ ତ୍ରିପାଠୀଙ୍କ ଘରେ ଏଭଳି ଘଟଣା ଘଟିଛି। ବ୍ରଜନନ୍ଦନ ୯ ବର୍ଷ ତଳେ ଶୁଭ୍ରା ନାମ୍ନୀ ଜଣେ ଯୁବତୀଙ୍କ ସହ ପ୍ରେମବିବାହ କରିଥିଲେ ହେଁ ଉଭୟ ପରିବାରର କୌଣସି ଆପତ୍ତି ନ ଥିଲା। ଘରେ ଆର୍ଥିକ ଅନଟନ ବି ନ ଥିଲା। ଦୀର୍ଘଦିନ ଧରି ସେମାନଙ୍କ କୌଣସି ସନ୍ତାନ ନ ଥିବାରୁ ଚିକିତ୍ସା ସାଙ୍ଗକୁ ପୂଜାପାଠ ପଦ୍ଧତି ଆପଣାଇଥିଲେ। ଶେଷରେ ଗତ ୪ ମାସ ତଳେ ଶୁଭ୍ରା ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ ମଧ୍ୟ ଖୁସି ନ ଥିଲେ। ଶିଶୁକନ୍ୟାକୁ ହତ୍ୟା କରିବେ ବୋଲି କହିଥିଲେ। ପରିବାର ଲୋକେ ଏଥିରେ ବିଶ୍ୱାସ କରି ନ ଥିଲେ। କିନ୍ତୁ ଗତ ସୋମବାର ବିଳମ୍ବିତ ରାତିରେ ସେ ଯେଉଁ କାଣ୍ଡ ଘଟାଇଲେ ସେଥିରେ ସ୍ୱାମୀ ଓ ପରିବାର ଲୋକେ ଚକିତ ହୋଇଗଲେ। ଜଣେ ମହିଳା ହୋଇ ନିଜ ଝିଅଜନ୍ମକୁ ଘୃଣା କରି ହତ୍ୟା କରିବାଠାରୁ ଆଉ କିଛି ବର୍ବରତା ନ ଥାଇପାରେ। ସନ୍ତାନ ପାଇଁ ମା' ନିଜ ଜୀବନ ଦେଇ ଦେଉଥିବାବେଳେ ଏଠି ସେ ଡାହାଣୀ ସାଜିଥିଲେ। ସ୍ୱାମୀଙ୍କ ଅଭିଯୋଗକ୍ରମେ ଶୁଭ୍ରାଙ୍କୁ ପୋଲିସ ଗିରଫ କରିଥିଲେ ହେଁ ତାଙ୍କ ପାଇଁ ମୃତ୍ୟୁଦଣ୍ଡ ବି କମ୍ ହୋଇଯିବ ବୋଲି ସ୍ଥାନୀୟ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଇଛି।

ଭିତରକୁ ଆଖି ଖୋଲୁ

ବିଚିତ୍ର ବିଶ୍ୱାଳ

ଗୋଟେ ଡଙ୍ଗାର ଚାରିପଟେ ଥିବା ପାଣି ପାଇଁ ଡଙ୍ଗାଟି ବୁଡ଼ିଯାଏ ନାହିଁ, ଡଙ୍ଗା ଭିତରେ ଥିବା ପାଣି ପାଇଁ ହିଁ ଡଙ୍ଗାଟି ବୁଡ଼ିଯାଏ। ସେହିପରି ଆମ ଚାରିପଟେ ହେଉଥିବା ଘଟଣା ସବୁ ପାଇଁ ଆମେ ଯେତିକି ଅସୁବିଧାରେ ପଡୁନାହିଁ, ଆମ ଭିତରେ ଘଟୁଥିବା ଘଟଣା ଯୋଗୁ ଆମେ ଅଧିକ ଅସୁବିଧାରେ ପଡ଼ିଥାଉ। ଯେତେବେଳେ ଆମେ ସମସ୍ୟାଗୁଡ଼ିକ ଉପରେ ଅଧିକ ଧ୍ୟାନ ଦେଉ, ସେତେବେଳେ ଆମକୁ ବହୁତ ସମସ୍ୟା ଦେଖାଯାଏ। ଯେତେବେଳେ ଆମେ ସୁଯୋଗ ପ୍ରତି ଧ୍ୟାନ କେନ୍ଦ୍ରିତ କରୁ, ସେତେବେଳେ ଅଧିକରୁ ଅଧିକ ସୁଯୋଗ ସୃଷ୍ଟି ହୁଏ।

କିଛି ଲୋକ ନିଜ ଜୀବନ କାହାଣୀକୁ ଦୁଃସାହସିକତାଭରା କରିବା ପାଇଁ ସମୁଦ୍ରରେ ପହଁରନ୍ତି, ପାହାଡ଼ ଚଢ଼ନ୍ତି ବା କଷ୍ଟପ୍ରଦ କାମ ସବୁ କରନ୍ତି। କିନ୍ତୁ ସବୁଠାରୁ ଅଧିକ ଦୁଃସାହସିକ କାର୍ଯ୍ୟ ହେଉଛି ନିଜକୁ ଜାଣିବା। ନିଜ ଅଭ୍ୟନ୍ତର ବିଷୟରେ ଯାହା ସତ ତାକୁ ଠିକ୍ ସେହି ଭାବେ ଜାଣିପାରିବା ହିଁ ହେଉଛି ଦୁନିଆର ସବୁଠାରୁ ଦୁଃସାହସିକ କାର୍ଯ୍ୟ। ଆମେ କେବେ ନିଜକୁ ଜାଣିବାକୁ ଚେଷ୍ଟା କରିଛେ କି? ବାସ୍ତବରେ ଆମର ନିଜ ସହିତ ସେପରି ସମ୍ପର୍କ ହିଁ ସ୍ଥାପନ ହୋଇନାହିଁ, ଯାହାଦ୍ୱାରା ଆମେ ନିଜକୁ ଜାଣିପାରିବା। ଆମେ ତ ସବୁବେଳେ ନିଜକୁ ଅନ୍ୟ ଆଖିରେ ଦେଖିବାରେ ଅଭ୍ୟସ୍ତ। ଅନ୍ୟମାନେ ଆମ ବିଷୟରେ କ'ଣ ଭାବୁଛନ୍ତି, କ'ଣ କହୁଛନ୍ତି ବା ଅନ୍ୟମାନେ କିପରି ଆମକୁ ଅଧିକ ଭଲ ପାଇବେ, ସମ୍ମାନ କରିବେ, ଆମେ ସବୁବେଳେ ସେଇଥିରେ ବ୍ୟସ୍ତ। ଆମ ପଡ଼ୋଶୀମାନଙ୍କ ଦ୍ୱାରା ଓ ଆମ ସହକର୍ମୀ ବା ସାଙ୍ଗମାନଙ୍କ ଦ୍ୱାରା ଆମେ ନିଜ ବିଷୟରେ ଜାଣୁଛେ। ଆମେ ନିଜକୁ ଜାଣିବା ପାଇଁ କେବେ ବି ନିଜ ଆଖିକୁ ନିଜ ଭିତରକୁ ନେଇନାହୁଁ। ଆମ ସମସ୍ତଙ୍କୁ ଏକୁଟିଆ ରହିବାକୁ ଭୀଷଣ ଭୟ ଲାଗେ ବା କ୍ଲାନ୍ତ ଲାଗେ। ତାହାର କାରଣ କେବେ ଆମେ ଖୋଜିବାକୁ ଚେଷ୍ଟା କରିଛେ କି? ଏକୁଟିଆ ରହିଲେ ନିଜ ସହ ନିଜର ଭେଟ ହୋଇଯାଏ। ଅର୍ଥାତ୍ ନିଜ ଭିତରେ ଥିବା ଦୋଷଗୁଣ ଆମ ସମ୍ମୁଖରେ ଉଜାଗର ହୋଇଯାଏ, ଯାହାକୁ ଦେଖିବାକୁ ଆମେ କେବେ ଚାହୁଁନା କି ଆମେ ଅଭ୍ୟସ୍ତ ବି ନୋହୁଁ। ତେଣୁ ଆମେ ସବୁବେଳେ ଆଉ ଜଣେ ମଣିଷ ବା ବାହ୍ୟ ଦୃଷ୍ଟିଟିଏ ଖୋଜୁଥାଉ ଆମକୁ ଦେଖିବା ପାଇଁ।

ଅନ୍ୟମାନେ ଆମକୁ ଭଲ କହିପାରନ୍ତି, କିନ୍ତୁ ଆମେ ଯଦି ନିଜ ଦୃଷ୍ଟିରେ ନିଜକୁ ଭଲ କହୁ ନ ଥିବା ତେବେ ଅନ୍ୟମାନେ ଯେତେ କହିଲେ ବି ଆମ ଅନ୍ତଃସତ୍ତା କେବେ ବି ସନ୍ତୁଷ୍ଟ ହୋଇପାରିବ କି? ଦିନସାରା ଆମେ ଯେତେ ପ୍ରଶଂସା, ସମ୍ମାନ ପାଇଲେ ବି ରାତିରେ ଶୋଇବା ବେଳକୁ ଯଦି ଶାନ୍ତି ଅନୁଭବ କରିପାରୁ ନାହୁଁ, ତା'ହେଲେ ଏହି ବାହ୍ୟ ପ୍ରଶଂସାରୁ ବା କ'ଣ ଲାଭ! ତେଣୁ ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଦେଖିପାରିବା ତଥା ନିଜର ଦୋଷଗୁଣକୁ ଚିହ୍ନି ତାକୁ ଦୂର କରିବା ପାଇଁ ପ୍ରୟାସ କରିବା ହିଁ ଅସଲ ପଦକ୍ଷେପ ହେବା ଉଚିତ। ଅନ୍ୟ ଅର୍ଥରେ କହିଲେ ତେତିଶ କୋଟି ଦେବତାଙ୍କ ବିଷୟରେ ଜାଣିବା, ତାଙ୍କ ଅଲୌକିକ କାରନାମା ଜାଣିବା ତଥା ତାଙ୍କ ପୂଜାବିଧି, ପ୍ରାର୍ଥନା ଜାଣିବା ଅପେକ୍ଷା ନିଜକୁ ଜାଣିବା ହିଁ ଅସଲ ଆଧ୍ୟାତ୍ମିକତା। ନିଜକୁ ଭଲ ଭାବେ ଚିହ୍ନିବା ଯଥା କେତେବେଳେ ମୋତେ ରାଗ ଲାଗୁଛି, କେତେବେଳେ ଅସ୍ଥିର ଲାଗୁଛି, କେତେବେଳେ ଖୁସି ଲାଗୁଛି ଓ ଅନ୍ୟର ସଫଳତା ଦେଖି କେମିତି ମୋତେ ଈର୍ଷା ଲାଗୁଛି ଆଦି ନିଜ ବିଷୟରେ ଜାଣିବା ହିଁ ଅସଲ ଆଧ୍ୟାତ୍ମିକତା। ସେସବୁକୁ ଜାଣି ସେସବୁରୁ ନକାରାତ୍ମକତାକୁ ଦୂରକରି ସକାରାତ୍ମକ ଦିଗରେ ଯାତ୍ରା କରିବା ହିଁ ଆଧ୍ୟାତ୍ମିକତା ପଥରେ ଯାତ୍ରା।

ଆମ ଶରୀରକୁ ଆରାମ ପ୍ରଦାନ କରିବା ପାଇଁ ଆମେ ଅନେକ ସମୟ ଅପଚୟ କରୁଛେ, ହେଲେ ଆମ ଅନ୍ତଃକରଣକୁ ଶାନ୍ତି ଦେବା ପାଇଁ ଆମେ କେବେ ସମୟ ଦେଉଛେ କି? ଏଥିପାଇଁ ଆମକୁ ନିଜ ଭିତରକୁ ଦେଖିବାକୁ ହେବ। ଆମ ମନର ବିଭିନ୍ନ କ୍ରିୟା ପ୍ରତିକ୍ରିୟା ପ୍ରତି ସଚେତନ ହେବାକୁ ହେବ। ନିଜକୁ ଚିହ୍ନିବାରୁ ନିବୃତ୍ତ ରହି ବାସ୍ତବରେ ଆମେ ଅନେକ ସମୟରେ ନିଜ ସହିତ ହିଁ ଛଳନା କରୁଛେ। ଯଦି ଆମେ ନିରେଖି ଦେଖିବା ତେବେ ପାଇବା ଯେ, ବାହାରର ଭୟ ଯୋଗୁ ଆମେ ଯେତିକି ଡରୁନା ତା'ଠାରୁ ଅଧିକ ଡରୁ ନିଜ ଭିତରେ ସାଇତା ହୋଇଥିବା ଭୟ ଯୋଗୁ। ଯେହେତୁ ଆମେ କେବେ ନିଜକୁ ଦେଖୁନା, ତେଣୁ ଆମେ ସବୁବେଳେ ବାହାରର ଭୟକୁ ଦମନ କରିବା ପାଇଁ ଚେଷ୍ଟା କରୁ। କିନ୍ତୁ ଅସଲ ଭୟ ତ ଆମ ନିଜ ଭିତରେ ଆରାମରେ ବସିଥାଏ।

ଆମେ ଯେହେତୁ ବାହାରକୁ ଦେଖିବାରେ ହିଁ ଅଭ୍ୟସ୍ତ, ତେଣୁ ଆମ ଭିତରେ ଥିବା ଶକ୍ତି ଓ ସାମର୍ଥ୍ୟକୁ ବି ଆମେ ଦେଖିପାରୁ ନାହିଁ। ତେଣୁ ପରିସ୍ଥିତି ସମ୍ମୁଖରେ ଆମେ ନିଜକୁ ଦୁର୍ବଳ ମନେକରୁ। ଯେତେବେଳେ ଆମେ ଶକ୍ତି ଓ ସାମର୍ଥ୍ୟର ସହିତ ପରିସ୍ଥିତିକୁ ସାମ୍ନା କରିବାକୁ ଆରମ୍ଭକରୁ ସେତେବେଳେ ଧୀରେ ଧୀରେ ଆମ ଭିତରେ ବିଶ୍ୱାସର ଦୀପଟିଏ ଜଳିଉଠେ। ସେହି ବିଶ୍ୱାସ ହିଁ ଆମକୁ ସଫଳତା ଦିଗରେ ବାଟ କଢ଼ାଏ। ଆଜିର ସୂଚନା ପ୍ରଯୁକ୍ତି ଯୁଗରେ ଆମେ ଅଧିକରୁ ଅଧିକ ବାହ୍ୟମୁଖୀ ହୋଇ ନିଜ ଭିତରକୁ ଦେଖିବା ଭୁଲି ଯାଉଛେ। ଯଦି ନିଜ ସହିତ ଆମର ସଂଯୋଗ ଥାଆନ୍ତା ତେବେ ଆମ ଭିତରେ ଥିବା ଶକ୍ତିକୁ ଆମେ ଚିହ୍ନିପାରି ପରିସ୍ଥିତିକୁ ଅଧିକ ପ୍ରସ୍ତୁତିର ସହିତ ସାମ୍ନା କରିପାରନ୍ତେ। ସୂଚନା ପ୍ରଯୁକ୍ତି ଗୁରୁତ୍ୱପୂର୍ଣ୍ଣ ଅଟେ, କିନ୍ତୁ ନିଜ ଭିତରକୁ ଚିହ୍ନିବା ବା ଜାଣିବା ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ନିଜ ଭିତରେ ହିଁ ଶାନ୍ତି ଅନୁଭବ କରିବା ଏକାନ୍ତ ଜରୁରୀ । ଏହି ଶାନ୍ତି ଅଧିକ ରୋଜଗାର, ସମ୍ମାନ ବା କାର୍ଯ୍ୟର ସିଦ୍ଧିରେ ନ ଥାଏ, ଏହା ନିଜ ଭିତରେ ଥାଏ। ଏହାକୁ ଅନୁଭବ କରିବା ପାଇଁ ଆମ ଅନ୍ତଃଚକ୍ଷୁକୁ ନିଜ ଦିଗରେ ପ୍ରସାରିତ କରିବାକୁ ହେବ। ଆମେ ପ୍ରଥମେ ନିଜକୁ ଚିହ୍ନି ନିଜକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହୋଇପାରିଲେ ହିଁ ବାହ୍ୟ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ଅଧିକ ସଫଳ ହୋଇପାରିବା।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,

bichitrabiswal@gmail.com

ଚିରନ୍ତନୀ

ଭବିଷ୍ୟର ଅନ୍ଧକାର–ପଥ ସେ ଯେ କଲା ନିରାମୟ
ତବ ଅଭିଜ୍ଞତା ତହିଁ ଆଶୀର୍ବାଦ ଦେଲା ବରାଭୟ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

su|do|ku ସୁ–ଡୋ–କୁ

9	8						1		7					A
				9			D			A		1	E	7
	3		0		2	C						D		8
						4		3	C				9	
7	C	E		5	3			9	1					
	6			1						5	C		4	0
								4		9	E	5		
			A									E	7	6
4	5					E		B	6				A	
D			B	8	6								1	C
			D			0				3	B	C		
B			3				7	E	8		0	2	5	
					A		C	8	9		1	7	6	3
3						6			5	E				
6								2						

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

9	3	B	0	C	8	5	1	D	6	A	7	E	2	4
4	C	7	2	6	D	B	0	A	3	E	9	5	1	8
D	A	2	E	4	7	8	9	3	1	5	B	6	0	C
E	5	0	9	B	1	4	6	C	2	D	8	7	A	3
8	1	6	3	5	A	2	7	E	4	0	C	D	9	B
2	D	4	6	8	C	0	A	7	5	1	3	9	B	E
A	B	5	7	9	4	1	D	2	0	8	E	3	C	6
C	7	E	1	A	3	6	B	8	9	4	D	2	5	0
0	6	3	5	D	2	C	E	9	7	B	A	8	4	1
1	9	8	B	0	E	3	5	4	C	2	6	A	D	7
6	4	9	D	3	0	7	2	5	E	C	1	B	8	A
5	8	A	C	E	6	D	3	0	B	9	4	1	7	2
B	E	C	4	1	5	A	8	6	D	7	2	0	3	9
3	2	D	A	7	B	9	C	1	8	6	0	4	E	5
7	0	1	8	2	9	E	4	B	A	3	5	C	6	D

ଗତକାଲିର ଉତ୍ତର

ପାଠକ ଶ୍ରେଷ୍ଠ ବିଚାରକ

ଏବେ ହେଲେ ଚେତାପଶୁ

ମହାଶୟ,

ମୁଜାଫରପୁର ପରେ ଓଡ଼ିଶାର ଢେଙ୍କାନାଳ। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୧୫ କି.ମି. ଦୂର ବେଲଟିକିରିଠାରେ ବେଆଇନ ଭାବେ ପରିଚାଳିତ ସେଲ୍ଟର ହୋମ୍ କେଳେଙ୍କାରୀ ଚହଳ ପକାଇଦେଇଛି। ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବ କେବେ ? ମଦ କାରଖାନା ପାଇଁ ଗଛକଟା ମାମଲାରେ ଜିଲା ପ୍ରଶାସନ ନିନ୍ଦିତ ହେଲା ପରେ ବି କିଛି ଶିଖିଲା ନାହିଁ। ପୁଣି ସେଲ୍ଟର ହୋମ୍ ଘଟଣା ପରେ ଲୋକେ ପ୍ରଶାସନର ଦକ୍ଷତାକୁ ସନ୍ଦେହ ଚକ୍ଷୁରେ ଦେଖିଲେଣି। ସମ୍ପୃକ୍ତ ଗୁଡ୍ ନ୍ୟୁଜ୍ ସଂସ୍ଥାର ପ୍ରତିଷ୍ଠାତା, ପରିଚାଳନା ସହ ଜଡିତ ସମସ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ଜରୁରୀ। ତା'ସହ ସମ୍ପୃକ୍ତ ଅଧିକାରୀଙ୍କୁ ନିଲମ୍ବିତ କରି ବିହିତ ତଦନ୍ତ କରାଯାଉ। ସରକାର ସାରା ରାଜ୍ୟରେ ଚାଲୁଥିବା ସମସ୍ତ ଆଶ୍ରୟଗୃହର ସ୍ଥିତି ପ୍ରତିମାସରେ ଯାଞ୍ଚ କରାନ୍ତୁ। ସେମାନଙ୍କ ଆୟ ଉତ୍ସର ମଧ୍ୟ ଯାଞ୍ଚ କରାଯାଉ।

ଅରୁଣ କୁମାର ଦାସ, କାଶିପୁର, ବଳରାମପୁର, କେନ୍ଦୁଝରଗଡ଼, କେନ୍ଦୁଝର

ଅଘୋଷିତ ଆୟ ଖୁଲାସା

ଆୟକର ବିଭାଗ ଦ୍ୱାରା ଆୟ ଘୋଷଣା ସ୍କିମ୍ ଅଧୀନରେ ୪ ମାସ ମଧ୍ୟରେ ସମଗ୍ର ଦେଶରୁ ୬୫,୨୫୦ କୋଟି ଟଙ୍କାର ଅଘୋଷିତ ଆୟର ଖୁଲାସା ହୋଇଥିଲା। ସେଥିରେ ଗୁଜରାଟବାସୀଙ୍କର ଅଂଶ ଥିଲା ୨୯ ପ୍ରତିଶତ। ଆୟକର ବିଭାଗ ତରଫରୁ ଘୋଷଣା କରାଯାଇଥିବା ଏହି ସ୍କିମ୍ ଅଧୀନରେ ଗତ ୨୦୧୬ ଜୁନରୁ ସେପ୍ଟେମ୍ବର ମଧ୍ୟରେ ଗୁଜରାଟରୁ ଏହି ପରିମାଣର ଅଘୋଷିତ ଆୟର ଖୁଲାସା ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଆର.ଟି.ଆଇ.ରେ ଏହି ତଥ୍ୟ ମିଳିବାକୁ ଦୁଇବର୍ଷ ଲାଗିଥିଲା। ଏହା କେବଳ ସମ୍ଭବ ହେଲା ମୁଖ୍ୟ ସୂଚନା ଆୟୋଗଙ୍କ ନିର୍ଦ୍ଦେଶ ଫଳରେ। ଏଭଳି ତଥ୍ୟ ପ୍ରକାଶ ପାଇବା ଫଳରେ ଗୁଜରାଟରେ ଗତ ଦୁଇ ଦଶନ୍ଧି ଧରି ଭାରତୀୟ ଜନତା ପାର୍ଟି ସ୍ୱଚ୍ଛ ଓ ସୁଶାସନ ଦେଇଆସୁଛି ବୋଲି ଯେଉଁ ଦାବି କରାଯାଉଛି, ସେଥିରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

୨୫ ବର୍ଷ ତଳର ଧରିତ୍ରୀ

୨୭ ଡିସେମ୍ବର ୧୯୯୩

- ଉତ୍ତର କୋରିଆର ଅଣୁ କାର୍ଯ୍ୟକ୍ରମକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟା ସମାଧାନରେ ମଧ୍ୟସ୍ଥତା ପାଇଁ ଜାତିସଂଘର ପ୍ରସ୍ତାବକୁ ଉତ୍ତର କୋରିଆର ପ୍ରତ୍ୟାଖ୍ୟାନ।
- ଏଲ୍‌ଟିଟିଇ ବିରୋଧରେ ଶ୍ରୀଲଙ୍କାର ଉତ୍ତର–ପୂର୍ବାଞ୍ଚଳ ରାଜ୍ୟରେ ଚାଲିଥିବା ଅଭିଯାନକୁ ଖ୍ରୀଷ୍ଟମାସ କିମ୍ବା ନୂଆବର୍ଷ ପରିପ୍ରେକ୍ଷୀରେ ବନ୍ଦ କରାଯିବ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ।
- ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ନୂତନ ଭାବେ ପ୍ରବର୍ତ୍ତିତ ଅତିବଡ଼ୀ ପୁରସ୍କାର ପ୍ରଦାନ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରୋ

ସଂକ୍ଷେପରେ

ସ୍ୱାମୀଙ୍କୁ ସ୍ତ୍ରୀ ହତ୍ୟା କରିବା ଘଟଣାରେ ପ୍ରେମିକ ଗିରଫ

ସମ୍ବଲପୁର/ଚିପଲିମା,୨୬।୧୨(ବ୍ୟୁରୋ।/ଡି.ଏନ.ଏ): ସମ୍ବଲପୁର ଜିଲା ବୁର୍ଲା ଥାନା ସାତୁପାଲି ଗ୍ରାମରେ ଶନିବାର ବିଳମ୍ବିତ ରାତିରେ କୃଷ୍ଣଚନ୍ଦ୍ର ବେସ୍ରାଙ୍କୁ ହତ୍ୟା ଘଟଣାରେ ଆଉ ଜଣେ ଗିରଫ ହୋଇଛନ୍ତି। ସେ ହେଲେ କୃଷ୍ଣଚନ୍ଦ୍ରଙ୍କ ସ୍ତ୍ରୀ ବାନ୍ଧବୀଙ୍କ ପ୍ରେମିକ ରଞ୍ଜିତ ସିଂ। ୨୩ ତାରିଖରେ ପୋଲିସ କୃଷ୍ଣଚନ୍ଦ୍ରଙ୍କ ସ୍ତ୍ରୀ ବାନ୍ଧବୀଙ୍କୁ ଗିରଫ କରିଥିଲା। ଶେଷରେ ବୁଧବାର ଫେରାର ଅଭିଯୁକ୍ତ ତଥା ବାନ୍ଧବୀଙ୍କ ପ୍ରେମିକ ରଞ୍ଜିତ ଧରାପଡିଛନ୍ତି। ପୋଲିସ କହିବା ଅନୁସାରେ ବାନ୍ଧବୀ ଓ ରଞ୍ଜିତଙ୍କ ମଧ୍ୟରେ ଗତ ୪ ବର୍ଷ ହେଲା ପ୍ରେମ ସମ୍ପର୍କ ରହିଥିଲା। ଏହାକୁ କୃଷ୍ଣ ବିରୋଧ କରିଥିଲେ। ହେଲେ ସବୁଦିନ ପାଇଁ ତାଙ୍କୁ ରାସ୍ତାରୁ ହଟାଇଦେବାକୁ ଏ ଦୁହେଁ ହତ୍ୟା କରିବାକୁ ଯୋଜନା କରିଥିଲେ। ୨୨ ତାରିଖ ରାତିରେ ବାନ୍ଧବୀ ଓ ପ୍ରେମିକ ରଞ୍ଜିତ ମିଶି ଧାରୁଆ ଅସ୍ତ୍ରରେ କୃଷ୍ଣଚନ୍ଦ୍ରଙ୍କୁ ହତ୍ୟା କରିଥିଲେ। ହତ୍ୟା କରିବା ପରେ ମୃତଦେହକୁ ବାହାରକୁ ନେଇ ଫିଙ୍ଗିବାକୁ ଏକ ଅଟୋ ବ୍ୟବହାର କରିଥିଲେ। ପୋଲିସ ଉକ୍ତ ଅଟୋ ସହ ହତ୍ୟାରେ ବ୍ୟବହୃତ ଅସ୍ତ୍ରକୁ ଜବତ କରିଛି।

ଦେବଝରନ ଜଳ ପ୍ରପାତରେ ଗାଧୋଇବା ବେଳେ ଯୁବକଙ୍କ ମୃତ୍ୟୁ

ସମ୍ବଲପୁର,୨୬।୧୨(ବ୍ୟୁରୋ) ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ପର୍ଯ୍ୟଟନସ୍ଥଳ ଦେବଝରନ ଜଳ ପ୍ରପାତରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଅଗ୍ନିଶମ ବିଭାଗ ରପ୍ରାୟ ଅଧଘଣ୍ଟା ଧରି ପାଣିରେ ବୁଡି ଖୋଜାଖୋଜି କରିବା ପରେ ମୃତଦେହ ପାଇଥିଲା। ଏହି ଯୁବକ ଜଣକ ହେଲେ ବିହାର ରହତାସ ଜିଲା ପଥରା ଗ୍ରାମର ଅମରେନ୍ଦ୍ର ରଣା (୩୨)। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମଙ୍ଗଳବାର ବଡଦିନ ଉପଲକ୍ଷେ ଆଦିତ୍ୟ ବିର୍ଲାରେ ମେକାନିକାଲ ସୁପରଭାଇଜର ଭାବେ କାମ କରୁଥିବା ୧୯ ଜଣ କର୍ମଚାରୀ ଏଠାକୁ ବଣ ଭୋଜି କରିବାକୁ ଆସିଥିଲେ। ପ୍ରାୟ ୪ଟା ସମୟରେ ସମସ୍ତେ ଜଳ ପ୍ରପାତକୁ ଗାଧୋଇବାକୁ ଯାଇଥିଲେ। ପାଣି ଭିତରକୁ ଡେଇଁ ଗାଧୋଇବା ସମୟରେ ଅମରେନ୍ଦ୍ର ପଥରରେ ବାଡେଇ ହୋଇ ଯାଇ ବୁଡି ଯାଇଥିଲେ। ସାଙ୍ଗମାନେ ଖୋଜା ଖୋଜି କରିବା ପରେ ପାଇ ନ ଥିଲେ। ରାତିରେ ଯୁଯୁମୁରା ଥାନାକୁ ଯାଇ ଅଭିଯୋଗ କରିଥିଲେ। ହେଲେ ପୋଲିସ ବୁଧବାର ସକାଳେ ତଦନ୍ତ ଆରମ୍ଭ କରିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପାଣିରେ ବୁଡି ମୃତଦେହକୁ ଖୋଜି ଥିଲେ।

ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ

ଦଳକୁ ପ୍ରଶଂସାରେ ପୋତିଦେଲେ ନେତା

ସମ୍ବଲପୁର ଟାଉନହଲ୍‌ରେ ଆୟୋଜିତ ବିଜେଡି ପ୍ରତିଷ୍ଠା ଦିବସରେ ଉପସ୍ଥିତ ଥିବା ଦଳର ନେତାମାନେ।

ରେଙ୍ଗାଲି ବ୍ଲକର ନୂଆରମ୍ଭେଲାଠାରେ ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଦଳୀୟ ନେତୃବୃନ୍ଦ।

ସମ୍ବଲପୁର,୨୬।୧୨(ବ୍ୟୁରୋ)

ସମ୍ବଲପୁର ବିଧାନସଭା ମଣ୍ଡଳୀ ପକ୍ଷରୁ ୨୧ତମ ବିଜେଡି ପ୍ରତିଷ୍ଠା ଦିବସ ଟାଉନ ହଲରେ ପାଳିତ ହୋଇଛି। ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୂଜା ଅର୍ଚ୍ଚନା କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟ ସରକାରଙ୍କ ଲୋକାଭିମୁଖି ଯୋଜନା ଗୁଡିକ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଯାଇଥିଲା। ନିଜ ଦଳକୁ ନେତା ଓ କର୍ମକର୍ତ୍ତା ପ୍ରଶଂସାରେ ପୋତି ପକାଇ କେନ୍ଦ୍ର ସରକାର ଉପରେ ବର୍ଷିଥିଲେ। ବିଧାୟିକା ପାଣିଗ୍ରାହୀ ନିଜ ବ୍ୟକ୍ତବ୍ୟରେ କହିଥିଲେ ଯେ ସମ୍ବଲପୁର ବିକାଶ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛି। ରାଜ୍ୟ ସରକାର ସାଢେ ୪ ବର୍ଷରେ ସମ୍ବଲପୁର ନିର୍ବାଚନ ମଣ୍ଡଳୀକୁ ସର୍ବାଧିକ ୩ ହଜାର କୋଟି ଟଙ୍କାର ଅନୁଦାନ ରାଶି ଦେଇଛନ୍ତି। ମହାନଦୀରେ ଦ୍ୱିତୀୟ ସେତୁ, ବୁର୍ଲାରେ ପ୍ଲାନୋଟରିୟମ, ସାଇନ୍ସ ପାର୍କ, ରିଙ୍ଗରୋଡ ଦୋହରୀ କରଣ, ୧୦ରୁ ଅଧିକ ବଡ କଲ୍ୟାଣ ମଣ୍ଡପ, ବିଭିନ୍ନ ପଡାରେ ରାସ୍ତା ନିର୍ମାଣ, ପୁରାତନ ପୋଖରୀଗୁଡିକ ପୁନରୁଦ୍ଧାର କରାଯାଇଛି। ସହର ମୁଖ୍ୟ ରାସ୍ତା ଗୁଡିକରେ ଆଲୋକୀକରଣ କରାଯାଇଛି। ଆଉ କିଛି ସମସ୍ୟା ରହିଛି, ତାହା ଖୁବ ଶୀଘ୍ର ଦୂର କରାଯିବ ବୋଲି ସେ କହିଥିଲେ। ସେହିପରି ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ ଓଡିଶା ବିକାଶରେ ଦିଗରେ ଦେଶରେ ଭଲ ସ୍ଥାନ ଗ୍ରହଣ କରିଛି ବୋଲି କହିଥିଲେ। ଜିଲା ସଭାପତି ପ୍ରମୋଦ ରଥ ସମସ୍ତେ ଏକାଠି ହୋଇ କାମ କରିବା ସହ ଦଳକୁ ମଜବୁତ କରିବାକୁ କହିଥିଲେ। କୃଷ୍ଣବିହାରି ଦାସ ବିଧାୟିକା କରିଥିବା ଉନ୍ନୟନମୂଳକ କାମ ଉପରେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଞ୍ଜିତ ମହାନ୍ତି, ଏସଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି, ଆର୍ତ୍ତତ୍ରାଣ ମିଶ୍ର, ଆଶୋକ ସେନାପତି, ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରମିଳା ବହିଦାର, ଚନ୍ଦ୍ର ଲେଖା ବହିଦାର, ଉଷା ପ୍ରାଧନ, କବିତା ପୁରୋହିତ, ଶ୍ୟାମ ସୁନ୍ଦର ମୁଣ୍ଡା, ପ୍ରଶାନ୍ତ ହାଓ, ସୁବାସ ଜେନା, ମହମ୍ମଦ ଜାଫର, ଶଙ୍କର ପଣ୍ଡା, ମିଳନ ହେତା, ଶାନ୍ତନୁ କୁମାର ବଡପଣ୍ଡା, ଦେବାଶିଷ ନନ୍ଦ, ପ୍ରଫୁଲ କୁମାର ଦାସ, ମୋହିତ ନାଏକ, ସୁବେଶ ମୁଣ୍ଡା ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ହୀରାକୁଦ ରେମେଡ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶାନ୍ତନୁ ବଡପଣ୍ଡାଙ୍କ ପରିଚାଳନାରେ ସଭା ଅନୁଷ୍ଠିତ ହୋଇଥିଲା। ଭାସ୍କର ଦାଶ, ସୁବ୍ରତ ଦଲେଇ, ଯୋଗେନ୍ଦ୍ର ସାହୁ, ସତ୍ୟପୀର ପ୍ରଧାନ, ଶାନ୍ତନୁ ସାହୁ, ସୁଶୀଲ ବାରିକ, ସୀମାଞ୍ଚଳ ସାହୁ, ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

ରୋଗୀମାନଙ୍କୁ ଫଳ ବଣ୍ଟନ

ରେଢ଼ାଖୋଲ,(ଡି.ଏନ.ଏ.)–ରେଢ଼ାଖୋଲ ବିଜେଡି କାର୍ଯ୍ୟାଳୟରେ ଦଳର ୨୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ନଗର ସଭାପତି ସୁରେନ୍ଦ୍ର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ବିଧାୟକ ରୋହିତ ପୂଜାରୀ, ବ୍ଲକ ସଭାପତି ଉଦିତ ତ୍ରିପାଠୀ, ନାକ୍ଟିଦେଉଳ ବ୍ଲକର ମୁଳିଆ ରାଉଳ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, କାଉନସିଲର ଜ୍ଞାନରଂଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପବନ୍ଧୁ ବାହୁକ, ଲକ୍ଷ୍ମଣ ପ୍ରଧାନ, ସରପଞ୍ଚ ଅଶ୍ୱିନୀ ପ୍ରଧାନ, ସୂର୍ଯ୍ୟ କାନ୍ତ ପ୍ରଧାନ, ଗୋଲେଖ ପ୍ରଧାନ, ସମବାୟ ସମିତି ସଭାପତି ଲକ୍ଷ୍ମଣ ପ୍ରଧାନ, ଭିକାରୀ ଚରଣ ପ୍ରଧାନ, ଚିନ୍ମୟ ପଣ୍ଡା ବାସୁଦେବ ପୃଷେଠ, କ୍ଷୀରୋଦ ଖିଲାରୀ, ବିଶ୍ୱରଞ୍ଜନ ପ୍ରଧାନ, ସଞ୍ଜୟ ଗୌଡଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏ ଅବସରରେ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

ଦଳର ସଫଳତା ବଖାଣି ଭାଜପା ଉପରେ ଗର୍ଜିଲେ ନେତା

ଚିପିଲିମା, (ଡି.ଏନ.ଏ)–ସମ୍ବଲପୁର ଧନକଉଡା ବ୍ଲକ ପକ୍ଷରୁ କିଲାସମା ପ୍ରଧାନପାଲି ଛକରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏଥିରେ ଯତିନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ରେଙ୍ଗାଲି ବିଧାୟକ ରମେଶ ପଟୁଆ ଯୋଗ ଦେଇ ବିଜେଡିର ସଫଳତା ଓ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୂଚନା ଦେବା ସହ ଭାଜପା ଉପରେ ବର୍ଷିଥିଲେ। ଆର୍ତ୍ତ ମିଶ୍ର, କୁମାର ଚାନ୍ଦ ରାଉତ, ଗୋପାଳ ଅଗ୍ରୱାଲ, ଆଦିତ୍ୟ ପଟ୍ଟନାୟକ, ସୁଶାନ୍ତ ଓନସନା, କାହ୍ନୁ ମିଶ୍ର, ହୀରାଲାଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ବରିଷ୍ଠ ବିଜେଡି ନେତା ଏମବି ପ୍ୟାରିରାଜଙ୍କ ପରଲୋକରେ ପ୍ରାର୍ଥନା କରାଯାଇଥିଲା। କଳାମାଟି ସରପଞ୍ଚ ଶ୍ରୀହରୀ ନାଗ, ହୀରାଲାଲ ବେହେରା, କାହ୍ନୁଚରଣ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶତାଧିକ କାର୍ମୀ, ଏସଏଚଜି ମହିଳା ଯୋଗ ଦେଇଥିଲେ। ସେହିପରି ବୁର୍ଲା ନଗର ବିଜେଡି ସଭାପତି ଦେବାଶିଷ ନନ୍ଦଙ୍କ ଅଧ୍ୟକ୍ଷତାରେ ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶାନ୍ତିଲତା ସ୍ୱାଇଁ, ତରଣିସେନ ଚାନ୍ଦ, ବାପି ପଣ୍ଡା, ବିଭୀଷଣ ବେସର, ଶଙ୍କର ପ୍ରସାଦ, ଜୟନ୍ତ ଦାସ, ଉମାଶଙ୍କର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଜ୍ୟୋତିବିହାରସ୍ଥିତ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଦେବାଶିଷ ନନ୍ଦ, ଶାନ୍ତିଲତା ସ୍ୱାଇଁ, ତରଣୀସେନ ଚାନ୍ଦ, ରମାକାନ୍ତ ସାହୁ, ରାଜେନ୍ଦ୍ର ପରିଡ଼ା, ଅଶୋକ ସାମଲ, ଲୋଚନ ପ୍ରଧାନ, ବାପି ପଣ୍ଡା, ବିଭୀଷଣ ଭିସାର, ବିଶ୍ୱ ଧର, ମହମ୍ମଦ ଜାହାଙ୍ଗିର, ଶଙ୍କର ପ୍ରଶାଦ, ରାମ ସାହୁ, ଜୟନ୍ତ ଦାସ, ଲଳିତ କୁମାର, ଉମାଶଙ୍କର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

କଥା ନୁହେଁ, ଆମେ କାମରେ କରି ଦେଖାଉଛୁ

ରେଙ୍ଗାଲି, (ଡି.ଏନ.ଏ.)–ରେଙ୍ଗାଲି ବ୍ଲକର ନୂଆରମ୍ଭେଲାଠାରେ ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଆମେ ଅନ୍ୟ ଦଳ ଭଳିଆ କିଲେଇ କରି ନାହିଁ କହିଁ କରି କରି ଦେଖାସୁଁ ବୋଲି ଉପସ୍ଥିତ ବିଜେଡି ନେତା କହିଥିଲେ। ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ ଏଥିରେ ସଭାପତିତ୍ୱ କରିଥିଲେ। ରେଙ୍ଗାଲି ବିଧାୟକ ରମେଶ ପଟୁଆ, କିରଣ ବେହେରା, ସନ୍ତୋଷିନୀ ନାଏକ, ସ୍ୱାଗତିକା ମହାନ୍ତି, ଶଶିଭୂଷଣ ସାହୁ, କବିରାଜ ବଢ଼େଇ, ବିଶ୍ୱକେଶନ ବିଶ୍ୱାଳ, ବୃନ୍ଦାବନ ସାହୁ, ଇଂ. ଗାନ୍ଧି ବେହେରା, ମୁକୁନ୍ଦ ବେହେରା, ଜୟତରଥ ବିଶ୍ୱାଳ, ହରିଶଙ୍କର ବେହେରା, ମୁରାରୀ ବିଶ୍ୱାଳ, ଶେଷଦେବ ପ୍ରଧାନ, ପ୍ରଦୀପ ସାହୁ, ବାବଲୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଭାଜପା ବିଧାୟକଙ୍କ ଅପାରଗତା ଯୋଗୁ ବିକାଶ ବାଧାପ୍ରାପ୍ତ

କୁଚିଣ୍ଡା,(ଡି.ଏନ.ଏ.)–କୁଚିଣ୍ଡାଠାରେ ବିଜୁ ଜନତା ଦଳ ପକ୍ଷରୁ ଦଳର ୨୧ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ସ୍ଥାନୀୟ ନ୍ୟୁ କଲ୍ୟାଣ ମଣ୍ଡପଠାରେ କୁଚିଣ୍ଡା ବ୍ଲକ ବିଜେଡି ଏବଂ ନଗର ବିଜେଡି ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ କୁଞ୍ଜବିହାରୀ ଦାସ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ତିଲୋତ୍ତମା ନାୟକ, ବାମରା ଜିଲା ପରିଷଦ ସଭ୍ୟା କୁମୁଦିନୀ ପଟେଲ, ବରିଷ୍ଠ ନେତା ଭୁବନେଶ୍ୱର କିସାନ, ବାବୁଲୁ ନାୟକ, ଅଭିଲାଷ ଅଗ୍ରୱାଲ, ଗଣେଶରାମ ଅଗ୍ରୱାଲ, ସୁବାସ ନାୟକ, ବରିଷ୍ଠ ନେତା ଗଗନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଅମୂଲ୍ୟ ମିଶ୍ର ସଭାପତିତ୍ୱ କରିଥିଲେ। କୁଚିଣ୍ଡାରେ ଭାଜପା ବିଧାୟକଙ୍କ ଅପରାଗତା ଯୋଗୁ ବିକାଶ ବାଧାପ୍ରାପ୍ତ ହେଉଛି। ଏଣୁ ଏଥର ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ କର୍ମୀମାନେ ଆପ୍ରାଣ ଉଦ୍ୟମ କରନ୍ତୁ ବୋଲି ବକ୍ତାମାନେ ଉଦବୋଧନ ଦେଇଥିଲେ। ଅନ୍ୟପକ୍ଷେ ଦଳପକ୍ଷରୁ ଗରିବ ଏବଂ ନିଃସହାୟ ପରିବାରର ସଦସ୍ୟମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି।

ଜମନକିରା,(ଡି.ଏନ୍.ଏ.)–ଜମନକିରା ପୁରୁଣା ଥାନା କୃଷକ ଖଳାସ୍ଥିତ ମଣ୍ଡପରେ ବୁଧବାର ବ୍ଲକ୍‌ସ୍ତରୀୟ ବିଜେଡ଼ି ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଚୁଡ଼ାମଣି ପଟେଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ବିଜେଡ଼ି ସଭାପତି ଡ. ପ୍ରମୋଦ ରଥ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ନାଏକ, ବ୍ଲକ୍ ମହିଳା ସଭାନେତ୍ରୀ ପ୍ରମିଳା ପଟେଲ, ଆଦିପ୍ରସାଦ ମହାକୁଳ, ସୁଶାନ୍ତ ମେହେର, କୁନା ଦାସ, ମିଳନ ଖୁଣ୍ଟିଆ, ମିନୁ ଦେବନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରଜ ସେଠ, ସୁରେଶ ବାଘ, ଆନନ୍ଦ ପଟେଲ, ଭକ୍ତବନ୍ଧୁ ବେହେରା, ସଜନ ଅଗ୍ରୱାଲ, ଅମିତ ନାଏକ, ରିପନ ପଟେଲ, ସୁଦର୍ଶନ ଖୁଣ୍ଟିଆ, ଗୋପାଲ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

ବାମରା,(ସ୍ୱ.ପ୍ର.)–ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ ସେଗାପଡାରେ ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାମରା ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, କୁନା ଦାସ, ଜିଲା ପରିଷଦ ସଭ୍ୟା କୁମୁଦିନୀ ନାଏକ, ଜୟନ୍ତୀ ନାଏକ, ତୁଳସୀ ମଞ୍ଜରୀ ବହିଦାର ପ୍ରମୁଖ ଯୋଗ ଦେଇଥିଲେ। ରାଜୁ ଶୁକ୍ଳା, ଆକାଶ ଦୀକ୍ଷିତ, ସତ୍ୟଜିତ ନାଏକ, ବାଦଲ ରାଏ, ଶ୍ୟାମସୁନ୍ଦର ଧର, ସୁବାସ ଶର୍ମା, ରାଜତିଳକ ରାଏ ପ୍ରମୁଖ ଯୋଗ ଦେଇଥିଲେ।

ଲୋକେ ଚେୟାର ଛାଡ଼ିଦେବାରୁ ବ୍ୟସ୍ତ ହୋଇ ପଡିଲେ ରାସେଶ୍ୱରୀ

ସମ୍ବଲପୁର ଟାଉନ ହଲ ପଡିଆରେ ବିଜେଡି ପ୍ରତିଷ୍ଠା ଦିବସ ସଭାରେ ନେତା ବେଶ୍ ଭାଷଣ ଦେଇ ଚାଲିଥାନ୍ତି। ହେଲେ ଉପସ୍ଥିତ ଲୋକେ ଉଠି ଚାଲି ଯାଇଥିଲେ। ଆଉ ଅପେକ୍ଷା କରି ହେବନି ଘରକୁ ଯିବା ଚାଲ ବୋଲି କହି ଚେୟାର ଛାଡିଥିଲେ। ଏହା ଦେଖି ବିଧାୟିକା ପାଣିଗ୍ରାହୀ ବ୍ୟସ୍ତ ହୋଇ ପଡିଥିଲେ। ମାଇକ ପାଖକୁ ଆସି ୧୦ ମିନିଟ୍ ରହିଯାଅ, ସଭା ସରିଯିବ। ସମସ୍ତଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ରହିଛି। ଖାଇକି ଯିବ ବୋଲି କହିଥିଲେ। ହେଲେ କିଛି ଲୋକ କଥା ନ ଶୁଣି ଚାଲି ଯାଇଥିବା ଦେଖିବାକୁ ମିଳିଥିଲା।

ଖାଲି ପଡ଼ିଥିଲା ଚଉକି

ସମ୍ବଲପୁର ସହର ସମେତ ବୁର୍ଲା, ହୀରାକୁଦରୁ ବିଜେଡି କର୍ମୀମାନେ ଯୋଗ ଦେଇଥିଲେ। ବିଭିନ୍ନ ପଡାରୁ ଶୋଭାଯାତ୍ରାରେ ଆସି ଲୋକେ ସଭାରେ ଯୋଗ ଦେଇଥିଲେ। ହେଲେ ପଛ ପଟରେ ଚଉକି ଗୁଡିକ ଖାଲି ପଡିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଚଉକି ଅଧିକ ଲୋକ କମ୍ ଥିବା ବୋଲି କିଛି ଲୋକେ କହୁଥିଲେ।

ନାରାବାଜି ପାଇଁ ଚୁପ୍ ରହିଗଲେ ପ୍ରମୋଦ

ବିଧାୟିକାଙ୍କଠାରୁ ଆରମ୍ଭ କରି ଜଣକ ପରେ ଜଣେ ଦଳୀୟ ନେତା ଉଦ୍‌ବୋଦନ ଦେଉଥିଲେ। ମଞ୍ଚ ସମ୍ମୁଖରେ ଥିବା କର୍ମୀମାନେ ନେତାଙ୍କ ନାମ ନେଇ ଜିନ୍ଦାବାଦର ନାରା ବାଜି କରୁଥିଲେ। ଯାହାକି ନେତାଙ୍କୁ ବେଶ୍ ଉତ୍ସାହିତ କରୁଥିଲା। ଦଳର ସଭାପତି ପ୍ରମୋଦ ରଥ ଉଦ୍‌ବୋଧନ ଦେବା ସମୟରେ ମଧ ସେଭଳି ପରିସ୍ଥିତି ହୋଇଥିଲା। କିଛି ସମୟ ସଭାପତି ରଥ ଚୁପ୍ ହୋଇ ଯାଇଥିଲେ। କର୍ମୀମାନେ ନରାବାଜି ବନ୍ଦ କରିବା ପରେ ଧନ୍ୟବାଦ କହି ପୁଣି ଉଦ୍‌ବୋଧନ ଆରମ୍ଭ କରିଥିଲେ। ହେଲେ ଅଳ୍ପ କିଛି କହି ଭାଷଣ ବନ୍ଦ କରିଥିଲେ।

ପ୍ୟାରିରାଜଙ୍କୁ ପ୍ୟାରୀ ମହାପାତ୍ର ବୋଲି କହିଦେଲେ ରାସେଶ୍ୱରୀ

ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ସଭା କାର୍ଯ୍ୟ ଆରମ୍ଭ ପୂର୍ବରୁ ବିଜେଡି ନେତା ଏମଭି ପ୍ୟାରିରାଜଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିବାକୁ କହିଥିଲେ। ହେଲେ ଭୁଲ୍ ବସତଃ ପ୍ୟାରିରାଜଙ୍କ ବଦଳରେ ପ୍ୟାରି ମହାପାତ୍ର କହି ଦେଇଥିଲେ। ଏହାକୁ ନେଇ ଉପସ୍ଥିତ ନେତା ଓ କର୍ମକର୍ତ୍ତା ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଅବଶ୍ୟ ସଙ୍ଗେ ସଙ୍ଗେ ବିଧାୟିକା ତ୍ରୁଟି ସଂଶୋଧନ କରି ପୁଣି ପ୍ୟାରିରାଜ ବୋଲି କହିଥିଲେ। ଶୋକ ପାଳନ ପରେ ସଭା କାର୍ଯ୍ୟ ଚାଲିଥିଲା।

ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ସମ୍ବଲପୁର, ୨୬।୧୨ (ବ୍ୟୁରୋ)

ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ବୁଧବାର ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ୩ଶହରୁ ଅଧିକ ବରିଷ୍ଠ ନାଗରିକ ସାମିଲ ହୋଇଥିଲେ। ଲେଡିଲୁଇସ୍ ଗର୍ଲ୍ସ ହାଇସ୍କୁଲ ଛାତ୍ରୀମାନେ ସମସ୍ତଙ୍କୁ ଫୁଲ ଚନ୍ଦନ ଲଗାଇ ସ୍ୱାଗତ କରିଥିଲେ। ଏହାପରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ବିଭାଗୀୟ ଅଧିକାରୀ ରବୀନ୍ଦ୍ରନାଥ ଶତପଥୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସହ ଆଲୋଚନା କରିଥିଲେ। ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରେଡକ୍ରସ ସମ୍ପାଦକ ଜୟ ଜର୍ଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦୀ, ବରିଷ୍ଠ ନାଗରିକ ଜାତୀୟ କାଉନସିଲ୍ ସଭ୍ୟ ପ୍ରଫୁଲ୍ଲ ହୋତା ସମ୍ମାନୀତ ଅତିଥି ଥିଲେ। ଡା. କୁମୁଦ ସାହୁ, ଡା. ଅରୁଣ ଦାଶ, ଡା. ଭରତ ଦାଶ, ଡା. ସୁକାନ୍ତ ପାଣିଗ୍ରାହୀ, ଡା. ସନ୍ତୋଷ ନାଏକ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

ଫଟୋରେ ଖବର...



ଝାଡୁଆପଡା ଆରଣ୍ୟକ ମଞ୍ଚରେ ଚାଲିଥିବା ବୀର ସୁରେନ୍ଦ୍ର ସାଏ ୨୨ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ବୁଧବାର ତୃତୀୟ ରଜନୀରେ ମଞ୍ଚସ୍ଥ ହୋଇଥିବା ନାଟକ 'ବୈଷ୍ଣବ ଜନ ତୋ' ଓ 'ଛାଁଚି'ର ଦୃଶ୍ୟ...

ସମ୍ବଲପୁର ଜିଲା ହାତୀବାରୀ କୁଷ୍ଠାଶ୍ରମରେ 'ପ୍ରୟାସର ପରିବର୍ତ୍ତନ' ପକ୍ଷରୁ ଅନ୍ତେବାସୀଙ୍କୁ କମ୍ବଳ ଓ ସୋଲାର ଲାଇଟ ବଣ୍ଟନ କରାଯାଉଛି।

ଗାୟତ୍ରୀ ଫାର୍ମାସୀରେ ଗବେଷଣାଭିତ୍ତିକ କର୍ମଶାଳା



ସମ୍ବଲପୁର ଜମାଦାରପାଲିସ୍ଥିତ ଗାୟତ୍ରୀ କଲେଜ ଅଫ୍ ଫାର୍ମାସିରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ସମ୍ବଲପୁର, ୨୬।୧୨ (ବ୍ୟୁରୋ)

ଜମାଦାରପାଲିସ୍ଥିତ ଗାୟତ୍ରୀ କଲେଜ ଅଫ୍ ଫାର୍ମାସିଷ୍ଟରେ ବିପିୟୁଟି ପକ୍ଷରୁ ଗବେଷଣା ଭିତ୍ତିକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି, ବେଦାନ୍ତ କମ୍ପାନୀ ସିଇଓ ଅଭିଜିତ ପତି, ବିପିୟୁଟି କୁଳପତି, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡିଭି ସ୍ୱାମୀ, ଡ. ପାର୍ଥ ସରକାର, ଡ. ମୋତିଲାଲ ଦାଶ, ଗାୟତ୍ରୀ କଲେଜ ଅଫ୍ ଫାର୍ମାସିଷ୍ଟ କଲେଜ ଅଧ୍ୟକ୍ଷ ଅଶୋକ କୁମାର ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିପିୟୁଟି ଓ ବେଦାନ୍ତ କମ୍ପାନୀ ମଧ୍ୟରେ ଗବେଷଣା ଭିତ୍ତିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହାପରେ ଅତିଥିମାନେ ଗବେଷଣା ନିୟମାବଳୀ ପୁସ୍ତକ ଉନ୍ମୋଚନ କରିଥିଲେ। ଡ. ଅଜିତ ପଣ୍ଡା, ପ୍ରଫେସର ଜିଏନ ଦାଶ, ଡ. ସଞ୍ଜୟ କୁମାର ପଣ୍ଡା ଯୋଗ ଦେଇଥିଲେ। ଗାୟତ୍ରୀ କଲେଜ ଅଫ୍ ଫାର୍ମାସିଷ୍ଟ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିପିୟୁଟି ଡେପୁଟି ଡାଇରେକ୍ଟର ଡ. ନିବେଦିତା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

ରେଙ୍ଗାଲି,୨୬।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ସ୍ଥିତ ସୁରଜମଲ ମହାବିଦ୍ୟାଳୟ ପରିସରରେ ଦୀର୍ଘ ୧୨ ଦିନ ଚାଲିଥିବା ଯୁକ୍ତ ୩ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଉଦଯାପନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଜିତ କୁମାର ସେନ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ଲୋପାମୁଦ୍ରା ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ତାଲିମ ଶିବିରରେ ଅଂଶ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଏହି ତାଲିମ ଶିବିରର ପ୍ରଶିକ୍ଷିକା ଅର୍ଚ୍ଚନା ପ୍ରିୟଦର୍ଶନୀ ବାଗ ଓ ଦୀପିକା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ସମାଜରେ ନାରୀ ପାଇଁ ପ୍ରତିମୁହୂର୍ତ୍ତ ଚାଲେଞ୍ଜ ରହିଛି। ଏଣୁ ଏଭଳି ଆତ୍ମରକ୍ଷା ତାଲିମ ଆବଶ୍ୟକ ସ୍ଥଳେ କାମରେ ଲାଗି ବୋଲି ଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଶେଷରେ କଲେଜର କ୍ରୀଡା ଶିକ୍ଷକ ପ୍ରଶାନ୍ତ କୁମାର ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।

- ଚାଣକ୍ୟ

ସଂକ୍ଷେପରେ

ରିଆମାଳ ବ୍ଲକ କଂଗ୍ରେସର କଳା ଦିବସ

ରିଆମାଳ, ୨୬।୧୨ (ଡି.ଏନ.ଏ.): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବୁଧବାର ରିଆମାଳ ବ୍ଲକ କଂଗ୍ରେସ ଦଳ କଳା ଦିବସ ପାଳନ କରିଛି। ଜୋନ (୧) ସଭାପତି ମିତ୍ରଭାନୁ ସ୍ୱାଇଁ, ଜୋନ (୨) ସଭାପତି ପ୍ରଶ୍ନ କୁମାର ପ୍ରଧାନ ଓ କାର୍ଯ୍ୟକାରୀ ବ୍ଲକ ସଭାପତି ସୁଶିଲ କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ରିଆମାଳ ଶିବ ମନ୍ଦିରରୁ ବାହାରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନମାନ ଦେଇ ରିଆମାଳ ବ୍ଲକ ପରିସରରେ ପହଞ୍ଚି କଳା ଦିବସ ପାଳନ କରିଥିଲେ। ଆମ ଗାଁ ଆମ ବିକାଶ ଯୋଜନା ପ୍ରହସନକୁ ବନ୍ଦ କରାଯାଉ, ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟମାନଙ୍କ ପାଇଁ ଖୋଲା ହାତ ପାଣି ବ୍ୟବସ୍ଥା ରହୁ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଓ ବିଧବା ମା'ମାନଙ୍କୁ ମାସିକ ଭତ୍ତା ୧ହଜାର ଟଙ୍କା ପ୍ରଦାନ, ମହିଳାଙ୍କୁ ସୁରକ୍ଷା ତଥା ମଦକୁ ନିୟନ୍ତ୍ରଣ କରିବା ଆଦି କଂଗ୍ରେସ କର୍ମୀମାନେ ଦାବି କରିଥିଲେ। ଜିଲା ଉପସଭାପତି ପ୍ରବୀର ଶତପଥୀ, ଜିଲା ଉପସଭାପତି ହେମନ୍ତ କୁମାର ସାହୁ, ଜିଲା ଉପସଭାପତି ପ୍ରକାଶ ଦେବତା, ଜିଲା ସେବା ଦଳ ସଭାପତି ଧରଣୀ ଗଡ଼ନାୟକ, ପୂର୍ବତନ ସରପଞ୍ଚ ରସାନନ୍ଦ ବିଶ୍ୱାଳ, ଜିଲା ଉପସଭାପତି ସୁଶାନ୍ତ କୁମାର ସ୍ୱାଇଁ, ନିରଞ୍ଜନ ସାହୁ, ବରୁଣ କୁମାର ମିତ୍ର, ଭାସ୍କର ବେହେରା, ଉଦୟରାମ ବେହେରା, ପଞ୍ଚାନନ ପ୍ରଧାନ ଓ ଦୁଃଖବନ୍ଧୁ ପେଣ୍ଟି ପ୍ରମୁଖ ସାମିଲ ହୋଇଥିଲେ।

ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ

ଫାଇନାଲରେ କଟକ ରାଇଜିଂ ଷ୍ଟୁଡେଣ୍ଟ

ଦେବଗଡ଼,୨୬।୧୨ (ସ୍ୱ.ପ୍ର.)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୨୯ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟରେ କଟକ ୟୁନିୟନ ସ୍ପୋର୍ଟିଂକୁ ହରାଇ ରାଇଜିଂ ଷ୍ଟୁଡେଣ୍ଟ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ବୁଧବାର ତୃତୀୟ ଦିବସରେ ୟୁନିୟନ ସ୍ପୋର୍ଟିଂ ଏବଂ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ୩୦ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ୟୁନିୟନ ସ୍ପୋର୍ଟିଂ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୩୨ ରନ୍ କରିଥିଲା। ଦଳ ପକ୍ଷରୁ ଏମ୍‌ଡି ଆକ୍ରମ ସର୍ବାଧିକ ୩୮ ରନ କରିଥିଲେ। ବିଜୟ ଲକ୍ଷ୍ୟ ୧୩୩ ରନର ପିଛା କରି ରାଇଜିଂ ଷ୍ଟୁଡେଣ୍ଟ ୨୧.୪ ଓଭରରେ ୫ଉଇକେଟ ହରାଇ ୧୩୬ ରନ୍ ସଂଗ୍ରହ କରିନେଇଥିଲା। ଦଳର ଗିରିଜା ବାରିକ ୨୧ ବଲରେ ୪୬ ଏବଂ ନିଶିକାନ୍ତ ମହାପାତ୍ର ୪୪ ବଲରେ ୪୦ ରନ୍ ସଂଗ୍ରହ କରିଥିଲେ। ଗିରିଜାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଅତିଥି ଭାବେ ସାମାଜିକ କର୍ମୀ ଇଂ ଚିତ୍ତରଞ୍ଜନ ପ୍ରଧାନ ଯୋଗଦେଇ ଗିରିଜାଙ୍କୁ ପୁରସ୍କୃତ କରିଥିଲେ। ଓସିଏ ସ୍ୱୀକୃତିପ୍ରାପ୍ତ ଅମ୍ପାୟର ପରାସର ବିଶ୍ୱାଳ ଓ ସତ୍ୟପ୍ରକାଶ ରଥ ମ୍ୟାଚ୍ ପରିଚାଳନା କରିଥିଲେ। ମନୋଜ ସେଠୀ, ସୌମ୍ୟରଞ୍ଜନ ତିୱାରୀ ଏବଂ ବେଣୁଧର ଗଡ଼ନାୟକ ସ୍କୋର ଶିଟ୍ ପରିଚାଳନା କରିଥିଲେ। ଡ. ବିଜୟ କୁମାର ମେହେର ଓ ସନ୍ତୋଷ ସେଠୀ ଧାରାବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ଆୟୋଜକ ବାମଣ୍ଡା କ୍ରିକେଟ କ୍ଲବ, ଦେବଗଡ଼ ଏବଂ ଭୁବନେଶ୍ୱରର ଇଲେଭେନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରାଇଜିଂ ଷ୍ଟୁଡେଣ୍ଟ ଦଳର ଗିରିଜା ବାରିକଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଲାଗି ଖାଇବା ଲୋକ ମାଗି ଖାଏ ନାହିଁ
ମାଗିଖିଆ ଲାଗି ଖାଏ ନାହିଁ।

ଯିଏ କାମଦାମ କରି ନିଜ ପେଟ ପୋଷୁଥାଏ ସେ ପର ଆଗରେ ହାତପାତିବାକୁ ସଙ୍କୋଚ କରିଥାଏ। ସେହିପରି ଯିଏ ଭିକମାଗି ପେଟ ପୋଷେ ସେ କେବେ କଷ୍ଟ କରି କାମ କରିବାକୁ ଇଚ୍ଛା ପ୍ରକାଶ କରି ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଲେଙ୍ଗୁଟି ପିନ୍ଧାକୁ ପାଗ ପଟୁକା
ଗୋଲାମକୁ ବଡ଼ପଣ
ମାଗିଖିଆକୁ ତଟୁ ଘୋଡ଼ା
ଏ ବଡ଼ ବିଡ଼ମ୍ବଣ ।

ଲଜ୍ଜା ନିବାରଣ ପାଇଁ ବସ୍ତ୍ରର ଆବଶ୍ୟକତା ପଡ଼ିଥାଏ। ଲଜ୍ଜା ନିବାରଣ ପାଇଁ ଆବଶ୍ୟକ ପଡୁଥିବା ସ୍ୱଳ୍ପ ବସ୍ତ୍ର ହିଁ ଯାହାର କାମ୍ୟ ତା' ପାଇଁ ଦାମୀ ବସ୍ତ୍ରର ପ୍ରୟୋଜନତା ସେତେ ଗୁରୁତ୍ୱ ରଖି ନ ଥାଏ। ଚାକର ଶ୍ରେଣୀୟ ବ୍ୟକ୍ତିପକ୍ଷେ ବଡ଼ ପଦ ପଦବୀର ଦାୟିତ୍ୱ ସମ୍ଭାଳିବା କଷ୍ଟକର ହୋଇଥାଏ। ତଟୁଘୋଡ଼ା ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଲୋଡ଼ିଥାଏ। ଯିଏ ପର ଆଗରେ ହାତପାତି ନିଜ ଗୁଜୁରାଣ ମେଣ୍ଟାଇଥାଏ ତା'ପକ୍ଷେ ଏପରି ଘୋଡ଼ା ରଖିବା ଯନ୍ତ୍ରଣାଦାୟକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ବିଏସ୍‌ଏନ୍‌ଏଲ୍ ଏସ୍‌ଡିଓଙ୍କୁ ସ୍ମାରକପତ୍ର

ଦେବଗଡ଼,୨୬।୧୨(ସ୍ୱ.ପ୍ର.)

ଭାରତୀୟ ସଞ୍ଚାର ନିଗମର ଉନ୍ନତମାନର ସେବା କୁହାଯାଉଥିବା ବିଏସ୍‌ଏନ୍‌ଏଲ୍ ଠିକ୍ ସେ ସେବା ଯୋଗାଇ ପାରୁ ନ ଥିବାରୁ ଲୋକେ ନାନା ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି। ଗତ ଦୁଇ ଦିନ ହେଲା ବିଏସ୍‌ଏନ୍‌ଏଲ ଫେଲ୍ ରହିଥିବାରୁ ଲୋକେ ଇଣ୍ଟରନେଟ ସେବା କିମ୍ବା କୌଣସି ସରକାରୀ ବେସରକାରୀ କାର୍ଯ୍ୟରେ ଅନଲାଇନ କରିବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ନେଟୱାର୍କ ନ ଥିବାରୁ ଫୋନ୍ କରିବା କିମ୍ବା ରିସିଭ କରିବା ସମ୍ଭବପର ହେଉନାହିଁ। ଏ ସମ୍ପର୍କରେ ବାରମ୍ବାର ବିଏସ୍‌ଏନଏଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ପ୍ରତିକାର କରାଯାଉନାହିଁ। ଏହି ପରିପ୍ରେକ୍ଷୀରେ ବୁଧବାର ସ୍ୱେଚ୍ଛାସେବୀ ସଙ୍ଗଠନ ସମଗ୍ର ଦେବଗଡ ଜିଲା ବିକାଶ ମଞ୍ଚ ତରଫରୁ ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓଙ୍କୁ ଏହାର ଏକ ସ୍ଥାୟୀ ପ୍ରତିକାର ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ ସଙ୍ଗଠନର ଆବାହକ ସୁଧିର କୁମାର ବ୍ରହ୍ମା, ଦୟାଶଙ୍କର ଦ୍ୱିବେଦୀ, ପ୍ରଦୀପ ଜେନା, ଚନ୍ଦନ ସୋନକାର, ରାଜକୁମାର ଗୋଏଲ ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଲାଠେଶ୍ୱର ଫୁଟବଲ: ଚୂଡ଼ାପାଲି ବିଜୟୀ

ଚିକ୍ରାପଡା, ୨୬।୧୨(ଡି.ଏନ.ଏ.) ସଇଁତଲା ବ୍ଲକ ଝିଙ୍କିଗୁଡ଼ି ପଞ୍ଚାୟତ ଅଧିନ କେନ୍ଦୁଡାରଠାରେ ଲାଠେଶ୍ୱର ସ୍ପୋର୍ଟସ, କଲଚରାଲ ଆସୋସିଏଶନ ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକ ଲାଠେଶ୍ୱର କପ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସଭାପତି ଯୁବରାଜ ମାଝିଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ତ୍ରିନାଥ ବର୍ଗଞ୍ଜଙ୍କ ସଂଯୋଜନାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା।

ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

ବିଜେଡି ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ନେତୃମଣ୍ଡଳୀ।

ଦେବଗଡ଼,୨୬।୧୨(ସ୍ୱ.ପ୍ର.)

ସ୍ଥାନୀୟ ଇନଡୋର ଷ୍ଟାଡିୟମ ଠାରେ ଦେବଗଡ ବିଜେଡ଼ିର ୨୧ ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଦେବଗଡ ଜିଲା ସଭାପତି ସୁଧୀର କୁମାର କପରଦାରଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦାର ପୂର୍ବତନ ବିଧାୟକ ଖଗେଶ୍ୱର ବେହେରା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ରାଜ୍ୟ ସରକାର ତଥା ଦଳର ସଫଳତାର କାହାଣୀ ଘରେଘରେ ପହଞ୍ଚାଇ ଆଗାମୀ ନିର୍ବାଚନରେ ଦଳକୁ ବିଜୟୀ କରାଇବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଏଥିପୂର୍ବରୁ ଯୁବ ବିଜେଡି ପକ୍ଷରୁ ଏକ ବାଇକ୍ ର୍‍ୟାଲି କରିଥିଲେ। ପରେ ଦଳୀୟ ନେତା ଓ କର୍ମୀମାନେ ହାତରେ ବ୍ୟାନର ଓ ଦଳୀୟ ପତାକା ଧରି ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ନିଶାନି ବେହେରା, ଚିତ୍ତ ରଞ୍ଜନ ପ୍ରଧାନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ପୌରାଧ୍ୟକ୍ଷା ଅନୀତା ପାତ୍ର, ଏସଡିସିସି ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ମହିଳା ବିଜେଡି ସଭାନେତ୍ରୀ ପ୍ରମିଳା ଟିଂଗା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, କୃଷକ ସଂଘ ଜିଲା ସଭାପତି ପ୍ରସନ୍ନ ପଟେଲ, ନିବେଦିତା ନାଏକ, କୃଷକ ନେତା ପ୍ରମୋଦ ଝାଙ୍କର, ବିଭୂତି ଗଙ୍ଗଦେବ, ତିଲେଇବଣି ବ୍ଲକ ସଭାପତି ବାବୁଲାଲ ପୃଷେଠ, ଯୁବନେତା ଇଂ. ବିଷ୍ଣୁପ୍ରସାଦ ଅମାତ୍ୟ, ସମେତ ବହୁସଂଖ୍ୟକ ଦଳୀୟ ପଦାଧିକାରୀ ତଥା କର୍ମୀ ଯୋଗଦାନ କରିଥିଲେ।

କଳାଦିବସ ପାଳିଲା କଂଗ୍ରେସ

ଦେବଗଡ଼,୨୬।୧୨(ସ୍ୱ.ପ୍ର.)

ରାଜ୍ୟରେ ପଞ୍ଚାୟତ ବ୍ୟବସ୍ଥାର ଅବମାନନା ବିରୋଧରେ ଡିସେମ୍ବର ୨୬କୁ ଦେବଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାର ୩ ବ୍ଲକରେ ବୁଧବାର କଳାଦିବସ ପାଳନ କରାଯାଇଛି। ତିଲେଇବଣି, ବାରକୋଟ ଓ ରିଆମାଳ ବ୍ଲକରେ ଆମ ଗାଁ ଆମ ବିକାଶ ତଥା ପିଠା କାର୍ଯ୍ୟକ୍ରମରେ ପଞ୍ଚାୟତ ବ୍ୟବସ୍ଥାର ଅବମାନନା ବିରୋଧରେ କର୍ମୀମାନେ ମୁଣ୍ଡରେ କଳାକପଡ଼ା ବାନ୍ଧି ଧାରଣା ଦେଇଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଉମାଶଙ୍କର ସାହୁ, ଗଣେଶ ପ୍ରଧାନ, ରମେଶ ପ୍ରଧାନ, ଶିବଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ତପନ ସାହୁ, ପ୍ରମୋଦ ବେହେରା, ଜିଲା କଂଗ୍ରେସ ଉପସଭାପତି ପ୍ରକାଶଚନ୍ଦ୍ର ଦେବତା, ମିତ୍ରଭାନୁ ସ୍ୱାଇଁ, ପ୍ରସନ୍ନ ପ୍ରଧାନ, ହେମନ୍ତ ସାହୁ, ସୁଶିଳ ସାହୁ, ରସାନନ୍ଦ ବିଶ୍ୱାଳ, ଧରଣୀଧର ଗଡ଼ନାୟକ, ସମରେନ୍ଦ୍ର ଜିତ୍, ସଚ୍ଚିଦାନନ୍ଦ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଚୈତନ୍ୟ ବିଶ୍ୱାଳ, ଶରତ ଦାସ, କାଳିଆ ସାହୁପ୍ରମୁଖଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକରେ ଏହି ଧାରଣା ଦିଆଯାଇଥିଲା।

ସାର୍ବଜନୀନ ଦୁର୍ଗାପୂଜା କମିଟି, କୁଆରମୁଣ୍ଡା

ତା୨୩।୧୨।୨୦୧୮ରେ ଉଠାଣ ହୋଇଥିବା ଭାଗ୍ୟଶାଳୀ କୁପନ ତାଲିକା

ପୁରସ୍କାର	ବିଜେତା କୁପନ ନମ୍ବର	ମୋବାଇଲ୍ ନଂ	ପୁରସ୍କାର	ବିଜେତା କୁପନ ନମ୍ବର	ମୋବାଇଲ୍ ନଂ
ପ୍ରଥମ	୪୭୬୯୦୮	୯୩୩୭୬୫୫୨୯୩	୨୧	୫୭୪୦୨୪	୯୪୩୯୪୨୮୨୮୭
୨ୟ	୫୪୪୦୩୯	୮୨୮୦୪୫୩୮୫୧	୨୨	୩୪୬୪୨୪	୭୩୭୭୭୩୮୨୯୧
୩ୟ	୨୧୫୬୬୭	୮୬୫୮୫୪୬୯୪୪	୨୩	୫୦୩୪୭୧	୯୯୩୮୪୫୨୪୫୮
୪ର୍ଥ	୧୪୩୩୪୮	୯୫୮୩୩୯୪୦୮୮	୨୪	୧୯୩୮୭୫	୮୦୧୮୭୭୪୯୪୨
୫ମ	୩୯୬୬୩୬	୯୮୬୧୦୯୫୧୮୯	୨୫	୫୫୫୩୫୩	୯୩୩୭୫୭୬୫୪୧
୬ଷ୍ଠ	୧୮୪୬୭୦	୮୦୧୮୭୫୨୫୩୫	୨୬	୬୦୭୬୮୩	–
୭ମ	୧୨୬୩୩୬	୮୦୧୮୧୭୯୨୦୪	୨୭	୪୦୩୩୩୬	୯୪୩୭୧୫୨୮୭୨
୮ମ	୪୪୩୪୭୭	୭୦୦୮୧୪୧୯୨୧	୨୮	୨୨୮୫୧୯	୯୩୪୮୧୧୨୧୦୪
୯ମ	୪୮୭୦୬୫	୯୭୭୧୯୨୩୯୨୦	୨୯	୩୯୨୩୨୦	୯୯୩୭୭୮୫୦୯୫
ଦଶମ	୫୬୫୦୯୪	୯୮୭୮୪୫୭୬୪୬	୩୦	୪୯୪୩୩୧	୯୯୩୮୨୨୭୧୨୦
୧୧	୩୯୬୮୬୪	୯୮୬୧୦୩୦୪୩୨	୩୧	୨୬୩୦୩୯	୯୪୩୭୦୪୨୭୪୪
୧୨	୪୭୪୭୧୪	୯୯୩୮୪୭୮୮୮୩	୩୨	୪୮୨୬୭୩	୯୯୩୮୦୮୩୮୦୪
୧୩	୩୫୬୫୩୫	୯୮୫୩୧୭୦୩୩୦	୩୩	୪୦୩୨୭୦	୯୪୩୮୩୯୪୭୬୦
୧୪	୩୧୬୬୫୫	୯୫୮୩୧୯୦୧୩୭	୩୪	୩୪୭୨୦୩	୯୧୭୮୨୧୭୯୮୯
୧୫	୪୩୮୯୪୩	୯୪୩୭୭୬୮୩୮୭	୩୫	୧୫୮୬୭୪	୯୪୩୯୬୬୭୫୨୨
୧୬	୬୪୨୮୧୦	୯୩୭୭୧୦୪୨୧୪	୩୬	୫୯୨୨୬୭	୯୩୩୭୮୮୩୧୨୫
୧୭	୩୫୨୭୫୩	୮୯୮୪୫୧୮୧୮୧	୩୭	୩୩୭୬୫୯	୯୫୫୬୮୧୭୭୬୧
୧୮	୫୧୧୭୪୮	–	୩୮	୧୮୯୦୬୪	୯୪୩୭୨୫୫୫୫୪
୧୯	୪୦୩୩୬୫	୯୪୩୭୧୫୨୮୭୨	୩୯	୧୫୦୮୮୭	୯୯୩୮୭୧୫୬୪୦
୨୦	୨୯୩୧୩୫	୮୬୫୮୨୯୨୭୫୧	୪୦	୩୧୩୫୮୬	୭୭୧୩୪୧୨୫୦୩

ଆସନ୍ତା ୨୦୧୯ ପବିତ୍ର ଜାନୁୟାରୀ ୨୬ ତାରିଖ ଦିନ କୁଆରମୁଣ୍ଡା ରାହାସ ପଡ଼ିଆରେ ସମସ୍ତ ଭାଗ୍ୟଶାଳୀ ବିଜେତାଙ୍କୁ ସେମାନଙ୍କ ପୁରସ୍କାର ବଣ୍ଟନ କରାଯିବ। ଉକ୍ତ ଦିନ କମିଟି ଦ୍ୱାରା ସ୍ଥିର କରାଯାଇଥିବା ୨ଟି (ଦୁଇଟି) ସରପ୍ରାଇଜ୍ ପୁରସ୍କାର (ଡ୍ୟୁପ୍ଲେକ୍ସ ଫ୍ଲାଟ୍ ଓ ଜେସିବି)ର ମଧ୍ୟ ଉଠାଣ କରାଯିବ।
ବିଦ୍ରଃ- ସରପ୍ରାଇଜ୍ ପୁରସ୍କାର ନିମନ୍ତେ ଟିକେଟ ପାଇଁ କାଉଣ୍ଟରରେ ଯୋଗାଯୋଗ କରନ୍ତୁ।

ସ୍ୱା./- ସଭାପତି
ସାର୍ବଜନୀନ ଦୁର୍ଗାପୂଜା କମିଟି
କୁଆରମୁଣ୍ଡା

ସ୍ୱା./- ସମ୍ପାଦକ
ସାର୍ବଜନୀନ ଦୁର୍ଗାପୂଜା କମିଟି
କୁଆରମୁଣ୍ଡା

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ବୁଝାମଣାକୁ ନେଇ ମେଣ୍ଟ ରାଜନୀତି ଚାଲିଥାଏ। ଆମକୁ କେତୋଟି ଛୋଟ ଦଳ ଛାଡ଼ି ଚାଲିଯାଇଛନ୍ତି। କିନ୍ତୁ ଦକ୍ଷିଣ ଓ ପୂର୍ବ ଭାରତରେ ନୂଆ ସହଯୋଗୀ ମଧ୍ୟ ଭାଜପା ସହ ଯୋଡ଼ିହେବାକୁ ଲାଗିଛନ୍ତି।
-ରାମ ମାଧବ, ଭାଜପା ସାଧାରଣ ସମ୍ପାଦକ

ସଂକ୍ଷେପରେ

ଜ୍ୟୋତି ରଣ୍ଧାୱା ଗିରଫ

ବହରାଇଚ(ୟୁପି),୨୬।୧୨(ପି.ଟି.): ଉତ୍ତରପ୍ରଦେଶର ଦୁଧ୍ୱା ବ୍ୟାଘ୍ର ସଂରକ୍ଷଣ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ପ୍ରବେଶ କରି ଶିକାର କରିବା ଅଭିଯୋଗରେ ଅନ୍ତର୍ଜାତୀୟ ଗଲ୍ଫର ଜ୍ୟୋତିନ୍ଦର ସିଂ ରଣଧୱାଙ୍କୁ ବୁଧବାର ଗିରଫ କରାଯାଇଛି। ତାଙ୍କଠାରୁ ଶିକାରରେ ବ୍ୟବହୃତ ପଏଣ୍ଟ ୨୨ ବୋର ରାଇଫଲ୍ ଏବଂ ହରିଣ ଛାଲ ଜବତ ହୋଇଛି। ଏହା ବ୍ୟତୀତ ତାଙ୍କଠାରୁ ଏକ ଲକ୍ଜ୍ୟୁରୀ ଗାଡ଼ି ମଧ ଜବତ କରାଯାଇଛି। ରଣଧୱାଙ୍କ ସହ ଥିବା ମହେଶ ବିରଜଦାର ନାମକ ଜଣେ ସହଯୋଗୀକୁ ମଧ ପୋଲିସ ଉକ୍ତ ସଂରକ୍ଷିତ ଜଙ୍ଗଲର କର୍ଟର୍ନିଆଘାଟ ଅନ୍ତର୍ଗତ ମୋତିପୁର ରେଞ୍ଜରୁ ଗିରଫ କରିଛି। ଜେରା ପରେ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିଆଯିବ ବୋଲି ବନ ଅଧିକାରୀ କହିଛନ୍ତି। ଗତ ୨୦୦୪ରୁ ୨୦୦୯ ମଧରେ ରଣଧୱା ବିଶ୍ୱ ଗଲ୍ଫ ର୍‍ୟାଙ୍କିଙ୍ଗର ଶୀର୍ଷ ୧୦୦ ଜଣଙ୍କ ମଧରେ ସ୍ଥାନ ପାଇଥିଲେ।

ଆଫଗାନିସ୍ତାନ ରାଷ୍ଟ୍ରପତି ନିର୍ବାଚନ ସ୍ଥଗିତ

କାବୁଲ,୨୬।୧୨: ଆସନ୍ତା ଏପ୍ରିଲ୍ ମାସରେ ଆଫଗାନିସ୍ତାନ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାକୁ କିଛି ମାସ ପାଇଁ ସ୍ଥଗିତ ରଖାଯାଇଛି। ଗତ ଅକ୍ଟୋବର ମାସରେ ଅନୁଷ୍ଠିତ ପାର୍ଲାମେଣ୍ଟ ନିର୍ବାଚନବେଳେ ବୈଷୟିକ ସମସ୍ୟା ଦେଖାଦେଇଥିଲା। ଏହାର ସମାଧାନ ଲାଗି ଅଧିକ ସମୟ ଆବଶ୍ୟକ ହେଉଥିବାରୁ ରାଷ୍ଟ୍ରପତି ନିର୍ବାଚନକୁ ସ୍ଥଗିତ ରଖାଯାଇଥିବା ନିର୍ବାଚନ କମିଶନଙ୍କ ମୁଖପାତ୍ର କହିଛନ୍ତି। ଭୋଟର ତାଲିକା ଯାଞ୍ଚ ଏବଂ ବାୟୋମେଟ୍ରିକ୍ ପରିଚୟ ବ୍ୟବସ୍ଥା ସମ୍ପର୍କରେ କର୍ମଚାରୀମାନଙ୍କୁ ତାଲିମ ଦେବା ଲାଗି ଅଧିକ ସମୟ ଲାଗିବ ବୋଲି ସେ କହିଛନ୍ତି।

୧୭ ରାଜ୍ୟରେ ଭାଜପା ପ୍ରଭାରୀ ନିଯୁକ୍ତ

ନୂଆଦିଲ୍ଲୀ,୨୬।୧୨(ପି.ଟି.): ଆଗାମୀ ଲୋକ ସଭା ନିର୍ବାଚନ ଲାଗି ଭାଜପା ଅଧକ୍ଷ ଅମିତ ଶାହ ବୁଧବାର ୧୭ଟି ରାଜ୍ୟ ପାଇଁ ପ୍ରଭାରୀ ନିଯୁକ୍ତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର୍‌ଙ୍କୁ ରାଜସ୍ଥାନ ପାଇଁ ପ୍ରଚାର ଦାୟିତ୍ୱ ଦିଆଯାଇଥିବା ବେଳେ ଅନ୍ୟତମ କେନ୍ଦ୍ରମନ୍ତ୍ରୀ ଥାୱରଚାନ୍ଦ ଗେହଲଟଙ୍କୁ ଉତ୍ତରାଖଣ୍ଡ ଦାୟିତ୍ୱ ଦିଆଯାଇଛି। ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତରପ୍ରଦେଶ ଲାଗି ତିନିଜଣଙ୍କୁ ପ୍ରଭାରୀ ନିଯୁକ୍ତ କରାଯାଇଛି। ସେମାନେ ହେଲେ ଗୁଜରାଟ ଭାଜପା ନେତା ଗୋବର୍ଦ୍ଧନ ଝଡ଼ପିଆ, ଦଳ ଉପାଧକ୍ଷ ଥିବା ଦୁଷ୍ୟନ୍ତ ଗୌତମ ଏବଂ ମଧପ୍ରଦେଶର ଭାଜପା ନେତା ନରୋତ୍ତମ ମିଶ୍ର। ବିହାର ପାଇଁ ଭାଜପା ସାଧାରଣ ସମ୍ପାଦକ ଭୂପେନ୍ଦ୍ର ଯାଦବ ଏବଂ ଛତିଶଗଡ଼ ପାଇଁ ଅନିଲ ଜୈନଙ୍କୁ ପ୍ରଭାରୀ ନିଯୁକ୍ତ କରାଯାଇଛି। ଆନ୍ଧ୍ରପ୍ରଦେଶ ଲାଗି ରାଜ୍ୟ ସଭା ସଦସ୍ୟ ଭି. ମୁରଲୀଧରନ ଏବଂ ଦଳର ସମ୍ପାଦକ ଦେଓଧର ରାଓଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିବା ବେଳେ ଆସାମ ଓ ଗୁଜରାଟ ଲାଗି ଯଥାକ୍ରମେ ମହେନ୍ଦ୍ର ସିଂ ଏବଂ ଓ.ପି. ମାଥୁରଙ୍କୁ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ହିମାଚଳପ୍ରଦେଶ, ଝାଡ଼ଖଣ୍ଡ, ମଧପ୍ରଦେଶ, ମଣିପୁର, ନାଗାଲାଣ୍ଡ, ପଞ୍ଜାବ, ତେଲେଙ୍ଗାନା, ସିକ୍କିମ ସମେତ ଅନ୍ୟ କେତେକ ରାଜ୍ୟ ଲାଗି ଭାଜପା ପ୍ରଭାରୀ ଏବଂ ସହପ୍ରଭାରୀ ନିଯୁକ୍ତ କରିଛି।

ଟାର୍ଗେଟରେ ମୋଦି

ନୂଆଦିଲ୍ଲୀ,୨୬।୧୨

୫ ରାଜ୍ୟର ବିଧାନସଭା ନିର୍ବାଚନରେ ଭାଜପାର ପରାଜୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହ୍ରାସ ପାଉଥିବା ଲୋକପ୍ରିୟତାର ପ୍ରମାଣ ବୋଲି ଚର୍ଚ୍ଚା ଦାନା ବାନ୍ଧିବାରେ ଲାଗିଲାଣି। କାରଣ ବିଧାନସଭା ଭୋଟକୁ ଭାଜପା ୨୦୧୯ ପୂର୍ବରୁ ସେମିଫାଇନାଲ ଭାବେ ଅଭିହିତ କରି ଅନୁରୂପ ପ୍ରସ୍ତୁତି ଚଳାଇଥିଲା। ଏଥିଲାଗି ଏହାର ପରିଣାମ ଗୈରିକ ଦଳକୁ ଝଟକା ଦେଇଥିବାବେଳେ ଉଭୟ ଏନ୍‌ଡିଏ ସହଯୋଗୀ ଏବଂ ବିରୋଧୀ ଦଳଗୁଡ଼ିକ କ୍ରମଶଃ ମୋଦିଙ୍କୁ ସମାଲୋଚନା କରିବାରେ ଲାଗିଛନ୍ତି। ଏପରି କି କ୍ୟାବିନେଟ ଭିତରୁ ମଧ ମୋଦି ବିରୋଧୀ ସ୍ୱର ଶୁଣିବାକୁ ମିଳିଲାଣି। ୨୦୧୪ ନିର୍ବାଚନରେ ଯେଉଁମାନେ ମୋଦିଙ୍କ ଗୁଣଗାନ କରି ତାଙ୍କୁ କ୍ଷମତାସୀନ କରାଇବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ସେମାନେ ମଧ ଏବେ ଭିନ୍ନ ଭାଷା କହିବା ଆରମ୍ଭ କଲେଣି। ମୋଟାମୋଟି ଭାବେ ଦେଖିବାକୁ ଗଲେ ପ୍ରାୟ ସମସ୍ତଙ୍କ ଟାର୍ଗେଟରେ ଏବେ ଅଛନ୍ତି ମୋଦି।

ଜଣେ କାମିକା କେନ୍ଦ୍ରମନ୍ତ୍ରୀ ଭାବେ ଜଣାଶୁଣା ନୀତୀନ ଗଡ଼କରୀଙ୍କ ଏକ ସଦ୍ୟ ମନ୍ତବ୍ୟ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ୨୩ ତାରିଖରେ ମହାରାଷ୍ଟ୍ରର ପୁଣେରେ ଭାଜପାର ଏହି ପୂର୍ବତନ ରାଷ୍ଟ୍ରୀୟ ଅଧକ୍ଷ କହିଥିଲେ, ବିଫଳତା ଓ ପରାଜୟ ପାଇଁ ଦଳର ନେତୃତ୍ୱ ନିଜକୁ ଦାୟୀ କରିବା ଉଚିତ। ନେତା ପରାଜୟ ଲାଗି ନିଜକୁ ଉତ୍ତରଦାୟୀ ନ କରିବା ଯାଏ ସଙ୍ଗଠନ ପ୍ରତି ତାଙ୍କ ଆନୁଗତ୍ୟ ପ୍ରମାଣିତ ହେବନାହିଁ। ସଫଳତାର ଅନେକ ପିତା ଥାଆନ୍ତି, ମାତ୍ର ବିଫଳତା ଏକ ଅନାଥ। ମଧପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼କୁ ଭାଜପା ହାତରୁ କଂଗ୍ରେସ ଛଡ଼ାଇନେବା ପରେ ଗଡ଼କରୀଙ୍କ ମନ୍ତବ୍ୟକୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି। ସେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ ଓ ମୋଦିଙ୍କୁ ଇଙ୍ଗିତ କରି ଏଭଳି କହିଥିବାବେଳେ ତାଙ୍କ ଟାର୍ଗେଟରେ ବିଶେଷକରି ପ୍ରଧାନମନ୍ତ୍ରୀ ରହିଥିବା ସନ୍ଦେହ କରାଯାଉଛି। କାରଣ ନାଗପୁର ଏମ୍‌ପି ଗଡ଼କରୀଙ୍କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଘନିଷ୍ଠ ବୋଲି କୁହାଯାଏ। ତେଣୁ ଗଡ଼କରୀଙ୍କ ମୁହଁରେ ଆର୍‌ଏସ୍‌ଏସ୍ ମୋଦି ବିରୋଧୀ ଭାଷା କୁହାଇଥିବା କେତେକ ରାଜନୈତିକ ପଣ୍ଡିତ ମତ ଦେଉଛନ୍ତି। ସେହିପରି ଯୋଗଗୁରୁ ରାମଦେବଙ୍କ କଥା ବିଚାର କଲେ ସେ ମଧ ମୋଦିଙ୍କ ପ୍ରତି ଅସନ୍ତୁଷ୍ଟ ଥିବା ଜଣାପଡୁଛି। ତାମିଲନାଡୁର ମଦୁରାଇରେ ମଙ୍ଗଳବାର ରାମଦେବ କହିଥିଲେ, ସମ୍ପ୍ରତି ଦେଶର ରାଜନୈତିକ ସ୍ଥିତିକୁ ଅନୁଧ୍ୟାନ କଲେ ୨୦୧୯ରେ କିଏ ପ୍ରଧାନମନ୍ତ୍ରୀ ହେବେ ତାହା କହିହେଉନାହିଁ। ଆସନ୍ତା ସାଧାରଣ ନିର୍ବାଚନରେ ସେ କୌଣସି ଦଳକୁ ସମର୍ଥନ ବା ବିରୋଧ କରିବେ ନାହିଁ। ସେ ଏକ ଆଧାତ୍ମିକ ଭାରତ ଓ ବିଶ୍ୱ ନିର୍ମାଣ କରିବାକୁ ଚାହାନ୍ତି। ତେଣୁ ତାଙ୍କର ରାଜନୈତିକ ବା ଧାର୍ମିକ କାର୍ଯ୍ୟସୂଚୀ ନାହିଁ। ପ୍ରକାଶ ଯେ, ଗତ ଲୋକ ସଭା ନିର୍ବାଚନ ବେଳେ ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରାଇବା ପାଇଁ ରାମଦେବ ଅଣ୍ଟା ଭିଡ଼ିଥିଲେ। ସେ ଭାଜପା ସପକ୍ଷରେ ତାଙ୍କର ଅନୁଗାମୀଙ୍କୁ ଲଗାଇଦେଇଥିଲେ। ଏବେ ତାଙ୍କ ସ୍ୱରରେ ପରିବର୍ତ୍ତନ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଭାଜପାର ଅମାନିଆ ସହଯୋଗୀ ଶିବସେନା ମୋଦିଙ୍କ ବିରୋଧରେ ପୁଣି ବିଷୋଦ୍‌ଗାର କରିଛି। ଶିବସେନା ମୁଖପତ୍ର 'ସାମ୍ନା'ର ବୁଧବାର ସମ୍ପାଦକୀୟରେ ଉଲ୍ଲେଖ କରାଯାଇଛି ଯେ, କେତେଜଣଙ୍କ ପାଇଁ କ୍ଷମତା ଅମ୍ଳଜାନ ଭଳି। ସେମାନେ କ୍ଷମତାରୁ ଦୂରେଇ ଗଲେ ଅସହାୟ ହୋଇପଡ଼ନ୍ତି। ଯେଉଁମାନେ ଅଚ୍ଛେଦିନ୍ ଆଣିବାରେ ବିଫଳ ହୋଇଛନ୍ତି, ସେମାନେ ବିରୋଧୀ ଆସନରେ ବସିବାକୁ ବାଧ ହେଉଛନ୍ତି। ପ୍ରକାଶ ଯେ, ଦୁଇଦିନ ତଳେ ଚୌକିଦାର ବି ଚୋରି କରିବାରେ ଲାଗିଲେଣି ବୋଲି ମୋଦିଙ୍କ ଉଦ୍ଦେଶ୍ୟରେ ଶିବସେନା ଅଧକ୍ଷ ଉଦ୍ଧବ ଠାକ୍‌ରେ କହିଥିଲେ। ସେହିପରି ଉତ୍ତରପ୍ରଦେଶରେ ଭାଜପାର ସହଯୋଗୀ ଅପ୍‌ନା ଦଳ ଏନ୍‌ଡିଏ ଛାଡ଼ିବାକୁ ଧମକ ଦେଲାଣି। ଭାଜପା ମେଣ୍ଟଧର୍ମ ପାଳନ କରୁନାହିଁ। ଅପ୍‌ନା ଦଳ କର୍ମୀଙ୍କୁ ଅଣଦେଖା ଓ ଅପମାନିତ କରାଯାଉଛି। ତେଣୁ ଦଳକୁ ଉଚିତ ସମ୍ମାନ ନ ମିଳିଲେ ଭିନ୍ନ ପନ୍ଥା ଆପଣାଇବା ପାଇଁ କେନ୍ଦ୍ରମନ୍ତ୍ରୀ ଅନୁପ୍ରିୟା ପଟେଲଙ୍କ ସ୍ୱାମୀ ତଥା ଦଳର ଅଧକ୍ଷ ଆଶିଷ ପଟେଲ ଚେତାବନୀ ଦେଇଛନ୍ତି। ଏହାସହ ସେ ୩ ହିନ୍ଦୀଭାଷୀ ରାଜ୍ୟରେ ପରାଜୟରୁ ଶିକ୍ଷାଗ୍ରହଣ କରିବାକୁ ଭାଜପାକୁ ପରାମର୍ଶ ଦେଇଛନ୍ତି। ଏଭଳି ବିବାଦ ମଧରେ ଯୋଗୀ ଆଦିତ୍ୟନାଥ ସରକାରଙ୍କ କେତେକ କାର୍ଯ୍ୟକ୍ରମକୁ ବର୍ଜନ କରି ଅନୁପ୍ରିୟା ଦିଲ୍ଲୀ ଚାଲିଯାଇଛନ୍ତି। ସେପଟେ ସମାଜବାଦୀ ପାର୍ଟି (ଏସ୍‌ପି)ରେ ବିଦ୍ରୋହକରି ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ) ଗଠନ କରିଥିବା ଶିବପାଲ ଯାଦବ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ କଂଗ୍ରେସ ସହ ହାତ ମିଳାଇବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ଏସ୍‌ପି ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମେଣ୍ଟ କରିବାକୁ ଯାଉଥିବାବେଳେ ଶିବପାଲ କଂଗ୍ରେସ ହାତ ଧରି ଭାଜପାକୁ ହରାଇବାକୁ ଅଣ୍ଟାଭିଡ଼ିଛନ୍ତି। ଅନ୍ୟପକ୍ଷରେ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧକ୍ଷ ତଥା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ବୁଧବାର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସାକ୍ଷାତ୍ କରିଛନ୍ତି। ଏହାକୁ ନେଇ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧକ୍ଷ ଏନ୍.ଚନ୍ଦ୍ରାବାବୁ ନାଇଡୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଏଥିଯୋଗୁ କେସିଆର୍‌ଙ୍କ ସଂଘୀୟ ସାମ୍ମୁଖ୍ୟ ଗଠନ ଉଦ୍ୟମ ଫସର ଫାଟିବ। ସୂଚନାଯୋଗ୍ୟ, ଏନ୍‌ଡିଏରୁ ଟିଡିପି ଓହରିଯିବା ପରେ ଚନ୍ଦ୍ରାବାବୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକୁ ନେଇ ଭାଜପାକୁ କ୍ଷମତାଚ୍ୟୁତ କରିବାକୁ ଯୋଜନା କରୁଛନ୍ତି। ଏଭଳି ସମୟରେ ଅଣଭାଜପା ଓ ଅଣକଂଗ୍ରେସ ସାମ୍ମୁଖ୍ୟ ଗଢ଼ିବାକୁ ଯାଉଥିବା କେସିଆର୍ ମୋଦିଙ୍କୁ ସାକ୍ଷାତ୍ କରିବା ଚନ୍ଦ୍ରାବାବୁଙ୍କୁ ହଜମ ହେଉନାହିଁ। ସାମଗ୍ରିକ ଘଟଣାକ୍ରମକୁ ଦେଖିଲେ ଆଗକୁ ମୋଦିଙ୍କ ପାଇଁ ୨୦୧୯ ସାଧାରଣ ନିର୍ବାଚନ ଜିତିବା ସହଜ ହେବନାହିଁ ବୋଲି କେତେଜଣ ବିଶ୍ଳେଷକ କହିଲେଣି।

ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରୁଛନ୍ତି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ।

ସହଜ ନୁହେଁ ୨୦୧୯
- ଗଡ଼କରୀଙ୍କ ବିରୋଧର ସ୍ୱର
- ଭାଷା ବଦଳାଇଲେଣି ରାମଦେବ
- ପ୍ରଧାନମନ୍ତ୍ରୀଙ୍କୁ ଶିବସେନାର ସମାଲୋଚନା
- ୟୁପିରେ ଧମକ ଦେଉଛି ଅପ୍‌ନା ଦଳ
- ମୋଦି-କେସିଆର୍ ସାକ୍ଷାତକୁ ଚନ୍ଦ୍ରାବାବୁଙ୍କ ନାପସନ୍ଦ

ମେଘାଳୟର ଏକ କୋଇଲା ଖଣିରେ ପାଣିଘେରରେ ୧୫ ଶ୍ରମିକ ୧୩ ଦିନ ହେଲା ଫସିରହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କୁ ଉଦ୍ଧାର ପାଇଁ ବ୍ୟବସ୍ଥା କରିବା ପରିବର୍ତ୍ତେ ଆସାମର ବୋଗିବିଲ ସେତୁ ଉଦ୍‌ଘାଟନ ବେଳେ ଫଟୋ ଉଠାଇବା ଲାଗି କ୍ୟାମେରା ସାମ୍ନାରେ ବିଭିନ୍ନ ମୁଦ୍ରାରେ ପୋଜ୍ ଦେଉଛନ୍ତି।
-ରାହୁଲ ଗାନ୍ଧୀ, କଂଗ୍ରେସ ଅଧକ୍ଷ

ତିନି ତଲାକ୍ ନେଇ ବିତର୍କ ଆଜି

ନୂଆଦିଲ୍ଲୀ,୨୬।୧୨(ପି.ଟି.)

ତତ୍କାଳ ତିନି ତଲାକ୍ ପ୍ରଥାକୁ ଦଣ୍ଡନୀୟ ଅପରାଧ କରିବା ଲାଗି ଅଣାଯାଇଥିବା ବିଲ୍ ଉପରେ ଗୁରୁବାର ଲୋକ ସଭାରେ ବିତର୍କ ହେବ। ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ କୁହାଯାଉଥିବା ଏହି ବିଲ୍ ଉପରେ ଆଲୋଚନା ଲାଗି କଂଗ୍ରେସ ଗତ ସପ୍ତାହରେ ରାଜି ହେବା ପରେ ୨୭ ତାରିଖରେ ବିତର୍କ ପାଇଁ ସ୍ଥିର ହୋଇଥିଲା। ସପ୍ତାହାନ୍ତ ଛୁଟି ଏବଂ ଖ୍ରୀଷ୍ଟମାସ ପାଇଁ ଶନିବାରଠାରୁ ଅଧିବେଶନ ବନ୍ଦ ଥିବାବେଳେ ଗୁରୁବାର ଆରମ୍ଭ ହେଉଛି। ରାଫାଲ ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ଅଧିବେଶନ ଆରମ୍ଭରୁ ଗୃହରେ ଅଚଳାବସ୍ଥା ଲାଗି ରହିଥିଲା।

ଗତ ସେପ୍ଟେମ୍ବର ମାସରେ ସରକାର ତିନି ତଲାକକୁ ଦଣ୍ଡନୀୟ ଅପରାଧ କରିବା ଲାଗି ଅଧାଦେଶ ଆଣିଥିଲେ। ଏହା ବଦଳରେ ଆଇନ ଆଣିବା ଲାଗି ଗତ ୧୭ ତାରିଖରେ ଲୋକ ସଭାରେ ମୁସଲମାନ ମହିଳା (ବିବାହ ଅଧିକାରର ସୁରକ୍ଷା) ବିଲ୍, ୨୦୧୮ ଅଣାଯାଇଥିଲା। ଏକକାଳୀନ ତିନି ତଲାକ ଦେବାକୁ ବିଲ୍‌ରେ ବେଆଇନ ଦର୍ଶାଯାଇଛି, ଏଥିପାଇଁ ସ୍ୱାମୀଙ୍କୁ ୩ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ। ପୂର୍ବରୁ ଲୋକ ସଭାରେ ଗୃହୀତ ହୋଇଥିବା ତିନି ତଲାକ ବିଲ୍ ରାଜ୍ୟ ସଭାରେ ବିରୋଧର ସମ୍ମୁଖୀନ ହେବାରୁ ସରକାର ଏଥିରେ କେତେକ ସଂଶୋଧନ ସହ ପୁଣିଥରେ ଉପସ୍ଥାପନ କରିଛନ୍ତି। ଏଥିରେ ଜାମିନ ବ୍ୟବସ୍ଥା ରଖାଯାଇଛି।

ପାର୍ଲାମେଣ୍ଟ ହେବ କାଗଜବିହୀନ

ନୂଆଦିଲ୍ଲୀ,୨୬।୧୨(ପି.ଟି.)

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ସମସ୍ତ କାର୍ଯ୍ୟକୁ ସମ୍ପୂର୍ଣ୍ଣ କାଗଜମୁକ୍ତ କରିବା ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଏକ ପ୍ରକଳ୍ପ ଆରମ୍ଭ କରିଛି। ପାର୍ଲାମେଣ୍ଟର ଉଭୟ ଗୃହ ଏବଂ ବିଧାନସଭାଗୁଡିକର ମୋଟ ୫୩୭୯ ସଦସ୍ୟ ଏଣିକି ଡିଜିଟାଲ ଟେକ୍‌ନୋଲୋଜି ବ୍ୟବହାର କରିବେ। ଏହାଦ୍ୱାରା କାଗଜ ସଞ୍ଚୟ ହେବା ସହ ସମୟ ବଞ୍ଚିପାରିବ। ନ୍ୟାଶନାଲ୍ ଇ-ବିଧାନ (ନେଭା) ନାମରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏମ୍‌ପି ଏବଂ ବିଧାୟକମାନେ ଇ-ପ୍ଲାଟଫର୍ମ ଜରିଆରେ ପ୍ରଶ୍ନ ପଚାରିବା ଲାଗି ନୋଟିସ ଅନଲାଇନ ପଠାଇବେ। ଉକ୍ତ ପ୍ରଶ୍ନକୁ ଡିଜିଟାଲ୍ ମାଧମରେ ସମ୍ପୃକ୍ତ ମନ୍ତ୍ରଣାଳୟ ଏବଂ ବିଭାଗକୁ ପଠାଯିବ।

ଆମେରିକାରେ ଜଳିଗଲେ ତେଲେଙ୍ଗାନାର ୩ ଭାଇଭଉଣୀ

ହାଇଦ୍ରାବାଦ/ୱାଶିଂଟନ,୨୬।୧୨ (ପି.ଟି.)

ତେଲେଙ୍ଗାନାର ୩ ଭାଇଭଉଣୀ ଆମେରିକାରେ ଏକ ଅଗ୍ନିକାଣ୍ଡରେ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଟେନେସୀ ଅନ୍ତର୍ଗତ କୋଲିଏରଭିଲ୍ଲେଠାରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକମାନେ ହେଲେ ତେଲେଙ୍ଗାନା ନାଲଗୋଣ୍ଡା ଜିଲାର ସାତ୍ୱିକ ନାଏକ (୧୬), ସୁହାନ ନାଏକ (୧୫) ଏବଂ ଜୟା ସୁଚିଥ(୧୪)। ସେମାନେ ଆମେରିକାରେ ରହି ପାଠ ପଢୁଥିବାବେଳେ ୨୪ ତାରିଖରେ ଖ୍ରୀଷ୍ଟମାସ୍ ପାର୍ଟିରେ ଯୋଗଦେବା ଲାଗି ଜଣେ ବ୍ୟକ୍ତିଙ୍କ ଘରକୁ ଯାଇଥିବାବେଳେ ସେଠାରେ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇବା ପରେ ସେମାନଙ୍କ ବାପା ଶ୍ରୀନିବାସ ନାଏକ ଆମେରିକା ଯାଇଛନ୍ତି। ଏହି ଅଗ୍ନିକାଣ୍ଡରେ କାରି କୁଡ୍ରିଏଟ ନାମ୍ନୀ ଜଣେ ମହିଳାଙ୍କର ମଧ ମୃତ୍ୟୁ ଘଟିଛି। ତେବେ ତାଙ୍କ ସ୍ୱାମୀ ଓ ପୁଅ କୌଣସି ପ୍ରକାରେ ଘରୁ ବାହାରିଯାଇଥିଲେ।

ଫୁର୍‌ସତ

ସଙ୍କଟରେ ସାମୁଦ୍ରିକ ଜୀବ

ୱାଶିଂଟନ: ସମୁଦ୍ରରେ ଅମ୍ଳଜାନର ମାତ୍ରାରେ ସାମାନ୍ୟତମ ପରିବର୍ତ୍ତନ ସାମୁଦ୍ରିକ ଜୀବଜଗତ ଉପରେ ଭୟଙ୍କର ପ୍ରଭାବ ପକାଇବ। ସମୁଦ୍ର ଗର୍ଭର ମଧଭାଗରେ ରହିଥିବା ବିଭିନ୍ନ ପ୍ରଜାତିର ଛୋଟ ଓ ଅଣୁ ଜୀବ (ଜୁପ୍ଲାଙ୍କଟନ)କୁ ଏହା ବିଶେଷ ଭାବେ ପ୍ରଭାବିତ କରିବ। ଜୁପ୍ଲାଙ୍କଟନ ହେଉଛି ସାମୁଦ୍ରିକ ଖାଦ୍ୟଶୃଙ୍ଖଳର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶବଶେଷ। ସମୁଦ୍ରର ଏହି ଅଂଶରେ ଅକ୍ସିଜେନ୍ ମିନିମମ୍ ଜୋନ୍ସ (ଓଏମ୍‌ଜି) ରହିଛି। ଏଠାରେ କେବଳ ଜୁପ୍ଲାଙ୍କଟନ ହିଁ ବଞ୍ଚିପାରିବେ। ଅନ୍ୟ ବଡ଼ ଆକାରର ଜଳଚର ଜୀବମାନଙ୍କ ଜୀବନଧାରଣ ସେଠାରେ ସମ୍ଭବ ନୁହେଁ। ତେବେ ପାଣିପାଗରେ ପରିବର୍ତ୍ତନ ଯୋଗୁ ସମୁଦ୍ର ଗର୍ଭରେ ଉକ୍ତ ଓଏମ୍‌ଜି ସ୍ତର କ୍ରମଶଃ ବିସ୍ତାର ହେବାରେ ଲାଗିଛି। ଏହାର ପରିଣତି ଭୟଙ୍କର ହେବ ବୋଲି ୟୁନିର୍ଭର୍ସିଟି ଆମେରକାସ୍ଥିତ ୟୁନିର୍ଭର୍ସିଟି ଅଫ୍ ରୋଡ୍ ଆଇଲ୍ୟାଣ୍ଡର ଗବେଷକମାନେ କହିଛନ୍ତି।

ସମ୍ପୂର୍ଣ୍ଣ ହାତପାଣି ଖର୍ଚ୍ଚ କରିଛନ୍ତି ୩୫ ଏମ୍‌ପି

ଚେନ୍ନାଇ:

ବିକାଶର କଥା କହୁଥିବା ଜନପ୍ରତିନିଧିମାନେ ସେମାନଙ୍କ ନିର୍ବାଚନମଣ୍ଡଳୀ ପାଇଁ ମିଳୁଥିବା ଏମ୍‌ପିଲ୍ୟାଡ୍ (ଏମ୍‌ପିଙ୍କ ହାତପାଣି) ଖର୍ଚ୍ଚ କରିବାରେ ବହୁ ପଛରେ ପଡିଛନ୍ତି। କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ତଥ୍ୟରୁ ଏହା ଜଣାପଡ଼ିଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଏବଂ ଜିଲା ପ୍ରଶାସନ ପାଣ୍ଠି ଯୋଗାଣରେ ବିଳମ୍ବ କରୁଥିବାରୁ କେନ୍ଦ୍ର ସରକାର ଏମ୍‌ପିଲ୍ୟାଡ ପାଣ୍ଠି ଯୋଗାଣ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି। ବର୍ଷକୁ ଦୁଇଟି କିସ୍ତିରେ ଏହି ପାଣ୍ଠି ଯୋଗାଇବା ପରିବର୍ତ୍ତେ ଗୋଟିଏ କିସ୍ତିରେ ଯୋଗାଇ ଦେବା କଥା ଚିନ୍ତା କରାଯାଉଛି। ମୋଟ ୫୪୩ ଲୋକ ସଭା ଆସନ ମଧ୍ୟରୁ ମାତ୍ର ୩୫ଟିରେ ୨୦୧୪ରୁ ଇତିମଧ୍ୟରେ ସମ୍ପୂର୍ଣ୍ଣ ୨୫ କୋଟି ଟଙ୍କା ଖର୍ଚ୍ଚ ହେବା ସହ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଦକ୍ଷିଣ ଭାରତର କୌଣସି ରାଜ୍ୟ ସମ୍ପୂର୍ଣ୍ଣ ଏମ୍‌ପିଲ୍ୟାଡ ଖର୍ଚ୍ଚ କରିନାହାନ୍ତି। ପଶ୍ଚିମବଙ୍ଗରେ ସର୍ବାଧିକ ୧୦ଟି ନିର୍ବାଚନ ମଣ୍ଡଳୀରେ ସମ୍ପୂର୍ଣ୍ଣ ୨୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଗୁଜରାଟ, ଉତ୍ତରପ୍ରଦେଶ ଏବଂ ହରିୟାଣାର କେତେକ ନିର୍ବାଚନ ମଣ୍ଡଳୀ ସମ୍ପୂର୍ଣ୍ଣ ପାଣ୍ଠି ଖର୍ଚ୍ଚ କରିଛନ୍ତି। ଉନ୍ନୟନମୂଳକ କାର୍ଯ୍ୟ ଲାଗି ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପ୍ରତି ନିର୍ବାଚନମଣ୍ଡଳୀକୁ ବର୍ଷକୁ ୫ କୋଟି ଟଙ୍କା ଦୁଇଟି କିସ୍ତିରେ ଯୋଗାଇ ଦିଆଯାଉଥିବା ବିଭାଗୀୟ ମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡା ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି। ବିଭିନ୍ନ କାରଣରୁ ଜିଲା ପ୍ରଶାସନ ପାଣ୍ଠି ଖର୍ଚ୍ଚ ପ୍ରମାଣପତ୍ର ଦାଖଲରେ ବିଳମ୍ବ କରୁଛି। ଗୋଟିଏ କିସ୍ତିରେ ବର୍ଷକୁ ୫ କୋଟି ଟଙ୍କା ଯୋଗାଇଦେବା ପ୍ରସ୍ତାବ ବିଚାରାଧୀନ ରହିଛି। ଅର୍ଥ ମନ୍ତ୍ରଣାଳୟ ସହ ପରାମର୍ଶ ପରେ ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି ଗୌଡା କହିଛନ୍ତି। ଗୋଟିଏ ବର୍ଷରେ ପ୍ରକଳ୍ପ ଶେଷ କରି ପାଣ୍ଠି ବିନିଯୋଗ ପ୍ରମାଣପତ୍ର ପାଇବା ସମ୍ଭବ ନୁହେଁ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପିଏମ୍‌କେ ଏମ୍‌ପି ଅନ୍‌ବୁମଣି ରାମଦୋସ୍ କହିଛନ୍ତି। ଜିଲାପାଳମାନଙ୍କ ମନମୁଖି କାର୍ଯ୍ୟ ଯୋଗୁ ଗୋଟିଏ ବି ପ୍ରକଳ୍ପ କାର୍ଯ୍ୟକାରୀ କରିପାରି ନ ଥିବା ସେ କହିଛନ୍ତି।

ଇତିହାସର ଆଇନାରେ
ଡିସେମ୍ବର ୨୭ର ପ୍ରମୁଖ ଘଟଣା

୧୯୧୧ ଡିସେମ୍ବର ୨୭ ତାରିଖରେ ଭାରତୀୟ ଜାତୀୟ କଂଗ୍ରେସର କୋଲକାତା ଅଧିବେଶନରେ ବିଶ୍ୱକବି ତଥା ନୋବେଲ ପୁରସ୍କାର ବିଜେତା ରବୀନ୍ଦ୍ରନାଥ ଟାଗୋରଙ୍କ ଦ୍ୱାରା ରଚିତ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ପ୍ରଥମଥର ପାଇଁ ଗାନ କରାଯାଇଥିଲା।

୨୦୦୭ ଡିସେମ୍ବର ୨୭ରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋଙ୍କୁ ରାୱଲପିଣ୍ଡିରେ ହତ୍ୟା କରାଯାଇଥିଲା। ସେ ଦୁଇ ଥର (୧୯୮୮-୧୯୯୦ ଓ ୧୯୯୩-୧୯୯୬) ପାକିସ୍ତାନର ପ୍ରଧାନମନ୍ତ୍ରୀ ଥିଲେ। ବିରୋଧୀ ଦଳ ପାକିସ୍ତାନ ପିପୁଲ୍ସ ପାର୍ଟି ନେତ୍ରୀ ବେନଜୀର ଲିଆକତ ନ୍ୟାଶନାଲ ବାଗ୍‌ରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇସାରିବା ପରେ ତାଙ୍କୁ ଗୁଳି କରାଯାଇଥିଲା। ପରେ ସେଠାରେ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ଅନ୍ୟ ୨୪ ଜଣଙ୍କ ମୃତ୍ୟୁ ହୋଇଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଆକାଶ ମେଘୁଆ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ କୁହୁଡ଼ିଆ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବ ନିମ୍ନ ତାପମାତ୍ରା
ବାଲେଶ୍ୱର	୨୬.୪	୧୦.୦
ଚାନ୍ଦବାଲି	୨୪.୪	୧୨.୪
କଟକ	୨୬.୫	୧୧.୮
ପାରାଦ୍ୱୀପ	୨୫.୫	୧୪.୪
ଭୁବନେଶ୍ୱର	୨୭.୬	୧୨.୪
ଗୋପାଳପୁର	୨୬.୮	୧୫.୩
ପୁରୀ	୨୭.୦	୧୫.୦
ଅନୁଗୋଳ	୨୫.୫	୮.୬
ବାରିପଦା	୨୪.୦	୧୦.୫
ଝାରସୁଗୁଡ଼ା	୨୫.୯	୯.୪
କେନ୍ଦୁଝର	୨୩.୬	୯.୧
ସମ୍ବଲପୁର	୨୭.୨	୯.୯
ସୁନ୍ଦରଗଡ଼	୨୪.୫	୯.୦
ହୀରାକୁଦ	୨୬.୩	୧୧.୧
ତାଳଚେର	୨୮.୨	୧୦.୩
ଭବାନୀପାଟଣା	୨୭.୨	୧୧.୦
ବଲାଙ୍ଗୀର	୨୬.୫	୧୧.୦
କୋରାପୁଟ	୨୬.୦	୧୦.୬
ଫୁଲବାଣୀ	୨୪.୮	୬.୦
ଟିଟିଲାଗଡ଼	---	---
ମାଲକାନଗିରି	୨୯.୪	୧୫.୨
ସୋନପୁର	୨୭.୨	୯.୮
ଦାରିଙ୍ଗିବାଡ଼ି	୨୪.୦	୫.୫
ଢେଙ୍କାନାଳ	---	---

ଡିଗ୍ରୀ ସେଲ୍‌ସିୟସ୍

ଆସିଲା 'ଠାକ୍‌ରେ' ଟ୍ରେଲର

ମୁମ୍ବାଇ : ଶିବସେନା ସୁପ୍ରିମୋ ବାଲ୍ ଠାକ୍‌ରେଙ୍କ ଜୀବନ କାହାଣୀ ଉପରେ ଆଧାରିତ 'ଠାକ୍‌ରେ ବାୟୋପିକ୍'ର ଅଢ଼େଇ ମିନିଟ୍ ଟ୍ରେଲର ଶୋ' ବୁଧବାର ରିଲିଜ୍ ହୋଇଛି।



ବାୟକମ୍ ୧୮ ମୋଶନ ପିକ୍‌ଚର୍ସର ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରଦର୍ଶିତ ୨ ମିନିଟ୍ ୫୪ ସେକେଣ୍ଡର ଏହି ବାୟୋପିକ୍ ଟ୍ରେଲରରେ ଠାକ୍‌ରେ ଓ ତାଙ୍କ ସ୍ତ୍ରୀଙ୍କ ଭୂମିକାରେ ବଲିଉଡ୍ ଅଭିନେତା ନୱାଜୁଦ୍ଦିନ ସିଦ୍ଦିକ୍ ଏବଂ ଅମ୍ରିତା ସିଂଙ୍କୁ ଦେଖିବାକୁ ମିଳିଛି। ଠାକ୍‌ରେଙ୍କ ଅବିକଳ ମେକଅପ୍‌ରେ ନୱାଜୁଦ୍ଦିନଙ୍କ ଝଲକ ଦର୍ଶକଙ୍କୁ ଆନ୍ଦୋଳିତ କରିଛି। ଅଭିଜିତ୍ ପାନ୍‌ଶେ ନିର୍ଦ୍ଦେଶିତ ଏହି ଚର୍ଚ୍ଚିତ ଚଳଚ୍ଚିତ୍ର ଆସନ୍ତା ଜାନୁୟାରୀ ୨୫ ତାରିଖରେ ବଡ଼ ପରଦାରେ ମୁକ୍ତିଲାଭ କରିବ। ପୂର୍ବରୁ କେତେଗୁଡ଼ିଏ ବାୟୋପିକ୍ ଫିଲ୍ମରେ ଅଭିନୟ କରି ସଫଳ ହୋଇଥିବା ନୱାଜୁଦ୍ଦିନ କହିଛନ୍ତି, ବାଲାସାହେବଙ୍କ ଚରିତ୍ର ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ୍ ହୋଇଛି। ତାଙ୍କର ଠାଣି, ବାଣୀ ଓ ଭାବଭଙ୍ଗୀ ସ୍ୱତନ୍ତ୍ର। ଏହା ତାଙ୍କ ଅଭିନୀତ ଉର୍ଦ୍ଦୁ ଲେଖକ 'ମାଣ୍ଟୋ'ଙ୍କ ଚରିତ୍ରଠାରୁ ଭିନ୍ନ ବୋଲି ସେ କହିଛନ୍ତି। ବରିଷ୍ଠ ଖବରଦାତା ତଥା ଏମ୍‌ପି ସଞ୍ଜୟ ରାଉତ୍‌ଙ୍କ ଦ୍ୱାରା ଲିଖିତ 'ଠାକ୍‌ରେ' ଫିଲ୍ମ ଉଭୟ ହିନ୍ଦୀ ଓ ମରାଠୀ ଭାଷାରେ ଶୁଟିଂ କରାଯାଇଛି। ଏହାକୁ ଇଂଲିଶ୍‌ରେ ଡବିଂ କରାଯିବ। ମରାଠୀ ମାନୁଷ୍ ବାଲାସାହେବଙ୍କ ଭୂମିକାରେ ଅଭିନୟ କରିବା ପାଇଁ ତାଙ୍କୁ ସୁଯୋଗ ମିଳିଥିବାରୁ ନୱାଜୁଦ୍ଦିନ ଶିବ ସେନାକୁ ଧନ୍ୟବାଦ ଜଣାଇଛନ୍ତି।

ସଂକ୍ଷେପରେ

ଟ୍ରକ୍ ଧକ୍କାରେ ବାଇକ ଚାଳକ ଗୁରୁତର

ଜମନକିରା, ୨୬।୧୨ (ଡି.ଏନ୍.ଏ.)- ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ୫୩ ନଂ. ରାସ୍ତାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବାଇକ ଓ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ ଚାଳକ ଲକ୍ଷ୍ମୀନାଥ ଶର୍ମା (୫୫) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପରିବାର ଲୋକେ ପ୍ରଥମେ ବୁର୍ଲା ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱର ଆପୋଲୋ ହସପିଟାଲ ନେଇଛନ୍ତି। ପୋଲିସ ଏ ନେଇ ଏକ ଦୁର୍ଘଟଣା ଜନିତ ମାମଲା (ନଂ. ୮୩/୧୮) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଶର୍ମା ନିଜ ବାଇକ୍ ଯୋଗେ ପଡ଼ିଆବାହାଲରୁ ଗୌଡ଼ପାଲିସ୍ଥିତ ଘରକୁ ଫେରୁଥିଲେ। ଏତିକିବେଳେ ଅପର ପଟୁ ଆସୁଥିବା ଟ୍ରକ୍ (ଡବ୍ଲୁବି ୨୩ ସି ୪୮୭୬) ସହ ମହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ଶର୍ମା ପଡ଼ିଯାଇ ମୁଣ୍ଡରେ ଗଭିର ଆଘାତ ହୋଇଥିଲା। ଟ୍ରକ୍ ଚାଳକ ଓ ଖଲାସି ଘଟଣା ସ୍ଥଳରୁ ଫେରାର୍ ମାରିଥିଲେ। ସ୍ଥାନୀୟ ଲୋକେ ଶର୍ମାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।

ଆମର ଉତ୍ସବ ଉଦ୍ଯାପିତ

ଚିପିଲିମା, ୨୬।୧୨(ଡି.ଏନ.ଏ.)- ଷଷ୍ଠ 'ଆମର ଉତ୍ସବ-୨୦୧୮' ଉଦ୍ଯାପିତ ହୋଇଯାଇଛି। ଭାରତୀ କ୍ଲବ ପଡ଼ିଆରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ସୋନପୁରର ପଏଁରୀ, ବୁର୍ଲା ଭାରତୀ କଳାବିକାଶ କେନ୍ଦ୍ର ଏବଂ ବୁର୍ଲା ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗିରିଜା ଶଙ୍କର ନାୟକ, ଅରବିନ୍ଦ କୁମାର ମହାକୁଡ଼, ପ୍ରମୋଦ ଦାଶ, ଚୈତନ୍ୟ ଭୋଇ, ଓକିଲ ଖମାରୀ, ମହେନ୍ଦ୍ର ଦାଶ, ଈଶ୍ୱର ପ୍ରଧାନ, ପ୍ରମୋଦ ଦାଶ ଓ ପ୍ରେମଚାନ୍ଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଦଲଦଲି ଜମିକୁ ଶୌଚ ପାଇଁ ଯାଇ ପ୍ରାଣ ହରାଇଲେ ବୃଦ୍ଧ

ଚିପିଲିମା, ୨୬।୧୨ (ଡି.ଏନ.ଏ.)- ସମ୍ବଲପୁର ଜିଲା ବୁର୍ଲା ଥାନା ଗୋଶାଳା ଗୌଡପଡାର ଜଣେ ମାନସିକ ବିକୃତ ବୃଦ୍ଧ ଶୌଚ ପାଇଁ ଦଲଦଲି ଜମିକୁ ଯାଇ ପ୍ରାଣ ହରାଇଛନ୍ତି। ଦଲଦଲି ଜମିରେ ଫସିଯିବା ପରେ ସେଥିରୁ ସେ ବାହାରି ପାରି ନ ଥିଲେ। ଏହି ବୃଦ୍ଧ ଜଣକ ହେଲେ ଗୋଶାଳା ଗୌଡପଡାର ଭୁଷ୍କା ଗହିର (୬୦)। ଗତ ଶନିବାରଠାରୁ ସେ ନିଖୋଜ ଥିଲେ। ମଙ୍ଗଳବାର ନିକଟସ୍ଥ ଝାରମୁଣ୍ଡା ବେଲପଡାର ଏକ ଦଲଦଲି ଜମିରେ ମୃତଦେହ ପଡି ଥିଲା। ସ୍ଥାନୀୟ କେତେକ ବ୍ୟକ୍ତି ଏହି ଜମିକୁ ଯାଇ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର ହୋଇଥିଲା।

ଖଗସିପାଲିରେ ଦ୍ୱିଦିବସୀୟ ଫୁଟବଲ

ନିର୍ଗୁନୀପଡ଼ା ଚାମ୍ପିୟନ, ବସନ୍ତପୁର ରନର୍ସ ଅପ୍

ଚିପିଲିମା,୨୬।୧୨ (ଡି.ଏନ.ଏ.)

ସମ୍ବଲପୁର ଜିଲା ଧନକଉଡା ବ୍ଲକ ବୈଜାମୁଣ୍ଡା ଖଗସିପାଲି ଗାଁ ଖେଳ ପଡିଆରେ ପ୍ରଗତି ଯୁବକ ସଂଘ ପକ୍ଷରୁ ବରଗଡ ଜିଲା ଓ ସମ୍ବଲପୁର ଜିଲାର ୧୬ଟି ଫୁଟବଲ ଟିମ୍‌କୁ ନେଇ ୪ର୍ଥ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ଗୁନୀପଡା (ସମ୍ବଲପୁର) ଦଳ ବସନ୍ତପୁର କିଶାନ କ୍ଲବକୁ ଟାଇବ୍ରେକରରେ ହରାଇ ଚାମ୍ପିୟନ୍ ହୋଇଛି। ଆୟୋଜିତ ଟୁର୍ନାମେଣ୍ଟରେ ପ୍ରଥମ ସେମିଫାଇନାଲ ସେହ୍ନାପାଲି (ସମ୍ବଲପୁର) ନିର୍ଗୁନୀପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଗୁନୀପଡା ଦଳ ଫାଇନାଲକୁ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ବସନ୍ତପୁର କିଶାନ କ୍ଲବ, ଧମା ବାଉଁସେନମୁରା ଦଳକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲା। କ୍ରୀଡାଶିକ୍ଷକ ଅଭି ମହାନନ୍ଦ, ଲକ୍ଷ୍ମଣ ବେହେରା, କିଶୋର ଭୋଇ, ନନ୍ଦୁ ନାଏକ ଖେଳ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ଦାସ ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ

ଖଗସିପାଲିରେ ଅନୁଷ୍ଠିତ ଫୁଟବଲ୍ ଟୁର୍ନାମେଣ୍ଟରେ ଅତିଥି ଓ ଆୟୋଜକଙ୍କ ସହ ଖେଳାଳିମାନେ।

ଧୀରେନ୍ଦ୍ର ନାଗ, ଯୋଗେଶ୍ୱର ଖଡିଆ, ସଂଘ ସଭାପତି ସୁବାଷ ଖଡିଆ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଭାଜପା ନେତା ନାଉରୀ ନାୟକ, ଜିଲା ପରିଷଦ ସଂଯୁକ୍ତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସୁଷମା ସାହୁ, ପୂର୍ବତନ କର୍ଡୋଲା ସରପଞ୍ଚ ମୁରଲୀ ଛୁରିଆ, ପୂର୍ବତନ ବୈଜାମୁଣ୍ଡା ସରପଞ୍ଚ ସୁରୁବାବୁ ରାଉତ, ଲବ ବରର୍ତ୍ତି, ସୁରେଶ ଛନ୍ଦ, ମନଜିତ୍ କଅଁର, ସୁଧୀର ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ। ବିଜେତା ଦଳକୁ ନଗଦ ୧୦ ହଜାର ଟଙ୍କା ସହ ସିଲ୍ ଓ ଉପବିଜେତା ଦଳକୁ ନଗଦ ୭ ହଜାର ଟଙ୍କା ସହ ସିଲ୍ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଗୋଲକିପର ଭାବେ ନିର୍ଗୁନୀପଡାର ଯୁଗୁନୁ ଓରାମ, ଶ୍ରେଷ୍ଠ ଡିଫେନ୍ସ ଭାବରେ କିଶାନ କ୍ଲବର ଅସିତ ଓ ଶ୍ରେଷ୍ଠ ସ୍କୋରର ଭାବେ ନିର୍ଗୁନୀପଡାର କାଗାଙ୍କୁ ସମ୍ମାନୀତ କରାଯାଇଥିଲା। ଆୟୋଜିତ ଟୁର୍ନାମେଣ୍ଟରେ ସଭାପତି ସୁବାସ ଖଡିଆ ଓ ସମ୍ପାଦକ ଆଶିଷ ମିର୍ଦ୍ଧାଙ୍କ ନେତୃତ୍ୱରେ ସୁମନ୍ତ ମିର୍ଦ୍ଧା, ଶିଶୁ ମିର୍ଦ୍ଧା, ହେମନ୍ତ ମିର୍ଦ୍ଧା, ପାରେଶ୍ୱର ମିର୍ଦ୍ଧା, ତପନ ନାଗ, ଜୟଦେବ ଖଡିଆ ପ୍ରମୁଖ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସମ୍ବଲପୁର ଜିଲାର ବସନ୍ତପୁର, ଚିପିଲିମା, ମିସ୍ତ୍ରୀପଡା, ନିର୍ଗୁନୀପଡା, ଏଲଆଇସିସି ରେଞ୍ଜର ଇଲେଭେନ୍, ସୁନାପାଲି, ବକପଡା, ନିମପାଲି, ରାଣୀବନ୍ଧ,ବାଉଁସେନମୁରା, ବୁର୍ଲା, ଧମା ବାଲପୁର, ସେହ୍ନାପାଲି ଦଳ ଅଂଶ ଗ୍ରହଣ କରିଥିବା ବେଳେ ବରଗଡ ଜିଲାରୁ ସିଆଲଖଣ୍ଡହତା, ଲହଣ୍ଡା, ଟିଂକିରାପଡା ଦଳ ଅଂଶ ଗ୍ରହଣ କରିଥିଲେ।

ସିଏଚ୍ଏସ୍ଇ ଆନ୍ତଃ କଲେଜ ଭଲିବଲ୍ ଟୁର୍ନାମେଣ୍ଟ

ମୟୂରଭଞ୍ଜ ଶହୀଦ ମେମୋରିଆଲ ଜୁନିୟର କଲେଜ ଚାମ୍ପିୟନ

ସମ୍ବଲପୁର, ୨୬।୧୨ (ବ୍ୟୁରୋ)

ସିଏଚଏସଇ ଆନ୍ତଃ କଲେଜ ଭଲିବଲ ଟୁର୍ନାମେଣ୍ଟ ବୁଧବାର ସମଲେଶ୍ୱରୀ କଲେଜ ନିକଟସ୍ଥ ମନ୍ଦଲିଆ ପଡିଆଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଶହୀଦ ମେମୋରିଆଲ ଜୁନିୟର କଲେଜ ଚାମ୍ପିୟନ ଓ ବରଗଡ ତୋରା ଜୁନିୟର କଲେଜ ରନର୍ସ ଅପ୍ ଟ୍ରଫି ହାସଲ କରିଛି। ଫାଇନାଲ ମ୍ୟାଚ ଆକର୍ଷଣୀୟ ହୋଇଥିଲା। ମୟୁରଭଞ୍ଜ ଦଳ ୨୫-୨୨, ୨୧-୨୫, ୨୫-୨୩ ଓ ୨୭-୨୫ ପଏଣ୍ଟରେ ବିଜୟୀ ହୋଇଥିଲା। ରେଫରି ସୁକାନ୍ତ କୁମାର ସାହୁ, ରମେଶ ଚନ୍ଦ୍ର ସେଠ, ବିଶ୍ୱମ୍ଭର ପ୍ରଧାନ ଓ ମକରଧ୍ୱଜ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ଆୟୋଜକ ସମଲେଶ୍ୱରୀ କଲେଜ ଅଧ୍ୟକ୍ଷ ସୁମନ୍ତ କୁମାର ପତିଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଦଳକୁ ପୁରସ୍କୃତ କରିଥିଲେ। ଖେଳ ଅଧ୍ୟାପକ ଆନନ୍ଦ ଚନ୍ଦ୍ର ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁଷମା ସାହୁ, ସଂଗୀତା ପୁରୋହିତ, ଜୟନ୍ତୀ ବାଗ, ସୋନାଲିସା ପୁରୋହିତ, ଅକ୍ଷୟ ଦାଶ, ଶ୍ରୀକାନ୍ତ ପାଣ୍ଡେ, ଆଲୋକ ଚାନ୍ଦ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୭ଟି ଦଳ ସାମିଲ ହୋଇଥିଲେ। ଏହି ଅବସରରେ ଖେଳାଳି ଚୟନ ଶିବିର ମଧ୍ୟ ହୋଇଥିଲା। ଆମୋଦ ଆନନ୍ଦ, ବିଭୁତେନ୍ଦୁ ମାନସିଂ ଓ ଅସୀମ୍ କୁମାର ପାଲ ଯୋଗ ଦେଇଥିଲେ।

ବୁଧବାର ସମ୍ବଲପୁର ମନ୍ଦଲିଆ ପଡିଆରେ ଆୟୋଜିତ ସିବିଏସଇ ଆନ୍ତ କଲେଜ ଭଲିବଲ ଟୁର୍ନାମେଣ୍ଟରେ ଚାମ୍ପିୟନ ମୟୂରଭଞ୍ଜ ଦଳ ଅତିଥିଙ୍କ ସହ।

କୁଚିଣ୍ଡା ଏସଆରଟି କପ୍ କ୍ରିକେଟ ଟୁର୍ନାମେଣ୍ଟ

ରାଉରକେଲାର ମାମା ଚାମ୍ପିୟନ

କୁଚିଣ୍ଡା, ୨୬।୧୨ (ଡି.ଏନ.ଏ.)

କୁଚିଣ୍ଡାସ୍ଥିତ ମୁକୁନ୍ଦି ପଡିଆରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ବ୍ରୋ ଇଲେଭେନ ପକ୍ଷରୁ ୬ଷ୍ଠ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ବୁଧବାର ଅନ୍ତିମ ଦିନରେ ଅନୁଷ୍ଠିତ ଫାଇନାଲ ଖେଳରେ ମାମା ରାଉରକେଲା ଦଳ ୭ ଉଇକେଟରେ ଆରସିସି ବ୍ରଜରାଜନଗର ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ଟସ ଜିଣି ରାଉରକେଲା ଦଳ ବ୍ରଜରାଜନଗର ଦଳକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ ଦେଇଥିଲା। ବ୍ରଜରାଜନଗର ଦଳ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୭୧ ରନ କରିଥିଲା। ଜବାବରେ ରାଉରକେଲା ଦଳ ୬ଓଭରରେ ୩ ଉଇକେଟ ହରାଇ ୭୨ ରନ କରି ବିଜୟୀ ହୋଇଥିଲେ। ବିଜୁ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାରେ ଅତିଥି ରୂପେ ଡ. ଶରତ ଚନ୍ଦ୍ର ଗୌନ୍ତିଆ, ଅଶୋକ ନାୟକ, ସୁବାସଚନ୍ଦ୍ର ନାୟକ, ଗଗନ ଶର୍ମା, ପ୍ରଭାତ ବେହେରା, ଦିନେଶ ନନ୍ଦ, ଅମିତ ମିଶ୍ର, ମହେଶ ରାୟ ଏବଂ ପ୍ରାଣବନ୍ଧୁ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଭାବାନ ବ୍ୟକ୍ତି ମିତ୍ରଭାନୁ ଗୌନ୍ତିଆ, ଅମିତ ମହାକୁଳ, ଏଞ୍ଜେଲ ପଣ୍ଡା, ରିଙ୍କୁ ସାହୁ, ଅମନ ଅଗ୍ରୱାଲଙ୍କୁ ସମ୍ମାନୀତ କରାଯାଇଥିଲା।

ମଲ୍‌ରେ ଡିଜେ ପାର୍ଟି ବନ୍ଦ କଲା ପୋଲିସ

ସମ୍ବଲପୁର,୨୬।୧୨(ବ୍ୟୁରୋ)

ସମ୍ବଲପୁର ସହରର ମୋଦିପଡା ଅଞ୍ଚଳରେ ଥିବା ଏକ ମଲ୍‌ରେ ବୁଧବାର ଡିଜେ ପାର୍ଟି ଚାଲିଥିବା ବେଳେ ଟାଉନ ଥାନା ପୋଲିସ ପହଞ୍ଚି ବନ୍ଦ କରିଛି। ଅତ୍ୟଧିକ ସାଉଣ୍ଡ ଦେଇ ଗୀତ ନାଚ ଚାଲିଥିବା ପୋଲିସକୁ ଅଭିଯୋଗ ଆସିଥିଲା। ସେଠାରେ ଗଣ୍ଡଗୋଳ ସହ ଜଣେ ଯୁବତୀଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଜଣା ପଡିଛି। ପୋଲିସ କିନ୍ତୁ ଏହାକୁ ସ୍ୱୀକାର କରିବାକୁ ନାରାଜ। କେବଳ ଡିଜେ ବନ୍ଦ କରିଥିଲା ବୋଲି କହିଛି।

ସମ୍ବଲପୁର ଜଗନ୍ନାଥ କଲୋନୀ ଫାଇନାଲରେ

ରେଢ଼ାଖୋଲ,/ଅମରପାଲି ୨୬।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ବଡମାଳ ହାଇସ୍କୁଲ ପଡିଆରେ ଚାଲିଥିବା ୧୮ ତମ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟର ପଞ୍ଚମ ଦିନରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ମହତାବ କ୍ଲବ ମାନେଶ୍ୱରକୁ ହରାଇ ଜଗନ୍ନାଥ କଲୋନୀ ସମ୍ବଲପୁର ଫାଇନାଲରେ ପ୍ରବେଶ କରିଛି। ଜଗନ୍ନାଥ କଲୋନୀ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରବୀଣ ଲୁହା ୨୭ ରନ ଓ ଅବିନାଶ ନନ୍ଦ ୨୬ ରନ କରିଥିଲେ। ମହତାବ କ୍ଲବର ସେକ ଜାହାଙ୍ଗିର ୪ଟି ଓ ଅନବର ହୁସେନ ୩ଟି ଉଇକେଟ ନେଇଥିଲେ। ଜବାବରେ ମହତାବ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୦୬ ରନ କରି ପରାସ୍ତ ହୋଇଥିଲା। ଦଳର ସୟଦ ହାରୁନ ୪୧ ରନ ଓ କମଲେଶ ଶର୍ମା ୨୬ ରନ କରିଥିଲେ। ଜଗନ୍ନାଥ କଲୋନୀ ଦଳର ପ୍ରଶାନ୍ତ ଦାସ ୩ଟି ଓ ରାହୁଲ ବିଶ୍ୱକର୍ମା ୨ଟି ଉଇକେଟ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ସନାତନ ପ୍ରଧାନ ଓ ଗୁପ୍ତେଶ୍ୱର ରଣା ଅତିଥି ଭାବେ ଯୋଗ ଦେଇ ଅବିଶେକ ପଣ୍ଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରି ପୁରସ୍କୃତ କରିଥିଲେ। ସୁଜିତ ନନ୍ଦ ଓ ଦେବେନ୍ଦ୍ର ପ୍ରଧାନ ଖେଳ ପରିଚାଳନା କରିଥିଲେ। ଶୁଭମ ସେଠ ସ୍କୋରର ଥିବାବେଳେ ସୁବଳ ପ୍ରଧାନ ଧାରାବିବରଣି ପ୍ରଦାନ କରିଥିଲେ।

ଶୁକଦେବ ସ୍ମାରକୀ କ୍ରିକେଟରେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

କିଷାନ ସମାଜର ବ୍ଲକସ୍ତରୀୟ ବାର୍ଷିକୋତ୍ସବ

ବାମରା, ୨୬।୧୨ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକର କେଶାଇବାହାଲ ଆଞ୍ଚଳିକ ଗୁଡି ପକ୍ଷରୁ ୫୫୦ କିଷାନ ସମାଜର ବାର୍ଷିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଖିତୁନାଥ ପିଙ୍ଗଙ୍କ ସଭାପତିତ୍ୱରେ ସ୍ଥାନୀୟ କବିରବାହାଲରେ ଏକ ସମାବେଶ ଆୟୋଜିତ ହୋଇଥିଲା। ବୃନ୍ଦାବନ ମାଝି, ଶୋଭାରାମ ପ୍ରଧାନ, ସ୍ୱପ୍ନେଶ୍ୱର ବାଘ, ରମେଶ ପ୍ରଧାନ, କରୁଣାକର କିସାନ, ଭୁବନେଶ୍ୱର କିସାନପୁରୁଷୋତ୍ତମ ଲୁହା, କୃଷ୍ଣଚନ୍ଦ୍ର କିସାନ, ଲିଙ୍ଗରାଜ ବାଘ, ଲଳିତ ମୋହନ କିସାନ, ରାମଚନ୍ଦ୍ର ମିଞ୍ଜ, ଧନେଶ୍ୱର କିସାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ସର୍ବାଙ୍ଗୀନ ବିକାଶ, ସରକାରୀ ଯୋଜନାର ଲାଭ, ନିଶା ନିବାରଣ, ଅନ୍ଧ ବିଶ୍ୱାସ, ସାମାଜିକ ବାସନ୍ଦ, କିସାନ ଭାଷାର ମର୍ଯ୍ୟାଦା ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ସୂର୍ଯ୍ୟ ଦେବତାଙ୍କ ପୂଜାର୍ଚ୍ଚନ କରାଯାଇଥିଲା। ଏହି ଅବସରରେ ଆଞ୍ଚଳିକ ଗୁଡିର ମହିଳା କମିଟି ଗଠନ ହୋଇଥିଲା। ଯେଉଁଥିରେ ତପସ୍ୱିନୀ ପ୍ରଧାନ ସଭାନେତ୍ରୀ, ସୁକାନ୍ତି ବାଘ ସହସଭାନେତ୍ରୀ, ଆରତୀ ପିଙ୍ଗ ସମ୍ପାଦିକାଙ୍କ ସମେତ ୯ଜଣିଆ କମିଟି ଗଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କୃଷ୍ଣଚନ୍ଦ୍ର ଟପ୍ପୋ, ତସିଲ ଟପ୍ପୋ, ଜୟଦେବ ଘଟୁଆଲ, ରେଙ୍ଗଟୁ କଚ୍ଛପ, ଭଗିନ୍ଦ୍ର କିସାନ, ହରମୋହନ ପ୍ରଧାନ,ଅର୍ଜୁନ କିସାନ, ପ୍ରଦୀପ ଡୁଡୁମ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ଦଳ ପକ୍ଷରୁ କିସାନ ସମାଜର ପାରମ୍ପାରିକ ନାଚ, ଗୀତ ପରିବେଷଣ ହୋଇଥିଲା। ଅନ୍ୟପକ୍ଷେ, ସମାଜର ମହିଳା ସଂଗଠନ ପକ୍ଷରୁ ୩ଦିନ ଧରି ସ୍ଥାନୀୟ କେଶାଇବାହାଲ ଫୁଟବଲ ପଡିଆରେ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୨୨ଟି ଦଳ ଭାଗ ନେଇଥିଲେ। ଫାଇନାଲରେ ବାଉଁଶଲଗା ପଞ୍ଚାୟତ ବାଦପଡା ଦଳ ଟାଇବ୍ରେକରରେ କିନାବଗା ପଞ୍ଚାୟତ ଦଳକିବାହାଲ ଦଳକୁ ୩-୨ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ୫ହଜାର ଓ ରନର୍ସଅପ୍ ଦଳକୁ ୩ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।

ବିଟିଆଇ ଶିକ୍ଷାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଚିପିଲିମା, ୨୬।୧୨ (ଡି.ଏନ.ଏ)

ସମ୍ବଲପୁର ଜିଲା ବସନ୍ତପୁରସ୍ଥିତ ପୋଲିସର ବେସିକ ଟ୍ରେନିଂ ସେଣ୍ଟର (ବିଟିଆଇ)ରେ କନଷ୍ଟେବଲ ଓ ସିପାହୀ ତୃତୀୟ ବ୍ୟାଚର ଏକବର୍ଷିଆ ଟ୍ରେନିଂ ଶେଷ ହୋଇଛି। ଏହି ଅବସରରେ ଏକ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। କମାଣ୍ଡାଣ୍ଟ ତଥା ଅଧ୍ୟକ୍ଷ ବାଳକୃଷ୍ଣ ନନ୍ଦ ଅଧ୍ୟକ୍ଷତା କରିଥିଲେ। ଆଇପିଏସ୍ ହିମାଂଶୁ ଲାଲ ଯୋଗ ଦେଇ ପୋଲିସ ସେବାରେ ନିଷ୍ଠାପର ଭାବେ କାର୍ଯ୍ୟଭାର ତୁଲାଇବାକୁ ପରାମର୍ଶ ଦେଇଥିଲେ।

ପ୍ରସନ୍ନ ପଣ୍ଡାଙ୍କ ୨୧ତମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ

ରେଙ୍ଗାଲି, ୨୬।୧୨ (ଡି.ଏନ.ଏ)

ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବ୍ରଜରାଜନଗର ପୂର୍ବତନ ବିଧାୟକ ଜନନେତା ସ୍ୱର୍ଗତ ପ୍ରସନ୍ନ ପଣ୍ଡାଙ୍କ ୨୧ତମ ଶ୍ରାଦ୍ଧବାର୍ଷିକ ପାଳନ କରାଯାଇଛି। ବୁଧବାର ରେଙ୍ଗାଲି ଡାକ୍ତରଖାନା ସମ୍ମିଳନୀ ଗୃହରେ ପରିଷଦର ସଭାପତି ଡ. ତୁଳସୀ ଦାସ ମାହାଣା ସଭାପତିତ୍ୱ ଏବଂ ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣିଙ୍କ ସଂଯୋଜନାରେ ଏହି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୀପ ପ୍ରଜ୍ୱଳନ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ପ୍ରସନ୍ନ ପଣ୍ଡାଙ୍କ ବହୁମୁଖୀ ପ୍ରତିଭା, ଲୋକପ୍ରିୟତା, ନିରାଡମ୍ବରତା, ହୀରାକୁଦ ବାସଚ୍ୟୁତ ପରିବାର ସମସ୍ୟା ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ରେଙ୍ଗାଲି ତହସିଲ ଛକକୁ ପ୍ରସନ୍ନ ପଣ୍ଡାଙ୍କ ନାମରେ ନାମିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ଶଶିଭୂଷଣ ସାହୁ, ବିଶିକେଶନ ପଣ୍ଡା, ବସନ୍ତ ନାୟକ, ଶ୍ରୀକ୍ରିଷ୍ଣା ମାହାଣା, କବିରାଜ ବଢ଼େଇ, ବାଳକୃଷ୍ଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସୁବନଚାନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବାରିକ ସମାଜର ବାର୍ଷିକ ଉତ୍ସବ

ଚିପିଲିମା,୨୬।୧୨ (ଡି.ଏନ.ଏ.)

ବୁର୍ଲା ବାରିକ ସମାଜର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସମ୍ବଲପୁର ବିଧାୟିକା ଡ. ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଦେବାଶିଷ ନନ୍ଦ, ବିନୋଦ ପଶାୟତ, ପୁରୁଷୋତ୍ତମ ଡାକୁଆ, ନରସିଂହ ତରସିଆ, ବିଦେଶୀ ବେହେରା, କାଙ୍ଗାଲୁ ବାରିକ, ସନ୍ତୋଷ ବାରିକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତାରନିସେନ ବାରିକ, ଉମେଶ ଡାକୁଆ, ସନାତନ ଡାକୁଆ, ନଗେଶ, ଶ୍ରୀନୁ, ତ୍ରିଲୋଚନ, ହରିଆ, ଏନ. ନରସିଂହ, ହରି, ଭୁଗି, ପରେଶ, କ୍ରିଷ୍ଣା ରାଓ, ରାମା ରାଓ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ୩ଲକ୍ଷ ଟଙ୍କାରେ ନିର୍ମିତ ବାରିକ ସମାଜର ନିଜସ୍ୱ ଗୃହକୁ ବିଧାୟିକା ଉଦ୍‌ଘାଟନ କରିଥିଲେ। ପ୍ରଦ୍ୟୁମ୍ନ ମିଶ୍ର, ଆର. ଶିବ କୁମାର, ତାରନିସେନ ଚାନ୍ଦ, ରମାକାନ୍ତ ସାହୁ, ହୃଷୀକେଶ ସ୍ୱାଇଁ, ଗୋକୁଳି ରାଉତ, ଶିବ ମହାନନ୍ଦ, ବିଭୀଷଣ ଭିସର, ବାପି ପଣ୍ଡା, ଉମାଶଙ୍କର ଅଗ୍ରୱାଲ, ଅଶୋକ ସାମଲ, ନରେନ୍ଦ୍ର ଭୁକ୍ତା, ରାଜେନ୍ଦ୍ର ପରିଡ଼ା, ଶଙ୍କର ପ୍ରସାଦ, ଲୋଚନ ପ୍ରଧାନ, ଶୁଭେନ୍ଦୁ ସାହୁ, ଆଶିଷ ପଞ୍ଚବିହାର, ତ୍ରିଲୋଚନ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ବାମରାରେ ବ୍ଲକସ୍ତରୀୟ ହିନ୍ଦୁ ସମ୍ମିଳନୀ

ବାମରା, ୨୬।୧୨ (ସ୍ୱ.ପ୍ର.)

ବାମରା ଗୋବିନ୍ଦପୁର ଦୁର୍ଗାମଣ୍ଡପ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ଏକ ବିରାଟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବ୍ଲକ କାର୍ଯ୍ୟବାହ ସୋମନାଥ କେଶରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ମିଳନୀରେ ପଶ୍ଚିମପ୍ରାନ୍ତ ସଂଗଠନ ମନ୍ତ୍ରୀ (ବିଶ୍ୱ ହିନ୍ଦୁ ପରିଷଦ) ଶରତ ପ୍ରଧାନ ଯୋଗ ଦେଇଥିଲେ। ହିନ୍ଦୁ ସମ୍ମିଳନୀର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆବଶ୍ୟକତା, ଶ୍ରୀରାମ ଜନ୍ମଭୂମିର ପୁନରୁଦ୍ଧାର ଓ ଭବ୍ୟ ମନ୍ଦିର ନିର୍ମାଣ ଉପରେ ଉଦ୍‌ବୋଧନ ଦେଇଥିଲେ। ଜିଲା ସଂଘ ଚାଳକ ସରୋଜ ଦାଶ ହିନ୍ଦୁ ଦର୍ଶନ ଶାସ୍ତ୍ର, ଅଖଣ୍ଡ ଭାରତ ନିର୍ମାଣ ଓ ସମିତି ଗଠନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଜିଲା ପ୍ରଚାରକ ସୁଧାଂଶୁଶେଖର ଭୋଇ, ପଶ୍ଚିମପ୍ରାନ୍ତ ସହ କୋଷାଧ୍ୟକ୍ଷ ସଜନ କୁମାର ଖଣ୍ଡେଲୱାଲ, ଘାସିରାମ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୋଲବଗା ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଉମେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିରରୁ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରା ବାହାରିଥିଲା। ଏହା ଶ୍ରୀରାମ ମନ୍ଦିର ଛକ, ଶ୍ରୀ ଗୁଣ୍ଡିଚା ମନ୍ଦିର ଛକ, ମାରୱାଡି ବସ୍ତି, ପଞ୍ଜାବୀ ଛକ, ବ୍ଲକ ଛକ, ବସଷ୍ଟାଣ୍ଡ, ଷ୍ଟେସନ ବସ୍ତି, ବିଜୁ ପଟ୍ଟନାୟକ ଛକ ପରିକ୍ରମା କରିବା ପରେ ଦୁର୍ଗା ମଣ୍ଡପକୁ ଫେରିଥିଲେ। ଏହି ଅବସରରେ ବାମରା ଗାୟତ୍ରୀ ପରିବାର ପକ୍ଷରୁ ଏକ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବିନୟ କୁମାର ପଣ୍ଡା ଯଜ୍ଞ ସଂଚାଳନ କରିଥିବା ବେଳେ ସତ୍ୟଜିତ ସରାଫ ସହଯୋଗୀ ଥିଲେ। ଅର୍ଜୁନ ସାହୁ, ପଦ୍ମା କିରୋ ଓ ଅନୀତା ଟେଟେ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଏକ ଖଣ୍ଡ ହିନ୍ଦୁ ସଞ୍ଚାଳନ ସମିତି ଗଠନ କରାଯାଇଥିଲା। ଏଥିରେ ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ବ୍ଲକର ୧୭ଟି ପଞ୍ଚାୟତରୁ ସାମିଲ ହୋଇଥିଲେ।

ବାମରାରେ ହିନ୍ଦୁ ସମ୍ମିଳନୀ ଅବସରରେ ଶୋଭାଯାତ୍ରା ବାହାରିଛି।

ଧରିତ୍ରୀ Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

MOCK TEST PAPER # 2

IITJEE (Main) (MATHEMATICS)

Time : 1 hour **Maximum Marks: 120**

GENERAL INSTRUCTIONS

*For each question you will be given **4** Marks if you have darkened only the bubble corresponding to the correct answer and zero mark if no bubble is darkened. In all other cases, minus **one (–1)** Marks **(NEGATIVE MARKING)** will be given.*

1. Let $f:R\to R$ be a positive increasing function with $\lim_{x\to\infty}\frac{f(3x)}{f(x)}=1$. Then $\lim_{x\to\infty}\frac{f(2x)}{f(x)}$ is equal to

(1) 1 (2) $\frac{2}{3}$

(3) $\frac{3}{2}$ (4) 3

2. $\int\frac{\sin 4x}{(2013+\sin 2x)^{2014}}dx$

(1) $\frac{(1+\sin 2x)}{2012(2013+\sin 2x)^{2013}}+C$

(2) $\frac{(1-\sin 2x)}{2012(2013+\sin 2x)^{2013}}+C$

(3) $\frac{1+\cos 2x}{(2013+\sin 2x)^{2013}}$

(4) None of these

3. If $f:(-1,1)\to R$ be a differentiable function with $f(0)=-1$ and $f'(0)=1$.

Let $g(x)=\left[f\{2f(x)+2\}\right]^2$.

Then $g'(0)$ is equal to

(1) 4 (2) –4

(3) 0 (4) –2

4. Two numbers m and n are chosen at random from the numbers 1, 2, 3, 4,.....10. The probability that (m^2-n^2) is divisible by 3 is:

(1) $\frac{7}{15}$ (2) $\frac{8}{15}$

(3) $\frac{2}{7}$ (4) $\frac{5}{7}$

5. Let f(x) be a polynomial of degree four having extreme values at x = 1 and x = 2. If $\lim_{x\to0}\left(1+\frac{f(x)}{x^2}\right)=3$, then f(2) is equal to

(1) –4 (2) 0

(3) 4 (4) –8

6. A real root of the equation $|x|e^x=1$ lies in the interval

(1) (–2, –1) (2) (–1, 0)

(3) (0, 1) (4) (1, 2)

7. Let $f:R\to R$ be defined by

$f(x)=\begin{cases}k-2x, & \text{if } x\le -1\\ 2x+3, & \text{if } x>-1\end{cases}$.

If f has a local minimum at x = –1, then a possible value of k is

(1) –1 (2) 1

(3) 0 (4) $-\frac{1}{2}$

8. The real number k for which the equation $2x^3+3x+k=0$ has two distinct real roots in [0, 1]

(1) lies between 2 and 3

(2) lies between –1 and 0

(3) does not exist

(4) lies between 1 and 2

9. Given $f(x)=x^3-px+q$ where p > 0. Then which one of the following holds ?

(1) The cubic has minima at $-\sqrt{\frac{p}{3}}$ and maxima at $\sqrt{\frac{p}{3}}$

(2) The cubic has minima at both $\sqrt{\frac{p}{3}}$ and $-\sqrt{\frac{p}{3}}$

(3) The cubic has maxima at both $\sqrt{\frac{p}{3}}$ and $-\sqrt{\frac{p}{3}}$

(4) The cubic has minima at $\sqrt{\frac{p}{3}}$ and maxima at $-\sqrt{\frac{p}{3}}$

10. If the integral

$\int\frac{5\tan x}{(\tan x-2)}dx=x+a\ln|\sin x-2\cos x|+K$

then 'a' is equal to

(1) –1 (2) –2

(3) 1 (4) 2

11. If $f(x)=\min\{1,x^2,x^3\}$, then $f'(1)$ is

(1) 0 (2) 2

(3) 3 (4) Non-existent

12. The solution to the differential equation

$(1+y^2)+(x-e^{\tan^{-1}y})\frac{dy}{dx}=0$ is

(1) $(x-2)=ke^{-\tan^{-1}y}$

(2) $2xe^{\tan^{-1}y}=e^{2\tan^{-1}y}+k$

(3) $xe^{\tan^{-1}y}=\tan^{-1}y+k$

(4) $xe^{2\tan^{-1}y}=e^{\tan^{-1}y}+k$

13. If $f(x+y)=2f(x)\times f(y)$, f is differentiable and f(2) = 8 then $f'(3)$ equals

(1) 64 (ln 2) (2) 128 (ln 2)

(3) 256 (ln 2) (4) 1024 (ln 2)

14. If $\lim_{x\to\infty}\left\{\frac{x^2+x+1}{x+1}-ax-b\right\}=4$ then

(1) a = 1, b = 4 (2) a = 1, b = –4

(3) a = 2, b = –3 (4) a = 2, b = 3

15. If $g(x)=1-x^{1/3}$ and $(fog)(x)=2+5x^{1/3}-x^{2/3}-x$, then the maximum value of f(x) in [–1, 3.5] is

(1) 0 (2) 1

(3) 5 (4) 7

16. $\lim_{n\to\infty}\sum_{r=1}^{2n}\frac{r}{\sqrt{n^2+r^2}}\cdot\frac{1}{n}$ is equal to

(1) $\sqrt{2}-1$ (2) $\sqrt{5}-1$

(3) $\sqrt{2}+1$ (4) $\sqrt{5}+1$

17. $\int\left[\frac{(\log x-1)}{1+(\log x)^2}\right]^2dx$ is equal to

(1) $\frac{xe^x}{(1+x^2)}+C$ (2) $\frac{x}{(\log x)^2+1}+C$

(3) $\frac{\log x}{(\log x)^2}+C$ (4) $\frac{x}{x^2+1}+C$

18. The D.E. $\frac{d^2y}{dx^2}=0$ represents a family of

(1) straight lines in the plane

(2) concentric circles in the plane

(3) circles in the plane

(4) parabolas in the plane

19. The population p(t) at time t of a certain mouse species satisfies the D.E. $\frac{dp}{dt}=0.5p-450$. If p(0) = 850, then the time at which the population becomes zero, is

(1) $\frac{1}{2}\ln 18$ (2) ln 18

(3) 2ln 18 (4) ln 9

20. The integral

$\int_2^4\frac{\log(x^2)}{\log(x^2)+\log(36-12x+x^2)}dx$ is equal to

(1) 4 (2) 1

(3) 6 (4) 2

21. The area of the region bounded by the curves y = |x – 1| and y = 3 – |x| is:

(1) 6 sq. units (2) 2 sq. units

(3) 3 sq. units (4) 4 sq. units

22. If $\vec a=\frac{1}{\sqrt{10}}(3\hat i+\hat k)$ and $\vec b=\frac{1}{7}(2\hat i+3\hat j-6\hat k)$, then the value of

$(2\vec a-\vec b).\left[(\vec a\times\vec b)\times(\vec a+2\vec b)\right]$:

(1) –3 (2) 5

(3) 3 (4) –5

23. In a binomial distribution $B\left(n,p=\frac{1}{4}\right)$, if the probability of atleast one success is greater than or equal to 9/10, then least value of n is: (where [ ] denotes the greatest integer function)

(1) $[\log_{4/3}10]$

(2) $\left[\frac{1}{\log_{10}4+\log_{10}3}\right]$

(3) $[\log_{4/3}10]+1$

(4) $\left[\frac{1}{\log_{10}4+\log_{10}3}\right]+1$

24. If the position vectors of the vertices of a triangle are $\vec a,\vec b$ and $\vec c$ respectively, then its area is:

(1) $\frac{1}{2}\left|(\vec a\times\vec b)+(\vec b\times\vec c)+(\vec c\times\vec a)\right|$

(2) $8\left|(\vec a\times\vec b)+(\vec b\times\vec c)+(\vec c\times\vec a)\right|$

(3) $\frac{3}{2}\left|(\vec a\times\vec b)+(\vec b\times\vec c)+(\vec c\times\vec a)\right|$

(4) $3\left|(\vec a\times\vec b)+(\vec b\times\vec c)+(\vec c\times\vec a)\right|$

25. If the volume of the parallelepiped having $(\vec a\times\vec b)$; and $(\vec b\times\vec c)$ and $(\vec c\times\vec a)$ as coterminous edges is 8 cubic units, then the volume of the parallelepiped $(\vec b+\vec c),(\vec c+\vec a)$ and $(\vec a+\vec b)$ is coterminous edges is

(1) $4\sqrt{2}$ (2) 16

(3) 64 (4) 256

26. An angle between the line

$\vec r=(\hat i+2\hat j-3\hat k)+\lambda(2\hat i+\hat j-2\hat k)$ and the plane $\vec r.(\hat i+\hat j)+4=0$, is

(1) 0 (2) $\frac{\pi}{6}$

(3) $\frac{\pi}{4}$ (4) $\frac{\pi}{2}$

27. The equation of a plane passing through the point (2, 2, 1) and (9, 3, 6) and perpendicular to the plane 2x + 6y + 6z – 1 = 0 is

(1) 3x + 4y + 5z – 19 = 0

(2) 3x + 4y – 5z + 9 = 0

(3) 3x – 4y + 5z + 3 = 0

(4) 3x + 4y – 5z – 9 = 0

28. 6 girls and 5 boys sit together randomly in a row. The probability that no two boys sit together is

(1) $\frac{6!5!}{11!}$ (2) $\frac{6!6!}{11!}$

(3) $\frac{6!7!}{2!11!}$ (4) $\frac{5!7!}{2!11!}$

29. Three integers are selected at random from the first 20 integers. The probability that their product is even, is

(1) $\frac{1}{2}$ (2) $\frac{17}{19}$

(3) $\frac{15}{38}$ (4) $\frac{27}{38}$

30. The value of 'p' and 'q' for which the function

$f(x)=\begin{cases}\frac{\sin(p+1)x+\sin x}{x}, & x<0\\ q, & x=0\\ \frac{\sqrt{(x+x^2)}-\sqrt{x}}{x^{3/2}}, & x>0\end{cases}$

is continuous for all x in R, are

(1) $p=\frac{5}{2},q=\frac{1}{2}$

(2) $p=-\frac{3}{2},q=\frac{1}{2}$

(3) $p=\frac{1}{2},q=\frac{3}{2}$

(4) $p=\frac{1}{2},q=-\frac{3}{2}$

ଅଙ୍ଗଦ-ନେହା

ଆନନ୍ଦ-ସୋନମ୍

ପ୍ରିୟଙ୍କା-ନିକ୍

ରଣବୀର-ଦୀପିକା

ପରଦା

ଚଳିତବର୍ଷ ଓଡ଼ିଆ ଏବଂ ହିନ୍ଦୀ ସିନେମାର ପ୍ରମୁଖ ଘଟଣାବଳୀକୁ ନେଇ ଉପସ୍ଥାପନା...

ମହମ୍ମଦ ଅଜିଜ୍

ଶ୍ରୀଦେବୀ

ବିନୋଦ ଖାନ୍ନା

ଦେବୁ ବୋଷ

ଅରବିନ୍ଦ ମୁଦୁଲି

ଏଥର ୨୯: ଚଳିତବର୍ଷ ଡିସେମ୍ବର ୨୭ ସୁଦ୍ଧା ମୋଟ ୨୯ଟି ଓଡ଼ିଆ ସିନେମା ପରଦା ଉପରକୁ ଆସିଛି। ସେଗୁଡ଼ିକ ହେଲା: ୧. ଓନ୍ଲି ପ୍ୟାର୍ (ବାବୁସାନ୍, ସୁପ୍ରିୟା), ୨. ହାପି ଲକି (ସମ୍ବିତ, ଜ୍ୟୋତି, ଏଲିନା ସାମନ୍ତରାୟ, ସସ୍ମିତା), ୩. ଗୁଛୁ ଆଣ୍ଡ ଗୁଛି (ସୂର୍ଯ୍ୟକାନ୍ତ ସାମଲ, ହିମିକା, ମିହିର ଦାସ), ୪. ଦୀପୁ-ଦ ଡ୍ୟାନ୍ସ ବୟ (ମନୋଜ ରାଉତ, ଏଲସା ଘୋଷ), ୫. ହତ୍ୟା-ଦ ସାଇଲେନ୍ସ କିଲର (ଅର୍ପଣ ମହାନ୍ତି, ଆର.କେ), ୬. ଅଜାତଶତ୍ରୁ (ଶୋହମ ସିଂ (ନବଗତ), ଦେବଯାନୀ, ମନୋଜ ମିଶ୍ର), ୭. ଦିୱାନା ହେଲି ତୋ ପାଇଁ (ମୁନା-ରାକ୍ଷୀ, ଶ୍ରୀତମ୍ ଦାସ), ୮. ଓଲେ ଓଲେ ଦିଲ୍ ବୋଲେ (ଜ୍ୟୋତି ନାୟକ, ଝିଲିକ) ୯. ଯୋଗୀ : ହାଇ ଭୋଲଟେଜ୍ ଡ୍ରାମା (ଆରିଏନ ଧୀର କୁମାର, ନିକିତା, ହର ରଥ), ୧୦. ଶକ୍ତି (କରନ୍, ସୁରମୟୀ), ୧୧. ଲଭ୍ ପ୍ରମିଜ (ରାକେଶ ଦେଓ, ଜୟା ବିଶ୍ୱାସ), ୧୨. ସୁନ୍ଦରଗଡ଼ର ସଲମାନ୍ ଖାଁ (ବାବୁସାନ, ଦିବ୍ୟା), ୧୩. ଫୋର ଇଡିୟଟ୍ସ (ସବ୍ୟସାଚୀ, ଆକାଶ, କୁନା ତ୍ରିପାଠୀ, ଏଲିନା, ଲିପ୍ସା ମିଶ୍ର), ୧୪. ଟୋକାଟା ଫସିଗଲା (ସବ୍ୟସାଚୀ, ଏଲିନା), ୧୫. ଏକ୍ସକ୍ୟୁଜ୍ ମି (ରୋନକ ଦାଶ, ମେଘା ମହାନ୍ତି), ୧୬. ଲୋକାଲ ଟୋକା ଲଭ୍ ଚୋଖା (ବାବୁସାନ୍, ସନମୀରା), ୧୭. ବ୍ଲାକମେଲ (ଅର୍ଦ୍ଧେନ୍ଦୁ ସାହୁ, ତମନ୍ନା, ଆହାନା), ୧୮. ଇସ୍କ ପୁଣି ଥରେ (ଅରିନ୍ଦମ, ଏଲିନା ସାମନ୍ତରାୟ), ୧୯. ଭାଇଜାନ୍ (ସୂରଯ ତ୍ରିପାଠୀ, ଦେବସ୍ମିତା), ୨୦. ପ୍ରେମୀ ଦିୱାନା : ଦ ଅନ୍‌କଣ୍ଡିଶନାଲ ଲଭ୍ (ରୁଦ୍ର ପାଣିଗ୍ରାହୀ, ସୋଲାଙ୍କି ଭୌମିକ), ୨୧. ମନ ଖାଲି ତତେ ଚାହେଁ (ସମ୍ବିତ, ଅଙ୍କିତା ଦାସ), ୨୨. ମା' (ସୂରଯ ତ୍ରିପାଠୀ, ସ୍ୱାତୀ), ୨୩. ପ୍ରେମ କୁମାର (ଅନୁଭବ ମହାନ୍ତି, ଶିବାନୀ, ତମନ୍ନା), ୨୪. ମିଷ୍ଟର ସୁରଦାସ (ବାବୁସାନ, ବୁଦ୍ଧାଦିତ୍ୟ ମହାନ୍ତି, ଭୂମିକା ଦାଶ), ୨୫. ସାଥୀ ତୁ ଫେରିଆ (ଜ୍ୟୋତି ନାୟକ, ଅନୁଭା), ୨୬. ପ୍ୟାର ଅଲଗା ପ୍ରକାର (ଜ୍ୟୋତି ନାୟକ, ଝିଲିକ୍), ୨୭. ଜୀବନର ଚଲା ପଥେ (କ୍ରିଷ୍ଣା, ଦେବାଶିଷ, ପୂଜା), ୨୮. ରହସ୍ୟ (କାବ୍ୟା କିରଣ, ବିଘ୍ନେଶ୍ୱର), ୨୯. ତୁ ମୋ ସୁଇଟ୍ ସିକ୍ରେଟ୍ (ସମ୍ବିତ କୁମାର, ସୋନାଲି)।

ନବାଗତ: ଏ ବର୍ଷ ଓଲିଉଡ୍‌ରେ ପାଦ ଦେଇଥିବା ନୂଆ ପ୍ରଯୋଜକମାନେ ହେଲେ: ସୂର୍ଯ୍ୟକାନ୍ତ ସାମଲ (ଗୁଛୁ ଆଣ୍ଡ ଗୁଛି), ମନୋଜ ରାଉତ (ଦୀପୁ-ଦ ଡ୍ୟାନ୍ସ ବୟ), ଶରତ ଚନ୍ଦ୍ର ପଟ୍ଟନାୟକ (ହତ୍ୟା-ଦ ସାଇଲେଣ୍ଟ କିଲର), ଶୋହମ ସିଂ (ଅଜାତଶତ୍ରୁ), ଅଶୋକ କୁମାର ଦାସ (ଦିୱାନା ହେଲି ତୋ ପାଇଁ), କୈଳାସ ମହାପାତ୍ର (ଓଲେ ଓଲେ ଦିଲ୍ ବୋଲେ), ରୋନକ ସାହୁ-ମିନତି ସାହୁ (ଶକ୍ତି), ରୋନକ ଦାସ (ଏକ୍ସକ୍ୟୁଜ୍ ମି), ସୂର୍ଯ୍ୟକାନ୍ତ ମାହାଲିକ (ଭାଇଜାନ୍), କହ୍ନେଇ ମେହେର (ମନ ଖାଲି ତତେ ଚାହେଁ), ସନ୍ତୋଷ କୁମାର ବସ୍ତିଆ (ମା), ବିନ୍ନି ସାମଲ-ନିହାର ସାମଲ (ସାଥୀ ତୁ ଫେରିଆ), ବିବେସିତା ଘଡ଼େଇ (ପ୍ୟାର୍ ଅଲଗା ପ୍ରକାର), ବର୍ଷା ଭାବନା ଖଟୁଆ-ଆଦିତି ଦାସ (ଜୀବନର ଚଲା ପଥେ), ନରୋତ୍ତମ ସାହୁ-ଶାନ୍ତନୁ କୁମାର ସାଇ (ରହସ୍ୟ)। ଏ ବର୍ଷ ନିର୍ଦ୍ଦେଶନା କ୍ଷେତ୍ରରେ ନିଜର କ୍ୟାରିୟର ଆରମ୍ଭ କରିଥିବା ନିର୍ଦ୍ଦେଶକଙ୍କ ମଧ୍ୟରେ ଅଛନ୍ତି : କୈଳାସ ମହାପାତ୍ର (ଓଲେ ଓଲେ ଦିଲ୍ ବୋଲେ), ନିରଞ୍ଜନ ବେହେରା (ଯୋଗୀ), ସନ୍ତୋଷ ବିଶ୍ୱାଳ (ଲଭ୍ ପ୍ରମିଜ), ଉମେଶ ଦାସ (ଏକ୍ସକ୍ୟୁଜ ମି), କୋରିଓଗ୍ରାଫର ଅମିତ ନାୟକ (ବ୍ଲାକମେଲ୍), ହୀରା ଚୌଧୁରୀ (ପ୍ୟାର୍ ଅଲଗା ପ୍ରକାର), ଦିଲୀପ ମହାନ୍ତି (ଜୀବନର ଚଲା ପଥେ), ବିଘ୍ନେଶ୍ୱର ପଣ୍ଡା (ରହସ୍ୟ), ସମ୍ବିତ କୁମାର (ମୋ ସୁଇଟ୍ ସିକ୍ରେଟ୍)। ଏ ବର୍ଷ ନବାଗତ କଳାକାର ଭାବରେ ଏହି ତାଲିକାରେ ନିଜ ନାମକୁ ସାମିଲ କରିଛନ୍ତି- ସସ୍ମିତା (ହାପି ଲକି), ସୂର୍ଯ୍ୟକାନ୍ତ ସାମଲ (ଗୁଛୁ ଆଣ୍ଡ ଗୁଛି), ଏଲସା ଘୋଷ (ଦୀପୁ-ଦ ଡ୍ୟାନ୍ସ ବୟ), ଶୋହମ ସିଂ (ଅଜାତଶତ୍ରୁ), ମୁନା-ରାକ୍ଷୀ (ଦିୱାନା ହେଲି ତୋ ପାଇଁ), ଆରିଏନ ଧୀର କୁମାର (ଯୋଗୀ), ନିକିତା (ନାୟିକା ଭାବରେ, ଯୋଗୀ), କରନ୍ (ଶକ୍ତି), ଦିବ୍ୟା (ସୁନ୍ଦରଗଡ଼ର ସଲମାନ ଖାଁ), ରୋନକ ଦାଶ (ଏକ୍ସକ୍ୟୁଜ୍ ମି), ସୋଲାଙ୍କି ଭୌମିକ (ପ୍ରେମୀ ଦିୱାନା), ସ୍ୱାତୀ (ମା), କ୍ରିଷ୍ଣା-ଦେବାଶିଷ-ପୂଜା-ସୋନି ମହାନ୍ତି (ଜୀବନର ଚଲା ପଥେ), ସମ୍ବିତ କୁମାର-ସୋନାଲି (ତୁ ମୋ ସୁଇଟ୍ ସିକ୍ରେଟ୍)।

କିଏ ଦେବ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର: ଚଳିତବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଦିଆଯିବ କି ନାହିଁ ତା' ଉପରେ ଅନିଶ୍ଚିତତା ଲାଗି ରହିଛି। ପୂର୍ବରୁ ସଂସ୍କୃତି ବିଭାଗ ଏହାର ଦାୟିତ୍ୱ ବହନ କରୁଥିଲା। କିନ୍ତୁ ଏ ବର୍ଷ ଚଳଚ୍ଚିତ୍ରଟିଏ ନିର୍ମାଣ କରିବାକୁ ଆର୍ଥିକ ସହାୟତା ଯୋଗାଇ ଆସୁଥିବା ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) ଏଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବାକୁ ଅଣ୍ଟା ଭିଡ଼ିଛି।

'ହ୍ୟାଲୋ ଆର୍‌ସି' କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର: ରାଉରକେଲାର ଜଣେ ଝିଅ କିପରି ପରିସ୍ଥିତିରେ ପଡି ଗଣିକା ସାଜୁଛି ଏବଂ ପରବର୍ତ୍ତୀ ସମୟରେ ତା' ଜୀବନରେ କ'ଣ ଘଟୁଛି ତାହାକୁ ନେଇ ପ୍ରଯୋଜକ ତଥା ସହ-ନିର୍ଦ୍ଦେଶକ ଅଜୟ ରାଉତରାୟ ନିର୍ମାଣ କରିଥିଲେ କଳାତ୍ମକ ଚଳଚ୍ଚିତ୍ର 'ହ୍ୟାଲୋ ଆର୍‌ସି'। ସମ୍ବିତ ମହାନ୍ତିଙ୍କ ନିର୍ଦ୍ଦେଶିତ ଏବଂ ମିତ୍ରଭାନୁ ମହାନ୍ତିଙ୍କ ସ୍ୱର ସଂଯୋଜିତ ଏହି ଚଳଚ୍ଚିତ୍ରକୁ ଚଳିତବର୍ଷ ପ୍ରଦତ୍ତ ୬୫ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ 'ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର' ଏବଂ 'ସ୍ପେଶାଲ ମେନ୍‌ସନ୍ ଆୱାର୍ଡ' ପ୍ରଦାନ କରାଯାଇଥିଲା। ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ପାର୍ଥସାରଥି ରାୟ ଏବଂ ପ୍ରକୃତି ମିଶ୍ର।

ଓଏଫ୍‌ଡିସିର ନୂଆ ନିର୍ଦ୍ଦେଶକ : ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଡ଼ିଶା ଫିଲ୍ମ ଡେଭଲପମେଣ୍ଟ କର୍ପୋରେସନ, ଓଏଫ୍‌ଡିସି)ର ନୂଆ ନିର୍ଦ୍ଦେଶକ ଭାବରେ ଚଳିତବର୍ଷ କୁନା ତ୍ରିପାଠୀଙ୍କୁ ନିଯୁକ୍ତି ଦିଆଯାଇଛି।

ଘର ସସାଂର କଲେ ତପୁ : ଗାୟିକା ତପୁ ମିଶ୍ର ଚଳିତବର୍ଷ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ସେ ଦୀପକ ପୂଜାହାରୀଙ୍କୁ ବିବାହ କରିଛନ୍ତି।

ପରପାରିରେ: ଓଡ଼ିଆ ସିନେମାରେ କେବଳ ଜଣେ ଖଳନାୟକ କିମ୍ବା ଚରିତ୍ର ଅଭିନେତା ନୁହେଁ, ବାପା ଭୂମିକାରେ ଦେବୁ ବୋଷଙ୍କ ଅଭିନୟ ଦକ୍ଷତା ସର୍ବଦା ସ୍ମରଣୀୟ ହୋଇ ରହିବ। ଚଳିତବର୍ଷ ସେ ଚାଲିଯାଇଛନ୍ତି ପରପାରିକୁ। 'ଓଡ଼ିଆ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ତଥା ପ୍ରଥମ ମହିଳା ଚଳଚ୍ଚିତ୍ର ନିର୍ଦ୍ଦେଶିକା ପାର୍ବତୀ ଘୋଷ (୮୫), ବିଶିଷ୍ଟ ସିନେମାଟୋଗ୍ରାଫର ନଗେନ ରାୟ, ବିଶିଷ୍ଟ ଭଜନ କଣ୍ଠଶିଳ୍ପୀ ଅରବିନ୍ଦ ମୁଦୁଲି, ହାସ୍ୟାଭିନେତା ଶରତ ମହାନ୍ତି, ଗୀତିକାର ନିଶାକର ବେହେରା, ହିଟ୍ ସମ୍ବଲପୁରୀ ଗୀତ 'ରଙ୍ଗବତୀ'ର କମ୍ପୋଜର ପ୍ରଭୁଦତ୍ତ ପ୍ରଧାନ, ବିଶିଷ୍ଟ ଗୀତିକାର ରସରାଜ ନାରାୟଣ ପ୍ରସାଦ ସିଂ ଏବଂ ଗାୟକ ଚିତ୍ତ ଜେନା, ପ୍ରଯୋଜକ ସୁବାସ ରାଉତ, ପ୍ରଯୋଜକ ଅମିୟ ପଟ୍ଟନାୟକ ଚଳିତବର୍ଷ ଇହଧାମ ତ୍ୟାଗ କରିଛନ୍ତି।

ବଲିଉଡ୍

ବିବାହ : ରଣବୀର ସିଂ ଏବଂ ଦୀପିକା ପାଦୁକୋନ୍ ଚଳିତବର୍ଷ ନଭେମ୍ବର ୧୪ ଏବଂ ୧୫ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଚଳିତବର୍ଷ ତାଙ୍କ ପ୍ରେମିକ ତଥା ହଲିଉଡ୍‌ର ନିକ୍ ଜୋନାସଙ୍କ ସହ ଘର ସଂସାର କରିଛନ୍ତି। ଚଳିତବର୍ଷ ସୋନମ କପୁର ତାଙ୍କର ଦୀର୍ଘ ଦିନର ପ୍ରେମିକ ଆନନ୍ଦ ଆହୁଜାଙ୍କୁ ବିବାହ କରିଥିବା ବେଳେ ଅଙ୍ଗଦ ବେଦୀଙ୍କ ସହ ନେହା ଧୂପିଆଙ୍କ ବିବାହ ସମ୍ପନ୍ନ ହୋଇଥିଲା।

ଚର୍ଚ୍ଚାରେ 'ପଦ୍ମାବତ୍' : ସଞ୍ଜୟ ଲୀଲା ଭଁସାଲିଙ୍କ 'ପଦ୍ମାବତ୍' (ପ୍ରଥମେ ଟାଇଟଲ ଥିଲା 'ପଦ୍ମାବତୀ') ବେଶ୍ ବିରୋଧର ସମ୍ମୁଖୀନ ହେବା ପରେ ରିଲିଜ ହୋଇଥିଲା।

ପରଲୋକରେ ଶ୍ରୀଦେବୀ : ହିନ୍ଦୀ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଶ୍ରୀଦେବୀଙ୍କର ଚଳିତବର୍ଷ ମୃତ୍ୟୁ ଘଟିଛି।

ପରପାରିରେ ମହମ୍ମଦ ଅଜିଜ : 'ରୁପା ଶଗଡ଼ିରେ ସୁନା କନିଆ' ପରି ଶତାଧିକ ହିଟ୍ ଓଡ଼ିଆ ଚଳଚ୍ଚିତ୍ର, ଭଜନ, ଆଧୁନିକ ଏବଂ ହିନ୍ଦୀ ଗୀତ ଗାଇ ଦର୍ଶକଙ୍କ ମନକୁ ଛୁଇଁ ପାରିଥିବା ମହମ୍ମଦ ଅଜିଜ (୬୪)ଙ୍କ ପରଲୋକ ଘଟିଛି।

ଜାତୀୟ ଚଳଚ୍ଚିତ୍ର ପୁରସ୍କାର : ଚଳିତବର୍ଷ ପ୍ରଦତ୍ତ ୬୫ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବରେ ଅସମିଆ ଫିଲ୍ମ 'ଭିଲେଜ ରକ୍‌ଷ୍ଟାର'କୁ ପୁରସ୍କୃତ କରାଯାଇଥିଲା। ବିଶିଷ୍ଟ ଅଭିନେତା ତଥା ପରଲୋକଗତ ବିନୋଦ ଖାନ୍ନାଙ୍କୁ ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ଦିଆଯାଇଛି।

ଏଗୁଡ଼ିକ ବ୍ୟତୀତ ଚଳିତବର୍ଷର ଅନ୍ୟ ପ୍ରମୁଖ ଘଟଣାଗୁଡ଼ିକ ମଧ୍ୟରେ ରହିଛି-ହାସ୍ୟାଭିନେତା କପିଲ ଶର୍ମାଙ୍କ ବିବାହ, ରଜନୀକାନ୍ତଙ୍କ ରାଜନୀତିରେ ଯୋଗଦାନ, ବିଶିଷ୍ଟ ଅଭିନେତା ଆଲିକ୍ ପଦମସୀଙ୍କ ପରଲୋକ, ଭାରତୀୟ ଫିଲ୍ମ ଏବଂ ଟେଲିଭିଜନ ସଂସ୍ଥା (ଏଫ୍‌ଟିଆଇ)ର ଅଧ୍ୟକ୍ଷ ପଦରୁ ଅନୁପମ ଖେରଙ୍କ ଏବଂ ଶିଶୁ ଫିଲ୍ମ ସୋସାଇଟି ପଦରୁ ମୁକେଶ ଖାନ୍ନାଙ୍କ ଇସ୍ତଫା।

ବାବୁସାନ୍-ସନ୍ମୀରା

ନିକିତା-ଆରିଏନ୍

'ହ୍ୟାଲୋ ଆର୍‌ସି'ରେ ପ୍ରକୃତି-ପାର୍ଥ

"କେନ୍ଦ୍ର ସରକାର ଯଥାଶୀଘ୍ର ଇ-କମର୍ସ ନୀତି ଘୋଷଣା କରନ୍ତୁ ଏବଂ ଏହି ଉଦ୍ୟୋଗ ଉପରେ ତୀକ୍ଷ୍ଣ ନଜର ରଖନ୍ତୁ।
– ପ୍ରବୀଣ ଖଣ୍ଡେଲୱାଲ୍, ସେକ୍ରେଟାରୀ ଜେନେରାଲ, ସିଏଆଇଟି

"ଆଲୁମିନିୟମର ଆମଦାନୀ ଶୁଳ୍କ ବଢ଼ାଇବାକୁ ବାଣିଜ୍ୟ ମନ୍ତ୍ରଣାଳୟ ଚାହୁଁଛି। ଏହାଦ୍ୱାରା ଘରୋଇ ଉଦ୍ୟୋଗକୁ ସହାୟତା ମିଳିବ।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ

ସଂକ୍ଷେପରେ

୨୯ପରେ ଟିଭି ପ୍ରସାରଣ ସେବା ପ୍ରଭାବିତ ହେବନି:ଟ୍ରାଇ

ନୂଆଦିଲ୍ଲୀ,୨୬-୧୨: କେବୁଲ ଅପରେଟର ଓ ଡିଟିଏଚ୍ ସେବା ଯୋଗାଣକାରୀଙ୍କ ଲାଗି ଏହାର ନିୟାମକ ଟେଲିକମ୍ ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) ପକ୍ଷରୁ ନୂଆ ନିୟମ ଲାଗୁ କରାଯାଇଛି। ଏହା ଚଳିତ ମାସ ୨୯ରୁ କାର୍ଯ୍ୟକାରୀ ହେବ। ତେବେ ଏଥିଯୋଗୁ ଏହି ଦିନଠାରୁ ଟିଭି ସେବା ପ୍ରଭାବିତ ହେବ ନାହିଁ ବୋଲି ଟ୍ରାଇ ପକ୍ଷରୁ କୁହାଯାଇଛି। ଟ୍ରାଇର ନୂଆ ଚ୍ୟାନେଲ ଦର ନିର୍ଦ୍ଧାରଣ ଓ ନିୟମ ଯୋଗୁ ଆସନ୍ତା ୨୯ରୁ ଟିଭି ପ୍ରସାରଣ ପ୍ରଭାବିତ ହେବ ବୋଲି ବିଭିନ୍ନ ସୋସିଆଲ ମିଡିଆରେ ଖବର ପ୍ରଚାରିତ ହେବାରେ ଲାଗିଛି। ଏହାକୁ ଗୁରୁତ୍ୱ ଦେଇ ଟ୍ରାଇ ପକ୍ଷରୁ ବୁଧବାର ସ୍ପଷ୍ଟୀକରଣ ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ନୂଆ ରେଗୁଲେଟର ଫ୍ରେମୱାର୍କ ଟିଭି ସେବାରେ ବାଧକ ହେବ ନାହିଁ। ଆସନ୍ତା ୨୯ରୁ ନୂଆ ଚ୍ୟାନେଲ ଦର ଲାଗୁ କରିବା ଲାଗି ଟ୍ରାଇ ପକ୍ଷରୁ ସମସ୍ତ ମଲ୍ଟି ସର୍ଭିସ ଅପରେଟର(ଏମ୍ଏସ୍ଓ) ଓ କେବୁଲ ଅପରେଟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଇ-କମର୍ସ କମ୍ପାନୀଙ୍କ ଲାଗି କଡ଼ାକଡ଼ି ହେଲା ନିୟମ

ନୂଆଦିଲ୍ଲୀ,୨୬-୧୨: କେନ୍ଦ୍ର ସରକାର ବୁଧବାର ଫ୍ଲିପକାର୍ଟ, ଆମାଜନ ଭଳି ଇ-କମର୍ସ କମ୍ପାନୀଙ୍କ ଲାଗି କେତେକ ନିୟମକୁ କଡ଼ାକଡ଼ି କରିଛନ୍ତି। ନିଜର ଅଂଶଧନ ଥିବା କମ୍ପାନୀଙ୍କ ସାମଗ୍ରୀକୁ ଇ-କମର୍ସ କମ୍ପାନୀଗୁଡିକ ଏଣିକି ନିଜ ପ୍ଲାଟଫର୍ମରେ ବିକ୍ରି କରିପାରିବେ ନାହିଁ। କେବଳ ଏତିକି ନୁହେଁ, ଇ-କମର୍ସ କମ୍ପାନୀଗୁଡିକ କୌଣସି ଉତ୍ପାଦକୁ କେବଳ ନିଜର ପ୍ଲାଟଫର୍ମରେ ବିକ୍ରି ଲାଗି ଏହାର ଉତ୍ପାଦକଙ୍କ ସହ ଚୁକ୍ତି କରିପାରିବେ ନାହିଁ ବୋଲି ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ କଟକଣା ଜାରି କରାଯାଇଛି। ଏ ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏହାଛଡ଼ା ମାର୍କେଟପ୍ଲେସ କମ୍ପାନୀଗୁଡିକ କ୍ୟାଶ୍‌ବ୍ୟାକ୍ ଦେବା ବେଳେ ଭେଦଭାବ ନ ରଖିବାକୁ କୁହାଯାଇଛି। ପିଛିଲା ବର୍ଷରେ ଗାଇଡଲାଇନକୁ କିପରି ପାଳନ କରାଯାଇଛି ସେ ସମ୍ପର୍କରେ ଜଣାଇ ପ୍ରତିବର୍ଷ ସେପ୍ଟେମ୍ବର ୩୦ତାରିଖ ସୁଦ୍ଧା ଇ-କମର୍ସ କମ୍ପାନୀଗୁଡିକ ସେମାନଙ୍କ ଅଡିଟ ରିପୋର୍ଟକୁ ରିଜର୍ଭ ବ୍ୟାଙ୍କରେ ଜମା କରିବାକୁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବୀମା କମ୍ପାନୀଙ୍କ ଅଡିଟ ରିପୋର୍ଟ ଯାଞ୍ଚ କରୁଛି ସିଭିସି

ନୂଆଦିଲ୍ଲୀ,୨୬-୧୨: ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ବୀମା କମ୍ପାନୀଗୁଡିକରେ ଠକେଇ ଦିନକୁ ଦିନ ବଢୁଥିବାରୁ ଏ ସମ୍ପର୍କରେ ଜାଣିବା ଲାଗି କେନ୍ଦ୍ରୀୟ ସତର୍କତା ଆୟୋଗ(ସିଭିସି) ସେମାନଙ୍କର ଅଡିଟ ରିପୋର୍ଟକୁ ଯାଞ୍ଚ କରିବା ଆରମ୍ଭ କରିଛି। ଜଣେ ଅଧିକାରୀ ବୁଧବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଭିଜିଲାନ୍ସ କମିଶନର ଟି.ଏମ୍ ଭସିନ କହିଛନ୍ତି ଯେ, ସିଭିସି ସେଣ୍ଟ୍ରାଲ ଷ୍ଟାଟୁଟୋରି ରିପୋର୍ଟ, କନକରେଣ୍ଟ ଅଡିଟର୍ସ ରିପୋର୍ଟ ଏବଂ ଅନ୍ୟ ଅଡିଟର ରିପୋର୍ଟଗୁଡିକୁ ଯାଞ୍ଚ କରିବା ଆରମ୍ଭ କରିଛି। ଏଗୁଡିକର ଯାଞ୍ଚ ପରେ ରହିଯାଉଥିବା ତ୍ରୁଟିବିଚ୍ୟୁତିକୁ ଠିକ୍ କରିବା ଲାଗି ଏହା ପରାମର୍ଶ ଦେବ। ସରକାରୀ ତଥ୍ୟ ଅନୁଯାୟୀ, ୨୦୧୫-୧୬ ଓ ୨୦୧୭-୧୮ରେ ବ୍ୟାଙ୍କଗୁଡିକରେ ବହୁ ଠକେଇ ମାମଲା ସାମ୍ନାକୁ ଆସିଛି। ୨୦୧୭-୧୮ରେ ବାଣିଜ୍ୟିକ ବ୍ୟାଙ୍କ ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ୮୮୦୨ଟି ଠକେଇ ମାମଲା ଧରାପଡିଛି। ୨୦୧୬-୧୭ରେ ଏହା ୭୭୯୪ ଓ ୨୦୧୫-୧୬ରେ ଏହା ୭୪୮୨ ଥିଲା। ବ୍ୟାଙ୍କଗୁଡିକ ଠକେଇ ଧରିବା ପରେ ଏହା ଉପରେ ରିଜର୍ଭ ବ୍ୟାଙ୍କ ନଜର ରଖିଥାଏ।

ଆସନ୍ତାବର୍ଷ ଆଇଟି, ଷ୍ଟାର୍ଟଅପ୍‌ରେ ୫ ଲକ୍ଷ ନିଯୁକ୍ତି:ପାଇ

ନୂଆଦିଲ୍ଲୀ,୨୬-୧୨: ଆସନ୍ତା ବର୍ଷ ଦେଶର ସୂଚନା ପ୍ରଯୁକ୍ତି(ଆଇଟି) ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ୫ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। କାରଣ ଏ କ୍ଷେତ୍ରରେ ପାଠ୍ୟକ୍ରମ ଶେଷ କରିଥିବା ନୂଆ ପ୍ରାର୍ଥୀଙ୍କ ଚାହିଦା ବୃଦ୍ଧି ପାଇବ। ଇନଫୋସିସ୍‌ର ପୂର୍ବତନ ମୁଖ୍ୟ ଅର୍ଥ ଅଧିକାରୀ ମୋହନଦାସ ପାଇ ଏହା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ଆଇଟି ଉଦ୍ୟୋଗରେ ପ୍ରାରମ୍ଭିକ ସ୍ତରର କର୍ମଚାରୀଙ୍କ ବେତନ ଚଳିତ ବର୍ଷ ୨୦ପ୍ରତିଶତ ବଢ଼ିଛି। ଗତ ୭ ବର୍ଷ ହେଲା ଏହା ସ୍ଥିର ରହିବା ପରେ ଦରମା ବୃଦ୍ଧି ପାଇବା ବିଶେଷ ପ୍ରଣିଧାନ ଯୋଗ୍ୟ। ଦେଶର ଆଇଟି ଉଦ୍ୟୋଗ ପୁନର୍ବାର ଅଭିବୃଦ୍ଧି ରାସ୍ତାରେ ପାଦଥାପିଛି। ପାଇଙ୍କ ମତରେ ହାଇଦ୍ରାବାଦ ନୂଆ ପିଢ଼ିର କମ୍ପାନୀଙ୍କ ଲାଗି ପସନ୍ଦର ସ୍ଥାନ ପାଲଟିବାରେ ଲାଗିଛି। ଉନ୍ନତ ଭିତ୍ତିଭୂମି ଢାଞ୍ଚା ମିଳିବା ଏଥିପାଇଁ ପ୍ରମୁଖ କାରଣ ହୋଇପାରେ ବୋଲି ପାଇ କହିଛନ୍ତି।

ବ୍ୟାଙ୍କିଙ୍ଗ୍ କାରବାର ଠପ୍

ଭୁବନେଶ୍ୱର ,୨୬-୧୨

ବ୍ୟାଙ୍କ ଅଫ୍ ବରୋଦା ସହ ବିଜୟା ଏବଂ ଦେନା ବ୍ୟାଙ୍କର ମିଶ୍ରଣକୁ ବିରୋଧ କରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ୯ ସଂଘ ପକ୍ଷରୁ ବୁଧବାର ଦିଆଯାଇଥିବା ଧର୍ମଘଟ ଡାକରାରେ ସାରା ଦେଶରେ ବ୍ୟାଙ୍କ କାରବାର ଠପ୍ ହୋଇଯାଇଛି। ବ୍ୟାଙ୍କ ସଂଘଗୁଡ଼ିକୁ ନେଇ ଗଠିତ ୟୁନାଇଟେଡ୍ ଫୋରମ ଫର୍ ବ୍ୟାଙ୍କ ୟୁନିୟନ(ୟୁଏଫ୍‌ବିୟୁ)ର ଏହି ଧର୍ମଘଟରେ ସାରା ଦେଶର ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ସାମିଲ ହୋଇଥିଲେ। ବେସରକାରୀ ବ୍ୟାଙ୍କଗୁଡ଼ିକର ସହଯୋଗ ମଧ୍ୟ ଧର୍ମଘଟରେ ଦେଖିବାକୁ ମିଳିଥିଲା। ଏଥିରେ ଓଡ଼ିଶାର ପ୍ରାୟ ୬୫ରୁ ୭୦ ହଜାର ବ୍ୟାଙ୍କ ଅଧିକାରୀ ତଥା କର୍ମଚାରୀ ସାମିଲ ହୋଇ ବ୍ୟାଙ୍କ ମିଶ୍ରଣକୁ ବିରୋଧ କରିଥିଲେ। କର୍ମଚାରୀମାନେ ବ୍ୟାଙ୍କ ସାମ୍ନାରେ ଧାରଣା ଦେବାର ଦେଖାଯାଇଥିଲା। ସୂଚନାଯୋଗ୍ୟ, ବ୍ୟାଙ୍କ ମିଶ୍ରଣ ସହ ବେତନ ସଂଶୋଧନ ନେଇ ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନଫେଡେରେଶନ୍ସ (ଏଆଇବିଓସି) ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଥିଲା।

- ରାଜ୍ୟରେ ବନ୍ଦ ରହିଲା ୩,୫୦୦ରୁ ଊର୍ଦ୍ଧ୍ୱ ଶାଖା
- ପ୍ରାୟ ୭୦ ହଜାର ଅଧିକାରୀ କର୍ମଚାରୀ ସାମିଲ
- ୧୦ ହଜାର କୋଟି ଟଙ୍କାର କାରବାର ପ୍ରଭାବିତ

"ୟୁନାଇଟେଡ୍ ଫୋରମ ଫର୍ ବ୍ୟାଙ୍କ ୟୁନିୟନ(ୟୁଏଫବିୟୁ)ର ଏହି ଧର୍ମଘଟରେ ସାରା ଦେଶର ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ସାମିଲ ହୋଇଥିଲେ।

ଗତ ୨୧ ତାରିଖ ପରଠାରୁ ବ୍ୟାଙ୍କ ମାତ୍ର ଗୋଟିଏ ଦିନ ଖୋଲାଥିବାରୁ ଲୋକମାନେ ବିଭିନ୍ନ ସେବା ପାଇଁ ନାନା ଅସୁବିଧା ସାମ୍ନା କରିଛନ୍ତି। ଚତୁର୍ଥ ଶନିବାର ଏବଂ ରବିବାର ବ୍ୟାଙ୍କ ଛୁଟି ରହିଥିଲା। ଲଗାତର ଭାବେ ୩ ଦିନ ବନ୍ଦ ରହିବା ପରେ ସୋମବାର ବ୍ୟାଙ୍କ ଖୋଲିଥିଲା। ମଙ୍ଗଳବାର ବଡଦିନ ଏବଂ ବୁଧବାର ଧର୍ମଘଟ ଯୋଗୁ ବ୍ୟାଙ୍କ ବନ୍ଦ ରହିଥିଲା। ସେବାରେ ବ୍ୟାଘାତ ଘଟିବାରୁ ଦୀର୍ଘ ଦିନ ଧରି ବ୍ୟାଙ୍କିଙ୍ଗ ସେବା ପାଇଁ ଲୋକମାନେ ହଇରାଣ ହୋଇଥିବାର ଦେଖାଯାଇଛି। ଜମା, ଉଠାଣ, ଚେକ୍ କ୍ଲିୟରାନ୍ସ, ଡିମାଣ୍ଡ ଡ୍ରାଫ୍ଟ ଭଳି ଅନ୍ୟାନ୍ୟ ସେବା କ୍ଷେତ୍ରରେ ଗ୍ରାହକ ଅସୁବିଧା ସାମ୍ନା କରିଛନ୍ତି। ସେହିଭଳି ବାଣିଜ୍ୟିକ ଟ୍ରାଞ୍ଜାକଶନରେ ମଧ୍ୟ ବାଧା ଉପୁଜିଛି। ଏହା ସତ୍ତ୍ୱେ ଲୋକମାନେ କିଭଳି ଭାବେ ହଇରାଣ ନ ହେବେ ତାକୁ ଧ୍ୟାନରେ ରଖି ବ୍ୟାଙ୍କଗୁଡ଼ିକ ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବା ଲାଗି ବାହାର ଏଜେନ୍ସି ନିଯୁକ୍ତି କରିଥିବା ଶିଳ୍ପ ସୂତ୍ରରୁ ପ୍ରକାଶ। ବ୍ୟାଙ୍କ ମିଶ୍ରଣ ପଦକ୍ଷେପ ଯୋଗୁ ବଡ଼ ବଡ଼ କର୍ପୋରେଟ ଋଣକୁ ସରକାର ବାଦ୍ ଦେବାକୁ ଚେଷ୍ଟା କରୁଛନ୍ତି। ଏହା ବ୍ୟାଙ୍କ ତଥା ଗ୍ରାହକଙ୍କର କୌଣସି ହିତ ସାଧନ କରିବ ନାହିଁ ସଂଘ ପକ୍ଷରୁ ଦାବି ହୋଇଛି। ମିଶ୍ରଣ ଦ୍ୱାରା ଏନ୍‌ପିଏ ଅସୁଲ କରିବାକୁ ସରକାର କହୁଛନ୍ତି। ମାତ୍ର ଏଭଳି ନିଷ୍ପତ୍ତି ଦ୍ୱାରା ଏନ୍‌ପିଏରେ କୌଣସି ହ୍ରାସ ଘଟିବ ନାହିଁ ବୋଲି ୟୁଏଫ୍‌ବିୟୁର ଓଡ଼ିଶା ଆବାହକ ସମ୍ବିତ ମିଶ୍ର କହିଛନ୍ତି। ଏସ୍‌ବିଆଇ ସହ ଏହାର ୬ ସହଯୋଗୀ ବ୍ୟାଙ୍କ ମିଶ୍ରଣ ଦ୍ୱାରା ୧୦୦୦ ଶାଖା ବନ୍ଦ କରି ଦିଆଗଲା। ଫଳରେ କର୍ମଚାରୀଙ୍କ ନିଯୁକ୍ତି ପ୍ରଭାବିତ ହେବାର ନଜିର ରହିଛି। ମିଶ୍ରଣ ଦ୍ୱାରା ବ୍ୟାଙ୍କ ଏବଂ ଗ୍ରାହକ କୌଣସି ଫାଇଦା ପାଇବେ ନାହିଁ ବୋଲି ଥିବା ମିଶ୍ର କହିଛନ୍ତି।

ଧର୍ମଘଟ ଦ୍ୱାରା ରାଜ୍ୟର ରାଷ୍ଟ୍ରାୟତ୍ତ ତଥା ଘରୋଇ ବ୍ୟାଙ୍କର ପ୍ରାୟ ୩,୫୦୦ରୁ ଊର୍ଦ୍ଧ୍ୱ ଶାଖା ବନ୍ଦ ରହିଥିବା ଏଆଇବିଓସିର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦାମୋଦର ନନ୍ଦ ସୂଚନା ଦେଇଛନ୍ତି। ସେହିଭଳି ୧୦,୦୦୦ କୋଟି ଟଙ୍କାର କାରବାର ପ୍ରଭାବିତ ହୋଇଥିବା ସେ କହିଛନ୍ତି।

- ରିଜର୍ଭ ବ୍ୟାଙ୍କରେ ଗଚ୍ଛିତ ଅର୍ଥ

ବିମଳ ଜଲାନଙ୍କ ଅଧ୍ୟକ୍ଷତାରେ କମିଟି ଗଠିତ

ନୂଆଦିଲ୍ଲୀ,୨୬-୧୨

ରିଜର୍ଭ ବ୍ୟାଙ୍କରେ କେତେ ବଳକା ଅର୍ଥ ଗଚ୍ଛିତ ରଖାଯିବ ଓ ଏହା କେନ୍ଦ୍ର ସରକାରଙ୍କୁ କେତେ ଅର୍ଥ ପ୍ରଦାନ କରିବ ସେ ସମ୍ପର୍କରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ପୂର୍ବତନ ଗଭର୍ନର ବିମଳ ଜଲାନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ୬ ଜଣ ସଦସ୍ୟ ରହିଛନ୍ତି। ପୂର୍ବତନ ସଚିବ ରାକେଶ ମୋହନ ଏହାର ଭାଇସ୍ ଚେୟାର ରହିବେ। ଇକନୋମିକ କ୍ୟାପିଟାଲ ଫ୍ରେମୱାର୍କ ସଂକ୍ରାନ୍ତରେ ଗଠିତ ବିଶେଷଜ୍ଞ କମିଟି ପ୍ରଥମ ବୈଠକର ୯୦ ଦିନ ଭିତରେ ତାଙ୍କର ରିପୋର୍ଟ ପ୍ରଦାନ କରିବେ। ରିଜର୍ଭ ବ୍ୟାଙ୍କର ବଳକା ଅର୍ଥ ପ୍ରଦାନକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଟଣାଓଟରା ଚାଲିଥିବା ବେଳେ ନଭେମ୍ବର ୧୯ ବୋର୍ଡ ବୈଠକରେ ଏଭଳି ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି କମିଟିରେ ଜଲାନ୍ ଓ ଡ.ରାକେଶ ମୋହନଙ୍କ ବ୍ୟତୀତ ଭରତ ଯୋଶୀ, ସୁଧୀର ମଙ୍କଡ, ସୁଭାଷ ଚନ୍ଦ୍ର ଗର୍ଗ, ଏନ.ଏସ ବିଶ୍ୱନାଥନ୍ ରହିଛନ୍ତି।

ସ୍ଥାନୀୟ ଭାଷାରେ ଘୋଷଣା କରିବେ ବିମାନବନ୍ଦର କର୍ତ୍ତୃପକ୍ଷ

ନୂଆଦିଲ୍ଲୀ,୨୬-୧୨

ଯେକୌଣସି ଘୋଷଣା କରିବାକୁ ଚାହିଁଲେ ବିମାନବନ୍ଦର କର୍ତ୍ତୃପକ୍ଷ ପ୍ରଥମେ ସ୍ଥାନୀୟ ଭାଷା ପ୍ରୟୋଗ କରିବେ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ନିର୍ଦ୍ଦେଶ ଦେଇଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି ଯେ, ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ ଲାଗି ଭାରତୀୟ ବିମାନ ପରିଚାଳନା କର୍ତ୍ତୃପକ୍ଷ(ଏଏଆଇ)କହିଛନ୍ତି। ଘରୋଇ ବିମାନ କମ୍ପାନୀମାନେ ମଧ୍ୟ ଏହାକୁ ମାନିବାକୁ ବାଧ୍ୟ। ପ୍ରଥମେ ସ୍ଥାନୀୟ ଭାଷା ଓ ପରେ ହିନ୍ଦୀ କିମ୍ବା ଇଂଲିଶ୍‌ରେ ଘୋଷଣା କରାଯାଇପାରେ ବୋଲି ପ୍ରଭୁ ନିର୍ଦ୍ଦେଶ ଦେଇସାରିଛନ୍ତି। ୨୦୧୬ରେ ମଧ୍ୟ ଏଏଆଇ ପକ୍ଷରୁ ଏକ ସର୍କୁଲାର ଜାରି କରି କୁହାଯାଇଥିଲା। କିନ୍ତୁ ତାହା ଯଥାଯଥ ପାଳନ କରାଯାଉନାହିଁ।

ଟୁହ୍ୱିଲର୍ସ ପରିବହନ ଲାଗି ଜଳପଥ ବ୍ୟବହାର କଲା ହୋଣ୍ଡା

ନୂଆଦିଲ୍ଲୀ,୨୬-୧୨

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ଏହାର ଦୁଇ ଚକିଆ ଯାନ ପରିବହନ ଲାଗି ଜଳପଥର ବ୍ୟବହାର କରିଛି। ଏଥି ଲାଗି କମ୍ପାନୀ ଅନ୍ତର୍ଦ୍ଦେଶୀୟ ଜଳପଥକୁ ବ୍ୟବହାର କରିଛି। ନିକଟରେ ଗୁଜରାଟରେ ଆରମ୍ଭ ହୋଇଥିବା ରୋଲ ଅନ୍ ରୋଲ ଅଫ୍ (ରୋ-ରୋ) ଘୋଘା ଦହେଜ ଫେରୀ ସେବାକୁ ଯାନ ପରିବହନ ଲାଗି କମ୍ପାନୀ ବ୍ୟବହାର କରିଛି। ଉକ୍ତ ସେବା ବ୍ୟବହାରରେ ହୋଣ୍ଡା ପ୍ରଥମ କମ୍ପାନୀ। ଅନ୍ତର୍ଦ୍ଦେଶୀୟ ଜଳପଥରେ ପରିବହନ ଏବଂ ସ୍ଥଳ ପଥରେ ପରିବହନ ଜନିତ ପ୍ରଦୂଷଣକୁ ହ୍ରାସ କରିବା ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। କମ୍ପାନୀ ନର୍ସାପୁରା କାରଖାନାରୁ ଗୁଜରାଟର ଦହେଜ ପର୍ଯ୍ୟନ୍ତ ସଡ଼କ ପଥରେ ଗାଡ଼ିଗୁଡ଼ିକୁ ଆଣିବା ସହ ସେଠାରୁ ରୋରୋ ଫେରୀ ଦ୍ୱାରା ଘୋଘା ପଠାଯାଇଥିଲା। ଗାଡ଼ିଗୁଡ଼ିକୁ ଗୁଜରାଟର ଭାବନଗରଠାରେ ଥିବା ହୋଣ୍ଡା ଡିଲରଶିପକୁ ପହଞ୍ଚା ଯାଇଥିଲା। ପାରମ୍ପରିକ ପରିବହନ ଦ୍ୱାରା ହେଉଥିବା ପ୍ରଦୂଷଣକୁ କମାଇବାକୁ ଯୋଜନା ରହିଥିବା କମ୍ପାନୀର ସେଲ୍ସ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛନ୍ତି।

ଏମ୍ଏସ୍ଏମ୍ଇଙ୍କୁ ଜିଏସ୍‌ଟିରୁ ମିଳିବ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୬-୧୨

ଜିଏସ୍‌ଟି ଯୋଗୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ(ଏମ୍ଏସ୍ଏମ୍ଇ) ଉଦ୍ୟୋଗ ଘୋର ଅସୁବିଧା ଭୋଗୁଛନ୍ତି। ସେମାନଙ୍କୁ ଏଥିରୁ ଆଶ୍ୱସ୍ତି ଦେବା ଲାଗି ଏକ ମନ୍ତ୍ରୀଗୋଷ୍ଠୀ ନୂଆ ସୁପାରିସ କରିବାକୁ ଯାଉଛନ୍ତି। ଏମ୍ଏସ୍ଏମ୍ଇଙ୍କ କାରବାର ସୀମାକୁ ୭୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଲାଗି ଏହି ଗୋଷ୍ଠୀ ବିଚାର କରୁଛି। ଏ ସମ୍ପର୍କରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି ସୂଚନା ଦେଇଛନ୍ତି। ୨୦ ଲକ୍ଷ ଟଙ୍କା କାରବାର ହେଲେ ଏମ୍ଏସ୍ଏମ୍ଇ ଉଦ୍ୟୋଗକୁ ଜିଏସ୍‌ଟି ରିଟର୍ନ ଆଦି ପୂରଣ କରିବାକୁ ପଡିଥାଏ। ତେବେ ଏହି ସୀମାକୁ ୭୫ ଲକ୍ଷ ଟଙ୍କାକୁ ବୃଦ୍ଧି କଲେ ବହୁ ଉଦ୍ୟୋଗ ଜିଏସ୍‌ଟିରୁ ବାଦ୍ ପଡିଯିବେ। ଏହାଦ୍ୱାରା ସେମାନଙ୍କୁ ଆଉ ରିଫଣ୍ଡ ଦେବାକୁ ପଡିବ ନାହିଁ। ସେହିପରି ୫୦ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କା ମଧ୍ୟରେ ସେବା ଯୋଗାଉଥିବା କ୍ଷୁଦ୍ର ସେବା ଯୋଗାଣକାରୀଙ୍କ ଲାଗି ଏକ ସ୍ୱତନ୍ତ୍ର କମ୍ପୋଜିଶନ ସ୍କିମ୍ ଆଣିବାକୁ ମନ୍ତ୍ରୀଗୋଷ୍ଠୀ ବିଚାର କରୁଛି ବୋଲି ସେ କହିଛନ୍ତି। ତେବେ କାରବାର ସୀମା ବୃଦ୍ଧି ଦ୍ୱାରା ପଞ୍ଜୀକୃତ ଉଦ୍ୟୋଗୀଙ୍କ ସଂଖ୍ୟା କମିବ ନାହିଁ କି ସରକାରଙ୍କ ରାଜସ୍ୱ ପ୍ରଭାବିତ ହେବ ନାହିଁ ବୋଲି ମୋଦି ଆଶ୍ୱସ୍ତ କରିଛନ୍ତି।

ନୂଆବର୍ଷକୁ ଭୁବନେଶ୍ୱର ସେଣ୍ଟ୍ରାଲର ସ୍ୱାଗତ

ଭୁବନେଶ୍ୱର ,୨୬-୧୨

ପ୍ରମୁଖ ଫ୍ୟାଶନ ଡେଷ୍ଟିନେଶନ ଭୁବନେଶ୍ୱର ସେଣ୍ଟ୍ରାଲ ଆକର୍ଷଣୀୟ ଅଫର ସହ ନୂଆ ବର୍ଷକୁ ସ୍ୱାଗତ କରୁଛି। ଏହି ଅବସରରେ ବଲିଉଡ ଅଭିନେତା ସଲ୍ମାନ ଖାନଙ୍କ ଜନ୍ମଦିନକୁ ମଧ୍ୟ ଷ୍ଟୋର ପକ୍ଷରୁ ଏକ ସ୍ୱତନ୍ତ୍ର ଢଙ୍ଗରେ ପାଳନ କରାଯାଉଛି। ଭୁବନେଶ୍ୱରର ଶହୀଦ ନଗରରେ ଥିବା ସେଣ୍ଟ୍ରାଲ ଷ୍ଟୋରରେ 'ବିଙ୍ଗ୍ ହ୍ୟୁମାନ' ବ୍ରାଣ୍ଡର ସମସ୍ତ ରେଞ୍ଜର ପ୍ରଡକ୍ଟ ଉପରେ ୨୭ ଡିସେମ୍ବରରେ ଫ୍ଲାଟ ୫୦% ରିହାତି ସହ ମାଗଣାରେ ଏକ ଟି-ଶାର୍ଟ ଉପଲବ୍ଧ ହେଉଛି। ସଲ୍ମାନଙ୍କ ବିଙ୍ଗ୍ ହ୍ୟୁମାନ ବ୍ରାଣ୍ଡ ସଫଳତା ଲାଭ କରିଛି। ଷ୍ଟୋରରେ ସଲ୍ମାନଙ୍କ ଜନ୍ମଦିନକୁ ତାଙ୍କ ଫ୍ୟାନ ତଥା ବିଙ୍ଗ୍ ହ୍ୟୁମାନର ଫ୍ୟାନଙ୍କ ସହ ପାଳନ କରିବାକୁ ନିଷ୍ପତ୍ତି ହୋଇଥିବା ସେଣ୍ଟ୍ରାଲ ପକ୍ଷରୁ କୁହାଯାଇଛି। ଲଗାତର ଭାବେ ତୃତୀୟ ବର୍ଷ ଏହି ସେଲିବ୍ରେସନ ଲାଗି ଗ୍ରାହକଙ୍କୁ ଷ୍ଟୋରକୁ ଆମନ୍ତ୍ରଣ କରାଯାଉଛି। ଚଳିତ ବର୍ଷ ମଧ୍ୟ ଏହାକୁ ଧୂମଧାମ ଭାବେ ପାଳନ କରାଯିବ ବୋଲି ଷ୍ଟୋର ପକ୍ଷରୁ ସୂଚନା ରହିଛି।

ସେହିଭଳି ମହିଳାଙ୍କ ଲାଗି ବେଷ୍ଟ ପାର୍ଟି କଲେକ୍ସନ ଅଫର ସହ ଉପଲବ୍ଧ ହେଉଛି। ଏହି ଅବସରରେ 'ଶପ୍ ଲାଇକ୍ କ୍ୱିନ' ଅଫର ଶୁଭାରମ୍ଭ ହୋଇଛି। ନୂଆବର୍ଷକୁ ବେଷ୍ଟ ଫ୍ୟାଶନ ସହ ପାଳନ କରିବା ଲାଗି ଉକ୍ତ ଅଫର ୨୬ରୁ ୩୦ ଡିସେମ୍ବର ଯାଏ ଚାଲିବ। ଏହି ସମୟରେ ଲେଡିଜ ଆପାରେଲ, ଫୁଟୱେର, ହ୍ୟାଣ୍ଡ ବ୍ୟାଗ୍, ଲଞ୍ଜେରୀ, ଫ୍ୟାଶନ ଜୁଏଲେରି, ଫ୍ରାଗ୍ରାନ୍ସେସ, ସନଗ୍ଲାସ ଏବଂ ଅନ୍ୟାନ୍ୟ ପ୍ରଡକ୍ଟ କ୍ଷେତ୍ରରେ ୫୧% ପର୍ଯ୍ୟନ୍ତ ରିହାତି ସୁବିଧା ଉପଲବ୍ଧ ହେବ। ସେହିଭଳି ୪୯୯୯ ଟଙ୍କାର କ୍ରୟ ଉପରେ ଅତିରିକ୍ତ ୧୦୦୦ ଟଙ୍କାର ଅତିରିକ୍ତ ରିହାତି ସୁବିଧା ଉପଲବ୍ଧ ହେବ ବୋଲି ସେଣ୍ଟ୍ରାଲ ପକ୍ଷରୁ ସୂଚନା ରହିଛି।

ଆକର୍ଷଣୀୟ ଅଫର ଘୋଷଣା

- 'ବିଙ୍ଗ୍ ହ୍ୟୁମାନ' ବ୍ରାଣ୍ଡର ସମସ୍ତ ରେଞ୍ଜରେ ୨୭ ଡିସେମ୍ବରରେ ଫ୍ଲାଟ ୫୦% ରିହାତି ସହ ମାଗଣାରେ ଟି-ଶାର୍ଟ
- 'ଶପ୍ ଲାଇକ୍ କ୍ୱିନ' ଅଫର ଶୁଭାରମ୍ଭ

ଅର୍ଥର ଅର୍ଥ

ଫ୍ୟାମିଲି ଫ୍ଲୋଟର ପଲିସିରେ କିଣିପାରିବେ ସ୍ୱାସ୍ଥ୍ୟବୀମା

Rupkumar Pradhan
CERTIFIED FINANCIAL PLANNER[CM]
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

▸▸ ମୋର ବୟସ ୩୯ ବର୍ଷ ଓ ମୋ ପତ୍ନୀଙ୍କ ବୟସ ୩୫ ବର୍ଷ । ଆମର ବର୍ଷକର ଝିଅଟିଏ ଅଛି। ମୋର ସମୁଦାୟ ବାର୍ଷିକ ରୋଜଗାର ୧.୯୦ ଲକ୍ଷ ଟଙ୍କା। ବ୍ୟାଙ୍କ ସ୍ଥାୟୀ ଜମା ସ୍କିମ୍‌ରେ ୮୦,୦୦୦ ଟଙ୍କା ଅଛି। ମ୍ୟୁଚୁଆଲ ଫଣ୍ଡରେ ମାସିକ ୫୦୦ ଟଙ୍କା ସଞ୍ଚୟ କରୁଛି । ପରିବାରର ସୁରକ୍ଷା ପାଇଁ ଜୀବନ ବୀମା, ସ୍ୱାସ୍ଥ୍ୟବୀମା ଓ ବୃଦ୍ଧ ବୟସ ପାଇଁ କିଛି ସଞ୍ଚୟ କରିବାକୁ ଚାହୁଁଛି । ଝିଅର ଭବିଷ୍ୟତ ପାଠ ପଢା ଓ ବାହାଘର ଖର୍ଚ୍ଚ ପାଇଁ ମଧ୍ୟ ସଞ୍ଚୟ ଲକ୍ଷ୍ୟ ରଖିଛି। କେଉଁ ଉପାୟରେ ସଞ୍ଚୟ କଲେ ଭଲ ହେବ? ପରାମର୍ଶ ଦେବାକୁ ଅନୁରୋଧ?

– ଦୁର୍ଗା ପ୍ରସାଦ ସ୍ୱାଇଁ, ନୟାଗଡ଼

■ ଆପଣଙ୍କ ପରିବାରର ଆୟ-ବ୍ୟୟର ହିସାବ ମାସିକ କେତେ ରହିଛି,ତାକୁ ପ୍ରଥମେ ଦେଖନ୍ତୁ। ବାର୍ଷିକ ଆୟର ୨୫ ରୁ ୩୦% ସଞ୍ଚୟ କରିବାର ଆବଶ୍ୟକତା ରହିଛି। ପରିବାରର ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଜୀବନ ବୀମା ସୁରକ୍ଷାର ଆବଶ୍ୟକତାକୁ ଉପଲବ୍ଧି କରିବା ଜରୁରୀ। ଏହାକୁ ନଜରରେ ରଖି ଜୀବନ ବୀମା କିଣିବା ନିହାତି ଜରୁରୀ । ଆପଣଙ୍କ ପରିସ୍ଥିତି ଅନୁଯାୟୀ ଜୀବନ ବୀମା ସୁରକ୍ଷା ରାଶି ଯଥେଷ୍ଟ ହେବା ଆବଶ୍ୟକ। ଜୀବନ ବୀମା କିଣନ୍ତୁ, ଯାହାକି ବାର୍ଷିକ ଆୟର ୮ରୁ ୧୦ ଗୁଣ ହେଉଥିବା ଜରୁରୀ। ଫ୍ୟାମିଲି ଫ୍ଲୋଟର ପିଲିସି ମାଧ୍ୟମରେ ସ୍ୱାସ୍ଥ୍ୟବୀମା କଣିପାରିବେ ।

ସଞ୍ଚୟ କରିବା ପୂର୍ବରୁ ଧ୍ୟାନ ଦିଅନ୍ତୁ

ପ୍ରଥମେ ଘରର ଆୟ ବ୍ୟୟ ବିଚାର କରି ବଳକା ଅର୍ଥ ହିସାବ କରନ୍ତୁ । ଯଦି ବଳକା ଅର୍ଥ ନ ବାହାରୁଛି, ତେବେ କିଛି ଖର୍ଚ୍ଚ କାଟ କରିବାକୁ ପଡିବ। ଅପରପକ୍ଷରେ ଅଧିକ ରୋଜଗାର କରିବାକୁ ଚେଷ୍ଟା କରିପାରିବେ। ଘର ମାସିକ ଖର୍ଚ୍ଚର ସର୍ବନିମ୍ନ ୩ ଗୁଣ ଜରୁରିକାଳୀନ ପାଣ୍ଠି ଗଠନ କରନ୍ତୁ, ଯାହାକି ବ୍ୟାଙ୍କ ସଞ୍ଚୟ ଜମା ଖାତା କିମ୍ବା ମ୍ୟୁଚୁଆଲ ଫଣ୍ଡର ଲିକ୍ୟୁଡ୍ ଫଣ୍ଡରେ ନିବେଶ କରିପାରନ୍ତି । ଝିଅର ଭବିଷ୍ୟତ ପାଠପଢା ଖର୍ଚ୍ଚ ଓ ବାହାଘର ଖର୍ଚ୍ଚ ପାଇଁ ସଞ୍ଚୟ କରିବାକୁ ପଡିବ। ଯଦି କୌଣସି ରିସ୍କ ନେବା ପାଇଁ ଚାହୁଁନାହାନ୍ତି, ତେବେ ଜୀବନ ବୀମା କମ୍ପାନୀଗୁଡ଼ିକର ଚାଇଲ୍ଡ ପ୍ଲାନ ସବୁ ଅଛି। ଏ ସବୁ ବିଷୟରେ ବୁଝି ଚାଇଲ୍ଡ ପ୍ଲାନ କିଣିପାରିବେ ।

▸▸ କିଛି ଟଙ୍କା ନିବେଶ କରିବାକୁ ଚାହୁଁଛି । କିନ୍ତୁ କୌଣସି ରିସ୍କ ନେବା ପାଇଁ ଚାହୁଁ ନାହିଁ । ବ୍ୟାଙ୍କର ସୁଧହାର ବହୁତ କମ୍ ଅଛି । ୭ ରୁ ୮ ବର୍ଷର ନିବେଶ ରାଶି ୨ଗୁଣ କରିବା ପାଇଁ ଚାହୁଁଛି । କିଛି ସ୍କିମ୍ ବିଷୟରେ ପରାମର୍ଶ ଦେବେ?

–ସୁଜାତା ସାହୁ, ପାରାଦୀପ

■ ପ୍ରଥମତଃ ଆପଣ କୌଣସି ରିସ୍କ ନେବା ପାଇଁ ଇଚ୍ଛା କରୁନାହାନ୍ତି । ନିବେଶର ୭ ବର୍ଷରେ ରାଶି ୨ଗୁଣ ହେବା ପାଇଁ ଇଚ୍ଛା କରୁଛନ୍ତି । ୭ ବର୍ଷରେ ଯଦି ନିବେଶ ରାଶି ୧୦୦ ଟଙ୍କା କରି ଆପଣ ୨୦୦ ଟଙ୍କା ପାଇବା ପାଇଁ ଚାହୁଁଛନ୍ତି, ତେବେ ବାର୍ଷିକ ୧୦.୪୦% ସୁଧହାର ପ୍ରଦାନ କରୁଥିବା ସ୍କିମର ଆବଶ୍ୟକତା ରହିଛି । କିଛି ବି ରିସ୍କ ନ ନେଇ ଓ ଗ୍ୟାରେଣ୍ଟିର ୨ ଗୁଣ ଟଙ୍କା ପାଇବା ପାଇଁ ୭ ବର୍ଷ ନିବେଶ ସମୟ ସୀମାରେ କିଛି ବି ସ୍କିମ୍ ବଜାରରେ ଉପଲବ୍ଧ ନାହିଁ । ଆପଣଙ୍କ ନିବେଶ ରାଶିକୁ ୨ ଗୁଣ କରିବା ପାଇଁ ଏକ ମାତ୍ର ସ୍କିମ 'କିଷାନ ବିକାଶ ପତ୍ର' ଅଛି। ଏହା ୧୧୨ ମାସରେ (୯ବର୍ଷପରେ) ନିବେଶ ରାଶିକୁ ୨ ଗୁଣ କରି ଫେରସ୍ତ କରିବ। ବର୍ତ୍ତମାନ ଏହି ସ୍କିମ୍‌ର ବାର୍ଷିକ ସୁଧହାର ୭.୭% ରହିଛି। ସର୍ବନିମ୍ନ ନିବେଶ ରାଶି ୧୦୦୦ ଟଙ୍କା ଏବଂ ସର୍ବାଧିକ ନିବେଶ ପାଇଁ କୌଣସି ସୀମା ରଖାଯାଇ ନାହିଁ। ଏହି ସ୍କିମରେ ନିବେଶ କରି ଆପଣ ଆୟକର ଆଇନ ୮୦ ସି ଉପଧାରାର ସୁବିଧା ପାଇପାରିବେ ନାହିଁ। ସ୍କିମ୍‌ର ପରିପକ୍ୱ ରାଶି ଉପରେ ଆୟକର ପ୍ରଦାନ କରିବାକୁ ପଡ଼ିବ। ଯେଉଁ ନିବେଶକାରୀ କିଛି ରିସ୍କ ନ ନେଇ ଓ ଗ୍ୟାରେଣ୍ଟି ଅନୁସାରେ ନିଜର ନିବେଶ ରାଶିକୁ ୨ ଗୁଣ କରିବାକୁ ଚାହୁଁଛନ୍ତି, ତେବେ 'କିଷାନ ବିକାଶ ପତ୍ର' ସ୍କିମ୍‌ରେ ନିବେଶ କରନ୍ତୁ।

▸▸ ମୋ ବୟସ ୨୯ ବର୍ଷ ଓ ମାସିକ ରୋଜଗାର ୧୮,୦୦୦/- ଟଙ୍କା। ମାସିକ ୨୦୦୦ ଟଙ୍କା ଏସ୍ଆଇପି ମାଧ୍ୟମରେ ୫ ବର୍ଷ ପାଇଁ ନିବେଶ କରିବି। କେଉଁ ସ୍କିମରେ ନିବେଶ କରିବା ଦ୍ୱାରା ଭଲ ସୁଧ ମିଳିବ?

–ଜିତେନ୍ଦ୍ର ମାଝୀ, ବାଲେଶ୍ୱର

■ ଆପଣ ୨୦୦୦ ଟଙ୍କା ମାସିକ ଏସ୍ଆଇପି(ସିଷ୍ଟମେଟିକ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ) ମ୍ୟୁଚୁଆଲ ଫଣ୍ଡରେ ଜମା କରିପାରିବେ। ଯେହେତୁ ଆପଣ ୫ ବର୍ଷ ପାଇଁ ନିବେଶ କରିବାକୁ ଚାହୁଁଛନ୍ତି, ତେଣୁ ଲାର୍ଜ-କ୍ୟାଶ ଫଣ୍ଡରେ ନିବେଶ କରିବା ଭଲ ହେବ। ଆମର ପରାମର୍ଶ, ମ୍ୟୁଚୁଆଲ ଫଣ୍ଡରେ ନିବେଶ ପୂର୍ବରୁ ନିବେଶ ସମ୍ପର୍କିତ ସମସ୍ତ ତଥ୍ୟ ଓ ରିସ୍କ ବିଷୟରେ ଭଲ ଭାବରେ ବୁଝି ନିବେଶ କରିବା ଭଲ ହେବ।

ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦

ଫିଲ୍ଡରେ କ୍ରିକେଟରଙ୍କ ମୃତ୍ୟୁ

ମୁମ୍ବାଇ,୨୬ା୧୨: ଛାତିରେ ଯନ୍ତ୍ରଣା ହେବା ପରେ ଜଣେ ୨୪ ବର୍ଷୀୟ କ୍ରିକେଟରଙ୍କ ମୃତ୍ୟୁ ଘଟିଛି। ଏଠାରେ ଅନୁଷ୍ଠିତ ଟେନିସ୍ ବଲ କ୍ରିକେଟ୍ ଟୁର୍ନାମେଣ୍ଟରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ କ୍ରିକେଟରଙ୍କ ନାମ ବୈଭବ କେସାରକାର। ''ମ୍ୟାଚ୍ ଖେଳୁଥିବାବେଳେ କେସାରକାରଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ଏହାପରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ପ୍ରକାଶ କରାଯାଇଛି।

ୟୁଥ୍ ଲିଗ୍ ପାଇଁ ଅଧିସ୍ୱୀକୃତି ପ୍ରକ୍ରିୟା ଆରମ୍ଭ

କଟକ ଅଫିସ,୨୬ା୧୨: ଅଲଇଣ୍ଡିଆ ଫୁଟବଲ ଫେଡେରେଶନ୍ ଆନୁକୂଲ୍ୟରେ ହେବାକୁ ଥିବା ୟୁଥ୍ ଲିଗ୍ ୨୦୧୯-୨୦ ସିଜନ ନିମନ୍ତେ ଏକାଡେମୀ ଅଧିସ୍ୱୀକୃତି ପ୍ରକ୍ରିୟା ଆରମ୍ଭ ହୋଇଛି। ୧୩, ୧୫ କିମ୍ବା ୧୮ ବର୍ଷରୁ କମ୍ ବର୍ଗରେ ହେବାକୁ ଥିବା ପ୍ରତିଯୋଗିତା ନିମନ୍ତେ ରାଜ୍ୟର କ୍ଲବ ମାନେ ଏହି ପ୍ରକ୍ରିୟାରେ ସାମିଲ ହୋଇ ପାରିବେ।

ସ୍ୱସ୍ତିକଙ୍କ ଶତକ: ଓଡ଼ିଶା ୨୧୯/୭

କଟକ ଅଫିସ,୨୬ା୧୨

ରାଜକୋଟର ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଚାଲିଥିବା ୧୯ବର୍ଷରୁ କମ୍ କୁଚବିହାର ଟ୍ରଫି ଓଡ଼ିଶା ବନାମ ସୌରାଷ୍ଟ୍ର ମ୍ୟାଚ୍‌ର ୩ୟ ଦିବସରେ ଭ୍ରମଣକାରୀ ଓଡ଼ିଶା ଦଳର ଧିମା ବ୍ୟାଟିଂ ଦେଖିବାକୁ ମିଳିଛି । ସୌରାଷ୍ଟ୍ରର ପ୍ରଥମ ଇନିଂସ୍ ୫୦୫ରନ୍ ଜବାବରେ ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ବିନା ଉଇକେଟରେ ୨୫ରନ୍ କରିଥିଲା । ତେବେ ୩ୟ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୭ ଉଇକେଟ ହରାଇ ୨୧୯ରନ୍ କରିଛି । ଅଧିନାୟକ ସ୍ୱସ୍ତିକ ସାମଲ ୧୩୨ରନ୍‌ରେ ଆଉଟ ହୋଇଥିବା ବେଳେ ଅନ୍ୟ କୌଣସି ଖେଳାଳି ଆଖିଦୃଶିଆ ପ୍ରଦର୍ଶନ କରିପାରି ନାହାନ୍ତି। ଉଇକେଟ କିପର କୁନାଲ ମଲ୍ଲିକ ୧୧୧ବଲ ଖେଳି ୨୬ରନ୍‌ରେ ଅପରାଜିତ ଅଛନ୍ତି । ଗୁରୁବାର ମ୍ୟାଚ୍‌ର ଅନ୍ତିମ ଦିବସ ରହିଥିବା ବେଳେ ଓଡ଼ିଶା ୨୮୬ରନ୍ ପଛରେ ରହିଛି । ସୌରାଷ୍ଟ୍ର ପକ୍ଷରୁ ଦେବ ଦଣ୍ଡ ସର୍ବାଧିକ ୩ଟି ଉଇକେଟ ନେଇଥିଲେ ।

ପଣ୍ଟିଂଙ୍କୁ ଆଇସିସି ହଲ୍ ଅଫ୍ ଫେମ୍

ମେଲବୋର୍ନ,୨୬ା୧୨(ପି.ଟି.)

ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂଙ୍କୁ ବୁଧବାର ବିଧିବଦ୍ଧ ଭାବେ ଆଇସିସି ହଲ ଅଫ୍ ଫେମ୍ ତାଲିକାରେ ସାମିଲ କରାଯାଇଛି। ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ଠାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ୩ୟ ଟେଷ୍ଟର ଚା' ପାନ ବିରତିବେଳେ ପଣ୍ଟିଂଙ୍କୁ ଅଷ୍ଟ୍ରେଲିଆର ଅନ୍ୟତମ ଆଇସିସି କ୍ରିକେଟ ହଲ ଅଫ୍ ଫେମ ଗ୍ଲେନ ମ୍ୟାକଗ୍ରାଥ ସ୍ମାରକ ରୂପେ ଏକ କ୍ୟାପ ପ୍ରଦାନ କରିଥିଲେ। ଆଇସିସି ବାର୍ଷିକ ସମ୍ମିଳନୀରେ ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଦ୍ରାବିଡ ଓ ଇଂଲଣ୍ଡର ମହିଳା ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ଲାର ଟେଲରଙ୍କ ସହ ପଣ୍ଟିଂଙ୍କ ନାମ ମଧ୍ୟ ହଲ ଅଫ୍ ଫେମ ପାଇଁ ଘୋଷଣା ହୋଇଥିଲା। ମାତ୍ର ପଣ୍ଟିଂ ଉକ୍ତ ସମ୍ମିଳନୀରେ ଯୋଗଦେଇ ପାରି ନ ଥିଲେ।

GOVERNMENT OF ODISHA
OFFICE OF THE EXECUTIVE ENGINEER
PHULBANI (R&B) DIVISION, PHULBANI

e-mail: eeplbrb@gmail.com
INVITATIONS FOR BIDS (IFB)

No.1058-B:- **'e' Procurement Notice**
Bid Identification No. EE-R&B-PLB-14-2018-19

1)	Name of the work	:	Building work-1 No.
2)	Estimated Cost	:	Rs. 23.98 lakhs
3)	Period of Completion	:	As notified in Tender Call Notice.
4)	Date & Time of availability of Bid documents in the portal	:	From 29.12.2018, 10.00 AM to 07.01.2019, 5.00 PM.
5)	Last date/ time for receipt of bids in the portal	:	Upto 5.00 PM of dated 07.01.2019.
6)	Name and address of the O.I.T.	:	Executive Engineer, Phulbani (R&B) Division.

Further details can be seen from the website www.tendersodisha.gov.in.
Corrigendum if any shall be published only in the above website.

Sd./- Executive Engineer,
Phulbani (R&B) Division
34066/11/0024/1819

Odisha State Health & Family Welfare Society,
Deptt. of Health & Family Welfare, Govt. of Odisha
Annex Building of SIH&FW, Nayapalli, Unit-8, Bhubaneswar-751012, District-Khordha (Odisha) Phone/Fax: 0674- 2392480/79

No.693-E

Walk-in-Interview

Advt. No.: 51/18 **Date: 27 / 12 / 2018**

Walk-in-Interview will be conducted as scheduled below for filling up the following post under **National Health Mission, Odisha** on contractual basis with monthly remuneration as noted against and subject to renewal as per OSH&FW Society terms and conditions. The position is purely temporary and co-terminus with the Scheme.

Sl. No.	Name of the Post	Remuneration (in Rs.), Performance Incentive & other allowances as admissible	Date of Registration / Interview
01	Management Consultant – IT (EVIN)	Rs. 58,229/-+ PI	15.01.2019

Interested candidates can log on to www.nrhmorissa.gov.in for details of vacancy, eligibility criteria, ToR, Age, Application Form etc. Candidates fulfilling the eligibility criteria may appear for registration and consequently for interview if eligible, on the date as mentioned against post. **Registration timing will be from 10.30 A. M. to 12 Noon only on Walk-in-Interview date.** No application will be received after scheduled date & timing of registration.

Venue: - Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist.- Khordha, Pin – 751012, Odisha.

Sd/- Mission Director, NHM
Member Secretary, OSH&FWS, Odisha
10084/11/0071/1819

COLLECTORATE, GAJAPATI, PARALAKHEMUNDI
(WELFARE SECTION)

No. 1775/Welfare **Dated: 24.12.18**

NOTICE

In pursuance of advertisement No. 335, dated 18.03.2018 and notification No. 1692, dated 11.12.2018 a lot of applicants of merit list for the Post of "Sikhya Sahayaka" were found to be absent during the time of Original certificate verification dated 21.12.2018 and 22.12.2018 at Conference hall, ITDA, Paralakhemundi. On the ground of natural justice all the absentee candidates in the merit list (available in the website of www.gajapati.nic.in) are hereby directed to appear for Original Certificate verification on 03.01.2019 at Conference Hall, ITDA, Paralakhemundi, failing which the candidature of the candidate will be cancelled.

Sd./- Dist. Welfare Officer
Gajapati, Paralakhemundi

OFFICE OF THE PRINCIPAL CHIEF CONSERVATOR OF FORESTS, ODISHA
ARANYA BHAWAN, CHANDRASEKHARPUR, BHUBANESWAR - 751023

RFP/OO No.: 1339-GIS-06/2014 **Dated: 21.12.2018**

No.: 122-MM: Chief Conservator of Forests, IT & GIS (the Authorized Officer) invites RFP/Tender on behalf of the Principal Chief Conservator of Forests & HoFF, Odisha, (the Purchaser), from the Eligible Organizations for **"Selection of State Level Technical Partners to undertake Geo-Referencing of Forest Lands in Odisha (SLTP & CDLTP, Koraput), Using High Accuracy DGPS Survey and Remote Sensing & GIS".**

The RFP document will be available at **www.odishaforest.in** & in the **"all tenders section"** of **www.odisha.gov.in**.

Last date and time of submission of the bids as per the T & C of the RFP is on **28.01.2019 by 3.00 P.M.**

Sd./- Chief Conservator of Forests
IT & GIS
08002/11/0025/1819

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ,
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୩୨୨୪୪/ ଭୁ.ଉ.କ., ଭୁବନେଶ୍ୱର ତା. ୧୩.୧୨.୨୦୧୮ରିଖ
SRE-135/88

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ଜମି ପ୍ରକଳ୍ପର ପ୍ଲଟ ନଂ K9B-103କୁ ଶ୍ରୀ ପି. ରାଜଗୋପାଳ ପାତ୍ର, ପିତା- ପି. ସୁବୁଧି ପାତ୍ର, ସୁମତୀ ନିଳୟ, ଅଶୋକ ନଗର, ଚତୁର୍ଥ ଲେନ୍, ବ୍ରହ୍ମପୁର, ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ପି. ରାଜଗୋପାଳ ପାତ୍ର ଉକ୍ତ ପ୍ଲଟକୁ ତୃତୀୟପକ୍ଷ ଦାନ ସୂତ୍ରରେ ତାଙ୍କ ପୁତ୍ର ଡ. ପ୍ରଦ୍ୟୁମ୍ନ କୁମାର ପାତ୍ରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହାହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୨

MAHILA VIKAS SAMABAYA NIGAM
(Govt. of Odisha Undertaking)
A-1 Block, Ground Floor, Toshali Bhawan, Satya Nagar, Bhubaneswar-751007, Ph. No: 2573023, Tele Fax: 2573024,
E-mail: mvsn_bbsr@yahoo.com

Ref. 3043/ MVSN **Dt. 26.12.18**

Cancellation of Quotation Call Notice No. 1781/MVSN Dt. 27.09.18

No.CAD-1171:- The Quotation Call Notice No. 1781/MVSN Dt. 27.09.18 for hiring of vehicle by MVSN, Bhubaneswar is hereby cancelled due to inadequate receipt of Quotations from Travel Agencis.

Sd./- Managing Director
Mahila Vikas Samabaya Nigam
33003/11/0010/1819

NANDANKANAN
NANDANKANAN ZOOLOGICAL PARK

TENDER NOTICE No. 14 of 2018-19
Date: 26.12.2018

Deputy Director, Nandankanan Zoological Park invites sealed tender in prescribed form from interested individuals/ firms/ entrepreneurs for **Outsourcing of Parking Facility** at Nandankanan Zoological Park.

The last date of submission of sealed tender	:	5.00 P.M. of 16.01.2019
Opening of sealed tender (Technical bid	:	3.30 P.M. of 18.01.2019

Detailed terms and conditions along with the tender papers will be available in the website of Nandankanan Zoological Park (www.nandankanan.org) from **02.01.2019**. The downloaded tender papers must be accompanied with a Bank Draft of Rs. **5900/-** (Rupees Five Thousand Nine Hundred) only (inclusive of 18% GST) in favour of Deputy Director, Nandankanan Zoological Park payable at Bhubaneswar.

Sd./-
Deputy Director
Nandankanan Zoological Park

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା, ବିଲ୍ଡିଂ,
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୩୦୭୦୪/ ଭୁ.ଉ.କ., ଭୁବନେଶ୍ୱର ତା. ୧୭.୧୧.୨୦୧୮ରିଖ
CPM-II-1776/85

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ଗୃହ ନିର୍ମାଣ ପ୍ରକଳ୍ପ, ଫେଜ୍-୧ ଗୃହ ନଂ- F-15/18 MIG-II କୁ ଶ୍ରୀ ଭି.ଶ୍ୟାମ ମୂର୍ତ୍ତି, ପିତା-ସ୍ୱର୍ଗତ ଭି. ଆପାରାଓ, Plot No. 1092/2B, Delta Colony, Po- Delta, Ps- Khandagiri, Dist- Khurdaଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ. ଭି. ଶ୍ୟାମ ମୂର୍ତ୍ତି ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଶୋଭାରାଣୀ ରାଉତ, ସ୍ୱାମୀ- ସୁଧାକର ରାଉତ, ଗ୍ରାମ- ସୁନି, ପୋ-ସରସଦା, ଥାନା- ଭଣ୍ଡାରିପୋଖରୀ, ଜିଲ୍ଲା- ଭଦ୍ରକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ,
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୩୨୨୦୯/ ଭୁ.ଉ.କ., ଭୁବନେଶ୍ୱର ତା. ୧୧.୧୨.୨୦୧୮ରିଖ
SPL-64/2000

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ବିହାର ଗୃହ ପ୍ରକଳ୍ପର ଗୃହ ନଂ L-64 କୁ ଡ. ଗୀତାଞ୍ଜଳି ଆଚାର୍ଯ୍ୟ, ସ୍ୱାମୀ- ବିମଳ ଚନ୍ଦ୍ର ଦୀକ୍ଷିତ, ସା/ପୋ- ଉତ୍ତରାଣ, ଥାନା- ଗୋବିନ୍ଦପୁର, ଜିଲ୍ଲା- କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଡ. ଗୀତାଞ୍ଜଳି ଆଚାର୍ଯ୍ୟ ଉକ୍ତ ଗୃହକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସବିତା କୁମାରୀ ପାତ୍ର, ସ୍ୱାମୀ- ରବିନାରାୟଣ ପାତ୍ର, ସା/ପୋ- ବାଇଁସଲନ୍ଦି, ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହାହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୨

GOVERNMENT OF ODISHA
DEPARTMENT OF TOURISM

No. 12862/ TSM, Bhubaneswar, the 26.12.2018
T.Cord-II (S)-207/2018

REQUEST FOR PROPOSAL FOR COMPREHENSIVE MANAGEMENT OF CLEANLINESS OF BEACHES AT CHANDIPUR, KONARK & GOPALPUR

No.27-R:- Request for Proposal are invited by Department of Tourism, Paryatan Bhawan, Bhubaneswar in sealed cover from eligible agencies for Comprehensive Management of Cleanliness of Beaches at Chandipur, Konark & Gopalpur (Separate beach-wise bids) for a period of 10 years. The detailed information along with the bid document can be downloaded from Department of Tourism website www.odishatourism.gov.in.

The proposal in the prescribed format along with all relevant documents duly signed and sealed should reach in Department of Tourism on or before **25th January 2019 up to 1400 hrs** either by Courier/ Speed Post/ Regd. Post or by hand. Sending of Bid documents through Fax/ e-mail/ electronics system shall not be accepted. Bid(s) received after due date & time shall not be accepted. This Department shall not be responsible for delay-in postal delivery or similar reasons.

Department of Tourism reserves the right to accept or reject any or all Bids without assigning any reason thereof.

Sd./- Director & Addl. Secretary to Govt.
37001/11/0079/1819

BERHAMPUR MUNICIPAL CORPORATION
No.: 21001 **Date: 24.12.18**

QUOTATION CALL NOTICE

No.:388-C: Sealed quotations are invited to be reached by Speed Post/Registered Post/ Courier only from reputed agencies/firms for **"Supply of Home appliances for Berhampur AAHAR Kitchen Centre"**. The detailed terms & conditions are available at our office website **www.berhampur.gov.in**. The last date of receipt of tenders in this office by 08.01.2019 by 5.00 P.M. and will be opened on 09.01.2019 at 11.00 P.M. in the officer of undersigned.

The autority reserves the right to accept or reject any quotation without assigning any reason thereof.

Sd./- Commissioner
13035/11/0175/1819 **Berhampur Municipal Corporation**

ସର୍ବ ଶିକ୍ଷା ଅଭିଯାନ

SARVA SIKSHA ABHIYAN
KALAHANDI, BHAWANIPATNA

No. 5686/Ped/18 **Dated : 26.12.18**

Quotation Call Notice for Printing

Sealed quotations of rate are invited from intending Printing Press / Registered firms for printing and supply of question-cum-blank answer sheets for "Summative Assessment-11-2019" (Class-I to VIII) and Printing of Progress Card in Kalahandi District having valid PAN No., DIC Registration and GST Certificate. The details of quotation papers and Progress Card (Tender Papers) containing detailed specifications , terms and conditions can be downloaded from the Dist. Website (http:/kalahandi.nic.in) and the cost of the Tender paper i.e. Rs.1000/- (One thousand) has to be deposited in shape of Demand Draft, to be pledged in favour of DPC, SSA, Kalahandi with the quotation papers. The last date of receipt of quotation through Read. Post/ Speed post is on or before Dt. 16.1.2019 up to 1:00 PM. The tender will be opened on the same day i.e on Dt. 16.1.2019 at 4:00 PM in the Conference Hall of SSA, Kalahandi. In case of requirement of any corrigendum the same will be published only in the District website. Hence all parties are requested to keep watch the website frequently. The undersigned reserves the right to accept or reject any or all quotations without assigning any reason thereof.
By order of the Collector-cum-Chairman

Sd./- Dist. Project Co-ordinator
RTE-SSA, Kalahandi

କଟକ ଉନ୍ନୟନ କର୍ତ୍ତୃପକ୍ଷ
C.D.A **ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨**

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧିନରେ ଥିବା ମହାନଦୀ ବିହାର ମାର୍କେଟ କମ୍ପ୍ଲେକ୍ସ, ମହାନଦୀ ବିହାର ସ୍ଥିତ ଦୋକାନ ଘର ନଂ - 13 (PH-11)(ତଳ ମହଲା) ଟିକୁ ଶ୍ରୀ ବ୍ରିଜେଶ କୁମାର ଦଳାଇ, ପିତା - ଡକ୍ଟର ପଞ୍ଚାନନ ଦଳାଇ, ସା - ଚାଉଳିଆଗଞ୍ଜ, ପୋଷ୍ଟ - ନୂଆବଜାର, ଥା - ଚାଉଳିଆଗଞ୍ଜ, ଜିଲ୍ଲା - କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଉକ୍ତ ଦୋକାନ ଗୃହଟିକୁ ତୃତୀୟପକ୍ଷ ସୂତ୍ରରେ ଶ୍ରୀ ସୁନିଲ୍ କୁମାର ଦଳେଇ, ପିତା - ୰ ନିକୁଞ୍ଜ କିଶୋର ଦଳେଇ, ସା - ପରମହଂସ, ପୋ - ପରମହଂସ, ଥା - କନ୍ଦରପୁର, ଜିଲ୍ଲା - କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।

ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସଚିବ

ନୋଟିସ

ସ୍ଥାୟୀ ଠିକଣା:
ଶ୍ରୀ ରଘୁନାଥ ମଲ୍ଲିକ,
ପିଅନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଗ୍ରାମ: ରାମଚନ୍ଦ୍ରପୁର
ପୋଷ୍ଟ/ଥାନା: ଡେଲାଙ୍ଗ
ଜିଲ୍ଲା: ପୁରୀ

No.: 87-F: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ ବିନା ଛୁଟି ଦରଖାସ୍ତ ଓ ବିନା ଅନୁମତିରେ ସରକାରୀ କାର୍ଯ୍ୟରେ ଗତ ୦୩ା୦୭ା୨୦୧୭ଠାରୁ ଅଦ୍ୟାବଧି ଅନୁପସ୍ଥିତ ରହି ଅଛନ୍ତି। ଆପଣ ସରକାରୀ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରେ ଅବହେଳା ପୂର୍ବକ କାର୍ଯ୍ୟସ୍ଥଳରେ ନିରବଚ୍ଛିନ୍ନ ଭାବେ ଅନୁପସ୍ଥିତ ରହିଛନ୍ତି। ଆପଣଙ୍କୁ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଆପଣ ସରକାରୀ କାର୍ଯ୍ୟରେ ଯୋଗ ଦେଉନାହାନ୍ତି କିମ୍ବା କୌଣସି ଉତ୍ତର ମଧ୍ୟ ରଖୁନାହାନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତ୍ୱର ବ୍ୟାଘାତ ସୃଷ୍ଟି ହେଉଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହେଉନାହିଁ।

ଏଣୁ ଆପଣଙ୍କୁ ଉକ୍ତ ନୋଟିସ ଜରିଆରେ ଜଣାଇ ଦିଆଯାଉଛି ଯେ, ଏହି ସମ୍ବାଦ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ଆପଣ ନିଜ ଅଫିସ୍ କାର୍ଯ୍ୟରେ ଯୋଗଦାନ କରିବେ ଓ ପରବର୍ତ୍ତୀ ସମୟରେ ଅନୁପସ୍ଥିତିର କାରଣ ଆବଶ୍ୟକୀୟ/ଆନୁଷଙ୍ଗିକ ଦସ୍ତାବିଜ ସହ ଉପସ୍ଥାପିତ କରିବେ। ଉକ୍ତ ନିର୍ଦ୍ଧାରିତ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗ ନ ଦେଲେ ଆପଣଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

(ବିଜୟ କୁମାର ମହାନ୍ତି)
ଉପଶାସନ ସଚିବ
24001/11/0451/1819 **ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

MAHILA VIKAS SAMABAYA NIGAM
(Govt. of Odisha Undertaking)
A-1, Block, Ground Floor, Toshali Bhawan, Satya Nagar, Bhubaneswar- 751007
Ph. No. 2573023, Tele Fax : 2573024,
Email : mvsn_bbsr@yahoo.com

No. CAD-1172

Ref. 3044/MVSN Date : 26.12.2018

QUOTATION CALL NOTICE

Sealed Quotations are invited from reputed Travel Agency/Tour Operators having valid GST No for providing one nos. of Swift Dzire (Diesel) having sitting capacity not more than 5 including driver. The details of Terms & Condition including General Information may be referred from the website-www.wcdodisha.gov.in from dt.29.12.2018 to dt.18.01.2019. The Quotation completed in all respect shall be deposited in the office of Managing Director, Mahila Vikas Samabaya Nigam, Toshali Bhawan, A-1 Block and Ground floor, Satya Nagar, Bhubaneswar-751007 on or before Dt.18.01.2019 by 1 P.M. through Registered Post/Speed Post only. A sum of Rs.5,000/- (Rupees Five Thousand) only shall be deposited by intending bidders in shape of Account Payee Bank Draft drawn in favour of the MD,MVSN and submitted along with the quotation as security deposit. The Quotations will be opened on dtd. 18.01.2019, 4 P.M. The authority reserves the right to modify/cancel the quotation at any point of time.

Sd./- MANAGING DIRECTOR
33003/11/0011/1819 **MAHILA VIKAS SAMABAYA NIGAM**

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, BHUBANESWAR

Ph. No. – 0674-2301787, Fax No.- 0674-2300965,
E.Mail I.D. – eerw_bbsr@yahoo.co.in
No:-Tender – Online – BBSR Divn. – 41 Date :- 19.12.2018

No.1249-O:- **e-Procurement NOTICE**

1.	Name of the work	:	Construction / Repair of Road work
2.	Total No. of Projects	:	1 No. individual project
3.	Class of contractor	:	
	a) Estimated cost more than Rs. 40.00 lakh & not exceeding to Rs. 1.50 Crore	:	"A" & "B" Class (of Odisha PWD) or relevant class of other licensing authorities.
	b) Estimated cost more than Rs. 20.00 lakh & not exceeding to Rs. 40.00 lakh	:	"B" & "C" Class (of Odisha PWD) or relevant class of other licensing authorities.
	c) Estimated cost not exceeding to Rs. 20.00 lakh	:	"C" & "D" Class (of Odisha PWD) or relevant class of other licensing authorities.
4.	Estimate cost of Individual projects	:	Rs. 15.00 lakh to 20.00 lakh
5.	Time for completion	:	3 (Three) calendar months
6.	Other details	:	

Procurement Officer	Bid Identification No.	Availability of Tender on-line for bidding		Date & Time of opening of tender
		From	To	
1	2	3	4	5
Executive Engineer, Rural Works Division, Bhubaneswar.	Tender Online – BBSR Divn. - 41	2.1.2019 at 11.00 A.M.	12.1.2019 up to 5.00 P.M	13.1.2019 at 11.00 A.M.

Further details can be seen from the website www.tendersorissa.gov.in.

Sd./- Executive Engineer,
Rural Works Divn. BBSR
25066/11/0031/1819

OFFICE OF THE EXECUTIVE ENGINEER
RWSS DIVISION, BHUBANESWAR

PLOT NO. 1214 (P), AT : TAPOVAN
P.O: KHANDAGIRI, BHUBANESWAR – 30
Tel- (0674) 2384108, E-Mail: eerwss_bbsr@nic.in
Govt. of Odisha e-Procurement Notice
Bid Identification Notice No.43 of 2018-19

No.1250-O:- The Executive Engineer, RWS&S Division, Bhubaneswar on behalf of Governor of Odisha invites percentage bid through e-procurement in double cover system according to norm of e-procurement.

1.	Nature of Work	Supplying all labour, material T&P for laying of rising main and Distribution pipe line of HDPE/ GI/DI, construction of pump house, compound wall, RCC ESR, UGR, SV chamber, Stand post with other ancillary works. For water supply schemes under Khordha Division.
2.	No. of Tender	04 Nos.
3.	Tender Paper Cost	Rs.4000.00 to Rs.10000.00
4.	Value of Work	From 19 Lakhs to 99.64 lakhs
5.	Class of Contractor	D, C, B, A
6.	Date & time of availability of Bid document in portal	28-12-2018 4.00 P.M. to 11-01-2019 Up to 3.00 P.M.
7.	Date & Time of seeking tender clarification	28.12-2018 4.00 P.M. to 2-01-2019 Up to 3.00 P.M. during office hour
8.	Date & Time of opening of tender	14.01.2019 at 11.00 A.M. in the O/O E.E., RWSS Divn., Bhubaneswar
9.	Time of Completion	180 days
10.	The bidders have to participate in online bidding only. Further details can be seen from the web site : https://www.tendersorissa.gov.in. Corrigendum if any shall only be published above web site	
11.	The Bid cost and EMD to be deposited through online	

EXECUTIVE ENGINEER
25011/11/0030/1819 **RWS&S DIVISION, BHUBANESWAR**

> ମେଲବୋର୍ନ ଟେଷ୍ଟର ପ୍ରଥମ ଦିନରେ ବିରାଟ କୋହଲିଙ୍କ ପ୍ରାଇଜ୍ ଉଇକେଟ୍ ନେବାର ସୁଯୋଗ ଆମେ ହରାଇଲୁ, ଯାହା ଆମକୁ ନିରାଶ କରିଛି।
> – ଟ୍ରାଭିସ୍ ହେଡ୍, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ

> ଭାରତୀୟ ବକ୍ସିଂ ଦଳର ମୁଖ୍ୟ କୋଚ୍ ହେବା ମୋ ଲାଗି ବହୁତ ବଡ଼ ଦାୟିତ୍ୱ। କିଛି ପ୍ଲାନ ରହିଛି ଏବଂ ସେଗୁଡ଼ିକ ପୂରଣ ହେବ ବୋଲି ଆଶା ରହିଛି।
> – ସି.ଏ. କୁଟ୍ଟାପ୍ପା, ଭାରତୀୟ ବକ୍ସିଂ ଦଳର ନବନିଯୁକ୍ତ କୋଚ୍



ସଂକ୍ଷେପରେ

ୟୁନିୟନ ସ୍ପୋର୍ଟିଂ ସେମିଫାଇନାଲରେ

ମାର୍ଶାଘାଇ ୨୬।୧୨(ଡି.ଏନ.ଏ.)ତେରଗାଁ ପଞ୍ଚାୟତ ଓସ୍ତରହାଟ ଖେଳପଡିଆରେ ଚାଲିଥିବା କଳିଙ୍ଗ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲରେ ବୁଧବାର ଭଦ୍ରକର ୟୁନାଇଟେଡ୍ ୧୧କୁ ହରାଇ କଟକର ୟୁନିୟନ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ୟୁନାଇଟେଡ୍ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୯୪ରନ୍ କରିଥିଲା। ଜବାବରେ ୟୁନିୟନ ସ୍ପୋର୍ଟିଂ ୫ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ନନ୍ଦନ ରାଉତ ଦଳ ତରଫରୁ ସର୍ବାଧିକ ୨୭ ରନ୍ ସଂଗ୍ରହ କରିଥିଲେ। ୪ ଓଭରରେ ୨୬ ରନ୍ ଦେଇ ୩ ଉଇକେଟ୍ ନେଇଥିବା ୟୁନିୟନ ସ୍ପୋର୍ଟିଂର ତାପସ ଲେଙ୍କା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ରାଜ୍ୟ ଓପନ ଚେସ୍ ଆରମ୍ଭ

ଭୁବନେଶ୍ୱର, ୨୬।୧୨(କ୍ରୀଡ଼ା ପ୍ରତିନିଧି): ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ବୁଧବାର ଏଠାରେ ଆରମ୍ଭ ହୋଇଛି ଓଡ଼ିଶା ରାଜ୍ୟ ଓପନ ଚେସ୍ ପ୍ରତିଯୋଗିତା। ଏଣ୍ଟ୍ରି ଫି' ମୁକ୍ତ ଏହି ଟୁର୍ନାମେଣ୍ଟରେ ମୋଟ ୧୨୧ (୪୭ ଅନ୍ତର୍ଜାତୀୟ ରେଟିଂ ପ୍ରାପ୍ତ) ଖେଳାଳି ଅଂଶଗ୍ରହଣ କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଏହି ୩ ଦିନିଆ ଟୁର୍ନାମେଣ୍ଟକୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ କାର୍ଯ୍ୟକାରିଣୀ ସଦସ୍ୟ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ ମହାନ୍ତି, ଫିଡେ ଆର୍ବିଟର ସନ୍ତୋଷ ମହାପାତ୍ର ଓ ଶିବ ପ୍ରସାଦ ବାରିକ ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ୩ ରାଉଣ୍ଡ ଖେଳ ହୋଇଥିଲା। ଏଥିରେ ସ୍ୱପ୍ନିଲ ପ୍ରିୟଦର୍ଶୀଙ୍କ ସମେତ ୧୩ ଜଣ ପୂରା ୩ ପଏଣ୍ଟ ଲେଖାଏ ପାଇ ମିଳିତ ଅଗ୍ରଣୀ ରହିଛନ୍ତି। ୮ ଖେଳାଳି ୨.୫ ପଏଣ୍ଟ ପାଇଛନ୍ତି।

ନ୍ୟୁଜିଲାଣ୍ଡକୁ ୧୭୮ରେ ଅଟକାଇଲେ ଲାକମଲ

ଖ୍ରୀଷ୍ଟଚର୍ଚ୍ଚ, ୨୬।୧୨- ଭ୍ରମଣକାରୀ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବୁଧବାରଠାରୁ ସ୍ଥାନୀୟ ଦି ଓଭାଲ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ଅନ୍ତିମ ତଥା ୨ୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିବସରେ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଛି। ପ୍ରଥମ ଦିନରେ ମୋଟ୍ ୧୪ଟି ଉଇକେଟ୍‌ର ପତନ ଘଟିଛି। ପ୍ରଥମେ ବ୍ୟାଟିଂ କରି ଘରୋଇ ନ୍ୟୁଜିଲାଣ୍ଡ ସୁରଙ୍ଗ ଲାକମଲଙ୍କ ବୋଲିଂକୁ ସାମ୍ନା କରି ନ ପାରି ୧୭୮ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଶ୍ରୀଲଙ୍କା ମଧ୍ୟ ପ୍ରଥମ ଇନିଂସ ଆରମ୍ଭ କରି ଷ୍ଟମ୍ପ ଅପସାରଣ ସୁଦ୍ଧା ୮୮ ରନ୍‌ରେ ୪ ଉଇକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ବ୍ୟାଟିଂରେ ଅର୍ଦ୍ଧଶତକ ସହିତ ୩ଟି ଉଇକେଟ୍ ନେଇଥିବା ଟିମ୍ ସୌଦୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ଦିନର ଉଲ୍ଲେଖନୀୟ ଘଟଣା ରହିଥିଲା। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍ ଡ୍ର' ରହିଥିଲା।

ପ୍ରଥମ ଦିନରେ ଭାରତର ଧିମା ବ୍ୟାଟିଂ

ମେଲବୋର୍ନ,୨୬।୧୨(ପି.ଟି.)

ପଦାର୍ପଣରେ ଓପନର ମୟଙ୍କ ଅଗ୍ରୱାଲଙ୍କ ଦମ୍‌ଦାର ଅର୍ଦ୍ଧଶତକୀୟ ପାଳି, ଅଧିନାୟକ ବିରାଟ କୋହଲି ଓ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରାଙ୍କ ଲଢୁଆ ବ୍ୟାଟିଂ ବଳରେ ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ ଟେଷ୍ଟର ପ୍ରଥମ ଦିନରେ ଆଧିପତ୍ୟ ବିସ୍ତାର କରି ଖେଳିଛି। ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ବୁଧବାରଠାରୁ ଆରମ୍ଭ ହୋଇଥିବା ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଭାରତ ୮୯ ଓଭରରେ ୨ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରିଛି। ଭାରତ ପ୍ରଥମ ଓ ଦ୍ୱିତୀୟ ସେସନରେ ଗୋଟିଏ ଲେଖାଏ ଉଇକେଟ ହରାଇଥିଲା। ତେବେ ଅନ୍ତିମ ସେସନରେ ଭାରତ କୌଣସି ଉଇକେଟ ହରାଇ ନ ଥିଲା। ଯଦିଓ ଅଷ୍ଟ୍ରେଲୀୟ ଫିଲ୍ଡର କେତୋଟି ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ହାତଛଡ଼ା କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ କୋହଲି ୪୭ ଓ ପୂଜାରା ୬୮ ରନ କରି ଅପରାଜିତ ରହିଛନ୍ତି।

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅବଶ୍ୟ ଏହି ନିଷ୍ପତ୍ତିର ଯଥାର୍ଥତା ପ୍ରତିପାଦନ କରିଥିଲେ ଭାରତୀୟ ବ୍ୟାଟ୍ସମ୍ୟାନ। ଦୁଇ ନିୟମିତ ଓପନର ଲୋକେଶ ରାହୁଲ ଓ ମୁରଲୀ ବିଜୟଙ୍କୁ ବାଦ୍ ଦେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ମୟଙ୍କ ଓ ହନୁମା ବିହାରୀଙ୍କୁ ଇନିଂସ ଓପନ କରିବାର ସୁଯୋଗ ଦେଇଥିଲେ। ବିହାରୀ ସଫଳ ହୋଇ ନ ଥିଲେ। ସେ ୮ ରନ କରିଥିବା ବେଳେ ପ୍ୟାଟ୍ କମିନ୍ସଙ୍କ ଏକ ବାଉନ୍ସ ବଲକୁ ଖେଳିବାକୁ ଯାଇଥିଲେ। ବଲ୍ ତାଙ୍କ ଗ୍ଲୋଭ୍ସରେ ବାଜିଥିଲା ଓ ସେ ଦ୍ୱିତୀୟ ସ୍ଲିପ୍‌ରେ ଆରୋନ ଫିଞ୍ଚଙ୍କ ହାତରେ ଧରା ପଡିଥିଲେ। ବିହାରୀ ଧୈର୍ଯ୍ୟର ସହ ୬୬ଟି ବଲ ଖେଳି କ୍ରିଜ୍‌ରେ ଜମିଆସୁଥିବା ବେଳେ ଆଉଟ ହୋଇଥିଲେ। ୨୫ଟି ବଲ ଖେଳିବା ପରେ ସେ ପ୍ରଥମ ରନ ସଂଗ୍ରହ କରିଥିଲେ। ପ୍ରଥମ ଉଇକେଟ ଯୋଡିରେ ବିହାରୀ ଓ ମୟଙ୍କ ୪୦ ରନ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ମୟଙ୍କ କିନ୍ତୁ ନୂଆ ବଲ୍‌ରେ ଅଷ୍ଟ୍ରେଲୀୟ ଦ୍ରୁତ ବୋଲରଙ୍କୁ ସଫଳ ମୁକାବିଲା କରିଥିଲେ। ସେ ସୁନ୍ଦର ବ୍ୟାଟିଂର ନମୁନା ପ୍ରଦର୍ଶନ କରି ୧୬୧ଟି ବଲ ଖେଳି ୮ ଚୌକା ଓ ୧ ଛକା ସହ ୭୬ ରନର ଶତକୀୟ ପାଳି ଖେଳି କମିନ୍ସଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। କମିନ୍ସଙ୍କ ବଲକୁ ଖେଳିବାକୁ ଯାଇ ସେ ଲେଗ୍ ସାଇଡ୍‌ରେ ଉଇକେଟ କିପର ଟିମ୍ ପେନ୍‌ଙ୍କ ହାତରେ ଧରା ପଡିଥିଲେ। ଦ୍ୱିତୀୟ ଉଇକେଟ ଯୋଡିରେ ମୟଙ୍କ ଓ ପୂଜାରା ୮୩ ରନ ସଂଗ୍ରହ କରିଥିଲେ। ଏହା ପରେ ତୃତୀୟ ଉଇକେଟ ଯୋଡିରେ କୋହଲି ଓ ପୂଜାରା ଧିମା ଖେଳିଥିଲେ ମଧ୍ୟ ୯୨ ରନର ଭାଗୀଦାରି ସ୍ଥାପନ କରିଥିଲେ। ପୂଜାରା ଅତ୍ୟନ୍ତ ଧିମା ବ୍ୟାଟିଂ କରି ୨୦୦ଟି ବଲ ଖେଳି ୬ ଚୌକା ସହ ୬୮ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ସେହିପରି କୋହଲି ୧୦୭ଟି ବଲ ଖେଳି ୪୭ ରନ କରି ଅପରାଜିତ ରହିଛନ୍ତି। ଅବଶ୍ୟ ଖେଳ ଶେଷ ଆଡକୁ କୋହଲିଙ୍କର ଏକ କ୍ୟାଚ ହାତଛଡ଼ା କରିଥିଲେ ପେନ୍। ମିଚେଲ ଷ୍ଟାର୍କଙ୍କ ଏକ ସୁନ୍ଦର ଓଭରରେ କୋହଲି ଏକାଧିକ ବାର ବିଟ୍ ହୋଇଥିଲେ। ଏହି ଓଭରର ଏକ ବଲ କୋହଲିଙ୍କୁ ଇନ୍‌ସାଇଡ ଓ ଆଉଟ ସାଇଡରେ ବିଟ୍ କରିଥିଲା ଓ ବଲ ବ୍ୟାଟ୍‌ରେ ବାଜି ପେନ୍‌ଙ୍କ ପାଖକୁ ଯାଇଥିଲେ ମଧ୍ୟ ସେ ବଲ ଧରିବାରେ ସଫଳ ହୋଇ ନ ଥିଲେ। ସେତେବେଳେ କୋହଲି ୪୭ ରନ କରି ବ୍ୟାଟିଂ ଜାରି ରଖିଥିଲେ। ବୋଲିଂରେ ଘରୋଇ ଦଳ ତରଫରୁ କମିନ୍ସ ଏକମାତ୍ର ସଫଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ସେ ଦୁଇଟି ଯାକ ଉଇକେଟ ହାସଲ କରିଛନ୍ତି।

ବକ୍ସିଂ ଡେ ଟେଷ୍ଟ

ସଂକ୍ଷିପ୍ତ ସ୍କୋର:
ଭାରତ ପ୍ରଥମ ଇନିଂସ ୮୯ ଓଭରରେ ୨୧୫/୨ (ମୟଙ୍କ– ୭୬, ପୂଜାରା– ୬୮, କୋହଲି– ୪୭, କମିନ୍ସ– ୨/୪୦)।

ରେକର୍ଡ ବୁକ୍‌ରେ ମୟଙ୍କ

ଭାରତୀୟ ଓପନର୍ ମୟଙ୍କ ଅଗ୍ରୱାଲ ନିଜର ପଦାର୍ପଣ ଟେଷ୍ଟ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ୭୬ ରନ କରିଥିବା ମୟଙ୍କ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ଅଷ୍ଟ୍ରେଲିଆ ମାଟିରେ ପଦାର୍ପଣ ଟେଷ୍ଟରେ ସର୍ବାଧିକ ରନ କରିବାରେ ୭୧ ବର୍ଷର ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ୧୯୪୭ରେ ଦତ୍ତୁ ଫଡକର ସିଡନୀରେ ୫୧ ରନର ଇନିଂସ ଖେଳି ଏହି ରେକର୍ଡର ଅଧିକାରୀ ଥିଲେ। ସେହିଭଳି ବିଦେଶ ମାଟିରେ ନିଜର ପଦାର୍ପଣ ଟେଷ୍ଟ ମ୍ୟାଚ୍‌ରେ ସର୍ବାଧିକ ରନ ସଂଗ୍ରହକାରୀ ଭାରତୀୟ ଓପନର ତାଲିକାରେ ମୟଙ୍କ ୨ୟ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ସୁଧୀର ନାଇକ ଶୀର୍ଷରେ ରହିଛନ୍ତି। ସୁଧୀର ୧୯୭୬ରେ ଇଂଲଣ୍ଡରେ ନିଜର ପଦାର୍ପଣ ଟେଷ୍ଟରେ ୭୭ ରନ କରିଥିଲେ। ସୁନୀଲ ଗାଭାସ୍କର ତାଲିକାର ୩ୟ ସ୍ଥାନରେ ରହିଛନ୍ତି। ୧୯୭୧ରେ ୱେଷ୍ଟଇଣ୍ଡିଜରେ ନିଜର ଟେଷ୍ଟ ପଦାର୍ପଣରେ ଗାଭାସ୍କର ଅପରାଜିତ ୬୭ ରନ କରିଥିଲେ। ଅଗ୍ରୱାଲ ଭାରତର ୨୯୫ତମ ଟେଷ୍ଟ ଖେଳାଳି ମାନ୍ୟତା ପାଇଛନ୍ତି।

ପ୍ରଥମ ଟେଷ୍ଟ: ପାକିସ୍ତାନ ୧୮୧ରେ ଅଲଆଉଟ୍

ସେଞ୍ଚୁରିଅନ, ୨୬।୧୨(ଏଏଫପି)

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ପାକିସ୍ତାନ ପ୍ରଥମେ ଇନିଂସରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୭ ଓଭରରେ ୧୮୧ ରନ କରି ଅଲଆଉଟ ହୋଇଛି। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ଆରମ୍ଭ କରି ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୩୬ ଓଭରରେ ୫ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଟେମ୍ବା ବଭୁମା ୩୮ ଓ ଡେଲ ଷ୍ଟେଇନ ୧୩ ରନରେ ଅପରାଜିତ ରହିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ତରଫରୁ ବାବର ଆଜମ ସର୍ବାଧିକ ୭୧, ଆଖାର ଅଲ୍ଲୀ ୩୬ରନ କରିଥିଲେ। ଦକ୍ଷିଣ ଆଫ୍ରିକାର ଡୁଆନ ଓଲିଭର ସର୍ବାଧିକ ୬, କାଗିସୋ ରାବାଡ଼ା ୩ ଓ ଡେଲ ଷ୍ଟେଇନ୍ ଗୋଟିଏ ଉଇକେଟ ନେଇଥିଲେ। ଡେଲ୍ ଷ୍ଟେନ୍ ଦକ୍ଷିଣ ଆଫ୍ରିକାର ସର୍ବାଧିକ ଟେଷ୍ଟ ଉଇକେଟ୍ ହାସଲକାରୀ ବୋଲର ହେବାର କୃତିତ୍ୱ ଅର୍ଜନ କରିଛନ୍ତି। ଫାଖର ଜମାନଙ୍କୁ ଡିନ୍ ଏଲଗାରଙ୍କ ହାତରେ କ୍ୟାଚ୍ କରାଇ ୩୫ ବର୍ଷୀୟ ଷ୍ଟେନ ଟେଷ୍ଟ ଉଇକେଟ୍ ସଂଖ୍ୟାକୁ ୪୨୨ରେ ପହଞ୍ଚାଇଛନ୍ତି। ପୂର୍ବରୁ ଏହି ରେକର୍ଡ ପ୍ରାକ୍ତନ ଅଧିନାୟକ ସନ୍ ପୋଲକଙ୍କ (୪୨୧ ଉଇକେଟ) ନାମରେ ରହିଥିଲା।

ସଂକ୍ଷିପ୍ତ ସ୍କୋର: ପାକିସ୍ତାନ ପ୍ରଥମ ଇନିଂସ: ୪୭ ଓଭରରେ ୧୮୧ ଅଲଆଉଟ। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୩୬ ଓଭରରେ ୧୨୭/୫।

■ ସି.କେ. ନାଇଡୁ ଟ୍ରଫି

ସନ୍ଦୀପଙ୍କ ଶତକ

ବଲାଙ୍ଗୀର ଅଫିସ, ୨୬।୧୨

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ସି.କେ. ନାଇଡୁ ଟ୍ରଫିର ତୃତୀୟ ଦିନରେ ବ୍ୟାଟିଂ ବିପର୍ଯ୍ୟୟ ସମ୍ମୁଖୀନ ହୋଇ ଘରୋଇ ଓଡ଼ିଶା ଫଲୋଅନ୍‌ର ସମ୍ମୁଖୀନ ହୋଇଛି। ବୁଧବାର ତୃତୀୟ ଦିନ ଖେଳ ଆରମ୍ଭ ହେବା ପରେ ଓଡିଶା ଦଳ ଅସମାପ୍ତ ପାଳି ୫୬ ରନ୍‌ରୁ ଆରମ୍ଭ କରିଥିଲା । ତେବେ ଆରମ୍ଭରୁ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା ଓ ମାତ୍ର ୧୫୦ ରନ୍ ଯୋଗକରି ସମସ୍ତ ଖେଳାଳି ୨୦୬ ରନ୍‌ର ଦଳୀୟ ସ୍କୋରରେ ଅଲ ଆଉଟ୍ ହୋଇ ଫଲୋଅନ୍‌ର ସମ୍ମୁଖୀନ ହୋଇଥିଲେ । ଓଡିଶାର ଏକମାତ୍ର ସଫଳ ବ୍ୟାଟ୍‌ସମ୍ୟାନ୍ ଭାବେ ସନ୍ଦୀପ ପଟ୍ଟନାୟକ ଲଢୁଆ ଖେଳ ପ୍ରଦର୍ଶନ କରି ଶତକ (୧୦୦ ରନ୍) ଅର୍ଜନ କରିଥିଲେ । ଜମ୍ମୁ କଶ୍ମୀର ଦଳ ତରଫରୁ ସଫଳ ବୋଲର ଭାବେ ଆବିଦ୍ ମୁସ୍ତାକ ୫ଟି, ପାରଶ ଶର୍ମା ୨ଟି ଓ ଆକିବ ନାବୀ ୨ଟି ଉଇକେଟ ଅକ୍ତିଆର କରିଥିଲେ । ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଫଲୋଅନ୍ ପରେ ଓଡିଶା ଦଳ ତା'ର ଦ୍ୱିତୀୟ ଇନିଂସ୍ ଆରମ୍ଭ କରି କୌଣସି ଉଇକେଟ୍ ନ ହରାଇ ମାତ୍ର ୩୦ ରନ୍ ସଂଗ୍ରହ କରିଛି । ଗୁରୁବାର ଅନ୍ତିମ ଦିବସର ଖେଳ ବାକି ଥିବାରୁ ଓଡିଶା ନିଜର ସମସ୍ତ ଉଇକେଟ୍ ବଞ୍ଚାଇ ନ ପାରିଲେ ଦଳ ପରାଜୟର ସମ୍ମୁଖୀନ ହେବା ଆଶଙ୍କା ସୃଷ୍ଟି ହୋଇଛି । ଓଡିଶା ଦଳ ଏବେ ବି ୩୯୮ ରନ୍ ପଛରେ ପଡିଛି। ଜମ୍ମୁ କଶ୍ମୀର ପ୍ରଥମ ଇନିଂସରେ ୮ ଉଇକେଟ୍ ବିନିମୟରେ ୬୩୪ ରନ୍ ସଂଗ୍ରହ କଲା ପରେ ପାଳି ଘୋଷଣା କରିଥିଲା ।

ସନ୍ଦୀପ ପଟ୍ଟନାୟକ

ଆନ୍ଧ୍ରଠାରୁ ହାରି ଓଡ଼ିଶା ବିଦା

କଟକ ଅଫିସ,୨୬।୧୨

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ସିନିୟର ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ନକଆଉଟ ପର୍ଯ୍ୟାୟ ମ୍ୟାଚ୍‌ରେ ଓଡ଼ିଶା ୩ଉଇକେଟରେ ଆନ୍ଧ୍ରପ୍ରଦେଶଠାରୁ ପରାସ୍ତ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମଧୁସ୍ମିତା ବେହେରାଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ୧୬୦ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ମାଧୁରୀ ମେହେଟା ୪୨, ସୁଶ୍ରୀ ଦିବ୍ୟଦର୍ଶିନୀ ୪୬ ରନ୍ କରିଥିଲେ। ଜବାବରେ ୪୭ତମ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଛି ଆନ୍ଧ୍ରପ୍ରଦେଶ। ଓପନର ସି.ଏଚ୍. ଝାନ୍‌ସୀ ଲକ୍ଷ୍ମୀ ସର୍ବାଧିକ ୭୫ରନ୍ କରିଥିଲେ। ୧୩୭ରନରେ ଦଳ ୭ଟି ଉଇକେଟ ହରାଇଥିଲେ ସୁଦ୍ଧା ଦୁଇ ନିମ୍ନକ୍ରମର ବ୍ୟାଟ୍ସଓମ୍ୟାନ ଅଞ୍ଜଳୀ ଶ୍ରାବଣୀ(୧୧ରନ୍) ଓ କେ. ଜ୍ୟୋତି(୧୨ରନ୍) ସତର୍କତାର ସହ ଖେଳି ଦଳକୁ ଜିତାଇଥିଲେ। ଓଡ଼ିଶା ପକ୍ଷରୁ ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ୨ଟି ଲେଖାଏ ଉଇକେଟ ପାଇଛନ୍ତି।

ଜୁନିୟର କ୍ରିକେଟ: ଶହୀଦ ସ୍ପୋର୍ଟିଂ ଚାମ୍ପିୟନ

ଭୁବନେଶ୍ୱର,୨୬।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ପ୍ରଗତି ସ୍ପୋର୍ଟିଂ ଦ୍ୱାରା ଆୟୋଜିତ ଭୁବନେଶ୍ୱର ଜୁନିୟର କ୍ରିକେଟ ଲିଗ୍‌ରେ ଶହୀଦ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଟୁର୍ନାମେଣ୍ଟ ଫାଇନାଲରେ ରାମେଶ୍ୱର କ୍ଲବକୁ ୩୦ ରନ୍‌ରେ ହରାଇ ଶହୀଦ ସ୍ପୋର୍ଟିଂ ଟାଇଟଲ ହାତେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନିର୍ଦ୍ଧାରିତ ୪୦ ଓଭରରେ ୬ ଉଇକେଟ ହରାଇ ୨୨୭ ରନ୍ କରିଥିଲା। ଦଳ ପକ୍ଷରୁ ବିଶ୍ୱ ବିଭବ ମୁଦୁଲି ୭୫ ଓ ସୌମ୍ୟ ଶ୍ରୀଚନ୍ଦନ ୫୦ ରନ୍ କରିଥିଲେ। ଜବାବରେ ରାମେଶ୍ୱର ୩୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୯୭ ରନ୍ କରିପାରିଥିଲା। ଦଳ ଲଗି ସାରାଂଶ କୁମାର ୪୩ ଓ ଆଦିତ୍ୟ ଜେନା ୩୨ ରନ୍ କରିଥିଲେ। ଚାମ୍ପିୟନ ଦଳ ପାଇଁ ସୌମିତ୍ର, ଓମ୍ ଶ୍ରୀରାମ ଏବଂ ହିମାଂଶୁ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ୍‌ରେ ସର୍ବାଧିକ ବ୍ୟକ୍ତିଗତ ରନ୍ କରିଥିବା ବିଶ୍ୱ ବିଭବ ମୁଦୁଲିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଏବଂ ସୌମିତ୍ର ବିଶ୍ୱାଳଙ୍କୁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ଦିଆଯାଇଛି।

ଚାମ୍ପିୟନ୍ ଶହୀଦ ସ୍ପୋର୍ଟିଂ ଦଳ ଖେଳାଳିମାନେ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

କିଟ୍‌ରେ ମେଗା ସ୍ପୋର୍ଟ୍ସ ଫେଷ୍ଟ

ଭୁବନେଶ୍ୱର, ୨୬।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଆସୋସିଏଶନ ଅଫ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ତତ୍ତ୍ୱାବଧାନରେ ଓ କିଟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗୁରୁବାରଠାରୁ ଆରମ୍ଭ ହୋଇଛି ମେଗା ସ୍ପୋର୍ଟ୍ସ ଫେଷ୍ଟ ତଥା ନ୍ୟାଶନାଲ ୟୁନିଭର୍ସିଟି ଗେମ୍ସ। ଏହି ସ୍ପୋର୍ଟ୍ସ ଫେଷ୍ଟରେ ସର୍ବ ଭାରତୀୟ ବିଶ୍ୱବିଦ୍ୟାଳୟ ଆର୍ଚେରୀ (ପୁରୁଷ/ମହିଳା), ସଫ୍ଟ ଟେନିସ (ପୁରୁଷ/ ମହିଳା), ଟଗ୍ ଅଫ୍ ୱାର (ପୁରୁଷ/ ମହିଳା), ରୋପ୍ ସ୍କିପିଂ (ପୁରୁଷ/ ମହିଳା) ଓ ସର୍ବଭାରତୀୟ ଆନ୍ତଃ ଜୋନାଲ କବାଡ଼ି (ପୁରୁଷ) ଓ ହକି (ମହିଳା) ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ୨୬ରୁ ଆରମ୍ଭ ହୋଇ ଏହି ମେଗା ଇଭେଣ୍ଟ ୨୯ ତାରିଖରେ ଶେଷ ହେବ।

ପ୍ରଥମଥର ପାଇଁ ରୋପ ସ୍କିପିଂ ଇଭେଣ୍ଟକୁ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ୟାଲେଣ୍ଡରରେ ସାମିଲ କରାଯାଇଛି। ଦେଶର ପାଖାପାଖି ୩୪୦୦ କ୍ରୀଡ଼ାବିତ୍ କିଟ୍‌ରେ ଏହି ମେଗା ଇଭେଣ୍ଟରେ ଯୋଗ ଦେବା ପାଇଁ ଏକାଠି ହୋଇଛନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ମେଗା ଇଭେଣ୍ଟର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଆଇୟୁ ଅବଜରଭର ପୀୟୂଷ ଜୈନ, କିଟ୍‌ର କ୍ୱାଲିଟି ଆସ୍ୟୁରାନ୍ସ ସେଲ ନିର୍ଦ୍ଦେଶକ ଜୟନ୍ତ ପରିଡ଼ା, କିଟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ନିର୍ଦ୍ଦେଶକ ତଥା ଅର୍ଗାନାଇଜିଂ ସମ୍ପାଦକ ଗଗନେନ୍ଦୁ ଦାଶ ଉପସ୍ଥିତ ଥିଲେ।

ଆର୍ଚେରୀ ଇଭେଣ୍ଟରେ କିଟର ସବୁ ପ୍ରତିଯୋଗୀ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ରଗବୀରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁରୁକ୍ଷେତ୍ରଠାରୁ ପରାସ୍ତ ହୋଇଛି। ପୁରୁଷ କବାଡ଼ିରେ ଉତ୍କଳ ମୁମ୍ବାଇ ବିଶ୍ୱବିଦ୍ୟାଳୟ ଓ ରୋହତକର ଏମ୍‌ଡିଠାରୁ ପରାସ୍ତ ହୋଇଛି।

ଏଥି ସହିତ କିଟ୍‌ରେ ୬୪ତମ ୧୪, ୧୭ ଓ ୧୯ ବର୍ଷରୁ କମ୍ ରଗ୍‌ବୀ ଜାତୀୟ ସ୍କୁଲ ଗେମ୍ସ ୨୬ ତାରିଖରୁ ଆରମ୍ଭ ହୋଇଛି ଓ ଏହା ୩୧ ତାରିଖରେ ଶେଷ ହେବ। ମୋଟ ଉପରେ ସାରା ଦେଶରୁ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ବିହାର, ଗୋଆ, ମହାରାଷ୍ଟ୍ର, ଓଡ଼ିଶା, ତାମିଲନାଡୁ, ଗୋଆ, ଛତିଶଗଡ଼, ଗୁଜରାଟ, ଜମ୍ମୁ କଶ୍ମୀର, ଦିଲ୍ଲୀ, ଆନ୍ଧ୍ର ପ୍ରଦେଶ, ପଞ୍ଜାବ ଓ ତେଲେଙ୍ଗାନା ଦଳ ଭାଗ ନେଇଛନ୍ତି। ଅଚ୍ୟୁତ ସାମନ୍ତ ଏହି ଗେମ୍ସର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେକେଣ୍ଡାରୀ ଏଡୁକେଶନ ଡାଇରେକ୍ଟର ବିଷ୍ଣୁ ପ୍ରସାଦ ଷଡଙ୍ଗୀ, ଏସ୍‌ଜିଏଫ୍‌ଆଇ ଅବଜରଭର ଭୁବନେଶ ଚୌଧୁରୀ, ଖୋର୍ଦ୍ଧା ଡିଇଓ ବୃନ୍ଦାବନ ଶତପଥୀ ଓ ଅନ୍ୟ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଓଡ଼ିଶା ଦଳ ୧୯– ୧୦ରେ ତାମିଲନାଡୁକୁ ହରାଇ ଅଭିଯାନ ଆରମ୍ଭ କରିଛି।

ଅଧିକ ଟୁର୍ନାମେଣ୍ଟ ଆୟୋଜନ ଜରୁରୀ

କଟକରେ କବାଡ଼ି କୁଇନ୍ ପାୟଲ

କ୍ରୀଡ଼ା ଜଗତରେ ପାଦ ଥାପିଥିଲେ ଜଣେ ଆଥଲେଟ ଭାବେ। ପଶ୍ଚିମବଙ୍ଗ ଜୁନିୟର ଆଥଲେଟ ଦଳରେ ୧୦୦, ୨୦୦ ମିଟର ଦୌଡ଼ ଓ ହାଇଜମ୍ପ ବିଭାଗରେ ସେ ବିଭିନ୍ନ ଚାମ୍ପିୟନଶିପ୍‌ରେ ଭାଗ ନେଇଛନ୍ତି। ଏପରିକି ଜାତୀୟ ଜୁନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ବିଜୟୀ ଆଥଲେଟ ମଧ୍ୟ। ପରିସ୍ଥିତିରେ ପଡ଼ି ସ୍କୁଲ ଦଳରୁ କବାଡ଼ି ଖେଳୁ ଖେଳୁ ଏବେ ସେ ଭାରତୀୟ ମହିଳା କବାଡ଼ି ଦଳର ଅଧିନାୟିକା ଭାର ସମ୍ଭାଳି ସାରିଲେଣି। ତାଙ୍କ ନେତୃତ୍ୱରେ ଭାରତ ଜାକାର୍ତ୍ତାରେ ଅନୁଷ୍ଠିତ ଗତ ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ବିଜୟୀ ହୋଇଛି। ଏହି କବାଡ଼ି କୁଇନ୍ ହେଉଛନ୍ତି କୋଲକାତା ଚନ୍ଦନ ନଗରର ପାୟଲ ଚୌଧୁରୀ। କଟକରେ ଓଡ଼ିଶା କବାଡ଼ି ଆସୋସିଏଶନ ଦ୍ୱାରା ଆୟୋଜିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପାୟଲ ଯୋଗ ଦେବା ଅବସରରେ ତାଙ୍କ ସହ ସାକ୍ଷାତକାର..

ପ୍ର– ଆଥ୍ଲେଟିକ୍ସରୁ କବାଡ଼ି ଖେଳକୁ କିପରି ଆସିଲେ ?

ଉ–ଆନ୍ତଃ ସ୍କୁଲ କବାଡ଼ି ଟୁର୍ନାମେଣ୍ଟ ପାଇଁ ସ୍କୁଲ ଦଳ ବଛାଯାଉଥାଏ। ସେତେବେଳେ ମୁଁ ନବମ ଶ୍ରେଣୀରେ ପଢୁଥିଲି। ଯେହେତୁ ଆଥ୍ଲେଟ ବୋଲି ସ୍କୁଲରେ ସମସ୍ତେ ଜାଣନ୍ତି, ମୋତେ କବାଡ଼ି ଖେଳିବାକୁ କୁହାଗଲା। ମନା କରିଥିଲି ଦଳରେ ଯିବାକୁ। ହେଲେ ମୋ ନାଁ ପିଇଟି ଜବରଦସ୍ତ ଦେଇଥିଲେ। ସ୍କୁଲ ଦଳରେ ଖେଳିବା ବେଳେ କବାଡ଼ି ପ୍ରତି ଦୁର୍ବଳତା ଆସିଥିଲା। ପରେ କୋଚିଂ ନେବା ସହ ଜଣେ ନିୟମିତ କବାଡ଼ି ଖେଳାଳି ଭାବେ ପରିଚୟ ପାଇଲି। ପ୍ରଶିକ୍ଷଣ ନେବାର ଗୋଟିଏ ବର୍ଷ ଭିତରେ ରାଜ୍ୟ ଜୁନିୟର ଦଳରେ ଏବଂ ପରେ ସିନିୟର ଦଳରେ ସୁଯୋଗ ପାଇଥିଲି।

ପ୍ର–ଖେଳାଳି ଭାବେ ପରିବାରରୁ କେମିତି ସମର୍ଥନ ପାଉଛନ୍ତି ?

ଉ– ପିଲାଟି ବେଳୁ ଖେଳ ଓ ଖେଳାଳିଙ୍କ ଭିତରେ ମୋ ସମୟ କଟିଛି। ବାପା କମଳ ଚୌଧୁରୀ ଜଣେ ପୂର୍ବତନ ଜାତୀୟ ଫୁଟବଲ ଖେଳାଳି। ଏହାଛଡ଼ା ସମ୍ପର୍କୀୟ ମାନେ ମଧ୍ୟ ଖେଳ ସହ ସମ୍ପୃକ୍ତ। ଏଣୁ ଖେଳ ପ୍ରତି ଆଗ୍ରହ ଜାତ ହେବା ସ୍ୱାଭାବିକ ଥିଲା ମୋ ପାଇଁ। ସୌଭାଗ୍ୟବଶତଃ ମୋ ବିବାହ ମଧ୍ୟ ଜଣେ କ୍ରୀଡ଼ାବିତ(ଅର୍ଜୁନ ପୁରସ୍କାର ବିଜୟୀ ପ୍ରଶାନ୍ତ କର୍ମକାର)ଙ୍କ ସହ ହୋଇଛି। ସବୁବେଳେ ମୋ ପାଇଁ ସମର୍ଥନ ରହିଛି।

ପ୍ର–ଏସିଆନ ଗେମ୍ସ ଫାଇନାଲରେ ଇରାନ ସହ ମୁକାବିଲା କିପରି ଥିଲା ?

ଉ–ଟୁର୍ନାମେଣ୍ଟ ଆରମ୍ଭରୁ ଭାରତର ପ୍ରଦର୍ଶନ ସବୁଠାରୁ ଭଲ ଥିଲା। ଦଳରେ ଯୁବ ଖେଳାଳିମାନେ ଅଧିକ ଥିଲେ। ଗ୍ରୁପ୍ ପର୍ଯ୍ୟାୟରେ ଆମେ ସହଜରେ ସବୁ ମ୍ୟାଚ୍ ଜିତିଥିବାରୁ ମନୋବଳ ମଧ୍ୟ ଦୃଢ଼ ଥିଲା । ସେମିଫାଇନାଲରେ କୋରିଆକୁ ମଧ୍ୟ ସହଜରେ ପରାସ୍ତ କରିଥିଲୁ, ହେଲେ ଫାଇନାଲରେ ଇରାନ ସହ ମୁକାବିଲା ବେଶ୍ ରୋମାଞ୍ଚକର ଥିଲା। ଫାଇନାଲ ମ୍ୟାଚ୍‌ର ପ୍ରଥମରୁ ଆମେ ବହୁତ ଭଲ ଖେଳିଥିଲୁ। ହେଲେ ପରବର୍ତ୍ତୀ ସମୟଗୁଡ଼ିକରେ ଆମେ ଭଲ ଖେଳି ମଧ୍ୟ ପଏଣ୍ଟ ପାଇପାରି ନ ଥିଲୁ। ରିଭ୍ୟୁ ସିଷ୍ଟମ ନ ଥିବାରୁ ରେଫ୍‌ରିଙ୍କ କହିବା ଅନୁସାରେ ପଏଣ୍ଟ ମିଳୁଥିଲା। ୫ରୁ ୭ ପଏଣ୍ଟ ଆମେ ଦୁର୍ଭାଗ୍ୟବଶତଃ ହରାଇଥିଲୁ। ଯାହା ଆମ ପାଇଁ ମହଙ୍ଗା ପଡ଼ିଥିଲା ।

ପ୍ର– ୨୦୧୪ ଏସିଆନ ଗେମ୍ସରେ ଭାରତୀୟ ମହିଳା କବାଡ଼ି ଦଳର ଷ୍ଟାଣ୍ଡ ବାଏ ଖେଳାଳି ଥିଲେ। ପରେ ୨୦୧୮ ଏସିଆନ ଗେମ୍ସରେ ଦଳର ଅଧିନାୟିକା। ଏ ସମ୍ପର୍କରେ କ'ଣ କହିବେ ?

ଉ–୨୦୧୪ ମସିହାରେ ଭାରତୀୟ ଦଳର ଷ୍ଟାଣ୍ଡବାଏ ଖେଳାଳି ଭାବେ ନାମ ଘୋଷଣା କରାଯିବା ପରେ ବହୁତ ଖରାପ ଲାଗିଥିଲା। କିଛିଦିନ ମାନସିକ ଭାବେ ମଧ୍ୟ ଭାଙ୍ଗି ପଡ଼ିଥିଲି। ହେଲେ ପରେ ଅଭ୍ୟାସ ଅଧିକରୁ ଅଧିକ କରିବା ସହ କିପରି ଜାତୀୟ ଦଳରେ ସ୍ଥାନ ବଜାୟ ରଖିବି ସେଥି ନିମନ୍ତେ ଚେଷ୍ଟା ଚଳାଇଥିଲି। ୨୦୧୬ରେ ଅଧିନାୟିକା ହେଲି ଓ ୨୦୧୮ରେ ଏସିଆନ ଗେମ୍ସରେ ମଧ୍ୟ ଏହି ପଦବୀ ବଜାୟ ରଖିବାରେ ସଫଳ ହୋଇଛି ।

ପ୍ର–ଭାରତୀୟ ମହିଳା କବାଡ଼ିର ଭବିଷ୍ୟତକୁ କିପରି ଦେଖୁଛନ୍ତି ?

ଉ–ବହୁତ ଭଲ ଅଛି, ଆଗକୁ ମଧ୍ୟ ଭଲ ରହିବ ବୋଲି ଆଶା। ହେଲେ ଅଧିକରୁ ଅଧିକ ଟୁର୍ନାମେଣ୍ଟ ହେବା ଉଚିତ। ଯେପରି ପୁରୁଷ କବାଡ଼ି ଖେଳାଳିମାନଙ୍କୁ ନେଇ ପ୍ରୋ–କବାଡ଼ି ଲିଗ୍ ହେଉଛି ସେପରି ମହିଳା କବାଡ଼ି ଖେଳାଳିମାନଙ୍କୁ ନେଇ କିଛି ପ୍ରାୟୋଜିତ ଟୁର୍ନାମେଣ୍ଟ ହେଲେ ଖେଳାଳି ମାନେ ଅଧିକ ଉତ୍ସାହିତ ହେବେ ।

(ସାକ୍ଷାତ: କୁମାରଶ୍ରୀ ସାହୁ)

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

MARUTI SUZUKI ARENA

BEST TIME to buy

Biggest offers of the year.
Hurry, buy before price hike.

Maruti Suzuki to increase vehicle prices upto ₹20,000*

Car prices are set to go up in New Year with market leader Maruti Suzuki announcing that it was working on increase price across its range of vehicles due to higher commodity costs and adverse foreign exchange movement.

Citing higher cost, the manufacturer of the Alto and S... cars said in a note to stoke exchanges.

It has become imperative for the company t... some of the impact of the additional cost to c... through price increase across various mod... ...ry 2019.

Hurry!!!
Last 5 days

CELERIO SAVE UPTO ₹ 60,000* | WAGONR SAVE UPTO ₹ 70,000*

CELERIO WAGONR

E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in

ODYSSEY MOTORS
• SAMBALPUR: 9439018805 • BOLANGIR: 9438068327
• BARGARH: 8895094616 • NUAPADA: 8895094633
• SONEPUR: 9437421356 • JHARSUGUDA: 9439892153 • BOUDH: 8594908009

ORBIT MOTORS
• ROURKELA: 9040404444, 9040404333
• SUNDARGARH: 9437049161
• DEOGARH: 9437492369

LEGEND CARS
• JEYPORE: 7894335551
• BHAWANIPATNA: 7894442910

SKY AUTOMOBILES
• BERHAMPUR: 7381261000

*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes consumer offer and exchange bonus. All offers and the savings given above are applicable for the month of December'18 only. Offers as shown above may change without any prior notice.

www.orissakhabar.com/www.dharitri.com ସ୍ୱତ୍ୱାଧିକାର ପ୍ରେସ୍ ରେଜି. ନଂ. ORIORI/2005/14845 Postal Regd. No. BNI/42/18-20, Edition : Phone (0663) 2532134, Editorial (0663) 2405816, Fax: (0663)2405616 ଦୈନିକ ଧରିତ୍ରୀ, ସମ୍ବଲପୁର, ଗୁରୁବାର, ଡିସେମ୍ବର ୨୭/ ୨୦୧୮ Sambalpur, Thursday, December 27/ 2018

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୭ ଡିସେମ୍ବର, ୨୦୧୮



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ

ସଂକ୍ଷେପରେ

ବାଇକ୍ ଦୁର୍ଘଟଣା, ଯୁବକ ମୃତ

ବିଜେପୁର,୨୬।୧୨(ଡି.ଏନ.ଏ): ବରଗଡ ଜିଲା ବିଜେପୁର ଥାନା ଅନ୍ତର୍ଗତ ଏମ. ଗଣ୍ଡପାଲି ଛକରେ ବୁଧବାର ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଜାରିଂ ଗ୍ରାମର ବିକ୍ରମ ପାଣ୍ଡେ (୩୫) । ଏହି ଦୁର୍ଘଟଣାରେ ଗୁରୁତର ଆହତ ଜିତେନ ବନଛୋର (୩୦)ଙ୍କୁ ବରଗଡ଼ ଜିଲା ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ, ଜିତେନ ଓ ବିକ୍ରମ ପାଣ୍ଡେ ଫୁଟବଲ ଟୁର୍ନାମେଣ୍ଟ ଦେଖିବା ପାଇଁ ଏକ ବାଇକ୍ (ନଂ.ଓଡି୧୭/୪୦୧୩) ଯୋଗେ ଏମ୍.ଗଣ୍ଡପାଲି ଯାଉଥିଲେ। ଏମ୍.ଗଣ୍ଡପାଲି ଛକରେ ବିପରିତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଖବର ପାଇ ବିଜେପୁର ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଆହତ ଦ୍ୱୟଙ୍କୁ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ପରୀକ୍ଷା କରି ବିକ୍ରମଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଏକ ମାମଲା (ନଂ.୨୧୩/୧୮) ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

ଶୀତରେ ଥରୁଛି ଅତାବିରା

ଅତାବିରା, ୨୬।୧୨ (ଡି.ଏନ.ଏ): ଅତାବିରା ବ୍ଲକ ଅଞ୍ଚଳରେ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି । ଶୀତ ହେଉଥିବାରୁ ଫୁଟପାଥ୍‌ରେ ଜୀବନ କାଟୁଥିବା ଶ୍ରମିକ ପରିବାର ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସନ୍ଧ୍ୟା ହେଲେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଛକ ଗୁଡିକରେ ଲୋକମାନେ ନିଆଁ ଜାଳୁଥିବା ଦେଖିବାକୁ ମିଳୁଛି । ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକେ ସନ୍ଧ୍ୟା ୮ଟା ହେଲେ ବାହାରକୁ ବାହାରୁ ନାହାନ୍ତି । ପାରଦ ଖସୁଥିବାରୁ ଶୀତ ପ୍ରବଳ ହେଉଛି । ସକାଳ ୯ଟା ପରେ ଦୋକାନ ବଜାର ଖୋଲାଯାଉଛି । ସେପଟେ ଶୀତବସ୍ତ୍ର ପାଇଁ ଦୋକାନରେ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳୁଛି ।

■ ବରପାଲି ଶିଶୁମନ୍ଦିର ରଜତ ଜୟନ୍ତୀ ସମାରୋହ

ଶୃଙ୍ଖଳିତ ଛାତ୍ର ଜୀବନକୁ ଗୁରୁତ୍ୱ

ବରପାଲି, ୨୬।୧୨ (ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ୩ ଦିନିଆ ରଜତ ଜୟନ୍ତୀ ସମାରୋହ ବୁଧବାର ଶିଶୁ ମନ୍ଦିର ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ସକାଳେ ପୁରାତନ ଛାତ୍ରମାନଙ୍କ ଦ୍ୱାରା ମଶାଲ ଏବଂ କଳସ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଭାଗ ନେଇଥିଲେ । ପରିଚାଳନା କମିଟି ସଭାପତି ଡ. କାଳୀଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଛାତ୍ର ଶିକ୍ଷା ସମୀକ୍ଷା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଏମ୍‌ପି ଡ. ପ୍ରଭାସ ସିଂ ମୁଖ୍ୟଅତିଥି, ବିଧାୟିକା ରୀତା ସାହୁ ସମ୍ମାନୀତ ଅତିଥି ଓ ବିଦ୍ୟା ଭାରତୀର ଅଧ୍ୟକ୍ଷ ଡ. ବାଞ୍ଛାନିଧି ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ରସାନନ୍ଦ ଥପା ଅତିଥି ପରିଚୟ ଏବଂ ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ହୋତା ସ୍କୁଲ ବିବରଣୀ ପାଠ କରିଥିଲେ । ପୂର୍ବରୁ ଛାତ୍ରୀମାନଙ୍କ ବାରା ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶୃଙ୍ଖଳା ହିଁ ଛାତ୍ର ଜୀବନର ମୂଳଲକ୍ଷ୍ୟ । ଛାତ୍ରୀଛାତ୍ର ପାଠପଢ଼ାର ମୂଲ୍ୟବୋଧ ବୁଝିବା ସହ ଶୃଙ୍ଖଳିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଗୁରୁଜୀ ଧର୍ମେନ୍ଦ୍ର ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ବରପାଲି ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

ବିଜେପୁର ମଡେଲ ସ୍କୁଲ ନିର୍ମାଣ ପ୍ରସ୍ତୁତି ଆରମ୍ଭ

ବିଜେପୁର, ୨୬।୧୨ (ଡି.ଏନ.ଏ)

ବିଜେପୁର ବ୍ଲକ
- ୧୪ ଏକର ପରିମିତ ଜମି ବ୍ଲକ ଶିକ୍ଷା ବିଭାଗକୁ ହସ୍ତାନ୍ତର
- ବିଦ୍ୟାଳୟ ନିର୍ମାଣ ପାଇଁ ୩.୯୮ କୋଟି ଟଙ୍କା ମଞ୍ଜୁର
- ଆଗାମୀ ବର୍ଷରୁ ପାଠପଢ଼ା ଆରମ୍ଭ ହେବା ନେଇ ଆଶଙ୍କା

ବରଗଡ଼ ଜିଲା ବିଜେପୁରରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ ବୁଧବାର ପ୍ରଶାସନିକ ଅଧିକାରୀମାନେ ଜାଗା ପରିଦର୍ଶନ କରି ତାର ରୂପରେଖ ପରିକଳ୍ପନା କରିଛନ୍ତି । ବିଜେପୁର ଦାମୋଦର କଟା ଉପକଣ୍ଠରେ ରହିଥିବା ବାଉଁଶପୋଲା-ଏମ ଗଣ୍ଡପାଲି ସୀମାରେ ୧୪ ଏକର ପରିମିତ ଜମି ପୂର୍ବରୁ ବ୍ଲକ ଶିକ୍ଷା ବିଭାଗକୁ ହସ୍ତାନ୍ତର ହୋଇଛି। ଏହି ବିଦ୍ୟାଳୟ ନିର୍ମାଣ ପାଇଁ ୩.୯୮ କୋଟି ଟଙ୍କା ମଞ୍ଜୁର ହୋଇଛି । ଖୁବ ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି। ଆଗାମୀ ଶିକ୍ଷାବର୍ଷ ୨୦୧୯-୨୦ରେ ପ୍ରତି ବ୍ଲକରେ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । କିନ୍ତୁ ବିଦ୍ୟାଳୟ ଚାଲିବା ତ ଦୂରର କଥା ଏଠି କୋଠା ନିର୍ମାଣ ପାଇଁ ଶୁଭ ଦିଆଯାଇ ନ ଥିବାରୁ ଆଗାମୀ ବର୍ଷରୁ ଏଠି ପାଠପଢ଼ା ଆରମ୍ଭ ହେବା ଆଶା ଅନିଶ୍ଚିତତା ମଧ୍ୟରେ ରହି ଯାଇଛି । ଜିଲା ଶିକ୍ଷା କାର୍ଯ୍ୟାଳୟର ବିଜ୍ଞାନ ସୁପରଭାଇଜର ଡ. ମନୋଜ କୁମାର ସାହୁ, ବ୍ଲକ ଶିକ୍ଷାଧିକାରୀ ରାଧାକାନ୍ତ ଗଡତିଆ, ଆର୍‌ଡି ବିଭାଗର କନିଷ୍ଠ ଯନ୍ତ୍ରୀ ପୀତାମ୍ବର ମୁର୍ମୁଙ୍କ ସହ ଉଭୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।


ବରଗଡ଼ ରେଳଷ୍ଟେଶନରେ ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଉଛି ।

ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ

ବରଗଡ଼ ଅଫିସ୍,୨୬।୧୨

ବରଗଡ଼ରେ ଶୀତର ପ୍ରକୋପ ବଢ଼ି ଚାଲିଛି । ଏଭଳି ସ୍ଥଳେ ସ୍ଥାନୀୟ ସାମାଜିକ ଅନୁଷ୍ଠାନ ବଦାନ୍ୟ ବନ୍ଧୁର ସ୍ୱେଚ୍ଛାସେବୀମାନେ ଅସହାୟ ଲୋକଙ୍କୁ ମାଗଣାରେ ଶୀତବସ୍ତ୍ର(କମ୍ବଳ) ପ୍ରଦାନ କରିଛନ୍ତି । ମଙ୍ଗଳବାର ରାତ୍ରି ପ୍ରାୟ ୧୦ଟାରେ ଅନୁଷ୍ଠାନର ମୁଖ୍ୟ ସୁବ୍ରତ କୁମାର ବିର୍ତ୍ତିଆ, ରୋନକ ଅଗ୍ରୱାଲ, ସୁବୋଧ କୁମାର ବିର୍ତ୍ତିଆ ସ୍ଥାନୀୟ ରେଳଷ୍ଟେଶନକୁ ଯାଇଥିଲେ । ରେଳ ଷ୍ଟେଶନ ପ୍ଲାଟଫର୍ମ, ଟିକେଟ୍ କାଉଣ୍ଟର ଏବଂ ପ୍ରତୀକ୍ଷାଳୟ ପରିସରରେ ଅସହାୟ ଅବସ୍ଥାରେ ରହିଥିବା ଲୋକଙ୍କୁ ସେମାନେ ଶୀତବସ୍ତ୍ର ପ୍ରଦାନ କରିଥିଲେ ।

ରାଞ୍ଚିକୁ ହରାଇ ଫାଇନାଲରେ ନାଗପୁର

ପାଇକମାଲ, ୨୬।୧୨ (ଡି.ଏନ.ଏ)

ପାଇକମାଳ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ଖେଳ ପଡିଆଠାରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ପ୍ରଥମ ମ୍ୟାଚ୍ ରାଞ୍ଚି ରେଲୱେ ଓ ନାଗପୁର କରିମ ସ୍ପୋର୍ଟିଂ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଛିନ୍ଦେଇକେଲା ସମିତିସଭ୍ୟା ମିନାକ୍ଷୀ ହଂସ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ । ପ୍ରଥମ ସେମିଫାଇନାଲ ଖେଳରେ ନାଗପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୭.୧ ଓଭରରେ ସମସ୍ତ ଉଇକେଟ ହରାଇ୧୭୦ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ରବିନ ସିଂ ୨୨ବଲରେ ୩୧ ରନ ଓ ତଉସିଫ ଅହମ୍ମଦ ୨୪ ବଲରେ ୨୭ ରନ ସଂଗ୍ରହ କରିଥିଲେ । ରାଞ୍ଚି ଦଳ ପକ୍ଷରୁ ନିରନ କୁମାର ଓ ବିନୟ ସିଂ ୩ଟି ଲେଖାଁଏ ଉଇକେଟ ହାସଲ କରିଥିଲେ । ରାଞ୍ଚି ଦଳ ୧୭୧ ରନର ପିଛା କରି ୨୫.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ କରିଥିଲେ । ଦଳ ପକ୍ଷରୁ ସୁର ଜୟାଦବ ୪୬ ଓ ଜିତେନ୍ଦ୍ର କୁମାର ୨୬ ରନ ସଂଗ୍ରହ କରିଥିଲେ । ଅମ୍ପାୟାର ସୁଶାନ୍ତ ପାଣିଗ୍ରାହୀ, ସଞ୍ଜୟ ନାୟକ ଖେଳ ପରିଚାଳନା କରିଥିଲେ। ନାଗପୁର ଦଳ ୫୫ ରନରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି । ପୁରସ୍କାରୀ ବିତରଣୀ ଉତ୍ସବରେ ସୌଦାକର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ନାଗପୁର ଦଳର ଅଂବଲେଶ ସକୁରେଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ଗୁରୁବାର ଗ୍ରୁପ୍ ବି ର ପ୍ରଥମ ମ୍ୟାଚ୍ ଜାମସେଦପୁର ଓ ପୁରୀ ମଧ୍ୟରେ ହେବ ବୋଲି ନରେଶ ସାହୁ ଜଣାଇଛନ୍ତି ।

ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

୫୭ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୨୬।୧୨

ବରଗଡ଼ ଜିଲା ଯାଦବ ସମାଜ ପକ୍ଷରୁ ପୁରୋହିତ ଭବନରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜିଲା ଯାଦବ ସମାଜର ସାଧାରଣ ସମ୍ପାଦକ ରାମନାରାୟଣ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ଯାଦବ ସମାଜ ଜିଲା ସଭାପତି ଲମ୍ବୋଦର ମଲ୍ଲିକ, ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ଷଣ୍ଢ, ଉପସଭାପତି ଧନସିଂ ଭୋଇ, ବ୍ଲକ ସଭାପତି ଜଗଦୀଶ ବଗାର, ସାମାଜିକ କର୍ମୀ ଡଃ ବିରେନ୍ଦ୍ର କୁମାର ବାଗ, ବ୍ରହ୍ମା ମହାକୁଡ଼ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୫୭ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଜିଲା ମୁଖ୍ୟ ଡାକ୍ତରଖାନା ରକ୍ତଭଣ୍ଡାରର ଟେକ୍ନିସିଆନ ବିଜୟ କୁମାର ଖଟେଇ, କେ. ରୋଜା, କାଉନସେଲର ଅମରଜିତ ମହାନ୍ତି, ରାକେଶ କୁମାର ରଣା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଜିଲା ଯୁବ ଯାଦବ ସମାଜ ସଭାପତି ନିରୋଜ ପୋଢ଼, ଉପସଭାପତି ପ୍ରଦୀପ ଥପା, ସମ୍ପାଦକ ଅଶ୍ୱିନୀ ଷାଣ୍ଢ ସହଯୋଗ କରିଥିଲେ ।


ବରଗଡ଼ ଚଣ୍ଡିପାଲି ନିକଟସ୍ଥ ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ କନୌଜିଆ ଯାଦବ ଗୌଡ଼ ସମାଜର ବୈଠକରେ ଉପସ୍ଥିତ ଲୋକମାନେ ।

କନୌଜିଆ ଯାଦବ ଗୌଡ଼ ସମାଜ ବୈଠକ

ବରଗଡ଼ ଅଫିସ୍,୨୬।୧୨

ବରଗଡ଼ ଚଣ୍ଡିପାଲି ନିକଟସ୍ଥ ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ କନୌଜିଆ ଯାଦବ ଗୌଡ଼ ସମାଜର ଏକ ସାଧାରଣ ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦଶରଥ ବରଗର୍ତ୍ତି ସଭାପତିତ୍ୱ କରିଥିଲେ। କୁଶ ପ୍ରଧାନ ମୁଖ୍ୟଅତିଥି ଏବଂ ବୃନ୍ଦାବନ ମହଉମ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବୈଠକରେ କନୌଜିଆ ଯାଦବ ଗୌଡ଼ ସମାଜର ବିଭିନ୍ନ ସାମାଜିକ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ବୈଠକରେ ସୟାଁ, ଦେଓଗାଁ, ଧମନାମୁଣ୍ଡା, ମହୁଲପାଲି, ଗୋଇସର, ଅମ୍ବାଭୋନା, ଚଢ଼େଇଗାଁ, କଟାପାଲି ଆଦି ଗ୍ରାମର ସଦସ୍ୟ ଯୋଗ ଦେଇଥିଲେ । ଯଦୁମଣି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

■ ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ

କେନ୍ଦ୍ର ସରକାରଙ୍କ ବିଫଳତା ବଖାଣିଲେ

ବରଗଡ଼ ଅଫିସ୍,୨୬।୧୨

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ରାସ୍ତାଘାଟ ସବୁଥିରେ ଉନ୍ନତି ଆଣିଛନ୍ତି । ଆଜି ଯେତେବେଳେ ବିଜେଡ଼ି ୨୧ତମ ପ୍ରତିଷ୍ଠା ଦିବସ ପାଳନ କରୁଛି, ସେତେବେଳେ କଂଗ୍ରେସ ଏହି ଦିବସକୁ କଳା ଦିବସ ଏବଂ ଭାଜପା ଜବାବ ମାଗୁଛି ଓଡ଼ିଶା ନାଁରେ ଆନ୍ଦୋଳନ ଆରମ୍ଭ କରିବାକୁ ଘୋଷଣା କରିଛି। ଏହାଠାରୁ ହାସ୍ୟାସ୍ପଦ କଥା ଆଉ ନାହିଁ । ଖଣି ଖାଦାନ ଦୁର୍ନୀତିରେ ବୁଡ଼ି ରହିବା ସାଙ୍ଗକୁ ନାରୀଙ୍କୁ ସୁରକ୍ଷା ଯୋଗାଇ ନ ପାରିବାରୁ କଂଗ୍ରେସ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇ ସାରିଛି। ଏଥିରୁ କଳା ଦିବସ ପାଳନ କରିବା କଂଗ୍ରେସର କୌଣସି ଅଧିକାର ନାହିଁ। ସେହିପରି ଗତ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦେଢ଼ଗୁଣା କରିବା, ପ୍ରତ୍ୟେକ ଲୋକଙ୍କ ଆକାଉଣ୍ଟକୁ ୧୫ଲକ୍ଷ ଟଙ୍କା ଲେଖାଏଁ ଯିବ ବୋଲି ଭାଜପା ଘୋଷଣା କରିଥିଲା । ଫଳରେ ଭାଜପା କଣ ଜବାବ ମାଗୁଛି, ଜବାବ ମାଗିବା ପୂର୍ବରୁ ସେହି ଘୋଷଣାର ଜବାବ ଦେଉ । ବିଜେଡ଼ିର ପ୍ରତିଷ୍ଠା ଦିବସ ପାଳନ ଅବସରରେ ବରଗଡ଼ ଲୋକମଣ୍ଡପ ପଡ଼ିଆରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଭୟ ଭାଜପା ଓ କଂଗ୍ରେସ ଉପରେ ଏଭଳି ବର୍ଷିଥିଲେ। ଏହି ସମ୍ମିଳନୀରେ ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅଚ୍ୟୁତାନନ୍ଦ ମହାପାତ୍ର, ବିମଳ ଦେବତା, ଶ୍ୟାମସୁନ୍ଦର ଅଦାବର, ସମୀର ସିଂ, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ ।

ପଦ୍ମପୁର, (ଡି.ଏନ.ଏ): ପଦ୍ମପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ ପଦ୍ମପୁରଠାରେ ପାଳିତ ହୋଇଛି । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ତଥା ବରଗଡ ଜିଲା ବିଜେଡି ସଭାପତି ବିଜୟ ରଞ୍ଜନ ସିଂ ବରିହାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ପଦ୍ମପୁର ସହର ପରିକ୍ରମା କରି ଗୋରୁବଜାର ଠାରେ ସଭା ସ୍ଥଳରେ ପହଞ୍ଚିଥିଲା । ପୂର୍ବତନ ମନ୍ତ୍ରୀ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ବ୍ଲକ ବିଜେଡି ସଭାପତି ପରମାନନ୍ଦ ଶାହା, ପାଇକମାଳ ବ୍ଲକ ଅଧ୍ୟକ୍ଷ ଅଲତାବ ମହମ୍ମଦ, ଝାରବନ୍ଧ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ, ସରପଞ୍ଚ ରଜନୀ ସାହୁ, ଧବଳେଶ୍ୱର ସାହୁ, ବିଜେଡି ନେତା ଗୋବିନ୍ଦ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ସମାବେଶରେ ପଦ୍ମପୁର, ପାଇକମାଳ ଓ ଝାରବନ୍ଧ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ ।

ସୋହେଲା,୨୬।୧୨(ଡି.ଏନ.ଏ): ସୋହେଲା ନିକଟସ୍ଥ ହଳଦୀପାଲି ପଡିଆଠାରେ ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏଥିରେ ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା ସ୍ୱାଗତ ଭାଷଣ ଓ ଗଣତନ୍ତ୍ର ପଧାନ ସଭା ସଞ୍ଚାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୋହେଲା ବ୍ଲକ ସଭାପତି ଦୟାନିଧି ପଟେଲ, ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଭଟଲି ବ୍ଲକ ଅଧ୍ୟକ୍ଷା ପ୍ରେମାବତୀ ସା, ଜିଲା ପରିଷଦ ସଦସ୍ୟ ନିତ୍ୟାନନ୍ଦ ପଧାନ, କିର୍ତ୍ତିଚନ୍ଦ୍ର ଦୁଆନ, ଭଟଲି ବ୍ଲକ ସଭାପତି ଗୋବିନ୍ଦ ପଧାନ ମଞ୍ଚାସୀନ ଥିଲେ । ଶେଷରେ ଅଶୋକ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଜେପୁର, (ଡି.ଏନ.ଏ): ବିଜେପୁର ଏନଏସି ସଦର ମହକୁମା ହାଇସ୍କୁଲ ପଡିଆରେ ବିଜେଡିର ୨୧ତମ ପ୍ରତିଷ୍ଠା ଦିବସରେ ବିଜେପୁର ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଉପସଭାପତି ଜନାର୍ଦ୍ଦନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ବିଧାୟିକା ରୀତା ସାହୁ, ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପରିତୋଷ ହରିପାଲ ଧନ୍ୟବାଦ ଅର୍ପଣ କରିଥିଲେ ।


ମନ୍ତ୍ରୀ ସୁଶାନ୍ତ ସିଂ ଉଦ୍‌ବୋଧନ ଦେଉଛନ୍ତି ।

ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦ୍‌ବୋଧନ ଦେଉଛନ୍ତି ।

କ୍ରିକେଟ: ସେମିରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ

ଭଟଲି,୨୬।୧୨(ଡି.ଏନ୍.ଏ.)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ନୂଆଁଗଡ଼ ଲକ୍ଷ୍ମୀ ନାରାୟଣ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ଆନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତାର ବୁଧବାର ପୁଲ୍-ବି ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଜାଙ୍ଗୀର ଜେସିଏ ଏକାଦଶ ଏବଂ ଝାରସୁଗୁଡ଼ା ପ୍ରେଗ୍ରେସିଭ ଏକାଦଶ ମୁହାଁମୁହିଁ ହୋଇଥିଲେ । ଏଥିରେ ଝାରସୁଗଗଡ଼ା ପ୍ରୋଗ୍ରେସିଭ ଏକାଦଶ ଟସ୍ ଜିଣି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେବା ସହିତ ଜାଙ୍ଗୀର ଜେସିସି ଏକାଦଶକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଏଥିରେ ଜାଙ୍ଗୀର ଜେସିସି ଏକାଦଶ ନିର୍ଦ୍ଧାରିତ ୨୫ ଓଭରରେ ୯ଟି ଉଇକେଟ ହରାଇ ୧୬୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆନନ୍ଦ ଠାକୁର ୪୨ଟି ବଲ୍‌ରୁ ୬ଟି ଚୌକା ଏବଂ ୨ଟି ଛକ୍କା ସହାୟତାରେ ୪୭ ରନ୍ ସଂଗ୍ରହ କରିଥିଲେ। ୧୬୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏକାଦଶ ୧୯.୫ ଓଭରରେ ୩ଟି ଉଇକେଟ ହରାଇ ଆବଶ୍ୟକ ରନ୍ କରି ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ଦଳ ପକ୍ଷରୁ ସନ୍ତୋଷ ଯାଦବ ଅପରାଜିତ ୪୨ ରନ୍‌ର ବିଶାଳ ଇନିଂସ ଖେଳିଥିଲେ। ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା । ମହମ୍ମଦ ଇସାକ ଏବଂ ବିଜୟ କୁମାର ଦାଶ ଖେଳ ପରିଚାଳନା କରିଥିଲେ। ସେହିପରି ଅଶୋକ କୁମାର ସାହୁ ଏବଂ ସନ୍ଦିପ ସାହୁ ସ୍କୋରର ଦାୟିତ୍ୱ ତୁଳାଇଥିବାବେଳେ ରାଜକୁମାର ସାହୁ, ନରେନ୍ଦ୍ର ସାହୁ ଏବଂ ପବିତ୍ର ସା ଧାରା ବିବରଣୀ ପ୍ରଦାନ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ବୁଲୁ ପଟେଲ, ଅଚ୍ୟୁତ ଭୋଇ ଏବଂ ଗୋପାଳ ସା ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଗୁରୁବାର ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏବଂ ସମ୍ବଲପୁର ଜେସିସି ମଧ୍ୟରେ ପୁଲ୍-ବିର ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ ।

ସନ୍ତୋଷ ଯାଦବଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ଦୁର୍ଘଟଣାରେ ଆମ୍ବଚାଷୀଙ୍କ ମୃତ୍ୟୁ

ବୌଦ୍ଧ,୨୬।୧୨(ସ୍ୱ.ପ୍ର): ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଏନଏଚ-୫୭ର ମର୍ଯ୍ୟାଦାପୁର ଠାରେ ବୁଧବାର ଏକ ପିଜୁଳି ବୋଝେଇ ପିକଅପ୍ ଭ୍ୟାନ ଧକ୍କାରେ ଜଣେ ଆମ୍ବଚାଷୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଇଂ. ଉପେନ୍ଦ୍ର ଭଞ୍ଜ(୪୯) । ସ୍ଥାନୀୟ ଲୋକମାନେ ଗାଡି ଚାଳକଙ୍କ ଗିରଫ ଦାବିରେ ମର୍ଯ୍ୟାଦାପୁର ଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ । ଖବର ପାଇ ବୌଦ୍ଧ ମଡେଲ ଥାନା ଅଧିକାରୀ ତପସ୍ୱିନୀ କହଁର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବାରୁ ୧ ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଗାଡିକୁ ମହାଦନୀ ସେତୁ ନିକଟସ୍ଥ ବୌଦ୍ଧ-ରେଢାଖୋଲ ରାସ୍ତାରେ ଛାଡି ଚାଳକ ଫେରାର ହୋଇଯାଇଛନ୍ତି । ବୌଦ୍ଧ ପୋଲିସ ଗାଡିକୁ ଜବତ କରି ଥାନାକୁ ଆଣିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ କରାଇଛି । ସୂଚନା ମୁତାବକ, ମଧୁପୁର ଗ୍ରାମର ଆମ୍ବ ଚାଷୀ ଉପେନ୍ଦ୍ର ସକାଳ ୮ଟା ସମୟରେ ବାଇକ ଯୋଗେ ମଧୁପୁରରୁ ନିଜର ଫାର୍ମ ଥିବା ଗିରାସିଙ୍ଗାକୁ ଯାଉଥିଲେ। ଏହି ସମୟରେ ମର୍ଯ୍ୟାଦାପୁର ଠାରେ ଏକ ପିଜୁଳି ବୋଝେଇ ପିକଅପ୍ ଭ୍ୟାନ (ନଂ.ସିଜି୩୬ଜିଏଚ/୮୬୫୯) ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଫଳରେ ଘଟଣାସ୍ଥଳରେ ଉପେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷେ ପିକ୍ଅପ୍ ଭ୍ୟାନ ଦୁର୍ଘଟଣା ଘଟାଇ ଫେରାର ହେବା ବେଳେ ଜାତୀୟ ରାଜପଥର ଆଇଆରବି ଛକ ଠାରେ ପୁଣି ୨ଟି ଗାଈକୁ ଧକ୍କା ଦେଇଥିଲା । ଗୋଟିଏ ଗାଇର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଟି ଗୁରୁତର ହୋଇପଡିଛି ।

କନ୍ଧମାଳ ରେଞ୍ଜରେ ହାତୀ ଉପଦ୍ରବ

କନ୍ଧମାଳ,୨୬।୧୨(ଡି.ଏନ.ଏ)

ବୌଦ୍ଧ ଜିଲା କନ୍ଧମାଳ ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ବୁଧବାର ଭୋର ସମୟରେ ୪ଟି ହାତୀ ସିମିଳିପଦରର କାର୍ତ୍ତିକ ଖେତିଙ୍କ ଧାନବିଲରେ ଫସଲ ନଷ୍ଟ କରିଛନ୍ତି । ଏହି ହାତୀପଲ ଶଙ୍କରପୁରର ଲାଲଚି ପ୍ରଧାନ, ସତ୍ୟ ନାରାୟଣ ଅମାତ, କୁମରକେଳିର ଭରତ ପ୍ରଧାନଙ୍କ ଖଳାରେ ଧାନ ନଷ୍ଟ କରି କନ୍ଧମାଳ ରେଞ୍ଜ ଅଧୀନ ମାତାକୁପା ଜଙ୍ଗଲରେ ପ୍ରବେଶ କରିଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷେ ବିଦ୍ୟୁତ୍ ତାର ହାତୀଙ୍କ ଚଲାପଥ ଦେଇ ଯାଇଥିବାରୁ ସେମାନଙ୍କ ଜୀବନ ବିପଦରେ ରହିଛି। ଏ ନେଇ କନ୍ଧମାଳ ରେଞ୍ଜର ଦିଲୀପ ଦିଗାଲଙ୍କୁ ଯୋଗାଯୋଗ କରିବାରେ ସେ କନ୍ଧମାଳ ରେଞ୍ଜରେ ହାତୀପଲଙ୍କ ପ୍ରବେଶ ନେଇ ଅବଗତ ନାହାନ୍ତି ବୋଲି କହିଥିଲେ। ଜିଲା ବନ ବିଭାଗ ଅଧିକାରୀ ଯଶୋବନ୍ତ ସେଠୀ ଏ ନେଇ ତଦନ୍ତ କରୁଥିବା କହିଛନ୍ତି । ହାତୀପଲ କୁମରକେଳି ପଟରେ ଥିବା ଜଣାପଡିବା ପରେ ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ୍ ସରବରାହ ବନ୍ଦ ରଖାଯାଇଛି ବୋଲି ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ରାଜେଶ ସାହୁ କହିଛନ୍ତି । ସୂଚନାଯୋଗ୍ୟ, ୨ ସପ୍ତାହ ତଳେ ପୁଟପୁଟିଗଡ ସଂରକ୍ଷିତ ଜଙ୍ଗଲରୁ ୧୨ ପଟ ହାତୀ କଂକାଳି ସଂରକ୍ଷିତ ଜଙ୍ଗଲକୁ ଆସିଥିଲେ। ଏହା ମଧ୍ୟରୁ ୭ ପଟ ହାତୀ ତେଲନଦୀ ପାରି ହୋଇ ସୁବର୍ଣ୍ଣପୁର ଜିଲାକୁ ପ୍ରବେଶ କରିଥିଲେ। ଏହି ହାତୀପଲରୁ ୪ ପଟ ହାତୀ ସୁବର୍ଣ୍ଣପୁର ଜିଲା ପଟରୁ ଲୋକାପଡାଠାରେ ତେଲନଦୀ ପାରି ହୋଇ ବୁଧବାର ଭୋର ସମୟରେ ସିମିଳିପଦର ଦେଇ ଶଙ୍କରପୁର ଯାଇଥିବା ଅନୁମାନ କରାଯାଉଛି ।

୧୨ ବଛର ହେଲା ଖଟେ ପଡ଼ିଛନ୍ ଅନାଦି

ମନମୁଣ୍ଡା, ୨୬।୧୨ (ଡି.ଏନ.ଏ)

ସଁସାରେ ସବୁ ମା'ବାପ୍ ଚାହେଁସନ ଯେ ନିଜର ବଉଁଶ ଆଗ୍କେ ବଢୁ। ହେଲେ ପୁଓ ହେଉ କି ଝି କାହାର ଭାଏଗ୍ରେ କାଣା ଅଛେ କାହାକେ କିଛି ଜନା ନାଇଁଥାଏ। ହେଲେ ବି ମା'ବାପ୍ର ଆଶ୍ ଯେ ପୁଓଟେ ହେଲେ ବୁଢ଼ାବୁଢ଼ୀ କାଲେ ଆମ୍କୁ ଗୁଚିରବା, ଥିରପାଏନ୍ ଟିକେ ଦେବା। ଏନ୍ତା ବୌଦ୍ଧ ଜିଲା କନ୍ଧମାଳ ବ୍ଲକ୍ ଖଟଖଟିଆ ପଁଚେତ୍ ରେଙ୍ଗାଲି ଗାଁର ଶିବ ମହାନନ୍ଦ ଆର ତାକର ମାଏକିନା ଭାନୁମତି ପୁଓଟେ ପାଏବାର ଲାଗି କେତେ ପୂଜାପାଠ୍, ମାନ୍ସିକ୍ କରିଥିଲେ। ଶେଷେ ଭଗବାନ ତାକର ଡ଼ାକ୍ ଶୁନ୍ଲେ ତାକର କୁଲେ ପୁଓଟେ ଦେଲେ। ମା'ବାପ୍ ପୁଓର ନାଁ ଭଗବାନକର ନାଁ ହିସାବେ ଅନାଦୀ ଦେଲେ। କେଡ଼େ ଲାଡ଼ଗେଲରେ ପୁଓକେ ପାଲ୍ଲେ, ପାଠ୍ ଦୁଇଅଖର ପଢ଼େଇ ଭଲ ମୁନୁଷଟେ କରବାର ଲାଗି ସ୍କୁଲରେ ନାଁ ଲେଖାଲେ। ହେଲେ ବିଧିର ବିଧାନ ଥିଲା ଅଲଗ୍, ଅନାଦୀକେ ଠିକ୍ ୧୧ ବଛର ହେଲା ବେଲେ ବାପା ଆରପାରକେ ଚାଲିଗଲେ। ତଥାପି ମା' ଛାତିରେ ପଥର ରଖି ପରିବାରକେ ଉଡ଼ାଲେ ରଖିଥିଲେ। ଅନାଦୀ ଅଷ୍ଟମ ଶ୍ରେଣୀରେ ପାଠ୍ ପଢୁଥିଲା ବେଲେ ପୋଲିଓ ରୋଗ୍ରେ ଆକ୍ରାଁନ୍ତ୍ ହେଲେ। ହାତ୍ଗୋଡ଼୍ ଅଚଲ ହେଇଗଲା, ସେଦିନ୍ଠାନୁ ତାକର ପାଠ୍ପଢ଼ାରେ ବି ଗଏଁଠ୍ ପଡ଼ଲା। ନିସାହା ବିଧବା ମା' ପେଟ୍କାଟି ଯାହା ସଁଚିଥିଲେ ଆସର ପାସର ଡାକ୍ତରଖାନାକେ ନେଇ ଚିକିସ୍ସା କରାଲେ। ହେଲେ ଅନାଦୀ ଭଲ ହେବାର ଜାଗାରେ ଦିନୁଦିନ୍କେ ତାକର ଦିହପା ଆହୁରି ଖରାପ ହେଲା। ଟଁକା ପଏସା ଅଭାବ୍ ଲାଗି ମା' ବି ଶେଷେ ଭଗବାନକଁର ଭରଷାରେ ହାତ୍ ଟେକି ଦେଲେ। ଏନ୍ତାଥି ଅନାଦୀ ଖଟେ ପଡ଼ି ରହି ସବୁ ଜଲ୍ ଜଲ୍ ଦେଖୁଛନ୍ ଆର ଆଏଁଖିରୁ ଲହ ଝରଉଛନ୍। ସେ ନିଜେ ଉଠିବସି ନାଇଁପାରବାର ଲାଗି ମା' ଭାନୁମତି ତାକର ସବୁ କାମ୍ କରୁଛନ୍। ଏହେଦେ ୨୫ ବଛରିଆ ଅନାଦୀର ଅବସ୍ତା ଏନ୍ତା ଯେ, ଯେ କେହି ତାହାକୁ ଦେଖିବା ୧୦–୧୨ ବଛର୍ର ପିଲାଟେ ବଲି ଭାବ୍ବା। ଏହେଦେ ଭାନୁମତି ପରିବାର ଭୋଖ୍ରେ ଚାପି ହେଇଯାଇଛନ୍, ଇଆଡ଼େ ସଖାଲ ପାଏଲେ ବାହା ଜାଂଗଲ ମାଜଲେ ଯାଇ ଘରର ଚୁଲି ଜଲୁଛେ। ଆଏଜତକ୍ ଅନାଦୀକେ କେହେନ୍ସି ପରକାର ସରକାରୀ ସାହାଜ୍ ନୁହେମିଲେ। ମୁଇଁ ଜିଁଛେଁ ବଲି ସିନା ମୋର ପୁଓର କଥା ବୁଝୁଛେଁ, ମୁଇଁ ମରିଗଲେ ସେ କନ୍ତୋ କରବା, ଆମେ ପରିବାରଟା ଭଗବାନ ଭରସାରେ ବଁଚିଛୁଁ, କେହେନ୍ସିନୁ କିଛି ଚିକିସ୍ସା ସାହାଯ୍ ମିଲ୍ଲେ ମୋର ପୁଓ ଟିକେ ନୁକୋ ହେତା, ମୋର ଦୁଖ୍ ଯାଏତା ବଲି ସେ କାଁଦିକାଁଦି କହିଥିଲେ। ଇ ଦୁଖି ପରିବାର ଉପ୍ରେ ଜିଲା, ଥାନୀୟ ପରଶାସନ ଦୁରୁଷ୍ଟି ଦେଇ ସବୁ ପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ। ଅଂଚଲର ଦଳିତ ସମାଜସେବୀ କୃପାସିନ୍ଧୁ ସୁନା ବି ଇ ଦୁଖି ପରିବାରକେ ପରଶାସନ୍ ସବୁପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ଦାବି କରିଛନ୍।

ଅସାହା ଅବସ୍ତାରେ ଖଟେ ପଡ଼ିଛନ୍ ଅନାଦି ।

ବୌଦ୍ଧରେ ବିଜେଡିର ପ୍ରତିଷ୍ଠା ଦିବସ

ବୌଦ୍ଧ/କନ୍ଧମାଳ, ୨୬।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲା ବିଜେଡି ପକ୍ଷରୁ ୨୧ତମ ପ୍ରତିଷ୍ଠା ଦିବସ ଟାଉନ ହଲଠାରେ ପାଳିତ ହୋଇଛି । ବିଜେଡି କର୍ମୀ ମାନେ ବୌଦ୍ଧ ରଘୁନାଥ ମନ୍ଦିରରୁ ଏକ ବିରାଟ ରାଲିରେ ସହର ପରିକ୍ରମା କରି ଟାଉନହଲରେ ପହଞ୍ଚିଥିଲେ । ସେଠାରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନବ କୁମାର ମିଶ୍ର, ବଲାଙ୍ଗୀର ଜୋନ ଯୁବ ବିଜେଡି ସଭାପତି ଅଶୋକ କୁମାର ସାହୁ, ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷା ରେବତୀ ମହାଲିକ୍, ଜିଲା ପରିଷଦ ସଭ୍ୟା ସସ୍ମିତା ମଲ୍ଲିକ, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ, ଛାତ୍ର ବିଜେଡି ସଭାପତି ସଂଗ୍ରାମ ଦାସ, ବରିଷ୍ଠ ନେତା ତାରେଣୀ ମହାପାତ୍ର ,ବୌଦ୍ଧ ବ୍ଲକ ସଭାପତି ଅଜିତ ଚାନ୍ଦ, ସରପଞ୍ଚ ବିଦ୍ୟାଧର ସ୍ୱାଇଁ ଓ ଦଳୀୟ ଅବଜର୍ଭର ତଥା ଏପିକଲର ଅଧ୍ୟକ୍ଷ କୃତିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନେତାମାନେ ଓଡିଶା ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ ବିରୋଧ କରିବା ସହ ରାଜ୍ୟ ସରକାରଙ୍କ ସଫଳତା ବଖାଣିଥିଲେ ।

କନ୍ଧମାଳ,(ଡି.ଏନ.ଏ): କନ୍ଧମାଳ ନିର୍ବାଚନ ମଣ୍ଡଳୀର କନ୍ଧମାଳ ହାଇସ୍କୁଲ ପଡିଆରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଜିଲା ସଭାପତି ବିଧାୟକ ମହୀଧର ରଣାଙ୍କ ନେତୃତ୍ୱରେ କନ୍ଧମାଳ ଗିରି ଗୋବର୍ଦ୍ଧନ ପୀଠରୁ ପଦଯାତ୍ରା ବାହାରି ହାଇସ୍କୁଲ ପଡିଆ ସମାବେଶ ସ୍ଥଳରେ ପହଞ୍ଚିଥିଲା । ସେଠାରେ ବିଧାୟକ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ବୟନିକା ସଭାପତି ଶେଷଦେବ ମେହେର ମୁଖ୍ୟବକ୍ତା ଓ ପୂର୍ବତନ ବ୍ଲକ ଅଧକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲା ପରିଷଦ ସଦସ୍ୟା ମୁକ୍ତାସିନୀ ମଲ୍ଲିକ, ମମତା ପ୍ରଧାନ, ସସ୍ମିତା ଥାଟ୍ଟି, ବ୍ଲକ ଉପାଧକ୍ଷା ମମତା ବେହେରା, ଜିଲା ଯୁବ ବିଜେଡି ସଭାପତି ଶମ୍ଭୁପ୍ରସାଦ ସାହୁ, ଜିଲା ଉପ ସଭାପତି ରମଣିରଞ୍ଜନ ପ୍ରଧାନ, ବ୍ଲକ ବିଜେଡି ସଭାପତି ବିପିନ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସରପଞ୍ଚ, ସମିତିସଭ୍ୟ, ବିଜୁ ଛାତ୍ର ଓ ଯୁବ ଜନତାଦଳ, ଜିଲା ବିଜେଡି କର୍ମକର୍ତ୍ତା ଏବଂ ଦଳୀୟ କର୍ମୀ ସାମିଲ ହୋଇଥିଲେ । ବିଜେଡି ଏସ୍ସି ସେଲ ଜିଲା ସଭାପତି ଦେବୀ ପ୍ରସାଦ ନାୟକ ଓ ପ୍ରଶାନ୍ତ ରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭା ଚାଲିଥିବା ବେଳେ ବିଜେଡିର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ବିରୋଧ କରି ଲିଫଲେଟ ବଣ୍ଟାଯାଇଥିଲା । ଫଳରେ ଦଳ ମଧ୍ୟରେ ଫାଟ ଥିବା ସ୍ପଷ୍ଟ ହୋଇଛି ।

ବିଜେଡି ପ୍ରତିଷ୍ଠା ଦିବସରେ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ରଜତ ଜୟନ୍ତୀ ମହୋତ୍ସବ ଉଦ୍ଘାଟିତ

ଜହ୍ନାପଙ୍କ, ୨୬।୧୨ (ଡି.ଏନ.ଏ)

ବୌଦ୍ଧ ବ୍ଲକ ସଂଗ୍ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୨୫ବର୍ଷ ପୂର୍ତ୍ତି ଅବସରରେ ରଜତ ଜୟନ୍ତୀ ମହୋତ୍ସବକୁ ଓଡିଶା ବିଧାନସଭା ବାଚସ୍ପତି ପ୍ରଦୀପ ଅମାତ ବୁଧବାର ସନ୍ଧ୍ୟାରେ ଉଦଘାଟନ କରିଛନ୍ତି। ସଂଗ୍ରାମପୁର ଗ୍ରାମଗୁଡ଼ି ଘରଠାରୁ ଶ୍ରୀ ଗଣେଷ ଓ ଜଗନ୍ନାଥ ମନ୍ଦିରରୁ ମଶାଲ ଅଣାଯାଇ ରଜତ ଜୟନ୍ତୀ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଉଦଘାଟନୀ ସଭାରେ ବାଚସ୍ପତି ଅମାତ ମୁଖ୍ୟଅତିଥି, କନ୍ଧମାଳ ବିଧାୟକ ମହିଧର ରଣା, ବୌଦ୍ଧ ବ୍ଲକ ଅଧକ୍ଷା ରେବତୀ ମହାଲିକ, ଉପାଧକ୍ଷ ମନୋରଞ୍ଜନ ପୁରୋହିତ, ତାଲସରଡା ସରପଞ୍ଚ କାଞ୍ଚନ ମହାକୁଳ, ସମିତି ସଭ୍ୟା ଜିତାଞ୍ଜଳି ମହାକୁଡ, ପ୍ରାକ୍ତନ ସ୍କୁଲ ପରିଚାଳନା କମିଟି ସଭାପତି ବ୍ରଜମୋହନ ବେହେରା ସମ୍ମାନିତ ଅତିଥି, ଉଚ୍ଚମାଧ୍ୟମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶିକା ପ୍ରୀତିପ୍ରତିଭା ଭୋଳ ମୁଖ୍ୟବକ୍ତା, ପ୍ରାକ୍ତନ ଓଡିଆ ପ୍ରାଧ୍ୟାପକ ବାସୁଦେବ ପାତ୍ର ଅନ୍ୟତମ ବକ୍ତା ଓ ଉପଦେଷ୍ଟା ଭାବେ ଚେତାରାମ ପଟ୍ଟନାୟକ ଯୋଗ ଦେଇଥିଲେ । ପୁରାତନ ଛାତ୍ର ସଂସଦ ସଭାପତି ଅଭିମନ୍ୟୁ ଷାଣ୍ଢଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ନୟନ କୁମାର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ ।

ଚାଷୀଙ୍କୁ ମାଡ଼ ଘଟଣା,ମିଳିମିଶି ଚାପିଦେଲେ

ବରଗଡ଼ ଅଫିସ୍,୨୬।୧୨

ବରଗଡ଼ ଜିଲାରେ ଧାନ ସଂଗ୍ରହରେ କଟନୀଛଟନୀର ପ୍ରତିବାଦ କରିବାରୁ ଚାଷୀଙ୍କୁ ମିଲର୍ସଙ୍କ ମାଡ଼ ଘଟଣାକୁ ମିଳିମିଶି ସଭିଏଁ ଚାପିଦେଲେ । ଏହି ଘଟଣାରେ ରାଜନେତାଙ୍କ ନୀରବତା ସଭିଁଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି। କେବଳ କଂଗ୍ରେସ ଘଟଣାକୁ ନେଇ ସ୍ୱର ଉଠାଇ ଥିବାବେଳେ ଅନ୍ୟ ଦଳ ଗୁଡ଼ିକ ଏଭଳି ଏକ ଘଟଣାକୁ ନେଇ ପାଟି ସୁଦ୍ଧା ଖୋଲି ନାହାନ୍ତି । ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ଚାଷୀଙ୍କ ମାଡ଼ ଘଟଣାର ଦୃଷ୍ଟି ଆକର୍ଷଣ ସହିତ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା କହିଛନ୍ତି । କିନ୍ତୁ ଅନ୍ୟ ରାଜନେତାମାନେ କେଉଁ ସ୍ୱାର୍ଥରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ପ୍ରତି ଚୂପ୍ ରହିଛନ୍ତି, ତାହା ଏବେ ଏଠାରେ ଚର୍ଚ୍ଚାର ବିଷୟ ହୋଇଛି ।

ସାର୍ବଜନୀନ ଦୁର୍ଗାପୂଜା କମିଟି, କୁଆରମୁଣ୍ଡା

ତା୨୩।୧୨।୨୦୧୮ରେ ଉଠାଣ ହୋଇଥିବା ଭାଗ୍ୟଶାଳୀ କୁପନ ତାଲିକା

ପୁରସ୍କାର	ବିଜେତା କୁପନ ନମ୍ବର	ମୋବାଇଲ୍ ନଂ	ପୁରସ୍କାର	ବିଜେତା କୁପନ ନମ୍ବର	ମୋବାଇଲ୍ ନଂ
ପ୍ରଥମ	୪୭୬୯୦୮	୯୩୩୭୬୫୫୨୯୩	୨୧	୫୭୪୦୨୪	୯୪୩୯୪୨୮୨୮୭
୨ୟ	୫୪୪୦୩୯	୮୨୮୦୪୫୩୮୫୧	୨୨	୩୪୬୪୨୪	୭୩୭୭୭୩୮୨୯୧
୩ୟ	୨୧୫୬୬୭	୮୭୫୮୫୪୬୯୪୪	୨୩	୫୦୩୪୭୧	୯୯୩୮୪୫୨୪୫୮
୪ର୍ଥ	୧୪୩୩୪୮	୯୫୮୩୩୯୪୦୮୮	୨୪	୧୯୩୮୭୫	୮୦୧୮୭୭୪୯୪୨
୫ମ	୩୯୬୭୩୬	୯୮୬୧୦୯୫୧୮୯	୨୫	୫୫୫୩୫୩	୯୩୩୭୫୬୭୫୪୧
୬ଷ୍ଠ	୧୮୪୬୭୦	୮୦୧୮୭୫୨୫୩୫	୨୬	୬୦୭୬୮୩	–
୭ମ	୧୨୬୩୩୬	୮୦୧୮୧୭୯୨୦୪	୨୭	୪୦୩୩୩୬	୯୪୩୭୧୫୨୮୭୨
୮ମ	୪୪୩୪୭୭	୭୦୦୮୧୪୧୯୨୧	୨୮	୨୨୮୫୧୯	୯୩୪୮୧୧୨୧୦୪
୯ମ	୪୮୭୦୬୫	୯୭୭୧୯୨୩୯୨୦	୨୯	୩୯୨୩୨୦	୯୯୩୭୭୮୫୦୯୫
ଦଶମ	୫୬୫୦୯୪	୯୮୭୮୪୫୭୬୪୬	୩୦	୪୯୪୩୩୧	୯୯୩୮୨୨୭୧୨୦
୧୧	୩୯୬୮୭୪	୯୮୬୧୦୩୦୪୩୨	୩୧	୨୬୩୦୩୯	୯୪୩୭୦୪୨୭୪୪
୧୨	୪୭୪୭୧୪	୯୯୩୮୪୭୮୮୮୩	୩୨	୪୮୨୬୭୩	୯୯୩୮୦୮୩୮୦୪
୧୩	୩୫୬୫୩୫	୯୮୫୩୧୭୦୩୩୦	୩୩	୪୦୩୨୭୦	୯୪୩୮୩୯୪୭୬୦
୧୪	୩୧୬୬୫୫	୯୫୮୩୧୯୦୧୩୭	୩୪	୩୪୭୨୦୩	୯୧୭୮୨୧୭୯୮୯
୧୫	୪୩୮୯୪୩	୯୪୩୭୭୬୮୩୮୭	୩୫	୧୫୮୬୭୪	୯୪୩୯୬୬୭୫୨୨
୧୬	୬୪୨୮୧୦	୯୩୭୭୧୦୪୨୧୪	୩୬	୫୯୨୨୬୭	୯୩୩୭୮୮୩୧୨୫
୧୭	୩୫୨୭୫୩	୮୯୮୪୫୧୮୧୮୧	୩୭	୩୩୭୬୫୯	୯୫୫୬୮୧୭୭୬୧
୧୮	୫୧୧୭୪୮	–	୩୮	୧୮୯୦୬୪	୯୪୩୭୨୫୫୫୫୪
୧୯	୪୦୩୩୬୫	୯୪୩୭୧୫୨୮୭୨	୩୯	୧୫୦୮୮୭	୯୯୩୮୭୧୫୬୪୦
୨୦	୨୯୩୧୩୫	୮୭୫୮୨୯୨୭୫୧	୪୦	୩୧୩୫୮୬	୭୭୧୩୪୧୨୫୦୩

ଆସନ୍ତା ୨୦୧୯ ପବିତ୍ର ଜାନୁୟାରୀ ୨୬ ତାରିଖ ଦିନ କୁଆରମୁଣ୍ଡା ରାହାସ ପଡ଼ିଆରେ ସମସ୍ତ ଭାଗ୍ୟଶାଳୀ ବିଜେତାଙ୍କୁ ସେମାନଙ୍କ ପୁରସ୍କାର ବଣ୍ଟନ କରାଯିବ। ଉକ୍ତ ଦିନ କମିଟି ଦ୍ୱାରା ସ୍ଥିର କରାଯାଇଥିବା ୨ଟି (ଦୁଇଟି) ସରପ୍ରାଇଜ୍ ପୁରସ୍କାର (ଡୁପ୍ଲେକ୍ସ ଫ୍ଲାଟ୍ ଓ ଜେସିବି)ର ମଧ ଉଠାଣ କରାଯିବ।
ବିଦ୍ର:- ସରପ୍ରାଇଜ୍ ପୁରସ୍କାର ନିମନ୍ତେ ଟିକେଟ ପାଇଁ କାଉଣ୍ଟରରେ ଯୋଗାଯୋଗ କରନ୍ତୁ।

ସ୍ୱା./- ସଭାପତି
ସାର୍ବଜନୀନ ଦୁର୍ଗାପୂଜା କମିଟି
କୁଆରମୁଣ୍ଡା

ସ୍ୱା./- ସମ୍ପାଦକ
ସାର୍ବଜନୀନ ଦୁର୍ଗାପୂଜା କମିଟି
କୁଆରମୁଣ୍ଡା

ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ, ତଥାପି ସେ ଅସଲ ସଇତାନ ହୋଇପାରେ। - ସେକ୍ସପିୟର

ସଂକ୍ଷେପରେ

ଉଲୁଣ୍ଡା ଧନୁଯାତ୍ରାର ତୃତୀୟ ରଜନୀ
କଂସଙ୍କ ସିଂହାସନ ଆରୋହଣ

ଉଲୁଣ୍ଡା, ୨୬।୧୨(ଡି.ଏନ.ଏ.) : ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାଠାରେ ଚାଲିଥିବା ଦ୍ୱାଦଶତମ ଧନୁଯାତ୍ରା ମହୋତ୍ସବର ତୃତୀୟ ରଜନୀରେ ପୌରାଣିକ କଥାବସ୍ତୁକୁ ନାଟ୍ୟାଭିନୟ ଅଭିନୀତ ହୋଇଥିଲା। ରାଜା ଉଗ୍ରସେନଙ୍କ ଦରବାର, ଦେବକୀ-ବସୁଦେବଙ୍କ ବିବାହ, କଂସଙ୍କୁ ଶୂନ୍ୟବାଣୀ, ପିତା ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସଙ୍କ ସିଂହାସନ ଆରୋହଣ ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ସୁଶୀଲ କୁମାର ମେହେର କଂସ, ସୁଶୀଲ ନାଏକ ମନ୍ତ୍ରୀ, ଶ୍ୟାମସୁନ୍ଦର ପୋଢ ଉଗ୍ରସେନ ଭୂମିକାରେ ଅଭିନୟ ବେଶ ଆକର୍ଷଣୀୟ ହେଉଛି। ଅନ୍ୟପକ୍ଷରେ ଗୋପପୁର(ଗଣ୍ଡାବାହାଲ)ରେ ଡଭଲା ଗ୍ରାମର ବନ୍ଦିତା ନାୟକ ସଙ୍ଗୀତମୟ ସୁନ୍ଦରାକାଣ୍ଡ ପାରାୟଣ କରିବା ସହ ହରିବଂଶ ପାଠ ଦର୍ଶକ ଉପଭୋଗ କରିଥିଲେ। ଏଥିସହିତ ରାଜ ଦରବାରରେ ଆଲବମ କଳାକାରଙ୍କ ନୃତ୍ୟ ଦର୍ଶକଙ୍କୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍
କଟକକୁ ହରାଇ ରାଉରକେଲା ସେମିରେ

ଅମରପାଲି, ୨୬।୧୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ୨୩ତମ ସର୍ବଭାରତୀୟ ଜୟଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ପୁଲ-'ବି' ର ପ୍ରଥମ ମ୍ୟାଚରେ ଆରସିସି କଟକକୁ ହରାଇ ଆରୱାଇ ସିସି ରାଉରକେଲା ସେମିଫାଇନାଲରେ ପ୍ରବେଶ କରିଛି । ଟସ୍ ଜିଣି କଟକ ଦଳ ପ୍ରଥମେ ଖେଳାଯାଇଥିବା ଟି- ୨୦ ମ୍ୟାଚରେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୯ଉଇକେଟ ହରାଇ ୧୩୭ ରନ କରିଥିଲା। ଦଳ ପକ୍ଷରୁ ତୃପ୍ତିରଞ୍ଜନ ସ୍ୱାଇଁ ୩୫ ଓ ବିକାଶ ବାନାର୍ଜି ୨୦ରନ କରିଥିଲେ। ବିପକ୍ଷ ରାଉରକେଲାର ରାଜୀନ ନାଏକ ୩ଟି ଏବଂ ଅମିତ ଦାସ ଓ ଦେବୀ ପୃଷ୍ଟି ୨ଟି ଲେଖାଏ ଉଇକେଟ ନେଇଥିଲେ। ଯବାବରେ ରାଉରକେଲା ଦଳ ଆବଶ୍ୟକ ୧୩୮ ରନକୁ ୧୬ ଓଭରରେ ୩ଟି ଉଇକେଟ ହରାଇ ସଂଗ୍ରହ କରିଥିଲା। ଦଳର ଅଙ୍କିତ ସିଂ ୩୬ ବଲରୁ ଅପରାଜିତ ୫୦ରନ ଓ ବାସୁଦେବ ବେହେରା ୪୦ରନ କରିଥିଲେ। ବିପକ୍ଷ କଟକର ବ୍ରଜକିଶୋର ବେହେରା ଓ ଧନଞ୍ଜୟ ବାରିକ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

ପରେ ଖେଳାଯାଇଥିବା ଟି-୧୦ମ୍ୟାଚରେ କଟକ ନିର୍ଦ୍ଧାରିତ ୧୦ ଓଭରରେ ୯ଉଇକେଟ ହରାଇ ୬୨ରନ କରିଥିଲା। ଦଳର ବେଣୁଧର ୧୨ରନ କରିଥିବା ବେଳେ ବିପକ୍ଷ ଅମିତ ଦାସ ୪ଟି ଉଇକେଟ ନେଇଥିଲେ। ଯବାବରେ ରାଉରକେଲା ୭.୪ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ୬୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ୨-୦ରେ ରାଉରକେଲା ସେମିଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟଅତିଥି ଏବଂ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା କୋଷାଧ୍ୟକ୍ଷ ରଘୁବୀର ପାଣିଗ୍ରାହୀ, କମିରା ସରପଞ୍ଚ ଶ୍ରୀକୃଷ୍ଣ ପଧାନ, ବୀରମହାରାଜପୁର ଆମ୍ବେଦକର ସେବା ସଂଘର ସଭାପତି ତଥା ଜିଲା ଭାଜପା କୃଷକ ମୋର୍ଚ୍ଚ ସଭାପତି ଆଶ୍ରୟ ମହାନନ୍ଦ ଓ ବିନିକା ଏସଇଓ ଅଶ୍ୱିନୀ ପାଣ୍ଡେ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ରାଉରକେଲାର ଅଙ୍କିତ ସିଂଙ୍କୁ ଏଣ୍ଟରଟେନ୍ ପ୍ଲେଆର ଅଫ୍ ଦି ମ୍ୟାଚ ଓ ଅମିତ ଦାସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା । ଖେଳକୁ ଶ୍ୟାମସୁନ୍ଦର ପଣ୍ଡା ଏବଂ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପେୟାର ପ୍ରଶାନ୍ତ ମିଶ୍ର ପରିଚାଳନା କରିଥିଲେ। ବାଙ୍କବିହାରୀ ମହାକୁର ସ୍କୋରିଂ ଏବଂ ମ୍ୟାକମିଲନ ଓ ପିଙ୍କୁ ଗାଇଗରିଆ ଧାରାବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ମ୍ୟାଚଟି ରେଲୱେ ରାଞ୍ଚି ଓ ଜାମସେନପୁର (ଟାଟା) ମଧ୍ୟରେ ହେବ ବୋଲି ଆୟୋଜକ ଟୁଟୁ ମହାକୁର ପ୍ରକାଶ କରିଛନ୍ତି ।

ଅମିତ ଦାସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

ଇଚ୍ଛାପୁର-ମାଝିମୁଣ୍ଡ ରାସ୍ତା ଲାଗି ଶିଳାନ୍ୟାସ

ଡୁଙ୍ଗୁରିପାଲି, ୨୬।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲ ବ୍ଲକ ଜାତୀୟ ରାଜପଥ ଏନଏଚ ୨୬ରୁ ଠାରୁ ଇଚ୍ଛାପୁର ଭାୟା ମାଝିମୁଣ୍ଡ ଚମ୍ପାଡୁଳି ପର୍ଯ୍ୟନ୍ତ ହେବାକୁ ଥିବା ୧୧.୪ କିମି ରାସ୍ତା ପାଇଁ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଳସମ୍ପଦ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇ ଲରିଆବାହାଲ ଗ୍ରାମର କେନାଲ ଛକଠାରେ ନାବାର୍ଡ ସହାୟତାରେ ସୁବର୍ଣ୍ଣପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମଞ୍ଜୁର ହୋଇଥିବା ୪ କୋଟି ୯୩ ଲକ୍ଷ ୬୦ ହଜାର ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଗ୍ରାମ୍ୟ ରାସ୍ତା ଉପରେ ଲରିଆବାହାଲ, ବୈଦୁପାଲି, ସର୍ଗୁଲ, ମାଝିମୁଣ୍ଡା,ଚମ୍ପାଡୁଳି ଇଚ୍ଛାପୁର ଅଞ୍ଚଳର ଲୋକେ ଉପକୃତ ହେବେ । କାର୍ଯ୍ୟକ୍ରମ ଅବସରରେ ଲରିଆବାହାଲ ଗ୍ରାମରେ ଏକ ସଭାର ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ମନ୍ତ୍ରୀ ପୁଜାରୀ, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ଶେଖର ବିଶ୍ୱାଳ, ବିଜେଡି ଜିଲା ଉପସଭାପତି ରମେଶ ପୂଜାରୀ, ଲରିଆବାହାଲ ଗୌନ୍ତିଆ ସୁବାସ ଚନ୍ଦ୍ର ବାରିକ, ବୈଦୁପାଲି ଗ୍ରାମ ପଞ୍ଚାୟତ ସରପଞ୍ଚ ଦ୍ରୌପଦୀ ପାଣିଗ୍ରାହୀ, ସୁବର୍ଣ୍ଣପୁର ଆରଡି ବିଭାଗୀ ଯନ୍ତ୍ରୀ ସତ୍ୟବ୍ରତ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ପବିତ୍ର ମୋନ ପାଣ୍ଡିଆ ସଭା ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ପୂର୍ଣ୍ଣିମା ପାଣ୍ଡିଆ, ବନମାଳୀ ପୋଡ, ଥବିର ବାରିକ, ବିଭୀଷଣ ବାରିକ, ଏକାଦଶିଆ ହାତୀ, ଆରଡି ବିଭାଗ ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

ଫାଇନାଲ ମ୍ୟାଚରେ ଉଭୟ ଦଳର ଖେଲାଳିମାନଙ୍କ ସହ ଅତିଥିମାନେ।

ବଜରଙ୍ଗବଲି ନକ୍‌ଆଉଟ ଫୁଟବଲ
ଡୁରୁମ୍‌କୁ ଟାଇଟଲ

ସିଂଘିଯୁବା,୨୬।୧୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ନିଆଁଖାଇନାଲି ଖେଳ ପଡିଆରେ ବଜରଙ୍ଗବଲି ଫୁଟବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଦ୍ୱିତୀୟ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ସେମିଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ତେଲିପାଲି ଓ ବଳିଟିକ୍ରା ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବଳିଟିକ୍ରାକୁ ୫-୦ଗୋଲରେ ପରାସ୍ତ କରି ତେଲିପାଲି ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ କୁମ୍ଭାରି ଦଳକୁ ପରାସ୍ତ କରି ଡୁରୁମ୍ ଦଳ ଫାଇନାଲରେ ପ୍ରବେଶ କରିଥିଲା। ଡୁରୁମ୍ ଓ ତେଲିପାଲି ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ୨-୧ ଗୋଲରେ ତେଲିପାଲିକୁ ପରାସ୍ତ କରି ଡୁରୁମ୍ ଦଳ ଚାମ୍ପିୟନ ହୋଇଥିଲା। ନରସିଂହ ସେଠୀ, ଆନନ୍ଦ ଭୁଏ ଓ ବାବୁଲାଲ ସାହୁ ରେଫରି ଦାୟିତ୍ୱ ତୁଲାଇଥିଲେ। ଶିକ୍ଷକ ପରମାନନ୍ଦ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ବିଶ୍ୱଦେବ ବଡପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ । ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ରାମନାରାୟଣ ବଡପଣ୍ଡା, ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ର, ଶଙ୍କର ଭୁଏ, ବିଶ୍ୱନାଥ ବଡପଣ୍ଡା, ଚନ୍ଦ୍ର ବଡପଣ୍ଡା,ଦେବରାଜ ଗଡତିଆ, ନବୀନ ବଡପଣ୍ଡା, ସୁଧାଂଶୁ ଶେଖର ବଡପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଜେତା, ଉପବିଜେତା ତଥା ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ବୀର ବଜରଙ୍ଗବଲି ଫୁଟବଲ ଆସୋସିଏଶନର ନବୀନ ପଧାନ ଓ ଜଗଦୀଶ ଭୁଏ ଓ ସଭ୍ୟମାନେ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

ଲାନ୍ତେଶ୍ୱର ଫୁଟବଲ: ଚୂଡାପାଲି ବିଜୟୀ

ଟିକ୍ରାପଡା, ୨୬।୧୨(ଡି.ଏନ.ଏ.)

ସଇଁନ୍ତଳା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧିନ କେନ୍ଦୁଉଡାରଠାରେ ଲାନ୍ତେଶ୍ୱର ସ୍ପୋର୍ଟସ, କଲଚରାଲ ଆସୋସିଏଶନ ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକ ଲାନ୍ତେଶ୍ୱର କପ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସଭାପତି ଯୁବରାଜ ମାଝିଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ତ୍ରିନାଥ ବଗର୍ତ୍ତିଙ୍କ ସଂଯୋଜନାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ବିଭୀଷଣ ନାଗ ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ସୀତାରାମ ମାଝି, ଶିକ୍ଷାବିତ୍ ସିଦ୍ଧେଶ୍ୱର ପ୍ରଧାନୀ, ଶଙ୍କର ବଗର୍ତ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୀଳାମ୍ବର ପ୍ରଧାନୀ ଅତିଥି ପରିଚୟ ଓ ସର୍ଜନ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଝିଙ୍କିଡୁଙ୍ଗୁରି ଦଳକୁ ୧-୦ ଗୋଲରେ ହରାଇ ଚୂଡାପାଲି ଦଳ ବିଜୟୀ ହୋଇଥିଲା। ଚିତ୍ତରଞ୍ଜନ ପାଣ୍ଡେ, ମଗଶିର ମଲ୍ଲିକ ଖେଳ ପରିଚାଳନା କରିଥିଲେ। ଜ୍ଞାନେଶ୍ୱର ପ୍ରଧାନୀ, ଚୂଡାମଣି ବଗର୍ତ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ।

ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା, ସ୍ୱଚ୍ଛ ଶାସନର ଅବତାରଣା

ବୀରମହାରାଜପୁର, ୨୬।୧୨ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସଦର ମହାକୁମାଠାରେ ବୁଧବାର ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଉକ୍ତ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମାରୋହରେ ତିନୋଟି ଯାକ ବ୍ଲକ ବିନିକା, ଉଲୁଣ୍ଡା ଓ ବୀରମହାରାଜପୁର ଅଞ୍ଚଳର ଦଳୀୟ ନେତା, କର୍ମକର୍ତ୍ତା ତଥା ହଜାର ହଜାର କର୍ମୀଙ୍କ ସମାବେଶ ଯୋଗୁଁ ଦିନତମାମ ଏଠାରେ ଗହଳି ଲାଗି ରହିଥିଲା । ସେହିଭଳି ସଭା, ଶୋଭାଯାତ୍ରା ସହ ପାରମ୍ପାରିକ ନାଚ, ଗୀତରେ କେବଳ ବସ୍ତି ନୁହେଁ ରାସ୍ତାଘାଟ ପ୍ରକମ୍ପିତ ହୋଇଥିଲା । ସହର ଉପକଣ୍ଠରୁ ବାହାରି ଥିବା ଶୋଭାଯାତ୍ରାରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ସହ ସମସ୍ତ ଦଳୀୟ କର୍ମକର୍ତ୍ତା ଏବଂ ବହୁ ସଂଖ୍ୟାରେ ମହିଳା ସାମିଲ ଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ମେଲଣ ପଡିଆଠାରେ ଆୟୋଜିତ ଜନସମାବେଶରେବିଧାୟକ ବେହେରା ପୌରୋହିତ୍ୟ କରିଥିବା ବେଳେ ଆଡଭୋକେଟ ସ୍ୱୟମ୍ଭୁନାଥ ଖଣ୍ଡଗିରୀ ସଭାକାର୍ଯ୍ୟ ସଂଚାଳନ କରିଥିଲେ। ଏଥିରେ ଯୁବ ବିଜେଡି ଜିଲା ସଭାପତି ତଥା ବିନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ, ମହିଳା ବିଜେଡି ଉପ ସଭାନେତ୍ରୀ ତପସ୍ୱିନୀ ମେହେର, ଦଳର ବ୍ଲକ ସଭାପତି ମୃତ୍ୟୁଞ୍ଜୟ ପ୍ରଧାନ (ବୀରମହାରାଜପୁର), ଝସକେତନ ବଘାର ଉଲୁଣ୍ଡା ଓ ଦୂରିକାନାଥ ସାହୁ ବିନିକା, ମିଡିଆସେଲ ପ୍ରବକ୍ତା ଆଡଭୋକେଟ ଅଦ୍ୱୈତ ପ୍ରସାଦ ପଣ୍ଡା, ଶ୍ରୀନିବାସ ଚାନ୍ଦ, ଧିରେନ୍ଦ୍ର ନାରାୟଣ ପଣ୍ଡା, ବିଜେଡି ଜିଲା ସମ୍ପାଦକ ରଞ୍ଜିତ କୁମାର ରଥ, ବିହାରୀଲାଲ ମିଶ୍ର, ସନ୍ତୋଷ ଭୁକ୍ତା, ବିନିକା ଏନଏସିର ବିଜେଡି ସଭାପତି ସୋମନାଥ ମିଶ୍ର, ଉତ୍ତର କୁମାର ପାତ୍ର ଓ ସତ୍ୟଞ୍ଜିବ ମିଶ୍ର ପ୍ରମୁଖ ଭାଷଣ ଦେଇ ନବୀନ ସରକାରଙ୍କ ଲୋକାଭିମୁଖି ଯୋଜନା ଓ ସ୍ୱଚ୍ଛ ଶାସନର ଅବତାରଣା କରିଥିଲେ। ଏଥିସହ କେନ୍ଦ୍ରର ବୈମାତୃକ ମନୋହାବ ପ୍ରସଙ୍ଗ ଉଲ୍ଲେଖ କରିଥିଲେ । ବିଧାୟକ ପଦ୍ମନାଭ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ୧୮ବର୍ଷର ବିଜେଡି ଶାସନ ଓଡିଶାବାସୀଙ୍କ ଆଶା ଭରସା ପୂରଣ କରିବାରେ ସକ୍ଷମ ହୋଇଥିବାରୁ ଲୋକପ୍ରିୟ ଏବଂ ଆସ୍ଥାଭଜନ ହୋଇପାରିଛି । ସଭିଙ୍କ ମନରେ ନବୀନ ପଟ୍ଟନାୟକ ବସାବାନ୍ଧି ପାରିଛନ୍ତି। ତେଣୁ ଏହି ସରକାରଙ୍କ ବିରୋଧରେ କୌଣସି ଅପପ୍ରଚାର କାମ ଦେବନାହିଁ । ଗାଲୁଆଙ୍କ ଯାଦୁଆ ରାଜନୀତି ଏଥର କାମ ଦେବ ନାହିଁ ଏବଂ ଏହି ନିର୍ବାଚନ ମଣ୍ଡଳୀରେ ଦଳ ପର୍ବପେକ୍ଷା ଅଧିକ ଭୋଟ ହାତେଇବ ବୋଲି ଦୃଢ଼ୋକ୍ତି ପ୍ରକାଶ ପାଇଥିଲା। ଏହି ଅବସରରେ ଦଳୀୟ ଏକତା ଓ ସଂହତି ବଜାୟ ରଖି କର୍ମୀମାନେ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା । ଯୁବ ବିଜେଡିର ବ୍ଲକ ସଭାପତି ନାରାୟଣ ଲୁହା ଧନ୍ୟବାଦ ଅର୍ପଣ କରିଥିଲେ ।

ବିଜେଡି ନେତା ଓ କର୍ମୀ ଶୋଭାଯାତ୍ରାରେ ଯାଉଛନ୍ତି।

ସୁବର୍ଣ୍ଣପୁରରେ ବ୍ୟାଙ୍କ ଧର୍ମଘଟ

ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ବ୍ୟାଙ୍କ ଅଫିସର୍ସ ଓ କର୍ମଚାରୀମାନେ ବିକ୍ଷୋଭ କରୁଛନ୍ତି ।

ସୋନପୁର,୨୬।୧୨(ନି.ପ୍ର.)

ବ୍ୟାଙ୍କ ଅଫ୍ ବରୋଦା, ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କର ମିଶ୍ରଣକୁ ବିରୋଧ କରି ବୁଧବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୟୁନିୟନଗୁଡିକ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆ ଯାଇଥିଲା। ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ୍ସର ଆହ୍ୱାନ କ୍ରମେ ସୁବର୍ଣ୍ଣପୁର ଜିଲାରେ ଅଲଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନ୍‌ଫେଡେରେଶନ, ଅଲ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୟିଜ୍ ଆସୋସିଏଶନ, ନ୍ୟାଶନାଲ କନଫେଡେରଶନ ଅଫ ବ୍ୟାଙ୍କ ଏମ୍ପ୍ଲଇଜ୍ ଏବଂ ନ୍ୟାଶନାଲ ଅର୍ଗାନାଇଜେଶନ ଅଫ ବ୍ୟାଙ୍କ ୱାର୍କରସ୍‌ର ଅଧିକାରୀ ଓ କର୍ମଚାରୀ ଏହି ଧର୍ମଘଟରେ ସାମିଲ ହୋଇଥିଲେ। ତେବେ ଘରୋଇ ବ୍ୟାଙ୍କଗୁଡିକ ଧର୍ମଘଟରେ ସାମିଲ ହୋଇ ନ ଥିବାରୁ ସେଗୁଡିକ ଖୋଲା ରହିଥିଲା। ଜୋନାଲ ସମ୍ପାଦକ ସୂର୍ଯ୍ୟନାରାୟଣ ସରାଫ, ଅଫିସର୍ସ ଆସୋସିଏଶନର ଜୋନାଲ ସମ୍ପାଦକ ସଞ୍ଜୟ ମିଶ୍ର, ଆଞ୍ଚଳିକ ସମ୍ପାଦକ ବଳଦେବ ମହାପାତ୍ର, ରାଜକିଶୋର ପାତ୍ର, ବିଦେଶୀ ମେହେର, ମନୋଜ କୁମାର ପଧାନ, ଦିଲ୍ଲିପ କୁମାର ଭୁକ୍ତା, ଅଜୟ କୁମାର ପତି, ଚନ୍ଦନ ସୁବାଶିଷ ସେଠୀ ଓ ଅରୁଣ ଭୋଇ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

ବିଜେଡି ପ୍ରତିଷ୍ଠା ଦିବସରେ ନେତୃବୃନ୍ଦଙ୍କ ଦାବି
ଆସନ୍ତା ନିର୍ବାଚନରେ ପୂର୍ବ ସଫଳତା ବଜାୟ ରହିବ

ସୋନପୁର,୨୬।୧୨(ନି.ପ୍ର.)

ସୋନପୁର ବ୍ଲକ ନାରାୟଣପୁର ଖେଳପଡିଆଠାରେ ବୁଧବାର ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ତଥା ଜିଲା ପରିଷଦ ସଭ୍ୟ ସରୋଜ କମ୍ପଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସୋନପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସ ସମାରୋହରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଜଳସମ୍ପଦ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୂଜାରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ୧୯୯୭ରେ ଦଳ ଗଠନଠାରୁ ବିଜେଡି ରାଜ୍ୟରେ ଓ ଜିଲାରେ ଜନସାଧାରଣଙ୍କ ବିପୁଳ ସମର୍ଥନ ପାଇ ଆସୁଛି । ଗତ ୧୯ ବର୍ଷ ଧରି ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ, ଯୋଜନା, ଏହାର ନୀତି ଏବଂ ଆଦର୍ଶ ତଥା ଦଳର ନେତା ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ନବୀନ ପଟ୍ଟନାୟକ ପଞ୍ଚମ ଥର ପାଇଁ ପୁଣି ମୁଖ୍ୟମନ୍ତ୍ରୀ ହେବେ। ତେବେ ମୁଁ ଏମ୍‌ପି ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବି ବୋଲି ବିରୋଧି ନାନା ଅପପ୍ରଚାର କରୁଛନ୍ତି। ଏହା ସମ୍ପୂର୍ଣ୍ଣ ମିଛ । ଆସନ୍ତା ନିର୍ବାଚନରେ ମୁଁ ମୋ ନିଜ ନିର୍ବାଚନମଣ୍ଡଳୀରେ ବିଧାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବି କହି ମନ୍ତ୍ରୀ ପୂଜାରୀ ଏହି ଅବସରରେ ନିର୍ବାଚନୀ ବିଗୁଲ ବଜାଇଥିଲେ । ଜିଲା ସଭାପତି ସରୋଜ କମ୍ପ କହିଥିଲେ ଯେ, ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଲୋକଙ୍କ ଆସ୍ଥା, ଭରସା ଓ ବିଶ୍ୱାସ ରହିଛି। ଗତ ୨୦୧୪ ବିଧାନସଭା ନିର୍ବାଚନରେ ନିରଞ୍ଜନ ପୂଜାରୀ ପଶ୍ଚିମ ଓଡିଶାରେ ସର୍ବାଧିକ ୫୨ ହଜାର ଭୋଟ ବ୍ୟବଧାନରେ ବିଧାୟକ ଭାବେ ବିଜୟୀ ହୋଇଥିଲେ। ୨୦୧୯ନିର୍ବାଚନରେ ପୂର୍ବ ସଫଳତା ବଜାୟ ରହିବ ବୋଲି ଜିଲା ସଭାପତି କମ୍ପ ଦୃଢୋକ୍ତି ପ୍ରକାଶ କରିଥିଲେ। ବରିଷ୍ଠ ନେତା ତଥା ରାଜ୍ୟ ଅନୁସୂଚିତ ଜାତି ସେଲର ରାଜ୍ୟ ଉପସଭାପତି ଅଭିମନ୍ୟୁ କୁଶଳ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ, ବିଜେଡି ବ୍ଲକ ସଭାପତି ସୁରେଶ କୁଶଳ, ଅନୁସୂଚିତ ଜାତି ସେଲର ଜିଲା ସଭାପତି ରାଜ କୁମାର ସୁନା, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ମୀନତି ସାହୁ, ଅମିତା ମେହେର ଓ ମାଧବୀଲତା କୁଅଁର ପ୍ରମୁଖ ବକ୍ତବ୍ୟ ରଖି ଆସନ୍ତା ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ଉପସଭାପତି କଇରୁ ସ୍ୱାଇଁ, ଜିଲା ଉପସଭାପତି ରମେଶ ପୂଜାରୀ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ବିଶ୍ୱାଳ, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ସୋନପୁର ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ନାଗ, ସରପଞ୍ଚ ପ୍ରଭାତ ପାତ୍ର, ତରଭା ବ୍ଲକ ବିଜେଡି ସଭାପତି ହେମନ୍ତ ସାହୁ, ଜିଲା ଛାତ୍ର ବିଜେଡି ସଭାପତି ଶାଶ୍ୱତ କୁମାର ମିଶ୍ର, ଅଭିଶେକ ମିଶ୍ର, ପ୍ରହଲ୍ଲାଦ ନାୟକ, ଜନ୍ମେଜୟ ପାତ୍ର, ହରେକୃଷ୍ଣ ଷଡଙ୍ଗୀ, ଆନନ୍ଦ ବିହାରୀ ଶତପଥୀ, ପ୍ରକାଶ ସାହୁ, ରଘୁନାଥ ସାହୁ ଓ ଜନ୍ମେଜୟ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ମାନଭଞ୍ଜନ ମିଶ୍ର ସଭା ପରିଚାଳନା କରିଥିଲେ।

ପ୍ରତିଷ୍ଠା ଦିବସରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି। ପାର୍ଶ୍ୱରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ ।



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।
- ଚାଣକ୍ୟ

ସଂକ୍ଷେପରେ

ଝାରମୁଣ୍ଡା ଧନୁଯାତ୍ରା ଉଦ୍‌ଘାଟିତ

ଲୋଇସିଂହା,୨୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ସପ୍ତମ ବର୍ଷ ବିରାଟ ଧନୁଯାତ୍ରା ମହୋତ୍ସବ ମଙ୍ଗଳବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି । ଧନୁଯାତ୍ରା ଉତ୍ସବ କମିଟି ଅଧ୍ୟକ୍ଷ ଅନଙ୍ଗ ଗଡତ୍ୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ସୁନୀଲ କୁମାର ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଜତିନ୍ଦ୍ର ପଟେଲ, ଅକାଶ ମିଶ୍ର, ପ୍ରଭାକାର ପଣ୍ଡା, ଶ୍ୟାମସୁନ୍ଦର ମେହେର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମ ସଂଯୋଜନକ ସଞ୍ଜୀବ ଦାସ, ରାଜୁ ବିଶ୍ୱାଳ ଉପସ୍ଥିତ ଥିଲେ। ପ୍ରଥମ ସନ୍ଧ୍ୟାରେ ଉଗ୍ରସେନଙ୍କ ସିଂହାସନ ଆରୋହଣ, ଦେବକୀ-ବସୁଦେବଙ୍କ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ନାଗର ମହାକୁର ସ୍ମାରକୀ ଫୁଟବଲ: ଡୁଙ୍ଗୁରିପାଲି ବିଜୟୀ

ଲୋଇସିଂହା,୨୬।୧୨(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ଭାଲିଆଟିକ୍ରା ଖେଳପଡିଆରେ ନାଗର ମହାକୁର ସ୍ମାରକୀ ଫୁଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହେଉଛି । ପ୍ରତିଯୋଗୀତାର ଦ୍ୱିତୀୟ ଦିବସ ମ୍ୟାଚ କୁଟାସିଂହା ଓ ଡୁଙ୍ଗରିପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧରେ ଖେଳ ଅମୀମାଂସିତ ଭାବେଶେଷ ହୋଇଥିଲା। ଶେଷରେ ଟାଇବ୍ରେକର ୫-୪ଗୋଲରେ ଡୁଙ୍ଗୁରିପାଲି କୁଟାସିଂହାକୁ ପରାସ୍ତ କରି ବିଜୟୀ ହୋଇଥିଲା ଡୁଙ୍ଗୁରିପାଲି। ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ, ଶିକ୍ଷକ ରାଧେଶ୍ୟାମ କୁଅଁର, ଚନ୍ଦ୍ରମଣୀ ତ୍ରିପାଠୀ, ବିରେଶ ନାଏକ, ରାୟଗୁରୁ କୁଅଁର ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ମଙ୍ଗଳବାର ବୁର୍ଡା ଏବଂ ନାରାୟଣପୁର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ବୁର୍ଡା ୧-୦ଗୋଲରେ ବିଜୟୀ ହୋଇଥିଲା। ଉଦଘାଟନୀ ଦିବସରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ ।

ବସ୍ତ୍ରେନ ଧନୁଯାତ୍ରା : ଦେବକୀଙ୍କ ପ୍ରଥମ ସନ୍ତାନ ନିଧନ

ଲାଠୋର, ୨୬।୧୨(ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ଲାଠୋର ମା' ବସ୍ତ୍ରେନ ଧନୁଯାତ୍ରା କମିଟି ଆନୁକୂଲ୍ୟରେ ଚାଲିଥିବା ଧନୁଯାତ୍ରାର ତୃତୀୟ ସନ୍ଧ୍ୟାରେ ତିନିଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଦରବାରକୁ ଆମନ୍ତ୍ରଣ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁସ୍ଥ ସମାଜ ଗଠନ ଦିଗରେ ଯୁବ ସମାଜ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତି ଏବଂ ସଚ୍ଚିକାନ୍ତ ପାଣିଗ୍ରାହୀ ଯୋଗଦେଇଥିଲେ। ତୃତୀୟ ସନ୍ଧ୍ୟାରେ ମଞ୍ଚର ବନ୍ଦୀଗୃହରେ ଦେବକୀ ଓ ବସୁଦେବଙ୍କ ପ୍ରଥମ ସନ୍ତାନ କଂସ ହସ୍ତେ ନିଧନ ଦୃଶ୍ୟ ଅଭିନୀତ ହୋଇଥିଲା। କମିଟି ସମ୍ପାଦକ ସୁଶୀଲ ଅଗ୍ରୱାଲ, ସଦସ୍ୟ ଅନିରୁଦ୍ଧ ମେହେର, ସୀତାରାମ ମେହେର, ବାଲେଶ୍ୱର ମେହେର, ଶ୍ରୀକାନ୍ତ ବହିଦାର, ଦୟାସାଗର ମେହେର, ସୁଶାନ୍ତ ମେହେର, ସାଧୁ ମେହେର ଉପସ୍ଥିତ ଥିଲେ।

ବଲାଙ୍ଗୀର ପହଞ୍ଚିଲା କଣ୍ଟାବାଞ୍ଜି ଜିଲା ଦାବି

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ
- ବଲାଙ୍ଗୀର ସହରରେ ବିରାଟ ଶୋଭାଯାତ୍ରାରେ ବୁଲିଲେ
- ଦାବିପତ୍ର ଗ୍ରହଣ ପାଇଁ ୪୫ କିମି ଫେରିଲେ ଜିଲାପାଳ

ବଲାଙ୍ଗୀର ଅଫିସ, ୨୬।୧୨

କଣ୍ଟାବାଞ୍ଜି ସ୍ୱତନ୍ତ୍ର ଜିଲା ଗଠନ ଦାବି କରି ଦୀର୍ଘ ୪୦ ଦିନ ଧରି ଆନ୍ଦୋଳନରେ ବସିବା ପରେ ମଧ ପ୍ରଶାସନ କି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ। ଶେଷରେ କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ନେତୃତ୍ୱରେ ୨ଶହରୁ ଉର୍ଦ୍ଧ୍ୱ ଲୋକ ବୁଧବାର ବଲାଙ୍ଗୀର ଜିଲା ସଦର ମହକୁମାକୁ ଆସି ଶୋଭାଯାତ୍ରାରେ ସହର ପରିକ୍ରମା କରିବା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅରବିନ୍ଦ ଡାକୁଆଙ୍କୁ ସମ୍ଭାବ୍ୟ ଜିଲା ମ୍ୟାପ୍ ଓ ଦାବିପତ୍ର ପ୍ରଦାନ କରିଥିଲେ । ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲ, ସମ୍ପାଦକ ଦୁଃଖିଶ୍ୟାମ ଗୁରୁ, ହେମାଳ ସଂଘ ସମ୍ପାଦକ ବିଶର୍ବ ବେହେରା, ଉପସଭାପତି ବିଦେଶୀ ବେହେରା, ଗଣ୍ଡା ସମାଜ ସଭାପତି ରସିଆନନ୍ଦ ରାୟ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଗୁଣନିଧି ରାଉତରାୟ, ନୀଳଚକ୍ର ସଫେଇ ଜାତୀୟ ସମାଜ ସଭାପତି ଜଗବନ୍ଧୁ ଭରାସାଗର, ହାଡିପା ସମାଜ ସଭାପତି କୈଳାସ ଦୀପ, ଶୁଣ୍ଢି ସମାଜ ସଭାପତି କୁଞ୍ଜବନ ବେହେରା ଶୋଭାଯାତ୍ରାରେ ସାମିଲ ଥିଲେ। ଅନ୍ୟମାନଙ୍କ ମଧରେ ମାରୱାଡି ଯୁବାମଞ୍ଚ ସଭାପତି ଅଜୟ ଅଗ୍ରୱାଲ, ଅଗ୍ରୱାଲ ସମାଜ ସଭା ସଭାପତି ଅନୀଲ ଅଗ୍ରୱାଲ, ଗୌଡ ସମାଜ ସଭାପତି ବେଦବ୍ୟାସ ନାଗ, ଟ୍ରକ୍ ମାଲିକ ସଂଘ ସଭାପତି ପରବଜିତ୍ ସିଂ ସାଲୁଜା, ଓକିଲ ସଂଘର ସଞ୍ଜୟ ନାଥ, ସତ୍ୟନାରାୟଣ ରାୟଙ୍କ ସହ ଅନ୍ୟ ବିଭିନ୍ନ ସଂଗଠନର ଶତାଧିକ ପ୍ରତିନିଧି ବଲାଙ୍ଗୀର ସହର ଠିକାଦାରପଡା ପୋଲ ପାଖରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ । ସ୍ୱତନ୍ତ୍ର କଣ୍ଟାବାଞ୍ଜି ଜିଲା ଗଠନ ଦାବି ନାରା ଦେଇ ଶୋଭାଯାତ୍ରାଟି ପ୍ରଥମେ କଚେରୀ ଛକ ସ୍ଥିତ ଜିଲାପାଳ କାର୍ଯ୍ୟାଳୟକୁ ପହଞ୍ଚିବା ପରେ ସେଠାରେ ଚାଲିଥିବା ବଲାଙ୍ଗୀର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଆନ୍ଦୋଳନକୁ ସମର୍ଥନ ଘୋଷଣା କରିଥିଲେ। ଏହାପରେ ସେଠାରୁ ଶୋଭାଯାତ୍ରାରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଓ ପରେ ସର୍କିଟ୍ ହାଉସକୁ ଯାଇଥିଲେ । ତେବେ ଜିଲାପାଳ ଡାକୁଆ ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟକ୍ରମର ପ୍ରସ୍ତୁତି ନେଇ ବଡମାଳ ଗୋଳାବାରୁଦ୍ କାରଖାନାକୁ ଯାଇଥିବା ଖବର ପାଇଥିଲେ । ସମିତି ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେବାକୁ ଥିବା ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିବା ପାଇଁ କଣ୍ଟାବାଞ୍ଜିରୁ ବଲାଙ୍ଗୀର ଆସିଥିଲେ ମଧ ଜିଲାପାଳଙ୍କୁ ଭେଟ ନ ମିଳିବାରୁ ସେଠାରୁ ଫେରିବେ ନାହିଁ ବୋଲି କହିବା ପରେ ଜିଲାପାଳ ଡାକୁଆ ପ୍ରାୟ ୪୫ କିଲୋମିଟର ଦୂର ବଡମାଳ ଗୋଳାବାରୁଦ କାରଖାନାରୁ ବଲାଙ୍ଗୀର ଫେରି ଦାବିପତ୍ର ଗ୍ରହଣ କରିଥିଲେ । ସର୍କିଟ୍ ହାଉସଠାରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି କଣ୍ଟାବାଞ୍ଜି ଜିଲା ଗଠନର ଯଥାର୍ଥତାକୁ ଜିଲାପାଳଙ୍କୁ ବୁଝାଇଥିଲେ । ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇବେ ବୋଲି ଜିଲାପାଳ ଡାକୁଆ ପ୍ରତିଶ୍ରୁତି ଦେବା ପରେ ସମିତି ସଦସ୍ୟମାନେ ସେଠାରୁ କଣ୍ଟାବାଞ୍ଜି ଫେରିଥିଲେ ।

କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ସଦସ୍ୟମାନେ ବଲାଙ୍ଗୀର ସର୍କିଟ ହାଉସଠାରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଲାନ୍ତେଶ୍ୱର ଫୁଟବଲ: ଚୂଡାପାଲି ବିଜୟୀ

ଟିକ୍ରାପଡା, ୨୬।୧୨(ଡି.ଏନ.ଏ.)

ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧିନ କେନ୍ଦୁଉଡାରଠାରେ ଲାନ୍ତେଶ୍ୱର ସ୍ପୋର୍ଟସ, କଲଚରାଲ ଆସୋସିଏଶନ ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକ ଲାନ୍ତେଶ୍ୱର କପ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଟିତ ହୋଇଯାଇଛି। ସଭାପତି ଯୁବରାଜ ମାଝିଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ତ୍ରିନାଥ ବରଗିଙ୍କ ସଂଯୋଜନାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ବିଭୀଷଣ ନାଗ ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ସୀତାରାମ ମାଝି, ଶିକ୍ଷାବିତ୍ ସିଦ୍ଧେଶ୍ୱର ପ୍ରଧାନୀ, ଶଙ୍କର ବରଗି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୀଳାମ୍ବର ପ୍ରଧାନୀ ଅତିଥି ପରିଚୟ ଓ ସର୍ଜନ ମିଁଧା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଝିଙ୍କିଡୁଙ୍ଗୁରି ଦଳକୁ ୧-୦ ଗୋଲରେ ହରାଇ ଚୂଡାପାଲି ଦଳ ବିଜୟୀ ହୋଇଥିଲା। ଚିତ୍ତରଞ୍ଜନ ପାଣ୍ଡେ, ମଗଶିର ମଲ୍ଲିକ ଖେଳ ପରିଚାଳନା କରିଥିଲେ। ଜ୍ଞାନେଶ୍ୱର ପ୍ରଧାନୀ, ଚୂଡାମଣି ବରଗି ଧାରା ବିବରଣୀ ପ୍ରଦାନ କରିଥିଲେ।

ବଲାଙ୍ଗୀରରେ ବିଜେଡିର ପ୍ରତିଷ୍ଠା ଦିବସ

ଉପଲବ୍ଧି କହି ବିରୋଧୀଙ୍କୁ ସମାଲୋଚନା

ବଲାଙ୍ଗୀର ଅଫିସ, ୨୬।୧୨

ବଲାଙ୍ଗୀର ମ୍ୟୁନିସିପାଲିଟି ଟାଉନ ହଲଠାରେ ବିଜେଡି ରାଜ୍ୟ ଉପସଭାପତି ଅନଙ୍ଗ ଉଦୟ ସିଂଦେଓଙ୍କ ସଭାପତିତ୍ୱରେ ୨୧ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଥିଲା । ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ରାଜ୍ୟ ଯୁବ ବିଜେଡି ସଭାପତି ଅମରେଶ ପତ୍ରି, ରାଜ୍ୟ ବିଜେଡି ଆବାହକ ଚିନ୍ମୟ ସାହୁ, ପୌରାଧକ୍ଷା ସନ୍ତୋଷିନୀ ବେହେରା, ଉପାଧକ୍ଷା ଲିପିଶ୍ରୀ ସାଏ, ସଦର ବ୍ଲକ୍ ଅଧକ୍ଷ ଗୋଲାପ ବାଗ, କୈଳାସ ଚନ୍ଦ୍ର ମହାନ୍ତି, ପ୍ରଦୀପ ଗୁରୁ, ଜିଲା ଯୁବ ବିଜେଡି ସଭାପତି ଲୋଟସ୍ ଷଡଙ୍ଗୀ, ଉମାଶଙ୍କର ସିଂ, ଜିଲା ପରିଷଦ ସଦସ୍ୟ ଗୁରୁଦେବ ରଣା, ସତ୍ୟନାରାୟଣ ଭୋଇ, ଜିଲା ଛାତ୍ର ବିଜେଡି ସଭାପତି ଗୁଞ୍ଜି ଖାନ, ପ୍ରଦ୍ୟୁତ ମିଶ୍ର, କୁଳମଣି ମେହେର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସଭାରେ ବକ୍ତବ୍ୟ ରଖି ଯୁବନେତା ଅର୍କେଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଗତ ୧୮ ବର୍ଷର ଉପଲବ୍ଧ ସମ୍ପର୍କରେ କହିଥିଲେ ଓ ବିରୋଧୀଦଳ ନେତାଙ୍କୁ ଟାର୍ଗେଟ କରି ଦୃଢ଼ ସମାଲୋଚନା କରିଥିଲେ । ସଭାପତି ସିଂଦେଓ ତାଙ୍କ ବକ୍ତବ୍ୟରେ ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ସୁଶାସନ କଥା କହିଥିଲେ । ଅନ୍ୟନେତାମାନେ ଭାଜପା ଓ କଂଗ୍ରେସ ବିରୋଧରେ ସମାଲୋଚନା କରିଥିଲେ । କାଳିଆ ଓ ପିଠା ଯୋଜନା ଉପରେ ନେତାମାନେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ନେତାମାନେ ସୂଚନା ଦେଇଥିଲେ । ଏହି ସମାବେଶରେ ବଲାଙ୍ଗୀର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ସହସ୍ରାଧିକ ଲୋକ ଆସି ଯୋଗଦାନ କରିଥିଲେ ।

ବଲାଙ୍ଗୀରରେ ବିଜେଡିର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ବିଜେଡି ନେତା ।

ଯୋଗିମୁଣ୍ଡାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

ପାଟଣାଗଡ, ୨୬।୧୨(ଡି.ଏନ.ଏ.)

ପାଟଣାଗଡ ନିର୍ବାଚନ ମଣ୍ଡଳୀର ଯୋଗୀମୁଣ୍ଡା ପଞ୍ଚାୟତରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ସରୋଜ ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରଦୀପ ପୁରୋହିତ, ଇନ୍ଦୁଭୂଷଣ ଠାକୁର, ସଲିମ ମହମ୍ମଦ, ବନମାଳୀ ଖମାରୀ, ମଧୁ ଦାଶ, ବିମଳ ମେହେର, ବିତିସ୍ମିତା ମହାକୁଡ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପାଟଣାଗଡରେ ବିଜେଡି କିପରି ବିଜୟୀ ହୋଇ ପାରିବ ସେ ଦିଗରେ କର୍ମୀମାନେ କାମ କରିବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ଦୀର୍ଘଦିନର ବିଧାୟକତ୍ୱ ସମୟରେ କନକ ବର୍ଦ୍ଧନ ସିଂଦେଓ ପାଟଣାଗଡ ନିର୍ବାଚନ ମଣ୍ଡଳୀର କି ଉନ୍ନତି କରିଛନ୍ତି ତାର ଜବାବ୍ ଦେବାକୁ ଆହ୍ୱାନ ଦେଇଥିଲେ ଦଳୀୟ ନେତା। ବେଲପଡାରେ ଅପର ଲାଣ୍ଟ, ହରିଶଙ୍କରର ଉନ୍ନତି ତଥା ଅଞ୍ଚଳର ଉନ୍ନତି ନିମନ୍ତେ କେବେ ବି ଭାଜପା ନେତାମାନେ ସ୍ୱର ଉତ୍ତୋଳନ କରିନାହାନ୍ତି। ଆହୁରି ମଧ ଆମ ଗାଁ ଆମ ବିକାଶ ଯୋଜନାରେ ଯେଉଁ ଅନୁଦାନ ଆସିଛି ତାହାକୁ ବିଧାୟକ କରାଇ ଦେଉ ନ ଥିବା ସିଧା ସଳଖ ଅଭିଯୋଗ କରିଥିଲେ ଦଳୀୟ ନେତୃବର୍ଗ।

ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଦଳୀୟ ନେତୃବର୍ଗ।

ପ୍ରତିଷ୍ଠା ଦିବସରେ ସଫଳତା ବଖାଣିଲେ ବିଜେଡି ନେତା

ଲୋଇସିଂହା, ୨୬।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ଖେଳପଡିଆରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୨୦୧୯ନିର୍ବାଚନରେ ଲୋଇସିଂହାରେ ବୃହତ ବିଜୟ ହାସଲ କରିବା ପାଇଁ ଏହି ଅବସରରେ ଦଳୀୟ କର୍ମୀମାନେ ସଂକଳ୍ପ ଗ୍ରହଣ କରିଥିଲେ । ବିଜୟ ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ଘରୱାରି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ପ୍ରତିଷ୍ଠା ଦିବସର ଅତିଥିମାନେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଲୋଇସିଂହା ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ସମାରୋହ ସଭାରେ ବିଧାୟକଙ୍କ ଲୋଇସିଂହା ପ୍ରତିନିଧି ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ସଭାରେ ବିଧାୟକ ଯୋଗେନ୍ଦ୍ର ବେହେରା ମୁଖ୍ୟ ଅତିଥି, ପୂର୍ବତନ ମହିଳା କମିଶନର ଜ୍ୟୋତି ପାଣିଗ୍ରାହୀ, ରାଜ୍ୟ ଯୁବସମ୍ପାଦକ ନିହାର ରଞ୍ଜନ ବେହେରା, ପୁଇଁତଲା ପ୍ରତିନିଧି ଶିବଦତ୍ତ ମିଶ୍ର, ଆଗଲପୁର ପ୍ରତିନିଧି ଆଶିଷ ସିଂଦେଓ, ଲୋଇସିଂହା ବ୍ଲକ ସଭାପତି ସୁଶାନ୍ତ ମିଶ୍ର, ପ୍ରମୋଦ ମିଶ୍ର, ପର୍ଯ୍ୟବେକ୍ଷିକା ମାମି ମିଶ୍ର, ରଙ୍ଗିନୀ ମାହାଣା, ଝରଣା ମେହେର, ୩ ବ୍ଲକର ସଭାନେତ୍ରୀ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଓ ଅନ୍ୟତମ ଅତିଥିଗଣ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଅବଗତ କରିଥିଲେ ।

କେବିକେ ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶ ପରେ

ଦିବ୍ୟାଙ୍ଗ ବିକାଶଙ୍କୁ ଆର୍ଥିକ ସହାୟତା ଦେଲା ବ୍ଲକ ପ୍ରଶାସନ

ଖପ୍ରାଖୋଲ, ୨୬।୧୨(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ସଦର ମହକୁମା ବାସିନ୍ଦା ଦିବ୍ୟାଙ୍ଗ ବାଳକ ବିକାଶ ସେଠକୁ ଆର୍ଥିକ ସହାୟତା ୩୦ ହଜାର ଟଙ୍କାର ଚେକ୍ ବ୍ଲକ ପ୍ରଶାସନ ରେଡକ୍ରସ ପାଣ୍ଠିରୁ ବୁଧବାର ପ୍ରଦାନ କରିଛି । କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ ଠାକୁର ସୋମବାର ଖପ୍ରାଖୋଲ ବ୍ଲକ ଗସ୍ତ କରିଥିଲେ। ଭଜମନ ସେଠଙ୍କ ପୁଅ ଦିବ୍ୟାଙ୍ଗ ବିକାଶ (୧୪)ଙ୍କୁ ରାସ୍ତାକଡରେ ଛିଡା ହୋଇଥିବା ଦେଖି ତା ସମ୍ପର୍କରେ ପଚାରି ବୁଝିଥିଲେ । ବାଳକର ପରିବାର ଗରୀବ ହୋଇଥିବା ଜାଣିଲା ପରେ ସମ୍ପୃକ୍ତ ପରିବାରର ଜୀବିକା ବିକାଶ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁସାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା ବୁଧବାର ବିକାଶକୁ ରେଡକ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ବିକାଶର ସାନ ଭଉଣୀ ମଧ୍ୟ ଦିବ୍ୟାଙ୍ଗ । ସେହିପରି ବ୍ୟବସାୟ ପାଇଁ ପଞ୍ଚାୟତ ନିକଟରେ ଥିବା ଏକ ଷ୍ଟଲ ମଧ୍ୟ ପ୍ରଶାସନ ଯୋଗାଇଦେବ ବୋଲି କେବିକେ ମୁଖ୍ୟ ପ୍ରଶାସକ କହିଥିବାରୁ କେବେ ତାକୁ ବ୍ଲକ ପ୍ରଶାସନ ଯୋଗାଉଛି ଦେଖିବାକୁ ବାକି ରହିଲା ।

ଦିବ୍ୟାଙ୍ଗ ବିକାଶ ଉପସ୍ଥିତିରେ ତାଙ୍କ ମା'ଙ୍କୁ ଚେକ ପ୍ରଦାନ କରାଯାଉଛି।

ବିଜେଡିର ପ୍ରତିଷ୍ଠା ଦିବସ

ବଙ୍ଗୋମୁଣ୍ଡା, ୨୬।୧୨(ଡି.ଏନ.ଏ.)

ବଙ୍ଗୋମୁଣ୍ଡା ଅଗ୍ରସେନ ଭବନଠାରେ ବ୍ଲକ ବିଜେଡି ସଭାପତି ଉଦ୍ଧବ ବେହେରାଙ୍କ ସଭାପତିତ୍ୱରେ ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଜୟ ବଂସଲ, ଉମାକାନ୍ତ ସାହୁ, ସରପଞ୍ଚ ଲୋକନାଥ ପ୍ରଧାନୀ, ଅଜିତ କୁମାର ଯୋଷୀ, ମୁନିରାମ ଜୈନ, ଯୁବରାଜ ବେହେରା, ଉମ୍ବୁଧର ମେହେର, ରାଧାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନବୀନ ପଟ୍ଟନାୟକ ସରକାରର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଦଳୀୟ ନେତାମାନେ ବକ୍ତବ୍ୟ ରଖିଥିଲେ।

ଅବେବସ୍ତା ଘେରରେ ଅଙ୍ଗନୱାଡି କେନ୍ଦ୍ର

ଲାଠୋର, ୨୬।୧୨ (ଡି.ଏନ.ଏ.)

ସରକାର ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଜରିଆରେ ମା'ଛୁଆର ସୁରକ୍ଷା, ବିକାଶ ଲାଗି କୋଟି କୋଟି ଟଙ୍କା ଖରଚ୍ କରୁଛନ୍। ସେଥିରଲାଗି ଗାଁଗଁଲିରୁ ସହରତକ୍ ସବୁନେ ଅଙ୍ଗନୱାଡି କେନ୍ଦ୍ର ଖୁଲୁଛନ୍। ହେଲେ ବହୁତ୍ ଜାଗାରେ ବିଭାଗୀୟ ଅଧିକାରୀ, କରମଚାରୀମାନକର ଅବହେଲାର ଲାଗି ଇ ମହତ୍ ଯୋଜ୍‌ନାମାନ ଠିକ୍‌ରେ କାଯ୍‌କାରୀ ନାଇଁ ହେଇପାରବାର। ଲୋକ୍ ଯୋଜ୍‌ନାର ଲାଭ୍ ନାଇଁ ପାଏବାର ଲାଗି ଅଭିଯୋଗ୍ କରୁଛନ୍। ଏନ୍ତା ଗୁଟେ ଘଟନା ଦେଖିବାକେ ମିଲିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଲାଠୋରର ଅଙ୍ଗନୱାଡି କନ୍ଦ୍ର-୨ରେ। ୨୦୧୦ ମସିହାରେ ଇଠାନେ ଗୁଟେ ଅଙ୍ଗନୱାଡି କେନ୍ଦ୍ର ଖୁଲି ଝନେ କରମୀକୁଁ ଦାଇତିଅ ଦିଆଗଲା। ହେଲେ ଗଲା ୩ ବଛର ହେଲା ଘର ଅଭାବୁ କେନ୍ଦ୍ରଟା ଆଜି କାହାର ବାରନ୍ଦାରେ ତ କାଲି କେନ୍ ଗଛତଲେ ଚାଲ୍‌ଲା। ୩ ବଛର ଉତାରୁ ୨୦୧୩ ଜୁଲାଇରେ କେନ୍ଦ୍ରର ଲାଗି ଗୁଟେ ଘର ପଡ଼ାଠାନୁ ଖଁଡ଼େ ଦୂରେ ଗୁଟେ ପଥର ଚଟାନ୍ ଉପରେ ତିଆର କରି କରମୀକୁଁ ସମରପି ଦିଆଗଲା। କରମୀକୁଁ ଘରର ଦାଇତିଅଟା ଦିଆଗଲା ସତ୍ ହେଲେ ସେଠାନେ ଶୌଚାଳୟର ବେବସ୍ତା ନାଇଁ କି ପିଇଲା ପାଏନ୍‌ର ବେବସ୍ତା ନାଇଁ। ପାସେ ଯେନ୍‌ଗୁଟେ ନଲକୁଅାଁ ଅଛେ ସେଥିରୁ ପାଏନ୍ ନାଇଁ ବାହାରବାର। କେନ୍ଦ୍ରର ଚାରହିକୁତି ବାଡ଼ା ନାଇଁ, ଯେନ୍‌ଥିରଲାଗି ବୁଲା ଗାଇଗରୁ, ଛିନାଛକା ସମିଆରେ ଅସାମାଜିକ ଲୋକ୍ ଯାଇ ମଦ୍ କୁକ୍‌ରା କରୁଛନ୍। ଏହେଦ୍‌କା କେନ୍ଦ୍ରରେ ୪୦ ଝନ୍ ୩ରୁ ୬ ବଛରିଆ ଛୁଆ ପ୍ରିସ୍କୁଲରେ ନାଁ ଲେଖେଇଛନ୍। ସେମାନେ ଝାଡ଼ାଝପଟ ଆର ପିଇଲା ପାଏନ୍ ଲାଗି ବଡ଼ା ଗୁଲ୍‌ଗୁଲା ହେଉଛନ୍। ମୋଟ ୧୧୯ ଝନ୍ ହିତାଧିକାରୀ କେନ୍ଦ୍ରର ଅଧିନ୍‌ରେ ରହିଥିଲା ବେଲେ ଲାଗିରହିଥିବାର ସମସିଆ ଲାଗି ଭିନେ ଭିନେ ସରକାରୀ କାଯ୍‌କରମରେ ଅସୁବିଧାର ସାମ୍‌ନା କରୁଛନ୍। ଛିନାଛକା ଜାଗା ସଂଗେ ବାଡ଼ା ନାଇଁଥିବାର ଲାଗି ଅଭିଭାବକମାନେ ନିଜର ଛୁଆମାନକୁ ସେଠାନକେ ଛାଡ଼ବାର ଲାଗି ଅମଂଗ ହେଉଛନ୍। ଇ ବାବ୍‌ଦେ ବଲାଙ୍ଗୀର ଡିଏସଡବ୍ଲୁ ବିନୋଦିନୀ ପ୍ରଧାନକୁଁ ଯୋଗାଯୋଗ କଲାରୁ କେନ୍ଦ୍ରରରେ କାଣା ସମସିଆ ରହିଛେ ସେ ବାବ୍‌ଦେ ତଦଁତ୍ କରି ପଦକ୍ଷେପ ନିଆଯିବା ବଲି କହିଥିଲେ।

ଲାଠୋର ଅଙ୍ଗନୱାଡି କେନ୍ଦ୍ର-୨ ।

୬୦ ଘର ଡୁମାଲ ସମାଜ ମହାସଭା

ସଂସ୍କାରିତ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ

ଦେଓଗାଁ, ୨୬।୧୨ (ଡି.ଏନ.ଏ.)

ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ଅନ୍ତର୍ଗତ ସର୍ଗିପାଲି ମା' ମାହେଶ୍ୱରୀ ମନ୍ଦିର ପରିସରରେ ଖଇରଗୁରା ଚକ ଆନୁକୂଲ୍ୟରେ ବୁଧବାର ଜିଲାସ୍ତରୀୟ ୬୦ ଘର ଡୁମାଲ ସମାଜ ମହାସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଦେହେରୀ କୃଷ୍ଣଚନ୍ଦ୍ର ପଧାନ ଓ ବରୁଆ (ବେଜି) ଚୈତନ୍ୟ ପଧାନଙ୍କ ଦ୍ୱାରା ମା' ମାହେଶ୍ୱରୀ ଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ମାହେଶ୍ୱରୀ ଦେବୀ ବରୁଆଙ୍କ ମଧ୍ୟରେ ପ୍ରବେଶ କଲାପରେ ମା' ସ୍ୱତନ୍ତ୍ରବାଦ୍ୟର ତାଳେ ତାଳେ ନୃତ୍ୟ କରିଥିଲେ । ପରେ ସଭାପତି ଋଷଭ ମେର୍ଲିଙ୍କ ସଭାପତିତ୍ୱ ତଥା ସାନୁର୍ଜ କରଣଙ୍କ ସଂଯୋଜନାରେ ଅନୁଷ୍ଠିତ ମହାସଭାରେ ମୁଖ୍ୟ ଅତିଥିଭାବେ ଜିଲା ସଭାପତି ଲମ୍ବୋଦର ମହାକୁର, ମୁଖ୍ୟବକ୍ତା ଦେବାର୍ଚ୍ଚନ ଚାଉଲିଆ, ସମ୍ମାନୀତ ଅତିଥି ଜିଲା ସମ୍ପାଦକ ଇନ୍ଦ୍ରମଣି ବାରିକ, ଯୁବପରିଷଦ ସଭାପତି ସୁରେଶ କରଣ ପ୍ରମୁଖ ଯୋଗଦେଇ ମଣିଷ ସଂସ୍କାରିତ ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଖଇରଗୁରା ଚକ ସମ୍ପାଦକ ଯଜ୍ଞ କୁମାର ପଧାନ ସାମାଜିକ କାର୍ଯ୍ୟକ୍ରମର ବିବରଣୀ ପଠନ କରିଥିଲେ। ଏ ପରିପେକ୍ଷୀରେ ମୁରିବାହାଲ, ଫପସି, କର୍ଲା, ବ୍ରାହ୍ମଣୀଡୁଙ୍ଗୁରୀ, ଅର୍ଜୁଣ୍ଡା, ଦଶପୁର, ରାଣୀପାଲି, ପାଣ୍ଡରୀଡୁଙ୍ଗୁରୀ, ବୁଢ଼ିସିଣ୍ଡୋଲ ଓ ଧନପୁର ଆଦି ଚକରୁ ଆସିଥିବା ସଭାପତି ସମ୍ପାଦକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଟଙ୍କଧର ପଧାନ ଜାତିର ନିୟମ ଉପରେ ଆଲୋଚନା କରିଥିଲେ। ଫପସି ଚକର ନାରାୟଣ କର୍ମୀ ବୁଢ଼ିସିଣ୍ଡୋଲର ନାରାୟଣ କମ୍ପ ପ୍ରମୁଖ ସମାଜର ଉନ୍ନତି ଓ ପରିବର୍ତ୍ତନଶୀଳ ଦୁନିଆଁରେ ନିଜକୁ ଖାପଖୁଆଇ ଚଳିବା ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିବା ବେଳେ ପଡୋଶୀ ଜିଲା ସୁବର୍ଣ୍ଣପୁର, ବୌଦ୍ଧ ଓ କଳାହାଣ୍ଡି ଅଞ୍ଚଳରୁ ମଧ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ । ଶେଷରେ ବାଳକ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସର୍ଗିପାଲି, ଭୀମଡୁଙ୍ଗୁରୀ, ଗୁଡୁଡିପାଲି, ଖଇରଟିକ୍ରା, ପୁରୁଣାପାଣି, ମୁଣ୍ଡପଲା, ବନ୍ଧପଡା, ଖଇରଗୁରା ଓ ମଧୁପୁର ଆଦି ଗ୍ରାମର କର୍ମକର୍ତ୍ତା ତଥା ଦୟା ମାହାକୁର, ଧନସିଂ ମହାକୁର, ଯତନ ବାରିକ, ଯଦୁମଣି ଛନ୍ଦ, ଲଳିତ ପଧାନ, ରାମେଶ୍ୱର ମହାକୁର, ମାଧବ ପଧାନ, ଯୁଧିଷ୍ଠିର ଡାଙ୍ଗ, ଯାଦବ ମାହାକୁର, କିର୍ତ୍ତନ କଲତା, ଶ୍ରୀରାମ ଡାଙ୍ଗ ପ୍ରମୁଖ ସହଯୋଗ କରିଥିଲେ ।

ସର୍ଗିପାଲିରେ ଜିଲାସ୍ତରୀୟ ୬୦ଘର ଡୁମାଲ ମହାସଭା ଅବସରରେ ଅତିଥିଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ଚାଲିଛି ।

ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ

ସଂକ୍ଷେପରେ

ପ୍ରଗତି କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଭବାନୀପାଟଣା,୨୬।୧୨(ଡି.ଏନ.ଏ.)- ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ରାଇସିଂପୁରସ୍ଥିତ ପ୍ରଗତି କଲେଜର ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । କଲେଜ ପ୍ରତିଷ୍ଠାତା ସମ୍ପାଦକ ଅଜୟ ପଣ୍ଡା ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ପ୍ରଗତି ଯୁକ୍ତ ୨ କଲେଜର ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ । ମଞ୍ଚ ପରିଚାଳନା କରିଥିଲେ ଅଧ୍ୟପକ ଅଶୋକ ସାହୁ ଓ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଶାସନିକ ଅଧିକାରୀ ପ୍ରଣବ ପଣ୍ଡା । କାର୍ଯ୍ୟକ୍ରମରେ ପିଇଟି ଶଶିଭୂଷଣ ଦାସ, ଶ୍ୱେତଲୀନା ଦାନୀ, ସରିତା ବଡ଼େଇ, ସ୍ୱାଗତିକା ତ୍ରିପାଠୀ, ଉଦିତ ପ୍ରଧାନ, ଦୀପକ ମେହେର ପ୍ରମୁଖ ସହେଯାଗ କରିଥିଲେ। ଛାତ୍ରମାନଙ୍କ ମଧ୍ୟରେ ରିତିଶ ଭୋଇ ଓ ଛାତ୍ରୀମାନଙ୍କ ମଧ୍ୟରେ ପୁଷ୍ପାଞ୍ଜଳି ଜାନୀ ଚାମ୍ପିୟନ ହୋଇଥିଲେ ।

୨୮ରୁ ଜିଲାସ୍ତରୀୟ କୁଲତା ସମାଜର ମହାସଭା

ସେରଗଡ଼,୨୬।୧୨(ଡି.ଏନ.ଏ.)- କଳାହାଣ୍ଡି କୁଲତା ସମାଜର ଜିଲାସ୍ତରୀୟ ମହାସଭା ଆସନ୍ତା ଡିସେମ୍ବର ୨୮, ୨୯ ଓ ୩୦ ତାରିଖ ତିନିଦିନ ଧରି ତୁଲାପଡାଠାରେ ଆୟୋଜିତ ହେବ । ଏ ନେଇ ନର୍ଲା ବ୍ଲକ ଅନ୍ତର୍ଗତ ସର୍ଗିଗୁଡା ଜୟଦୁର୍ଗା ସ୍ପୋର୍ଟିଂ କ୍ଲବଠାରେ ବୁଧବାର ସନ୍ଧ୍ୟାରେ କଳାହାଣ୍ଡି କୁଲତା ସମାଜର ଏକ ଖବରଦାତା ସମ୍ମିଳନୀରେ ଜିଲାସ୍ତରୀୟ ମହାସଭାର ରୂପରେଖ ନେଇ ସମାଜ କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ । ଆସନ୍ତା ୨୮ରେ କୁଲତା ସମାଜର ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡି ପୀଠ ଜମୁନାବାହାଲଠାରୁ ପବିତ୍ର ମଶାଲ ଆସିବା ପରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହେବ । ୨୯ରେ ମହିଳାମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା, ସ୍ମରଣୀକା ଉନ୍ମୋଚନ, ଆଲୋଚନାଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ୩୦ ତାରିଖରେ ସାମାଜିକ ଦିଗ ଓ ବିଭିନ୍ନ ବିଷୟରେ କାର୍ଯ୍ୟକ୍ରମ ରହିଛି । ମହାସଭାରେ ଜିଲା, ରାଜ୍ୟ ତଥା ପଡୋଶୀ ରାଜ୍ୟର ବହୁ ଅତିଥି, କଳାକାର ଓ ସାମାଜିକ ବ୍ୟକ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଛି । ସମ୍ମିଳନୀରେ ମହାସଭା ମୁଖ୍ୟ ସଂଯୋଜକ ହରେକୃଷ୍ଣ ଭୋଇ, ସଂଯୋଜକ ଦିଲୀପ କୁମାର ସା, ଯୁବ ସଭାପତି ଦେବେନ୍ଦ୍ର ସା ଓ ଯୁବ ସଙ୍ଗଠନ କାର୍ଯ୍ୟକାରୀ ସଭାପତି ବିନୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ ।

ଜୁନାଗଡକୁ ଜିଲା ସଦର ମହକୁମା ଦାବି ତେଜିଲା

ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

■ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶୋଭାଯାତ୍ରା, ପଥପ୍ରାନ୍ତ ସଭା

ଜୁନାଗଡ,୨୬।୧୨ (ଡି.ଏନ.ଏ.)

ଜୁନାଗଡକୁ ଜିଲା ଓ ସଦର ମହକୁମା ଦାବି ନେଇ ସ୍ଥାନୀୟ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବୁଧବାର ଶୋଭାଯାତ୍ରା, ପଥପ୍ରାନ୍ତ ସଭା କରାଯାଇଛି । ଅପରାହ୍ନରେ ମା' ଲଙ୍କେଶ୍ୱରୀ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜୁନାଗଡ ବିଡିଓ ପରମବ୍ରହ୍ମ ଯୋଷୀ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସନ୍ଧ୍ୟାରେ ଉପରୋକ୍ତ ଦାବିକୁ ନେଇ ଜୁନାଗଡ ନୂଆବସଷ୍ଟାଣ୍ଡ ଓ ପୁରୁଣାବସଷ୍ଟାଣ୍ଡଠାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଜୁନାଗଡ ସଚେତନ ନାଗରିକ ମଞ୍ଚ ଆବାହକ ହିମାଂଶୁ ଶେଖର ବରାଡଙ୍କ ଅଧକ୍ଷତାରେ ପଥପ୍ରାନ୍ତ ସଭାରେ ମଞ୍ଚର ସଭାପତି ଦୁର୍ଗା ପ୍ରସାଦ ନାଏକ, ଚିତ୍ତ ରଞ୍ଜନ ନିଆଲ, ପ୍ରଭାତ ଦାଶ, କାଳୀ ପ୍ରସାଦ ରାୟଗୁରୁ, ବିଶ୍ୱନାଥ କର, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ଅନୀଲ ପଣ୍ଡା, ଲକ୍ଷ୍ମୀକାନ୍ତ ନାଏକ, ଜତିନ୍ଦ୍ର କର, ଦାମୋଦର ବେହେରା, କୈଳାସ ଚନ୍ଦ୍ର ଅଗ୍ରୱାଲ, ରଜନୀକାନ୍ତ ବୈଠାରୁ, ସୁଜିତ କୁମାର ଖେମକା, ଉପେନ୍ଦ୍ର ମୁଣ୍ଡ, ଆଦିତ୍ୟ ମହାନ୍ତି, ରଶ୍ମିରଞ୍ଜନ ନାୟକ, ଶିବ ହାତୀ, ଗଗନେଶ୍ୱର ଠାକୁର ପ୍ରମୁଖ ଉଦବୋଧନ ଦେଇଥିଲେ। ଜୁନାଗଡ, ଧର୍ମଗଡ, ଗୋଲାମୁଣ୍ଡା, କୋକସରା, ଜୟପାଟଣା, କଲମପୁର ଓ ଥୁଆମୂଳ ରାମପୁର ବ୍ଲକର ୧୫ଟି ପଞ୍ଚାୟତକୁ ନେଇ ଜୁନାଗଡକୁ ଜିଲା ଓ ସଦର ମହକୁମା ମାନ୍ୟତା ଦାବିରେ ଗୁରୁବାର ହେବାକୁ ଥିବା ଜୁନାଗଡ ମହାବନ୍ଦକୁ ସମର୍ଥନ କରିବା ନିବେଦନ କରାଯାଇଥିଲା। ଜୁନାଗଡର ଏହି ଦାବିକୁ ସମର୍ଥନ ଜଣାଇବା ପାଇଁ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତୁଲେଶ୍ୱର ନାଏକ ମଧରେ ସଭାରେ ଯୋଗଦେଇଥିଲେ।

ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶୋଭାଯାତ୍ରା


କର୍ଲାକୋଟଠାରେ ଅନୁଷ୍ଠିତ ସରପଞ୍ଚ ସଂଘର ବୈଠକ।

କର୍ଲାକୋଟରେ ସରପଞ୍ଚ ସଂଘର ବୈଠକ

ଜୁନାଗଡ,୨୬।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣିଜରା ପଞ୍ଚାୟତ କର୍ଲାକୋଟଠାରେ ବୁଧବାର ଜୁନାଗଡ ବ୍ଲକ ସରପଞ୍ଚ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସରପଞ୍ଚ ସଂଘ ସଭାପତି ଶିବ ପ୍ରସାଦ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଜୁନାଗଡ ବିଡିଓ ପରମ ବ୍ରହ୍ମ ଯୋଷୀ, ଜିପିଓ ସିଦ୍ଧେଶ୍ୱର ମେହେର, ଡବ୍ଲ୍ୟୁଇଓ ସୁମନ୍ତ ମାଝି,ଏପିଓ ମାନସ ରଞ୍ଜନ ଭୋଇ,ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଆସନ୍ତା ଡିସେମ୍ବର ୩୧ ତାରିଖ ଜୁନାଗଡ ବିଡିଓ ଯୋଷୀ ଅବସର ନେଉଥିବାରୁ ତାଙ୍କୁ ଏହି ବୈଠକରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ମହିଚଲା ସରପଞ୍ଚ ଅଜୟ କୁମାର ବେହେରା ପରିଚାଳନା କରିଥିଲେ। ଏଥିରେ ଜୁନାଗଡ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ ସମେତ ପିଇଓ ଓ ବ୍ଲକ କର୍ମଚାରୀମାନେ ଯୋଗଦେଇଥିଲେ।


ଲେଖକ କଳା ପରିଷଦ ପକ୍ଷରୁ ଅନୁଷ୍ଠିତ ରଙ୍ଗୋଲି ଓ ଚିତ୍ରକଳା ପ୍ରଦର୍ଶନୀ।

ରଙ୍ଗୋଲି, ଚିତ୍ରକଳା ପ୍ରଶିକ୍ଷଣ ଶିବିର

ଭବାନୀପାଟଣା,୨୬।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ଲେଖକ କଳା ପରିଷଦଠାରେ ସଂସ୍କାର ଭାରତୀ ପକ୍ଷରୁ ରଙ୍ଗୋଲି ଓ ଚିତ୍ରକଳା ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ସଂସ୍କାର ଭାରତୀୟର ପ୍ରାନ୍ତୀୟ ସଭାପତି ପ୍ରଭାସ ଚନ୍ଦ୍ର ମିଶ୍ର ଅଧ୍ୟକ୍ଷତାରେ କଳାହାଣ୍ଡି ଏସପି ବାତୁଲା ଗଙ୍ଗାଧର ଓ ତାଙ୍କ ସ୍ତ୍ରୀ ଯୋଗଦେଇଥିଲେ। ପରେ ରଙ୍ଗୋଲି ଓ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ୭୦ ଜଣ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଇଥିଲେ । ରଙ୍ଗୋଲି ପ୍ରଶିକ୍ଷଣ ଦେଇଥିଲେ କୋର୍ବାର ଗାୟତ୍ରୀ ଶର୍ମା ଓ ଗଙ୍ଗା କୌଶିକ ପ୍ରମୁଖ । ଜେଲଖାନା ଛକ ଠାରୁ ଡିଆରଡିଏ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରଙ୍ଗୋଲି ଓ ଚିତ୍ରକଳା ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା । ରାସ୍ତାରେ ପ୍ରାନ୍ତୀୟ ମହିଳା ପ୍ରମୁଖ ଜ୍ୟୋତିରାଣୀ ଦାସ, ରଙ୍ଗୋଲି ପ୍ରାନ୍ତୀୟ ପ୍ରମୁଖ ସଂଯୁକ୍ତା ସା, କୋଷାଧ୍ୟକ୍ଷ ଉମେଶଚନ୍ଦ୍ର ପଣ୍ଡା, ଜିଲା ସଭାପତି ଶାନ୍ତନୁ କୁମାର ମୁଣ୍ଡ, ସମ୍ପାଦକ ରଘୁନାଥ ଠାକୁର, ସହ-କୋଷାଧ୍ୟକ୍ଷ ସୁରେନ୍ଦ୍ର ନେଗୀ, ପ୍ରମିଳା ମିଶ୍ର, ଓମ ବେହେରା, ସଂଗ୍ରାମ ସରାଫ, ମାନସ ପଣ୍ଡା, ଶ୍ୟାମ ଭୋଇ, ପ୍ରୀତି ପଟ୍ଟନାୟକ, ଆଲୋକ ସାହୁ, ଭାଗୀରଥି ବେହେରା, ଭାରତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଓଜନରେ ଠକେଇ, ବକେୟା ଟଙ୍କା ଦେଇ ନ ଥିବା ଅଭିଯୋଗ

ଭବାନୀପାଟଣା,୨୬।୧୨(ଡି.ଏନ.ଏ.)

ଭବାନୀପାଟଣା ସଦର ଥାନା ପାଷ୍ଟିପଡାଠାରେ ଓଜନରେ ଠକେଇ ଓ ବକେୟା ଟଙ୍କା ଦେଇ ନ ଥିବା ଅଭିଯୋଗରେ କପା ଗାଡିକୁ ଚାଷୀମାନେ ମଙ୍ଗଳବାର ସନ୍ଧ୍ୟାରେ ଅଟକ ରଖିଥିଲେ । ଜିଲା ସଦର ଥାନ କର୍ଲାପଡା ଫାଣ୍ଡି ଅନ୍ତର୍ଗତ ପାଷ୍ଟିପଡାଠାରେ ଖଜୁରପଡା ଗ୍ରାମର କପା ବେପାରୀ ଭାଗବତ ପ୍ରଧାନ କପା କ୍ରୟ କରୁଥିଲେ । ଚାଷୀଙ୍କଠାରୁ କପା କ୍ରୟ ବେଳେ ପ୍ରାୟ ୧୦ରୁ ୧୫ କେଜି କପା ଓଜନରେ ଠକେଇ କରୁଥିଲେ । ସେହିଭଳି ପୂର୍ବରୁ କିଣିଥିବା କପାର ପ୍ରାପ୍ୟ ମଧ୍ୟ ପ୍ରଦାନ କରି ନ ଥିଲେ । ଏକ ଟ୍ରକରେ କପା ବୋଝେଇ ନେଉଥିବା ବେଳେ ପାଷ୍ଟିପଡାର ଚାଷୀମାନେ କପା ଟ୍ରକ ଓ ଓଜନ ମେଶିନକୁ କର୍ଲାପଡା ଫାଣ୍ଡିକୁ ଆଣି ଜିମା ଦେଇଥିଲେ। ପରେ ସମସ୍ତ ଚାଷୀଙ୍କ ଉପସ୍ଥିତରେ ସମସ୍ତ ପ୍ରାପ୍ୟ ଓ ଓଜନରେ ଠକେଇ ସ୍ୱିକାର ନେଇ ଲିଖିତ ଭାବେ ପୋଲିସକୁ ପ୍ରଦାନ କରିବା ପରେ ଟ୍ରକକୁ ଛାଡିଥିଲେ।

ମାଣିକେଶ୍ୱରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ

ଭବାନୀପାଟଣା,୨୬।୧୨(ଡି.ଏନ.ଏ.)

ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ହାଇସ୍କୁଲର ୩ ଦିନିଆ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ସମାରୋହ ଉପଲକ୍ଷେ ପୂରାତନ ଛାତ୍ର ସଂସଦ ସଭାପତି ନିରଞ୍ଜନ ସାହୁ, କାର୍ଯ୍ୟକାରୀ ସଭାପତି ବ୍ରଜେନ୍ଦ୍ର ବଡ଼େଇ, ସମ୍ପାଦକ ସୁମନ ରଥ, କୋଷାଧ୍ୟକ୍ଷ ପ୍ରବିର କୁମାର ରଥଙ୍କ ସମେତ ଶତାଧିକ ପୁରାତନ ଛାତ୍ର, ସ୍କୁଲର ପ୍ରଧାନଶିକ୍ଷକ, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନେ ମାଣିକେଶ୍ୱରୀ ମନ୍ଦିରରେ ମଶାଲ ପୂଜାର୍ଚ୍ଚନା କରିବା ପରେ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ସ୍କୁଲରେ ପହଞ୍ଚିଥିଲେ । ସନ୍ଧ୍ୟାରେ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନୀ ସମାରୋହର ପ୍ରଥମ ସନ୍ଧ୍ୟାରେ ସ୍କୁଲ ପ୍ରଧାନଶିକ୍ଷକ ଇଲା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ଧବଳେଶ୍ୱର ଠାକୁର ମୁଖ୍ୟଅତିଥି, ପୂର୍ବତନ ଶିକ୍ଷକ ସନ୍ତୋଷ ମୁଣ୍ଡ ମୁଖ୍ୟବକ୍ତା ଓ ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶିକ୍ଷକ ବିଭୂତି ଭୂଷଣ ଠାକୁର ସ୍ୱାଗତ ଭାଷଣ ଓ ଶିକ୍ଷକ ନାରାୟଣ ମହାପାତ୍ର ମଞ୍ଚ ସଂଯୋଜନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ଅବସରପ୍ରାପ୍ତ କୁଳପତି ଡ. କୁମରବର ଦାସ ଓ ଓଡିଆ ପ୍ରାଧ୍ୟାପକ ଅଜାମ୍ବର ମଲ୍ଲ ଅତିଥି ଭାବେ ଯୋଗଦେଇଛନ୍ତି। ସେହିପରି ତୃତୀୟ ତଥା ଶେଷ ଦିବସରେ ୨୭ ତାରିଖରେ ଚିତ୍ରକଳା ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସ୍ୱତନ୍ତ୍ର ଉଦ୍‌ଯାପନୀ ସମାରୋହରେ ଓଡିଶାର ରାଜ୍ୟପାଳ ଗଣେଶୀଲାଲ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ସ୍ୱର୍ଗତ ଭବାନୀଶଙ୍କର ବାବୁଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚନ, ସୁବର୍ଣ୍ଣ ଜୟନ୍ତୀ ସ୍ମରଣୀକା 'ଶର୍ବାଣୀ' ଉନ୍ମୋଚନ ଓ ସୁବର୍ଣ୍ଣ ଜୟନ୍ତୀ ଓଡିଟୋରିୟମ୍ ଭିତ୍ତିପ୍ରସ୍ତର ସ୍ଥାପନ ରାଜ୍ୟପାଳଙ୍କ ହସ୍ତରେ କରାଯିବ ବୋଲି ପୁରାତନ ଛାତ୍ର ସଂସଦ ସମ୍ପାଦକ ସୁମନ ପ୍ରକାଶ କରିଛନ୍ତି ।

ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଅତିଥିଙ୍କ ସହ କଳାକାରମାନେ।

ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଅସଦାଚରଣ ଘଟଣା

ନ୍ୟାୟିକ ତଦନ୍ତ, କ୍ଷତିପୂରଣ ଦିଆଯାଉ : ଭକ୍ତ ଦାସ

ଭବାନୀପାଟଣା,୨୬।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ଅନ୍ତର୍ଗତ ସିରିମସ୍କା ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ଅଭିଯୁକ୍ତ ପ୍ରଧାନଶିକ୍ଷକ ଗିରଫ୍ ହୋଇ ଜେଲ୍ ଯିବା ପରେ ଆହୁରି ବାହାରର ଲୋକମାନେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି । ଏହି ଗୋଟିଏ ଘଟଣା ନୁହେଁ ଆହୁରି କେତେକ ଛାତ୍ରୀଙ୍କୁ ମଧ୍ୟ ଅସଦାଚରଣ ହୋଇଥିବା ଶୁଣିବାକୁ ମିଳୁଛି । ଏହି ଘଟଣାର ନ୍ୟାୟିକ ତଦନ୍ତ କରିବା ଓ କ୍ଷତିପୂରଣ ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି । ସିରମସ୍କା ସ୍କୁଲ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାପାତ୍ର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା । କଂଗ୍ରେସ ତରଫରୁ ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରିବାକୁ ଦାବି କରାଯାଇଥିଲା। ତୁରନ୍ତ ପଦକ୍ଷେପ ନେଇ ଅଭିଯୁକ୍ତ ଶିକ୍ଷକ ବାଳକୃଷ୍ଣଙ୍କୁ ୧୨ ଘଣ୍ଟା ମଧ୍ୟରେ ଗିରଫ କରି କୋର୍ଟ ଚାଲାଣ କରିଥିବାରୁ ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସ ଜିଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ସମ୍ପୃକ୍ତ ଶିକ୍ଷକ ଦୀର୍ଘ ବର୍ଷଧରି ସିରମସ୍କା ସ୍କୁଲରେ ଶିକ୍ଷକତା କରି ପରବର୍ତ୍ତୀ ସମୟରେ କିଭଳି ଭାବେ ଛାତ୍ରୀ ନିବାସର ଦାୟିତ୍ୱରେ ରହିଲେ ଏବଂ ତାଙ୍କୁ କେଉଁ ଅଧିକାରୀମାନେ ସୁଯୋଗ ଦେଲେ ସେମାନଙ୍କ ବିରୋଧରେ ମଧ ଦୃଢକାର୍ଯ୍ୟାନୁଷ୍ଠାନ ହେବା ପାଇଁ ଦାସ ଦାବି କରିଛନ୍ତି। ଏହା ସତ୍ତ୍ୱେ ଦାବି ପୂରଣ ନ ହେଲେ ସେ ନିଜେ ଅନିର୍ଦ୍ଦିଷ୍ଟକାଳ ଅନଶନରେ ବସିବେ ବୋଲି କହିଛନ୍ତି । ଏଥି ସହିତ ଏହି ଘଟଣା ଏତେ ଚର୍ଚ୍ଚିତ ହେବା ସତ୍ତ୍ୱେ କାହିଁକି ଭାଜପା, ବିଜେଡି ଆଜି ପର୍ଯ୍ୟନ୍ତ ଏହି ଘଟଣା ସମ୍ପର୍କରେ ମୁହଁ ଖୋଲୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ସଭାପତି ଭାରତ ଭୂଷଣ ବେମାଲ, କଳାହାଣ୍ଡି ମହିଳା କଂଗ୍ରେସ ନେତ୍ରୀ ଦ୍ରୋପଦୀ ମାଝି, ପ୍ରଦେଶ କଂଗ୍ରେସ ସମ୍ପାଦକ ଚିତ୍ତରଞ୍ଜନ ମଣ୍ଡଳ, କଳାହାଣ୍ଡି ମିଡିଆ ସେଲ ଅଧକ୍ଷ ମହମ୍ମଦ ଅଲ୍ଲୀ ଓ କଂଗ୍ରେସ ଆଦିବାସୀ ସେଲ ସଭାପତି ପରମାନନ୍ଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଭକ୍ତ ଚରଣ ଦାସ ଓ ଅନ୍ୟମାନେ ଉପସ୍ଥିତ।

ବିଭିନ୍ନ ସ୍ଥାନରେ ବିଜେଡିର ପ୍ରତିଷ୍ଠା ଦିବସ

୨୦୧୯ରେ ଇତିହାସ ସୃଷ୍ଟି କରିବେ ମୁଖ୍ୟମନ୍ତ୍ରୀ



ଧର୍ମଗଡ଼ଠାରେ ଅନୁଷ୍ଠିତ ବିଜେଡିର ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି ।


ଜୁନାଗଡରେ ବିଜେଡିର ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି ।

ଧର୍ମଗଡ, ୨୬।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡସ୍ଥିତ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ବୁଧବାର ବିଜେଡିର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଏନଏସି ଉପାଧ୍ୟକ୍ଷ ଅଶୋକ ମହାନ୍ତି ପରିଚାଳନା କରିଥିବା ବେଳେ ଜିଲା ବିଜେଡି ସମ୍ପାଦକ ଥବିର ପ୍ରସାଦ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଧର୍ମଗଡ ଏନଏସି ଅଧ୍ୟକ୍ଷା ହିରା ବାଗ, ଜୁନାଗଡ ଆରଏମସି ଉପାଧ୍ୟକ୍ଷ ବିବେକ ମିଶ୍ର, ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ, ବିଜେଡି ମିଡିଆ ସଂଯୋଜକ ରାଜେନ୍ଦ୍ର କୁମାର ମୁନୀ, ଜିଲା ବିଜେଡି ସଭାନେତ୍ରୀ କଲ୍ୟାଣୀ ନାଏକ, ଜିଲା ସମ୍ପାଦକ ପ୍ରବୋଧ କୁମାର ରଥ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଯାଦବ ନାଏକ, ବ୍ଲକ ସଭାପତି ସଂକୀର୍ତ୍ତନ ଗୋପାଳ, ମଦନ ନାଏକ, ନଗର ସଭାପତି ଦିବ୍ୟସିଂ ମହାନ୍ତିଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀମାନେ ଯୋଗଦେଇଥିଲେ। ସରକାରଙ୍କ ସଫଳତାର କଥା ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ବିଜୁ ଜନତା ଦଳ ହେଉଛି ଜନତା ଓ ସରକାରଙ୍କ ମଧ୍ୟରେ ସମ୍ପର୍କର ଏକ ସେତୁ । ଆଜି ଓଡିଶାର କୋଟି କୋଟି ଜନସାଧାରଣଙ୍କ ଆଶିର୍ବାଦ ଯୋଗୁ ମୁଖ୍ୟମନ୍ତ୍ରୀ ୪ର୍ଥ ଥର ପାଇଁ ରାଜ୍ୟ ଭାର ସମ୍ଭାଳିଛନ୍ତି । ଆଗାମୀ ୨୦୧୯ ନିର୍ବାଚନରେ ମଧ୍ୟ ଓଡିଶା ଜନସାଧାରଣଙ୍କ ଆଶିର୍ବାଦ ସ୍ୱରୂପ ପୁଣି ୫ମ ଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହୋଇ ଦେଶରେ ଏକ ଇତିହାସ ସୃଷ୍ଟି କରିବେ। ଯାହାର ଶ୍ରେୟ ହେଉଛନ୍ତି ଓଡିଶାର ୪ କୋଟି ଜନତା ବୋଲି ବିଜେଡି ମୁଖପାତ୍ର ତଥା ଧର୍ମଗଡ ବିଧାୟକ ସିଂଦେଓ କହିଛନ୍ତି। କେନ୍ଦ୍ର ସରକାରଙ୍କ ସମସ୍ତ ପ୍ରତିବନ୍ଧକ ଓ ଅସହେଯାଗ ସତ୍ତ୍ୱେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ସର୍ବଦା ସଂକଳ୍ପବଧ ବୋଲି ପ୍ରକାଶ କରିଥିଲେ। କଳାହାଣ୍ଡିର ବିକାଶ ପାଇଁ ବିଜୁ ଜନତା ଦଳ ସର୍ବଦା ସଂକଳ୍ପ ବଧ ବୋଲି ସିଂଦେଓ କହିଛନ୍ତି । ଏହି ଅବସରରେ କେନ୍ଦ୍ର ସରକାର ବିଭିନ୍ନ ସମୟରେ ବିଭ୍ରାନ୍ତି ସୃଷ୍ଟି କରି ଓଡିଶାବାସୀଙ୍କ ପାଇଁ କୁମ୍ଭିର କାନ୍ଦଣା କାନ୍ଦୁଛି ବୋଲି ନେତାମାନେ ପ୍ରକାଶ କରିଥିଲେ ।

ଜୁନାଗଡ, (ଡି.ଏନ.ଏ.) : ଜୁନାଗଡରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଜୁନାଗଡ ଓ ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ଞ୍ଚାୟତର ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ଦଳୀୟ କର୍ମୀମାନେ ଜୁନାଗଡ ହାଇସ୍କୁଲ ପଡିଆରୁ ଶୋଭାଯାତ୍ରାରେ ସହର ପରିକ୍ରମା କରି ସ୍ଥାନୀୟ ସାପ୍ତାହିକ ବଜାର ନିକଟକୁ ଆସିଥିଲେ। ସେଠାରେ ଅନୁଷ୍ଠିତ ସଭାରେ ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା ଅଧକ୍ଷତା କରିଥିଲେ। ଏଥିରେ ଜୁନାଗଡ ବିଧାୟକ ମିଶ୍ରଙ୍କ ସହ ପୂର୍ବତନ ଏନଏସି ଅଧକ୍ଷ ମହେଶ ସାହୁ, ହିମାଂଶୁ ଶେଖର ବରାଡ, ଜତିନ୍ଦ୍ର କର, ପୀତାମ୍ବର ରଣା, ଇଂ ଦିନେଶ କୁମାର ରାଉତ, ବିଶ୍ୱ ରଞ୍ଜନ ନାଏକ, ପଙ୍କଜ ରାଉତ, ଗଣେଶ ନାଏକ, ବିରେନ୍ଦ୍ର ବେହେରୁ, ସୁରଥ ସାହୁ, ରଜନୀକାନ୍ତ ବୈଠାରୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦିନେଶ ବଗର୍ତ୍ତୀ, କାମାକ୍ଷ ପ୍ରସାଦ ପ୍ରଧାନୀ, ବେଣୁ ଦୀପ, ରତନ ଧଙ୍ଗଡାମାଝି, ଭିଷ୍ମ ଦୀପ, ବାପି ରାଉତ, ରିଷି କ୍ଷିତି, ରୋହିତ ସୁନାନୀ ପ୍ରମୁଖ ସହଯୋଗ କରିଥିଲେ।

ପଲମ, (ଡି.ଏନ.ଏ.): ମ.ରାମପୁର ବ୍ଲକ ଅଧୀନ ମୁଡିଙ୍ଗ ପଞ୍ଚାୟତସ୍ଥିତ ମସ୍କାଦାଣ୍ଡି ଗ୍ରାମର ଶାନ୍ତିବନଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରତିଷ୍ଠା ଦିବସରେ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର ସିଂଦେଓ, ନୀଳମଣୀ ସାହୁ, କିର୍ତ୍ତନ ସାହୁ, ରୋହିତ ଭୋଇ, କର୍ଲାମୁଣ୍ଡା ବ୍ଲକ ଅଧକ୍ଷା ଅମ୍ରିତା ସାହୁ ପ୍ରମୁଖ ଦଳୀୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ।

ଲାଞ୍ଜିଗଡ଼, (ଡି.ଏନ.ଏ.): ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ବିଶ୍ୱନାଥପୁରସ୍ଥିତ ଦୁର୍ଗାମଣ୍ଡପ ପଡିଆଠାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝି, ସମ୍ମାନିତ ଅତିଥି ଟିଡିସିସି ଅଧକ୍ଷ ଡମ୍ବରୁଧର ମାଝି, ପୂର୍ବତନ ଜିଲା ପରିଷଦ ଅଧକ୍ଷା ଶ୍ରୀମତୀ ମାଝି, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ହରିଶ୍ଚନ୍ଦ୍ର ବୁଢ଼ିଆ, ଜିଲା ଉପସଭାପତି ପ୍ରଦୀପ କୁମାର ମୁଣ୍ଡ, ମାଣିକ୍ୟଚନ୍ଦ୍ର ନାଏକ, ପବିତ୍ର ନାଏକ, ପ୍ରଭାକର ପଟ୍ଟନାୟକ, ଲାଞ୍ଜିଗଡ ବ୍ଲକ ଅଧକ୍ଷ ଇଂ ଫକୀରମୋହନ ମାଝି, ବ୍ଲକ ଉପାଧକ୍ଷା ତୁଳସୀ ନାଏକ, ଥୁ. ରାମପୁର ବ୍ଲକ ବିଜେଡି ସଭାପତି କପିଳାସ ନାଏକ, ଲାଞ୍ଜିଗଡ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ଟଙ୍କଧର ମାଝି, ପୂର୍ବତନ ଭବାନୀପାଟଣା ବ୍ଲକ ଅଧକ୍ଷ ପ୍ରେମରଞ୍ଜନ ପାଣିଗ୍ରାହୀ, ପୂର୍ବତନ ଜିଲା ପରିଷଦ ସଭ୍ୟା ସଞ୍ଜୁକ୍ତା ବିଶି, ଜୟପାଟଣା ସରପଞ୍ଚ ଦିଲୀପ କୁମାର ରାଉତ, ଶ୍ରୀଧର ପେସନିଆ, ପୂର୍ବତନ ବ୍ଲକ ଅଧକ୍ଷ ମନୋହର ହରପାଲ, କ୍ଷୀରାବ୍ଧୀ ସାହୁ, ଶ୍ରମିକ ନେତା ଚନ୍ଦ୍ରଧ୍ୱଜ ପେସନିଆଙ୍କ ସମେତ ଥୁଆମୂଳ ରାମପୁର, ଜୟପାଟଣା, ଲାଞ୍ଜିଗଡ ଓ ଭବାନୀପାଟଣା ବ୍ଲକର ଅନେକ ସରପଞ୍ଚ ଓ ସମିତିସଦସ୍ୟ ମଞ୍ଚାସୀନ ହୋଇଥିଲେ । ଲାଞ୍ଜିଗଡ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହକୁ ଗୋପାଳଦାସ ମହାନନ୍ଦ ପରିଚାଳନା କରିଥିଲେ। ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝି ଧନ୍ୟବାଦ ଅର୍ପଣ କରିଥିଲେ । ସମାରୋହରେ ଜୟପାଟଣା, ଥୁ. ରାମପୁର, ଲାଞ୍ଜିଗଡ଼ ଓ ଭବାନୀପାଟଣା ବ୍ଲକର ବିଭିନ୍ନ ପଞ୍ଚାୟତରୁ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ମହିଳା ଓ ପୁରୁଷ ଯୋଗଦେଇଥିଲେ । ଶେଷରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା

ସଂକ୍ଷେପରେ

୨୯ରେ ରାଜ୍ୟପାଳଙ୍କ ବଲାଙ୍ଗୀର ଗସ୍ତ

ବଲାଙ୍ଗୀର ଅଫିସ,୨୬।୧୨: ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୨୭ରୁ ୨୯ ପର୍ଯ୍ୟନ୍ତ ୩ଟି ଜିଲା ଗସ୍ତରେ ଆସିବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଗୁରୁବାର ଟ୍ରେନ୍ ଯୋଗେ ବଡମାଳ ଷ୍ଟେସନ୍‌ରେ ପହଞ୍ଚିବେ। ସେଠାରୁ ବଡମାଳ ଗୋଳାବାରୁଦ କାରଖାନା ଡାକବଙ୍ଗଳାକୁ ଯିବେ। ଏହାପରେ କଳାହାଣ୍ଡି ଜିଲା ଅଭିମୁଖେ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ପୁଣି ରାତିରେ ବଡମାଳ ଫେରିବେ। ୨୮ ତାରିଖ ସକାଳୁ ନୂଆପଡା ଜିଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରି ସନ୍ଧ୍ୟାରେ ବଡମାଳ ଫେରିଆସିବେ। ୨୯ ତାରିଖ ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ବୁଢାବାହାଲ ଗ୍ରାମ ପଞ୍ଚାୟତ ପରିଦର୍ଶନ ଓ ହିତାଧିକାରୀଙ୍କ ସହ ଆଲୋଚନା, ବଲାଙ୍ଗୀର ସର୍କିଟ୍ ହାଉସରୁ ପୃଥ୍ୱୀରାଜ ଗୋଶାଳା ପରିଦର୍ଶନ, ଜିଲା ସ୍ତରୀୟ ବୈଠକରେ ଯୋଗଦାନ, କୁଷ୍ଠ କଲୋନୀ ପରିଦର୍ଶନ ଓ ମାରୱାଡି ସେବା ଭବନ ପରିଦର୍ଶନ କାର୍ଯ୍ୟକ୍ରମ ରହିଛି। ଏହାପରେ ରାତିରେ ସେ ଭୁବନେଶ୍ୱର ଅଭିମୁଖେ ଫେରିବା କାର୍ଯ୍ୟକ୍ରମ ରହିଛି।

ବଜରଙ୍ଗବଲି ନକ୍‌ଆଉଟ ଫୁଟବଲ: ଡୁରୁମ୍‌କୁ ଟାଇଟଲ

ସଂଘିଯୁବା,୨୬।୧୨(ଡି.ଏନ୍.ଏ.)
ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ନିଆଁଖାଇନାଲି ଖେଳ ପଡିଆରେ ବଜରଙ୍ଗବଲି ଫୁଟବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଦ୍ୱିତୀୟ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ସେମିଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ତେଲିପାଲି ଓ ବଲିଚକ୍ରା ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବଲିଚକ୍ରାକୁ ୫-୦ଗୋଲରେ ପରାସ୍ତ କରି ତେଲିପାଲି ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ କୁମ୍ଭାରି ଦଳକୁ ପରାସ୍ତ କରି ଡୁରୁମ୍ ଦଳ ଫାଇନାଲରେ ପ୍ରବେଶ କରିଥିଲା। ଡୁରୁମ୍ ଓ ତେଲିପାଲି ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ୨-୧ ଗୋଲରେ ତେଲିପାଲିକୁ ପରାସ୍ତ କରି ଡୁରୁମ୍ ଦଳ ଚାମ୍ପିୟନ ହୋଇଥିଲା। ନରସିଂହ ସେଠୀ, ଆନନ୍ଦ ଭୁଏ ଓ ବାବୁଲାଲ ସାହୁ ରେଫରି ଦାୟିତ୍ୱ ତୁଲାଇଥିଲେ। ଶିକ୍ଷକ ପରମାନନ୍ଦ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ବିଶ୍ୱଦେବ ବଡପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ରାମନାରାୟଣ ବଡପଣ୍ଡା, ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ର, ଶଙ୍କର ଭୁଏ, ବିଶ୍ୱନାଥ ବଡପଣ୍ଡା, ଚନ୍ଦ୍ର ବଡପଣ୍ଡା,ଦେବରାଜ ଗଡତିଆ, ନବୀନ ବଡପଣ୍ଡା, ସୁଧାଂଶୁ ଶେଖର ବଡପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଜେତା, ଉପବିଜେତା ତଥା ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ବୀର ବଜରଙ୍ଗବଲି ଫୁଟବଲ ଆସୋସିଏଶନର ନବୀନ ପଧାନ ଓ ଜଗଦୀଶ ଭୁଏ ଓ ସଭ୍ୟମାନେ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

ଖୋଲା ଆକାଶ ତଳେ ପଡ଼ିଛି ଶହଶହ ବସ୍ତା ଧାନ

ଖପ୍ରାଖୋଲ, ୨୬।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା କୃଷି ସମବାୟ ସମିତି ମଣ୍ଡିରେ ସୋମବାର, ମଙ୍ଗଳବାର, ବୁଧବାର ଧାନ ବିକ୍ରି ପାଇଁ ଦିନ ଧାର୍ଯ୍ୟ ହୋଇଛି। ଚାଷୀମାନେ ଟୋକନ ପାଇ ମଣ୍ଡିରେ ଧାନ ପକାଇଛନ୍ତି। ଏହି ମଣ୍ଡିରୁ ଧାନ କିଣିବାକୁ ପାହାଡି ମାତା ଧାନ ମିଲର ଦାୟିତ୍ୱରେ ରହିଛି । ହେଲେ ଏହି ସପ୍ତାହରେ ୪ ହଜାର ୫ ଶହ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟାର୍ଗେଟ ଥିବାବେଳେ ସୋମବାର ମଙ୍ଗଳବାର ୨ ଦିନରେ ମାତ୍ର ୫ ଶହ ୬୦କୁଇଣ୍ଟାଲ ଧାନ ବିକ୍ରି ହୋଇଥିବା ଜଣାଯାଇଛି । ବୁଧବାର ଚାଷୀମାନେ ଦିନ ସାରା ଅପେକ୍ଷା କରିଥିଲେ ବି ମିଲରଙ୍କ ଦେଖା ମିଳି ନ ଥିଲା । ଯାହାକୁ ନେଇ ମଣ୍ଡିରେ ଅସନ୍ତୋଷ ପ୍ରକାଶ ପାଇଥିଲା । ସନ୍ଧ୍ୟା ୫ଟାରେ ଟ୍ରକ୍ ଆସିଥିଲେ ବି ମିଲରଙ୍କ ଏଜେଣ୍ଟର ଦେଖା ନ ଥିଲା । ଯାହା ଫଳରେ ପ୍ୟାକ୍ସ କର୍ତ୍ତୃପକ୍ଷ ଏବଂ ଚାଷୀମାନେ ସନ୍ଧ୍ୟାରେ ଅସନ୍ତୋଷ ପ୍ରକାଶ କରି ଫେରିଯାଇଥିଲେ । କୃଷି ସମବାୟ ସମିତିରେ ସମିତିର ସଭାପତି ଦେବକାନ୍ତ ପାଣିଗ୍ରାହୀ, ସମ୍ପାଦକ ରାମକୃଷ୍ଣ ସାହୁ ଦିନ ସାରା ଉପସ୍ଥିତ ଥିଲେ । ଧାନ ବିକ୍ରି ସମସ୍ୟା ସମାଧାନ ପାଇଁ ଟୋକନ ପାଇଥିବା ଚାଷୀ କଲ୍ୟାଣ ପଟେଲ, ଉମେଶ ଗୁପ୍ତା, ଗଣପତି ଭୋଇ, ଚୈତନ୍ୟ ବାଗ, ଗଣେଶ ପଧାନ, ତାପସ ତ୍ରିପାଠୀ, ସୁରେନ୍ଦ୍ର ସାହୁ ପ୍ରମୁଖ ଚାଷୀ ଦାବି କରିଛନ୍ତି। ଏ ନେଇ ଖପ୍ରାଖୋଲ ବ୍ଲକ ଯୋଗାଣ ନିରୀକ୍ଷକ ରାଜରାମ ହୋତାଙ୍କୁ ପଚାରିବାରୁ ମିଲରଙ୍କ ଟ୍ରକ୍ ସନ୍ଧ୍ୟାରେ ଯିବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୁରୁବାର ମଣ୍ଡିକୁ ଯାଇ ଚାଷୀଙ୍କ ଧାନ ବିକ୍ରି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

ଧାନ ଉଠି ନ ଥିବାରୁ ଧଣ୍ଡାମୁଣ୍ଡା କୃଷି ସମବାୟ ସମିତି ମଣ୍ଡିରେ ଅସନ୍ତୁଷ୍ଟ ଚାଷୀ।

ମିଲରଙ୍କ ଦେଖା ନାହିଁ, ଚାଷୀ ଅସନ୍ତୋଷ

ଉଲୁଣ୍ଡା ଧନୁଯାତ୍ରା: କଂସଙ୍କ ସିଂହାସନ ଆରୋହଣ

ଉଲୁଣ୍ଡା, ୨୬।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାଠାରେ ଚାଲିଥିବା ଦ୍ୱାଦଶତମ ଧନୁଯାତ୍ରା ମହୋତ୍ସବର ତୃତୀୟ ରଜନୀରେ ପୌରାଣିକ କଥାବସ୍ତୁକୁ ନାଟ୍ୟାଭିନୟ ଅଭିନୀତ ହୋଇଥିଲା। ରାଜା ଉଗ୍ରସେନଙ୍କ ଦରବାର, ଦେବକୀ-ବସୁଦେବଙ୍କ ବିବାହ, କଂସଙ୍କୁ ଶୂନ୍ୟବାଣୀ, ପିତା ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସଙ୍କ ସିଂହାସନ ଆରୋହଣ ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ସୁଶୀଲ କୁମାର ମେହେର କଂସ, ସୁଶୀଲ ନାଏକ ମନ୍ତ୍ରୀ, ଶ୍ୟାମସୁନ୍ଦର ପୋଢ ଉଗ୍ରସେନ ଭୂମିକାରେ ଅଭିନୟ ବେଶ ଆକର୍ଷଣୀୟ ହେଉଛି। ଅନ୍ୟପକ୍ଷରେ ଗୋପପୁର(ଗଣ୍ଡାବାହାଲ)ରେ ଡଭଲା ଗ୍ରାମର ବନ୍ଦିତା ନାୟକ ସଙ୍ଗୀତମୟ ସୁନ୍ଦରାକାଣ୍ଡ ପାରାୟଣ କରିବା ସହ ହରିବଂଶ ପାଠ ଦର୍ଶକ ଉପଭୋଗ କରିଥିଲେ।

ସଭା, ଶୋଭାଯାତ୍ରାରେ ପ୍ରତିଷ୍ଠା ଦିବସ ପାଳିତ

ଟିଟିଲାଗଡ଼, ୨୬।୧୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଧାୟିକା ଟୁକୁନୀ ସାହୁଙ୍କ ନେତୃତ୍ୱରେ ବିଶାଳ ଶୋଭାଯାତ୍ରା ଓ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାଠାରୁ ଦଳୀୟ କର୍ମୀ ଓ ନେତା ବାହାରି ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଟିଟିଲାଗଡ ବିଧାନସଭା ନିର୍ବାଚନ ମଣ୍ଡଳି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ଏମପି ପ୍ରତିନିଧି ସୁରେନ୍ଦ୍ର ସାହୁ, ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ଉପାଧ୍ୟକ୍ଷା ଅଞ୍ଜନା ବର୍ମା, ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ତୁଷୁରା ଏନଏସି ଅଧ୍ୟକ୍ଷା ଭାଗ୍ୟଶ୍ରୀ ନାଗ, ବରିଷ୍ଠ ନେତା ପ୍ରେମ ଜୈନ, ସର୍ବେଶ୍ୱର ମହାପାତ୍ର, ଦିଲୀପ ବାଗ, ରୁଟୁ ବାଗ, ରଣଜିତ ପୃଷ୍ଟି, ବିଧାୟିକାଙ୍କ ପ୍ରତିନିଧି ଅରୁଣ ମିଶ୍ର, ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଡାଙ୍ଗ, ହିମାଞ୍ଚଳ ବୁଡେକ, ଜିଲା ପରିଷଦ ସଭ୍ୟ ଶଙ୍କର ଛୁରା, ବନିତା ବେହେରା, ସୁଜିତ ଡାଙ୍ଗ, ଛାତ୍ର ନେତା ଆଲୋକ ବୁଡେକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ସ୍ଥାନୀୟ ଏସସିଡି ସେଣ୍ଟରଠାରେ ଦଳର ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟିକା ସାହୁ ରାଜ୍ୟର ନବୀନ ପଟ୍ଟନାୟକଙ୍କ ସରକାରର ବିଭିନ୍ନ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଏଥି ସହିତ ଟିଟିଲାଗଡରେ ୭ ମେଗା ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ, ପ୍ରାୟ ୧୦୦ କୋଟି ଟଙ୍କାରେ ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ, ରେଲବାଇ ଓଭର ବ୍ରିଜ ଏବଂ ଅଣ୍ଡର ବ୍ରିଜ ନିର୍ମାଣ ପାଇଁ ପ୍ରାୟ ୮୦ କୋଟି ଟଙ୍କା ପ୍ରଦାନ ଆଦି ଅନେକ ଯୋଜନା କାର୍ଯ୍ୟକାରୀ ହୋଇଥିବା ସେ କହିଛନ୍ତି।

ବିଧାୟିକା ଟୁକୁନୀ ସାହୁଙ୍କ ନେତୃତ୍ୱରେ ବାହାରିଥିବା ଶୋଭାଯାତ୍ରା।

କଂଗ୍ରେସ ଜିଲା କାର୍ଯ୍ୟକାରିଣୀ ବୈଠକ, ମିଶ୍ରଣ ପର୍ବ

ବଲାଙ୍ଗୀର ଅଫିସ, ୨୬।୧୨

- ଭାଜପା ନେତା ଅଜୟ ବାଲି, ବିଜେଡି ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କୈଲାସ ତାଣ୍ଡି କଂଗ୍ରେସରେ ମିଶିଲେ
- ଜାନୁୟାରୀ ୬ରେ କଂଗ୍ରେସ ପକ୍ଷରୁ ଚାଷୀ ସମାବେଶ

ବଲାଙ୍ଗୀର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ବୁଧବାର ମିଶ୍ରଣ ପର୍ବ ସହ ଜିଲା ତଥା ବ୍ଲକସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଦେଓଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବିଜେଡି ନେତା କୈଲାସ ତାଣ୍ଡି ଓ ଭାଜପା ଦଳରୁ ଇସ୍ତଫା ଦେଇଥିବା ଯୁବନେତା ଅଜୟ ବାଲି ସେମାନଙ୍କ ଶତାଧିକ ସମର୍ଥକଙ୍କ ସହ କଂଗ୍ରେସ ଦଳରେ ଯୋଗଦେଇଥିଲେ । କଂଗ୍ରେସ ଦଳର ଆଦର୍ଶ, ବିଧାୟକ ମିଶ୍ରଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଭାଜପା ଛାଡି କଂଗ୍ରେସ ଦଳରେ ଯୋଗ ଦେଇଥିବା ଯୁବନେତା ବାଲି ଓ ଦେଓଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତାଣ୍ଡି କହିଥିଲେ । ବୈଠକରେ ଜାନୁୟାରୀ ୬ ତାରିଖ ଚାଷୀଙ୍କ ପାଇଁ କୃଷିରଣ ଛାଡ଼, ପେନସନ୍, ବେକାର ଯୁବକମାନଙ୍କୁ ନିଯୁକ୍ତି ଦାବି ନେଇ ସ୍ଥାନୀୟ କୋଶଲ କଳାମଣ୍ଡଳ ପଡିଆରେ ଏହି ଚାଷୀ ସମାବେଶ ଅନୁଷ୍ଠିତ ହେବ ବୋଲି ଜିଲା କଂଗ୍ରେସ ସଭାପତି ବେହେରା ଘୋଷଣା କରିଥିଲେ। ଚାଷୀ ସମାବେଶର ରୂପରେଖ ଓ କଂଗ୍ରେସର ବଳିଷ୍ଠ ନେତୃତ୍ୱ ଉପରେ ପିସିସି ବରିଷ୍ଠ ମୁଖପାତ୍ର ସମରେନ୍ଦ୍ର ମିଶ୍ର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ସାଧାରଣ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ଚାଷୀନେତା ଡା ସୁଧୀର କୁମାର ପରିଛା, ଯତୀ ପଧାନ ଚାଷୀ ଆନ୍ଦୋଳନକୁ ନେଇ ବକ୍ତବ୍ୟ ରଖିଥିଲେ। ଶେଷରେ ବିଧାୟକ ତଥା ବିରୋଧୀଦଳ ନେତା ମିଶ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ଓ ଯୁବକ ବିରୋଧୀ ନୀତିକୁ କଡା ସମାଲୋଚନା କରିଥିଲେ। କୃଷକଙ୍କୁ ଠକିଥିବା ବୀମା କମ୍ପାନୀ ଅଧିକାରୀଙ୍କୁ ଗିରଫ କରିବାକୁ ଗତ ଜିଲା ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହୋଇଥିଲେ ମଧ୍ୟ କାହାରିକୁ ଗିରଫ କରାଯାଇ ନ ଥିବାରୁ ବିଧାୟକ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ମହିଳା ସଭାନେତ୍ରୀ ରେଣୁକା ପାତ୍ର, ପିସିସି ସମ୍ପାଦକ ଶୁଭ୍ରାଂଶୁ ଦାଶ, ଏସ୍‌ସି ସେଲ ଜିଲା ସଭାପତି ତ୍ରିଲୋଚନ ନନ୍ଦ, ଯୁବ ସଭାପତି ପ୍ରେମ ପ୍ରକାଶ ମିଶ୍ର, ପିସିସି ସମ୍ପାଦକ ମୁକେଶ ଜୈନ, ଜିଲା କଂଗ୍ରେସ ସେବାଦଳ ମୁଖ୍ୟ ଅସିତ ମିଶ୍ର, ଉପସଭାପତି ସନ୍ତକ ବହିଦାର, ଅଭିନାଶ ପ୍ରସାଦ ସାଏ, ସଞ୍ଜୟ ମିଶ୍ର ଉପସ୍ଥିତ ଥିଲେ । ଜିଲା କଂଗ୍ରେସ ମୁଖପାତ୍ର ସାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ ।

କାର୍ଯ୍ୟକ୍ରମରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସହ ଦଳୀୟ ନେତୃବର୍ଗ।

ସୁବର୍ଣ୍ଣପୁରରେ ବ୍ୟାଙ୍କ ଧର୍ମଘଟ

ସୋନପୁର,୨୬।୧୨(ନି.ପ୍ର.)

ବ୍ୟାଙ୍କ ଅଫ୍ ବରୋଦା, ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କର ମିଶ୍ରଣକୁ ବିରୋଧ କରି ବୁଧବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୟୁନିୟନଗୁଡିକ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆ ଯାଇଥିଲା। ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ୍ସର ଆହ୍ୱାନ କ୍ରମେ ସୁବର୍ଣ୍ଣପୁର ଜିଲାରେ ଅଲଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନ୍‌ଫେଡେରେଶନ, ଅଲ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୟିଜ୍ ଆସୋସିଏଶନ, ନ୍ୟାଶନାଲ କନଫେଡେରଶନ ଅଫ ବ୍ୟାଙ୍କ ଏମ୍ପ୍ଲଇଜ୍ ଏବଂ ନ୍ୟାଶନାଲ ଅର୍ଗାନାଇଜେଶନ ଅଫ ବ୍ୟାଙ୍କ ୱାର୍କରସ୍‌ର ଅଧିକାରୀ ଓ କର୍ମଚାରୀ ଏହି ଧର୍ମଘଟରେ ସାମିଲ ହୋଇଥିଲେ।

ବିଜେଡି ପ୍ରତିଷ୍ଠା ଦିବସ ଅବସରରେ କଣ୍ଟାବାଞ୍ଜିରେ ବିଧାୟକ ହାଜି ମହମ୍ମଦ ଆୟୁବ ଖାନ୍ ବାଇକ ରାଲିରେ ଯାଉଛନ୍ତି।
(ଫଟୋ-ଗୁରୁଦୟାଲ ହଂସ)

ଲୁଡୁରପଙ୍କ କ୍ରିକେଟ: ରାଉରକେଲା ସେମିରେ

ଅମରପାଲି, ୨୬।୧୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ୨୩ତମ ସର୍ବଭାରତୀୟ ଜୟଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍‌ର ପୁଲ-'ବି' ର ପ୍ରଥମ ମ୍ୟାଚରେ ଆରସିସି କଟକକୁ ହରାଇ ଆରୱାଇସିସି ରାଉରକେଲା ସେମିଫାଇନାଲରେ ପ୍ରବେଶ କରିଛି । ଟସ୍ ଜିଣି କଟକ ଦଳ ପ୍ରଥମେ ଖେଳାଯାଇଥିବା ଟି-୨୦ ମ୍ୟାଚରେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୯ଉଇକେଟ ହରାଇ ୧୩୭ ରନ କରିଥିଲା। ଦଳ ପକ୍ଷରୁ ତୃପ୍ତିରଞ୍ଜନ ସ୍ୱାଇଁ ୩୫ ଓ ବିକାଶ ବାନାର୍ଜି ୨୦ରନ କରିଥିଲେ। ବିପକ୍ଷ ରାଉରକେଲାର ରାଜୀନ ନାଏକ ୩ଟି ଏବଂ ଅମିତ ଦାସ ଓ ଦେବୀ ପୃଷ୍ଟି ୨ଟି ଲେଖାଏ ଉଇକେଟ ନେଇଥିଲେ। ଯବାବରେ ରାଉରକେଲା ଦଳ ଆବଶ୍ୟକ ୧୩୮ ରନକୁ ୧୬ ଓଭରରେ ୩ଟି ଉଇକେଟ ହରାଇ ସଂଗ୍ରହ କରିଥିଲା। ଦଳର ଅଙ୍କିତ ସିଂ ୩୬ ବଲରୁ ଅପରାଜିତ ୫୦ରନ ଓ ବାସୁଦେବ ବେହେରା ୪୦ରନ କରିଥିଲେ। ବିପକ୍ଷ କଟକର ବ୍ରଜକିଶୋର ବେହେରା ଓ ଧନଞ୍ଜୟ ବାରିକ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

ପରେ ଖେଳାଯାଇଥିବା ଟି-୧୦ମ୍ୟାଚରେ କଟକ ନିର୍ଦ୍ଧାରିତ ୧୦ ଓଭରରେ ୯ଉଇକେଟ ହରାଇ ୬୨ରନ କରିଥିଲା। ଦଳର ବେଣୁଧର ୧୨ରନ କରିଥିବା ବେଳେ ବିପକ୍ଷ ଅମିତ ଦାସ ୪ଟି ଉଇକେଟ ନେଇଥିଲେ। ଯବାବରେ ରାଉରକେଲା ୭.୪ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ୬୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ୨-୦ରେ ରାଉରକେଲା ସେମିଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟଅତିଥି ଏବଂ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା କୋଷାଧ୍ୟକ୍ଷ ରଘୁବୀର ପାଣିଗ୍ରାହୀ, କମିରା ସରପଞ୍ଚ ଶ୍ରୀକୃଷ୍ଣ ପଧାନ, ବୀରମହାରାଜପୁର ଆମ୍ବେଦକର ସେବା ସଂଘର ସଭାପତି ତଥା ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଆଶ୍ରୟ ମହାନନ୍ଦ ଓ ବିନିକା ଏସଇଓ ଅଶ୍ୱିନୀ ପାଣ୍ଡେ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ ।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି

ପଣ୍ଡରା ସମାଜ, ମହିଳା ଏକତା ମଞ୍ଚ ପକ୍ଷରୁ ଧାରଣା

କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ସଦସ୍ୟମାନେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନକୁ ସମର୍ଥନ ଘୋଷଣା କରୁଛନ୍ତି (ବାମ)। ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ପଣ୍ଡରା ସମାଜ, ମହିଳା ଏକତା ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି ।

ବଲାଙ୍ଗୀର ଅଫିସ,୨୬।୧୨

କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ପକ୍ଷରୁ ସମର୍ଥନ ଘୋଷଣା

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବିକୁ ନେଇ ଚାଲିଥିବା ଆନ୍ଦୋଳନ ବୁଧବାର ୨୪ ଦିନରେ ପହଞ୍ଚିଥିଲା । ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘ ପକ୍ଷରୁ ଦିଆଯାଇଥିବା ଅର୍ଥନୈତିକ ଅବରୋଧ ଆନ୍ଦୋଳନ ଅବସରରେ ବୁଧବାର ପଣ୍ଡରା ସମାଜ, ସଦାଇପାଲି ମହିଳା ଏକତା ମଞ୍ଚ ଓ କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ପକ୍ଷରୁ ସମର୍ଥନ ଘୋଷଣା କରାଯାଇଥିଲା । ପଣ୍ଡରା ସମାଜ ସଭାପତି ରସରାଜ ସାହାଙ୍କ ନେତୃତ୍ୱରେ ବହୁ ସଦସ୍ୟ ଏଠାରେ ଯୋଗଦାନ କରି ଧାରଣା ଦେଇଥିଲେ । ମୀନା ସାଏଙ୍କ ନେତୃତ୍ୱରେ ସଦାଇପାଲି ମହିଳା ଏକତା ମଞ୍ଚର ଶତାଧିକ ମହିଳା ସଦସ୍ୟା ଯୋଗଦାନ କରି ଧାରଣା ଦେଇଥିଲେ । ଅପରାହ୍ଣରେ କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲ, ସମ୍ପାଦକ ଦୁଃଖିଶ୍ୟାମ ଗୁରୁଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ଧାରଣା ସ୍ଥଳକୁ ଆସି ବଲାଙ୍ଗୀରରେ ହାଇକୋର୍ଟ ପୁନଃସ୍ଥାପନ ଦାବିକୁ ସମର୍ଥନ ଘୋଷଣା କରିଥିଲେ । ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକ ଓ ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତି ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ସମ୍ପାଦକ ଅମନ ନାଗ, ନାଗରିକ କମିଟି ସଭାପତି ଭବାନୀ ଶତପଥି, ଆଡଭୋକେଟ୍ ସରୋଜ ଗୁପ୍ତା, ଦେବେନ୍ଦ୍ର ପାଣିଗ୍ରାହୀ, ଓଡିଆ ଖଣ୍ଡାୟତ ପାଇକ କ୍ଷେତ୍ରୀୟ ମହାସମାଜ ଅଶୋକ ରାଉତ୍ ଓ ରାଜୁ ନାଏକ, ସତ୍ୟ ନାଏକ, ନନ୍ଦ କୁମାର ଚାନ୍ଦ ଓ ଅନ୍ୟମାନେ ବକ୍ତବ୍ୟ ଦେଇଥିଲେ। ସନ୍ଧ୍ୟାରେ ତହସିଲ ଅଫିସ ପରିସର ଓକିଲ ସଂଘ କାର୍ଯ୍ୟାଳୟରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଗୁରୁତ୍ୱପୂର୍ଣ୍ଣ ସଭା ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୯ ତାରିଖ ଦିନ ରାଜ୍ୟପାଳଙ୍କ ବଲାଙ୍ଗୀର ଗସ୍ତ ଅବସରରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସାକ୍ଷାତ କରିବେ ବୋଲି କହିଥିଲେ । ଆସନ୍ତା ୨୯ ତାରିଖ ଦିନ ଆନ୍ଦୋଳନର ଆଗାମୀ ରୂପରେଖ ପ୍ରସ୍ତୁତ କରାଯିବ ବୋଲି ସଭାପତି ନାୟକ କହିଥିଲେ । ସଭାରେ ଭାଜପା ନେତା ବାସୁଦେବ ପତି, ପ୍ରଭାକର ମିଶ୍ର, ବିନୋଦ କାଳସାଏ, ବିବେକା ପଟେଲ, ପ୍ରତାପ ରଥ, ରିଲୁ ରଥ, ତ୍ରିପୁରାରୀ ପାଣିଗ୍ରାହୀ, ଅଙ୍କୁଶ ପାଣ୍ଡିଆ, ଅରବିନ୍ଦାକ୍ଷ ପୂଜାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

ସଂକ୍ଷେପରେ

ବାଜପେୟୀ ଜୟନ୍ତୀ ପାଳିତ

ପଲମ,୨୬।୧୨(ଡି.ଏନ.ଏ.)- କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ସରିଆଁ ପଞ୍ଚାୟତସ୍ଥିତ ଚିଆଁପଦର ଏବିସି ଛକଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳନ କରାଯାଇଛି । ଭଲିବଲ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏଥିରେ ସରଆଁ, ଚିଆଁପଦର, ବୁଢ଼ିପଦର, ବଲବସପୁର, ରାକ୍ସି, ଧାରପୁର, ଗାଡେବନ୍ଧ ଓ ଘଣ୍ଟମାଳ ଦଳ ଭାଗ ନେଇଥିଲେ । ବରିଷ୍ଠ କ୍ରୀଡା ଶିକ୍ଷକ ଉମାକାନ୍ତ ଭୋଇ ଓ ପ୍ରଜ୍ଞାନନ୍ଦ ନାଏକ ଖେଳ ପରିଚାଳନା କରିଥିଲେ । ସ୍ୱାଧୀନ କୁମାର ଭୋଇ ଧାର ବିବରଣୀ ପରିଚାଳନା କରିଥିବା ବେଳେ ସରିଆଁ ମଣ୍ଡଳର ସଞ୍ଜୟ ମାଝି, ରୁଦ୍ରାକ୍ଷ ସାହୁ ପ୍ରମୁଖ ସହଯୋଗ କରିଥିଲେ । ସରିଆଁ ମଣ୍ଡଳର ଭାଜପା ସଭାପତି ସୁରେଶ ଚନ୍ଦ୍ର ଭୋଇ, ବରିଷ୍ଠ ନେତା କେଦାରନାଥ ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଭବ୍ୟ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ । ରାଜ୍ୟ କାରିଣୀ ସଦସ୍ୟ ଆର୍ତ୍ତତ୍ରାଣ ମହାପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଅନିରୁଦ୍ଧ ପଧାନ, ନର୍ଲା ଜୋନ ୩ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ନାଏକ, ଜୋନ ୨ ଜିଲା ପରିଷଦ ସଦସ୍ୟା ରୀନା ଭୋଇ, ସରିଆଁ ସମିତି ସଭ୍ୟା ନନ୍ଦିନୀ ଭୋଇ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ନୀତି ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ ।

ଫୁଟବଲ ଟୁର୍ନାମେଣ୍ଟ : ଦାସିଗାଁ ଚାମ୍ପିୟନ

ମଣ୍ଡଳ,୨୬।୧୨(ଡି.ଏନ.ଏ.)

ଫାଇନାଲ ମ୍ୟାଚ୍ ଅବସରରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

କଳାହାଣ୍ଡି ଜିଲା କଲମପୁର ବ୍ଲକ ମିନଗୁର ପଞ୍ଚାୟତ କର୍ମେଲ ଡଙ୍ଗରିଗୁଡା ଚକାଡୋଲା ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଚାଲିଥିବା ୨୧ତମ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୩୨ଟି ଦଳ ଭାଗ ନେଇଥିଲେ । ଟୁର୍ନାମେଣ୍ଟର ଶେଷ ଦିନରେ ପ୍ରଥମ ସେମିଫାଇନାଲ ଖେଳ ଜୟପାଟଣା ବ୍ଲକ ବାଏଲ୍‌ଜୋର ଏବଂ ଜୁନାଗଡ ବ୍ଲକ ଖୁରସେଲଗୁଡା ମଧ୍ୟରେ ହୋଇଥିଲା । ପେନାଲଟିକ୍ ସ୍କୋରରେ ୧-୦ ଗୋଲରେ ବିଜୟୀ ହୋଇ ବାଏଲଜୋର ଫାଇନାଲକୁ ପ୍ରବେଶ କରିଥିଲେ । ଦ୍ୱିତୀୟ ସେମିଫାଇନାଲ ଖେଳ ଦାସିଗାଁ ଏବଂ ବରଛି ମଧ ଅନୁଷ୍ଠିତ ହୋଇଥିଲା। ଏଥିରେ ଦାସିଗାଁ ଦଳ ବରଛିକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲକୁ ଉତିର୍ଣ୍ଣ ହୋଇଥିଲା। ଫାଇନାଲ ଖେଳ ଦାସିଗାଁ ଏବଂ ବାଏଲଜୋର ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା । ଦାସିଗାଁ ଦଳ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ଚାମ୍ପିୟାନ ଦଳକୁ ୧୦ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ରନର୍ସ ଦଳକୁ ୭ ହଜାର ଟଙ୍କା ସହ ରନର୍ସଅପ୍ କପ୍ ପ୍ରଦାନ କରାଯାଇଥିଲା । ବେଷ୍ଟ ଗୋଲକିପର ଭାବରେ ରୋହିତ ଜୁଏଡ ଏବଂ ବେଷ୍ଟ ସ୍କୋର ଭାବେ ବିରେନ ଦଣ୍ଡସେନାଙ୍କୁ ପ୍ରଦାନ କରାଯାଇଥିଲା। ଫାଇନାଲ ଖେଳକୁ ତାପସ ଦାସ ପରିଚାଳନା କରିଥିବା ବେଳେ ଲାଇନ୍ସ ମ୍ୟାନ ଭାବରେ ଜନ୍ମେ ବାଗ ଏବଂ କ୍ଷୀରୋଦ ମାଝି କାର୍ଯ୍ୟ ତୁଲାଇଥିଲେ । କାର୍ତ୍ତିକ ମାଝି ଧାରାବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଆୟୋଜିତ ସଭାରେ ମୁଖ୍ୟଅତିଥି ବରିଷ୍ଠ ବିଜେଡି ନେତା ତଥା ସାମାଜିକ କର୍ମୀ ଜନାର୍ଦ୍ଦନ ପଣ୍ଡା, ମୁଖ୍ୟବକ୍ତା ଶିକ୍ଷାବିତ ଗୋପାଳ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ କୋକସରା ବ୍ଲକ ପୂର୍ବତନ ଚେୟାରମ୍ୟାନ କିଶୋର ନାଏକ, ପୂର୍ବତନ ବାଣ୍ଡିଗାଁ ସରପଞ୍ଚ ଧନଞ୍ଜୟ ବେହେରା, ମିନଗୁର ପଞ୍ଚାୟତ ପିଇଓ ଗଜାନନ ନାଏକ, ରାମଚନ୍ଦ୍ର ରଣା, ରାମକୃଷ୍ଣ ମାଝି, ଶରତ ଚନ୍ଦ୍ର ପଣ୍ଡା, ବଂଶିଧର ନାଗ, ପରମେଶ୍ୱର ପତି, ଗଣେଷ ନାଗ, ଅକ୍ଷୟ ଦୁର୍ଗା ପ୍ରମୁଖ ମଞ୍ଚାସୀନ ଥିଲେ। ଚକାଡୋଲା ସାଂସ୍କୃତିକ ଅନୁଷ୍ଠାନର ସୁରେଶ ମାଝି, ଅମିତ ସୁନାନୀ, ଅର୍ଜ୍ଜୁନ ଦୁର୍ଗା, ଉପେନ୍ଦ୍ର ବାଗ, ଶ୍ରୀମୁଖ ନାଗ ଏବଂ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ । ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଲାଗି ଖାଇବା ଲୋକ ମାଗି ଖାଏ ନାହିଁ
ମାଗିଖିଆ ଲାଗି ଖାଏ ନାହିଁ।

ଯିଏ କାମଦାମ କରି ନିଜ ପେଟ ପୋଷୁଥାଏ ସେ ପର ଆଗରେ ହାତପାତିବାକୁ ସଙ୍କୋଚ କରିଥାଏ । ସେହିପରି ଯିଏ ଭିକମାଗି ପେଟ ପୋଷେ ସେ କେବେ କଷ୍ଟ କରି କାମ କରିବାକୁ ଇଚ୍ଛା ପ୍ରକାଶ କରି ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଲେଙ୍ଗୁଟି ପିନ୍ଧାକୁ ପାଗ ପଟୁକା
ଗୋଲାମକୁ ବଡ଼ପଣ
ମାଗିଖିଆକୁ ତଟୁ ଘୋଡ଼ା
ଏ ବଡ଼ ବିଡ଼ମ୍ୱଣ ।

ଲଜ୍ଜା ନିବାରଣ ପାଇଁ ବସ୍ତ୍ରର ଆବଶ୍ୟକତା ପଡ଼ିଥାଏ । ଲଜ୍ଜା ନିବାରଣ ପାଇଁ ଆବଶ୍ୟକ ପଡୁଥିବା ସ୍ୱଳ୍ପ ବସ୍ତ୍ର ହିଁ ଯାହାର କାମ୍ୟ ତା' ପାଇଁ ଦାମୀ ବସ୍ତ୍ରର ପ୍ରୟୋଜନତା ସେତେ ଗୁରୁତ୍ୱ ରଖି ନ ଥାଏ । ଚାକର ଶ୍ରେଣୀୟ ବ୍ୟକ୍ତିପକ୍ଷେ ବଡ଼ ପଦ ପଦବୀର ଦାୟିତ୍ୱ ସମ୍ଭାଳିବା କଷ୍ଟକର ହୋଇଥାଏ । ତଟୁଘୋଡ଼ା ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଲୋଡ଼ିଥାଏ । ଯିଏ ପର ଆଗରେ ହାତପାତି ନିଜ ଗୁଜୁରାଣ ମେଣ୍ଟାଇଥାଏ ତା'ପକ୍ଷେ ଏପରି ଘୋଡ଼ା ରଖିବା ଯନ୍ତ୍ରଣାଦାୟକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ବୋର୍ଡାରେ ଦିବ୍ୟାଙ୍ଗ ତାଲିମ ଶିବିର

ଭବାନୀପାଟଣା,୨୬।୧୨(ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ ବୋର୍ଡାରେଠାରେ ଭିନ୍ନକ୍ଷମ ଦିବ୍ୟାଙ୍ଗ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦ ଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ତାଲିମ ପ୍ରଦାନ କରାଯାଇଥିଲା। ଆଶାର କାର୍ଯ୍ୟ ନିର୍ବାହୀ ସଂଯୋଜକ ସଞ୍ଜୀବ ପଟ୍ଟନାୟକଙ୍କ ପରିଚାଳନାରେ ପୂଜା ପଣ୍ଡା ଏବଂ ସୁନୀଲ ପଟ୍ଟନାୟକ ତାଲିମ ପ୍ରଦାନ କରିଥିଲେ। ଏଥିରେ ଆଶାର ଅରବିନ୍ଦ ରଣା, ତ୍ରିନାଥ ସାହୁ, ଗୁପ୍ତ ମାଝି ପ୍ରମୁଖ ସହଯୋଗ କରିଥିଲେ।

ସମୂହ ଛୁଟିରେ ଗଲେ ରାଜସ୍ୱ ଅଧିକାରୀ

ଭବାନୀପାଟଣା,୨୬।୧୨ (ଡି.ଏନ.ଏ.)

ବିଭିନ୍ନ ଦାବି ନେଇ ଓଡିଶା ରାଜସ୍ୱ ସେବା ସଂଘର ଆହ୍ୱାନକ୍ରମେ ଭବାନୀପାଟଣା ରାଜସ୍ୱ ସେବା ସଂଘ ଅଧିକାରୀମାନେ ବୁଧବାରଠାରୁ ଛୁଟିରେ ଯାଇଛନ୍ତି । ଫଳରେ ସରକାରୀ କାର୍ଯ୍ୟାଳୟ କାମ ଠପ୍ ହୋଇଯାଇଛି । ଅଫିସ୍ କାମ ପାଇଁ ଦୂରଦୁରାନ୍ତରୁ ଆସିଥିବା ସାଧାରଣ ଲୋକେ ହଇରାଣ ହେଉଥିବା ଦେଖିବାକୁ ମିଳିଛି । ସଂଘର ପ୍ରମୁଖ ଦାବିଗୁଡିକ ମଧ୍ୟରୁ ପ୍ରଥମ ଶ୍ରେଣୀ ପାହ୍ୟାକୁ ପଦନୋତି, ୭ମ ବେତନ କମିସନ ସୁପାରିଶ ଆଧାରରେ ବେତନ ବିସଂଗତୀ ଇତ୍ୟାଦି ରହିଥିବା ବେଳେ ଏ ନେଇ ରାଜସ୍ୱ ମନ୍ତ୍ରୀଙ୍କ ସହ ବାରମ୍ବାର ଆଲୋଚନା ପରେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସଂଘ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ସରକାରଙ୍କ ବୈମାତୃକ ମନୋଭାବ ଯୋଗୁ ରାଜସ୍ୱ ଅଧିକାରୀମାନେ ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ନେତୃତ୍ୱରେ ସମ୍ପାଦକ ଲଳିତ ବାଗ, କୋଷାଧକ୍ଷ୍ୟା ଜୋସ୍ନା ମାଝି, ଆଦିତ୍ୟ ମିଶ୍ର, ବନମାଳି ମେହେର, ବିଷ୍ଣୁ ବଲ୍ଲଭ ନେଗୀ, ବସନ୍ତି ସେଠୀ, ଚିନ୍ମୟ ନାୟକ, ଶୁଭ୍ରାଂଶୁ ପାଢୀ, ସୁଦିପ୍ତ ନାୟକ, ଶୁଭଦୀପ୍ତା ମହାନ୍ତି, ଶଙ୍କର ବାଗ, ଗୁଲ୍ମଣ ମେହେର, କୀର୍ତ୍ତିଚନ୍ଦ୍ର ପ୍ରଧାନ, ଦିବାକର ବାଗ, ଲୁଦ୍ରମୋହନ ନାୟକ, ସୀମାଞ୍ଚଳ ପାତ୍ର, ଜୟନ୍ତ ମେହେର, ସୁଭଦ୍ରା ମୁଣ୍ଡିତା ପ୍ରମୁଖ ଏହି କାର୍ଯ୍ୟବନ୍ଦ ସମ୍ପର୍କରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅନିର୍ଦ୍ଦିଷ୍ଟ କାଳ ପାଇଁ ହେବାକୁ ଥିବା ଏହି ଧର୍ମଘଟ ବିଶେଷ କରି ତହସିଲ ଓ ଜିଲା ଜରୁରୀକାଳିନ କାର୍ଯ୍ୟାଳୟରେ କାମ ଥିବା ଲୋକମାନଙ୍କ ବିଶେଷ ଭାବରେ ଅସୁବିଧା ହେଉଥିବା ଦେଖିବାକୁ ମିଳିଛି।

ଜିଲାପାଳଙ୍କୁ ଭବାନୀପାଟଣା ରାଜସ୍ୱ ସେବା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଆତ୍ମସୁରକ୍ଷା ତାଲିମ ଶିବିର

ରେଙ୍ଗାଲି,୨୬।୧୨ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ସ୍ଥିତ ସୁରଜମଲ ମହାବିଦ୍ୟାଳୟ ପରିସରରେ ଦୀର୍ଘ ୧୨ ଦିନ ଚାଲିଥିବା ଯୁକ୍ତ ୩ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି । ଉଦଯାପନୀ ସଭାରେ ମହାବିଦ୍ୟାଳୟର ଅଧକ୍ଷ ସୁଜିତ କୁମାର ସେନ ଅଧକ୍ଷତା କରିଥିଲେ। ଅଧ୍ୟାପିକା ଲୋପାମୁଦ୍ରା ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ତାଲିମ ଶିବିରରେ ଅଂଶ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା । ଏହି ତାଲିମ ଶିବିରର ପ୍ରଶିକ୍ଷିକା ଅର୍ଚ୍ଚନା ପ୍ରିୟଦର୍ଶନୀ ବାଗ ଓ ଦୀପିକା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଶେଷରେ କଲେଜର କ୍ରୀଡା ଶିକ୍ଷକ ପ୍ରଶାନ୍ତ କୁମାର ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ ।

ସାର୍ବଜନୀନ ଦୁର୍ଗାପୂଜା କମିଟି, କୁଆରମୁଣ୍ଡା

ତା୨୩।୧୨।୨୦୧୮ରେ ଉଠାଣ ହୋଇଥିବା ଭାଗ୍ୟଶାଳୀ କୁପନ ତାଲିକା

ପୁରସ୍କାର	ବିଜେତା କୁପନ ନମ୍ବର	ମୋବାଇଲ୍ ନଂ	ପୁରସ୍କାର	ବିଜେତା କୁପନ ନମ୍ବର	ମୋବାଇଲ୍ ନଂ
ପ୍ରଥମ	୪୭୬୯୦୮	୯୩୩୭୬୫୫୨୯୩	୨୧	୫୭୪୦୨୪	୯୪୩୯୪୨୮୨୮୭
୨ୟ	୫୪୪୦୩୯	୮୨୮୦୪୫୩୮୫୧	୨୨	୩୪୬୪୨୪	୭୩୭୭୭୩୮୨୯୧
୩ୟ	୨୧୫୬୬୭	୮୬୫୮୫୪୬୯୪୪	୨୩	୫୦୩୪୭୧	୯୯୩୮୪୫୨୪୫୮
୪ର୍ଥ	୧୪୩୩୪୮	୯୫୮୩୩୯୪୦୮୮	୨୪	୧୯୩୮୭୫	୮୦୧୮୭୭୪୯୪୨
୫ମ	୩୯୬୬୩୬	୯୮୬୧୦୯୫୧୮୯	୨୫	୫୫୫୩୫୩	୯୩୩୭୫୭୬୫୪୧
୬ଷ୍ଠ	୧୮୪୬୭୦	୮୦୧୮୭୫୨୫୩୫	୨୬	୬୦୭୬୮୩	–
୭ମ	୧୨୬୩୩୬	୮୦୧୮୧୭୯୨୦୪	୨୭	୪୦୩୩୩୬	୯୪୩୭୧୫୨୮୭୨
୮ମ	୪୪୩୪୭୭	୭୦୦୮୧୪୧୯୨୧	୨୮	୨୨୮୫୧୯	୯୩୪୮୧୧୨୧୦୪
୯ମ	୪୮୭୦୬୫	୯୭୭୧୯୨୩୯୨୦	୨୯	୩୯୨୩୨୦	୯୯୩୭୭୮୫୦୯୫
ଦଶମ	୫୬୫୦୯୪	୯୮୭୮୪୫୭୬୪୬	୩୦	୪୯୪୩୩୧	୯୯୩୮୨୨୭୧୨୦
୧୧	୩୯୬୮୬୪	୯୮୬୧୦୩୦୪୩୨	୩୧	୨୬୩୦୩୯	୯୪୩୭୦୪୨୭୪୪
୧୨	୪୭୪୭୧୪	୯୯୩୮୪୭୮୮୮୩	୩୨	୪୮୨୬୭୩	୯୯୩୮୦୮୩୮୦୪
୧୩	୩୫୬୫୩୫	୯୮୫୩୧୭୦୩୩୦	୩୩	୪୦୩୨୭୦	୯୪୩୮୩୯୪୭୬୦
୧୪	୩୧୬୬୫୫	୯୫୮୩୧୯୦୧୩୭	୩୪	୩୪୭୨୦୩	୯୧୭୮୨୧୭୯୮୯
୧୫	୪୩୮୯୪୩	୯୪୩୭୭୬୮୩୮୭	୩୫	୧୫୮୬୭୪	୯୪୩୯୬୬୭୫୨୨
୧୬	୬୪୨୮୧୦	୯୩୭୭୧୦୪୨୧୪	୩୬	୫୯୨୨୬୭	୯୩୩୭୮୮୩୧୨୫
୧୭	୩୫୨୭୫୩	୮୯୮୪୫୧୮୧୮୧	୩୭	୩୩୭୬୫୯	୯୫୫୬୮୧୭୭୬୧
୧୮	୫୧୧୭୪୮	–	୩୮	୧୮୯୦୬୪	୯୪୩୭୨୫୫୫୫୪
୧୯	୪୦୩୩୬୫	୯୪୩୭୧୫୨୮୭୨	୩୯	୧୫୦୮୮୭	୯୯୩୮୭୧୫୬୪୦
୨୦	୨୯୩୧୩୫	୮୭୫୮୨୯୨୭୫୧	୪୦	୩୧୩୫୮୬	୭୭୧୩୪୧୨୫୦୩

ଆସନ୍ତା ୨୦୧୯ ପବିତ୍ର ଜାନୁୟାରୀ ୨୬ ତାରିଖ ଦିନ କୁଆରମୁଣ୍ଡା ରାହାସ ପଡ଼ିଆରେ ସମସ୍ତ ଭାଗ୍ୟଶାଳୀ ବିଜେତାଙ୍କୁ ସେମାନଙ୍କ ପୁରସ୍କାର ବଣ୍ଟନ କରାଯିବ। ଉକ୍ତ ଦିନ କମିଟି ଦ୍ୱାରା ସ୍ଥିର କରାଯାଇଥିବା ୨ଟି (ଦୁଇଟି) ସରପ୍ରାଇଜ୍ ପୁରସ୍କାର (ଡୁପ୍ଲେକ୍ସ ଫ୍ଲାଟ୍ ଓ ଜେସିବି)ର ମଧ୍ୟ ଉଠାଣ କରାଯିବ।
ବିଦ୍ରଃ- ସରପ୍ରାଇଜ୍ ପୁରସ୍କାର ନିମନ୍ତେ ଟିକେଟ ପାଇଁ କାଉଣ୍ଟରରେ ଯୋଗାଯୋଗ କରନ୍ତୁ।

ସ୍ୱା./- ସଭାପତି
ସାର୍ବଜନୀନ ଦୁର୍ଗାପୂଜା କମିଟି
କୁଆରମୁଣ୍ଡା

ସ୍ୱା./- ସମ୍ପାଦକ
ସାର୍ବଜନୀନ ଦୁର୍ଗାପୂଜା କମିଟି
କୁଆରମୁଣ୍ଡା

ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଷ୍ଟିନ

ସଂକ୍ଷେପରେ

ବୋଡେନ ବ୍ଲକ ସମ୍ମୁଖରେ କଳା ଦିବସ ପାଳିତ

ବୋଡେନ,୨୬।୧୨(ଡି.ଏନ.ଏ.)- ନୂଆପଡା ଜିଲା ବୋଡେନ ବ୍ଲକ କଂଗ୍ରେସ ତରଫରୁ ବୁଧବାର ବ୍ଲକ ସମ୍ମୁଖରେ କଳା ଦିବସ ପାଳନ କରି ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଣଦେଖା କରୁଥିବାରୁ ତାହା ବିରୋଧରେ କଳା ଦିବସ ଧାରଣା କରାଯାଇଥିଲା । ପ୍ରଦେଶ କମିଟି ସମସ୍ୟ ଫାରୁକ ମହମ୍ମଦଙ୍କ ପରିଚାଳନାରେ ବୋଡେନ ବ୍ଲକ କଂଗ୍ରେସ କମିଟି ଜୋନ ନଂ. ୧୦ ସଭାପତି ସୌଦାଗର ସାହୁ ଓ ଜୋନ ନଂ. ୧୧ ସଭାପତି ଝମେଶ୍ୱର ସଲମା ନେତୃତ୍ୱରେ ବିଜେଡି ସରକାରଙ୍କ ବିରୋଧରେ କଳାଦିବସ କରାଯାଇଥିଲା । ଏହି କଳା ଦିବସରେ ଜିଲା ସାଧାରଣ ସମ୍ପାଦକ ଜନ୍ମେଜୟ ସି ବାବୁ, ଆଦିବାସୀ ନେତା ହିରାଲାଲ ମାଝିଙ୍କ ସହ ଅନେକ କଂଗ୍ରେସ କର୍ମୀମାନେ ବିଭିନ୍ନ ଅଭିଯୋଗ ନେଇ ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ଦାବିପତ୍ର ଦେଇଥିଲେ ।

ପାଣି ପାଇଁ ଆନ୍ଦୋଳନ ଆରମ୍ଭ

ଜୋଙ୍କ କେନାଲ ମୁଣ୍ଡରେ ଚାଷୀଙ୍କ ଧାରଣା

ନୂଆପଡା ଅଫିସ,୨୬।୧୨



କେନାଲ ହୁଡାରେ ଯୋଗେଶ୍ୱର ମଣ୍ଡଳର ଚାଷୀମାନେ ଧାରଣାରେ ବସିଛନ୍ତି ।

ସରକାର ପାଣିର ସୁଷମ ବଣ୍ଟନ ସକାଶେ ପାଣିପଞ୍ଚାୟତକୁ ସଶକ୍ତ କରିଥିବା ନେଇ କହୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ନୂଆପଡା ଜଳ ସେଚନ ବିଭାଗରେ ପାଣି ପଞ୍ଚାୟତ ବ୍ୟବସ୍ଥା ଭୁଶୁଡି ପଡିଛି । ପାଣି ପଞ୍ଚାୟତ ଏପେକ୍ସ କମିଟିର ଅବଧି ପୁରିଯାଇଥିବାବେଳେ ନୂତନ କମିଟି ଗଠନ ହୋଇ ନ ଥିବା ସତ୍ତ୍ୱେ ବିଭାଗୀୟ ଅଧିକାରୀ ଏବଂ ପୁରୁଣା କମିଟି ସଦସ୍ୟଙ୍କ ମନମୁଖୀ କାରବାରକୁ ଜୋଙ୍କ ଜଳ ସେଚନ ପ୍ରକଳ୍ପ ଉପରମୁଣ୍ଡ ଅର୍ଥାତ ଯୋଗେଶ୍ୱର ମଣ୍ଡଳ ଚାଷୀମାନେ ବିରୋଧ କରିଛନ୍ତି । କମିଟି ସଭାପତି ଏବଂ ବିଭାଗୀୟ ଏସଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଜଳ ସେଚନ ପ୍ରକଳ୍ପ ଏକ କେନାଲ ମୁଣ୍ଡରେ ଧାରଣା ଦେଇଛନ୍ତି । ମଙ୍ଗଳବାରଠାରୁ ପାଣି ଛାଡିବାକୁ ଥିବାବେଳେ ଏହାକୁ ବନ୍ଦ କରି ଦିଆଯାଇଛି। ଏହା ସମାଧାନ ନ ହେବା ଯାଏଁ ସେମାନେ ପାଣି ଛାଡିବାକୁ ଦେବେନାହିଁ ବୋଲି ଅଡି ବସିଛନ୍ତି । ଜୋଙ୍କ ଜଳସେଚନ ପ୍ରକଳ୍ପ ଅଧୀନ ୯ ହଜାର ହେକ୍ଟର ଚାଷ ଜମି ମଧ୍ୟରୁ ରବିରେ ମାତ୍ର ୪ ହଜାର ହେକ୍ଟର ଜମିରେ ଚାଷ ହୋଇଥାଏ । ଏହା ପୁଣି ପ୍ରତିବର୍ଷ ଜଳଚକ୍ର ହିସାବରେ ଉପରମୁଣ୍ଡ ଏବଂ ତଳମୁଣ୍ଡ

- ପାଣି ପଞ୍ଚାୟତ ସମସ୍ୟା ସମାଧାନ ଦାବି
- ବିଭାଗୀୟ ଏସଡିଓଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

କରି ପାଣି ଛଡାଯାଇଥାଏ । ଗତବର୍ଷ ଉପରମୁଣ୍ଡର ଚାଷୀଙ୍କୁ ପାଣି ମିଳିଥିବା ବେଳେ ଏଥର ତଳମୁଣ୍ଡର ପାଳି ରହିଥିଲା । ଜଳଚକ୍ର ହିସାବରେ ପ୍ରତିବର୍ଷ ଡିସେମ୍ବର ଶେଷ ସପ୍ତାହରୁ ରବି ଫସଲ ସକାଶେ ପାଣି ଦିଆଯାଇଥାଏ। ପ୍ରଶାସନର ନିଷ୍ପତ୍ତି ଅନୁସାରେ ଗତ ମଙ୍ଗଳବାରଠାରୁ ପାଣି ଛଡାଯିବାର ଥିଲା । ଏହାର ଅବ୍ୟବହିତ ପୂର୍ବରୁ ଚାଷୀମାନେ କେନାଲ ମୁଣ୍ଡରେ ଧାରଣା ଦେଇଛନ୍ତି ।

ଅଭିଯୋଗ ଅନୁସାରେ ଗତ ୨୦୧୩ରୁ କେନାଲଗୁଡିକର ମରାମତି ଠିକ ଭାବେ କରାଯାଉ ନ ଥିବାବେଳେ ମରାମତି ନାଁରେ ବିଭିନ୍ନ ସମୟରେ ପାଣି ପଞ୍ଚାୟତ କମିଟି ସଦସ୍ୟଙ୍କ ସହ ଏସଡିଓ ମଧୁଚନ୍ଦ୍ରିକା କରି ତୋଷର ପାତ କରୁଛନ୍ତି । ଏହା ଉପରେ ଜିଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି । ପୁଣି ଜଣାଇଛନ୍ତି ଯେ, ୨୦୦୯ ଏବଂ ୨୦୧୫ରେ ରାଜେଶ ନିଗମ ଏସଡିଓଙ୍କ ସହ ସଲାସୁତୁରା କରି ଏପେକ୍ସ କମିଟି ସଭାପତି ପଦକୁ ଆସିଥିଲେ । ଗତ ନଭେମ୍ବରରେ ଅବଧି ସରିଯାଇଛି । ତଥାପି ଏସଡିଓଙ୍କ ଚକ୍ରାନ୍ତ ଯୋଗୁ ସେ ଅଦ୍ୟାବଧି ପଦାସୀନ ରହି କାମ କରୁଛନ୍ତି । ଏଭଳି ସ୍ଥିତିରେ ଚାଷୀଙ୍କ ଅଭିଯୋଗକୁ ଭିତ୍ତି କରି ରାଜ୍ୟ ସରକାର ଏସଡିଓ କବିରାଜ ବେହେରାଙ୍କୁ ଅନ୍ୟତ୍ର ବଦଳି କରିଥିଲେ । ହେଲେ ତାଙ୍କୁ ବଦଳି କରାଗଲା ନାହିଁ । ବିଭାଗର ଚରମ ଅବହେଳାକୁ ଚାଷୀମାନେ ବରଦାସ୍ତ କରିବେ ନାହିଁ ବୋଲି ଚାଷୀମାନେ ଏବେ ଏକଜୁଟ ହୋଇଛନ୍ତି । ଦରକାର ପଡିଲେ ଆଗକୁ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଯୋଗେଶ୍ୱର ମଣ୍ଡଳର ଭରତ ଲାଲ ରାଉତ, ପ୍ରକାଶ ଦିକ୍ଷିତ, କମଳେଶ ଦିକ୍ଷୀତଙ୍କ ନେତୃତ୍ୱରେ ଶତାଧିକ ଚାଷୀମାନେ ଧାରଣା ଦେଇଛନ୍ତି। ଦିନରାତି କେନାଲ ହୁଡାରେ ବସିରହିଛନ୍ତି । ଆମକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏହା ଚାଲୁ ରହିବ ବୋଲି କହୁଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ରାମ ସିଂ ମାଝି, ପୁରୁଷୋତମ ଦେୱାଙ୍ଗନ ପ୍ରମୁଖ ସାମିଲ ରହିଛନ୍ତି ।

ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ଜମନକିରା, ୨୬।୧୨ (ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ୫୩ ନଂ. ରାସ୍ତାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବାଇକ ଓ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ ଚାଳକ ଲକ୍ଷ୍ମୀନାଥ ଶର୍ମା (୫୫) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପରିବାର ଲୋକେ ପ୍ରଥମେ ବୁର୍ଲା ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱର ଆପୋଲୋ ହସପିଟାଲ ନେଇଛନ୍ତି। ପୋଲିସ ଏ ନେଇ ଏକ ଦୁର୍ଘଟଣା ଜନିତ ମାମଲା (ନଂ. ୮୩/୧୮) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଶର୍ମା ନିଜ ବାଇକ୍ ଯୋଗେ ପଡ଼ିଆବାହାଲରୁ ଗୌଡ଼ପାଲିସ୍ଥିତ ଘରକୁ ଫେରୁଥିଲେ। ଏତିକିବେଳେ ଅପର ପଟୁ ଆସୁଥିବା ଟ୍ରକ୍ (ଡବ୍ଲୁବି ୨୩ ସି ୪୮୭୬) ସହ ମହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ଶର୍ମା ପଡ଼ିଯାଇ ମୁଣ୍ଡରେ ଗଭିର ଆଘାତ ହୋଇଥିଲା। ଟ୍ରକ୍ ଚାଳକ ଓ ଖଲାସି ଘଟଣା ସ୍ଥଳରୁ ଫେରାର୍ ମାରିଥିଲେ। ସ୍ଥାନୀୟ ଲୋକେ ଶର୍ମାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।

କଳାହାଣ୍ଡି ଉତ୍ସବ ପାଇଁ ମ.ରାମପୁର ବ୍ଲକ ମୁଡିଙ୍ଗ ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ବୁଧବାର ପ୍ରସ୍ତୁତି ବୈଠକରେ ଆଲୋଚନା ଚାଲିଛି।

କଳାହାଣ୍ଡି ଉତ୍ସବ -୨୦୧୯ ପାଇଁ ପ୍ରସ୍ତୁତି ବୈଠକ

ପଲମ,୨୬।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମୁଡିଙ୍ଗ ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ କଳାହାଣ୍ଡି ଉତ୍ସବ ପାଇଁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସରପଞ୍ଚ ଟଙ୍କଧର ନାଏକଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା । ବୈଠକରେ ମୁଡିଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟିକୁନୁ ସାହୁ, ପୂର୍ବତନ ସରପଞ୍ଚ, ଟୁପିଲାଲ ସାହୁ, ରାଜକୁମାର ରଥ, ମୁଡିଙ୍ଗ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଅଙ୍ଗନୱାଡି, ଆଶାକର୍ମୀ, କୃଷି ବିଭାଗୀୟ କର୍ମଚାରୀ ଯୋଗଦାନ ଦେଇଥିଲେ। ମୁଡିଙ୍ଗ ଶିକ୍ଷା ବିଭାଗ ଜୋନ ସିଆରସିସି ପ୍ରଶନ୍ନ କୁମାର ମାଝି, ପଲମ ଜୋନ ସିଆରସିସି ବିପ୍ର ବଗର୍ତ୍ତୀ, ପଞ୍ଚାୟତ ସମିତି ସଭ୍ୟ, ଜିଲା ପରିଷଦ, ୱାର୍ଡମେମ୍ବର ଏବଂ ପ୍ରତ୍ୟେକ ବିଭାଗ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ । ଗତ କଳାହାଣ୍ଡି ଉତ୍ସବର ଆୟବ୍ୟୟ ମୁଡିଙ୍ଗ ପଞ୍ଚାୟତ ପିଇଓ ବିଜୟ ସାମଲ ପାଠ କରିଥିଲେ । ଆଗାମୀ ଦିନରେ ହେବାକୁ ଥିବା କଳାହାଣ୍ଡି ଉତ୍ସବ ଠିକ ଭାବରେ ପରିଚାଳନା କରିବା ପାଇଁ ସରପଞ୍ଚ ନାଏକ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

କଂଗ୍ରେସର କଳାଦିବସ ପାଳନ

ଖଡିଆଳ,୨୬।୧୨(ଡି.ଏନ.ଏ.)

ବୁଧବାର ରାଜ୍ୟରେ ବିଜୁ ଜନତା ଦଳ ତାର ପ୍ରତିଷ୍ଠା ପାଳନ କରୁଥିବା ବେଳେ ରାଜ୍ୟରେ ସ୍ୱଚ୍ଛ ଶାସନର ଦ୍ୱାହି ଦେଇ ଶାସନ କରୁଛି । ୧୮ ବର୍ଷର ଶାସନରେ ଖଣିଠାରୁ ଆରମ୍ଭ କରି ଡାଲି, ଚିଟଫଣ୍ଡ, ପିସି କାରବାର ଆଦି ଦୁର୍ନୀତିରେ ଛନ୍ଦି ହେବା ସହ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଣଦେଖା କରି ଆସୁଥିବା ଅଭିଯୋଗ କରି ବିଜେଡିର ପ୍ରତିଷ୍ଠା ଦିବସକୁ ପ୍ରତିବାଦ କରି ଖଡିଆଳରେ କଂଗ୍ରେସ ପକ୍ଷରୁ କଳାଦିବସ ପାଳନ କରାଯାଇଛି । କଂଗ୍ରେସ ରାଜ୍ୟ ସମ୍ପାଦକ ଅଧିରାଜ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମକର୍ତ୍ତା ସାମିଲ ହୋଇ ଖଡିଆଳ ବ୍ଲକ ସମ୍ମୁଖ କଳାବ୍ୟାଜ ପରିଧାନ କରିବା ସହ ହାତରେ କଳା ପତାକା ଧରି ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତିର ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଏଥିରେ କଂଗ୍ରେସର ବ୍ଲକ ସଭାପତି ଶ୍ୟାମସୁନ୍ଦର କୁଲଦୀନ, ସୁନୀଲ ସାହୁ, ସତପାଲି ସିହ ଛାବଡା, ସନ୍ତୁ ପଟ୍ଟନାୟକ, ଅକ୍ଷୟ ନନ୍ଦ, ହିରାଧର ମେହେର, କପିଳେନ୍ଦ୍ର ଭୋଇ ପ୍ରମୁଖ ଉଦବୋଧନ ଦେଇ ବିଜେଡି ସରକାରଙ୍କ ବିଫଳତା ସହ ଦୁର୍ନୀତି ନେଇ ବର୍ଷିଥିଲେ । ଏଥିସହ ରାଜ୍ୟରେ ହୋଇଥିବା ଦୁର୍ନୀତିକୁ ଦମନ କରିବାକୁ ହେଲେ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ବୋଲି ମତବ୍ୟକ୍ତ କରିଥିଲେ । ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ବିଡିଓଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା । ଗୋଟିଏ ପଟେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଧାରଣା ଏବଂ ଅନ୍ୟ ପଟେ ବ୍ଲକ ଅଫିସ କଡରେ ବିଜୁ ଜନତା ଦଳ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ ହେଉଥିଲା । ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

ଖଡିଆଳ ବ୍ଲକ ଅଫିସ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି ।

ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ନେଉଛନ୍ତି।

ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

ଖଡିଆଳ,୨୬।୧୨ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ଅଧୀନ ଦୋହେଲପଡାସ୍ଥିତ ପଲ୍ଲି ପ୍ରଗତି ମହାବିଦ୍ୟାଳୟରେ ଗତ ୧୫ ତାରିଖଠାରୁ ୧୨ ଦିନ ବ୍ୟାପି ଧରି ଚାଲିଥିବା ମହିଳା ଆତ୍ମ ସୁରକ୍ଷା ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି । ସପ୍ତାହବ୍ୟାପି ଅନୁଷ୍ଠିତ ଶିବିରରେ ଟ୍ରେନର ନିଲିମା ରାଣୀ ବାରିକ ଉପସ୍ଥିତ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ବିଭିନ୍ନ କୌଶଳ ଉପରେ ତାଲିମ ପ୍ରଦାନ କରିବା ସହ କିପରି ସୁରକ୍ଷିତ ରହିବେ ସେ ଦିଗରେ ସମ୍ୟକ ସୂଚନା ପ୍ରଦାନ କରାଯାଇଥିଲା । ଉଦଯାପନୀ ଉତ୍ସବରେ କଲେଜ ଅଧକ୍ଷ ରୁଦ୍ରମାଧବ ବାରିକ, କାର୍ଯ୍ୟକ୍ରମ ଅଧିକାରୀ ବିରଞ୍ଚି ନାରାୟଣ ବେହେରା, ଅଧାପକ ଘନସୁନ୍ଦର ପୁଞ୍ଜି, ଅମୂଲ୍ୟ ଚନ୍ଦ୍ର ପାଳ ପ୍ରମୁଖ ଉପସ୍ଥିତ ରହି ଟ୍ରେନିଂ ନେଉଥିବା ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଏଥିସହ ମହିଳାମାନଙ୍କୁ ସୁରକ୍ଷା ଦେବା ଦିଗରେ ନିଜେ ସଚେତନ ହେବା ସହ ଜ୍ଞାନ କୌଶଳ ଦିଗରେ ଅନ୍ୟଙ୍କୁ ସଚେତନ କରିବାକୁ ଆଗେଇ ଆସିବା ପାଇଁ ନିବେଦନ କରିଥିଲେ ।

ନୂଆପଡ଼ାରେ ବିଜେଡିର ପ୍ରତିଷ୍ଠା ଦିବସ

ନୂଆପଡା ଅଫିସ,୨୬।୧୨

ସ୍ଥାନୀୟ ପୋଲିସ ପଡିଆରେ ନୂଆପଡା ଜିଲା ବିଜେଡି ତରଫରୁ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଜିଲା ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ଢୋଲକିଆ ସଭାପତିତ୍ୱ କରିଥିବାବେଳେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ, ଜିଲା ଯୁବ ବିଜେଡି ସଭାପତି ରାଜେଶ କୁମାର ନିଗମ, ଅବନୀ ରଞ୍ଜନ ଯୋଷୀ, କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ବିହାରୀ ବିଶ୍ୱାଳ, ସୁରେଶ ଆଚାରୀ, ହରିକେଶ ଜାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱର୍ଗତ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଦଳର ପ୍ରତିଷ୍ଠା ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ଅତିଥିମାନେ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ବିଜେଡିର ଗଠନ ରାଜ୍ୟବାସୀଙ୍କ ପାଇଁ ଏକ ବଡ ସଫଳତା ଆଣିଦେଇଛି । ରାଜ୍ୟବାସୀଙ୍କ ସେବା ସକାଶେ ଏହି ଦଳ ସବୁବେଳେ କାମ କରି ଆସୁଛି । ଆଗକୁ ମଧ୍ୟ ନବୀନଙ୍କ ହାତମୁଠାକୁ ଟାଣ କରିବାକୁ ଦଳୀୟ ନେତାମାନେ ମଜଭୁତ କରିଥିଲେ । ତେବେ ଦଳୀୟ ସୁପ୍ରିମୋ କ୍ଷେତ୍ରୀୟ ବିକାଶଧାରାକୁ ତ୍ୱରାନ୍ୱିତ କରିବାକୁ ଦଳ ଗଠନ କରିଥିଲେ। ଏଥିରେ ଦଳୀୟ ମୁଖ୍ୟ ଏବଂ ତୃଣମୂଳସ୍ତରରେ ସମନ୍ୱୟର ଆବଶ୍ୟକତା ରହିଥିବା ମତ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ଯଦିବା ଜିଲାର ବିଭିନ୍ନ ପ୍ରାନ୍ତରୁ ଦଳୀୟ କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ହେଲେ ଏଥିରେ ପୁରୁଷ ସଂଖ୍ୟା କମ ମହିଳାଙ୍କ ସଂଖ୍ୟା ଅଧିକ ରହିଥିବା ଦେଖାଯାଇଥିଲା । ଏହାକୁ କେହି କେହି ମହିଳା ସ୍ୱୟଂ ସହାୟକ ଦଳଗୁଡିକୁ ବିଭିନ୍ନ ପ୍ରଲୋଭିତ କରି ବୈଠକକୁ ଅଣାଯାଇଥିଲା ବୋଲି ସମାଲୋଚନା କରୁଛନ୍ତି । ସେ ଯାହେଉ କାର୍ଯ୍ୟକ୍ରମରେ ବିଭିନ୍ନ ସମ୍ପ୍ରଦାୟରୁ ଶତାଧିକ ମହିଳାପୁରୁଷମାନେ ଯୋଗଦେଇଥିଲେ ।

ବିଜେଡିର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

କାଣ୍ଡେତରା ଗ୍ରାମପଞ୍ଚାୟତରେ ବ୍ୟାପକ ଅନିୟମିତତା

ୱାର୍ଡ ସଭ୍ୟାସଭ୍ୟ ଜିଲାପାଳଙ୍କ ଦ୍ୱାରସ୍ଥ

- କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସଭ୍ୟାସଭ୍ୟଙ୍କ ଉଦ୍‌ବେଗ

ନୂଆପଡା ଅଫିସ,୨୬।୧୨

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ କାଣ୍ଡେତରା ଗ୍ରାମପଞ୍ଚାୟତରେ ବିଭିନ୍ନ ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଖୋଦ ୱାର୍ଡ ସଭ୍ୟାସଭ୍ୟମାନେ ନୂଆପଡା ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଏଥିରେ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ, ପିଡିଏସ ସମସ୍ୟା ସହ ଗୃହହୀନଙ୍କ ସକାଶେ ଗୃହ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ମୁଖ୍ୟ ପ୍ରସଙ୍ଗ ରହିଛି ।

ପ୍ରକାଶ ଯେ, ଜିଲାର ଦାଦନପ୍ରବଣ ଗ୍ରାମପଞ୍ଚାୟତ ଭାବେ କାଣ୍ଡେତରା ଗ୍ରାମପଞ୍ଚାୟତର ନାମ ତାଲିକାରେ ରହିଥାଏ । କାମ ଧନ୍ଦା ଅଭାବ ସହ ଅନ୍ୟାନ୍ୟ ସମସ୍ୟା ଯୋଗୁ ଏଠିକାର ଶ୍ରମିକ ଶ୍ରେଣୀର ଲୋକମାନେ ବର୍ଷର ଅଧା ସମୟ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥାନ୍ତି। ଏଠାରେ ଦିନକୁ ଦିନ ବେରୋଜଗାରିଆଙ୍କ ସଂଖ୍ୟା ବଢିବାରେ ଲାଗିଛି । ତଥାପି ପ୍ରଶାସନ ତରଫରୁ ବିଶେଷ ଦୃଷ୍ଟି ଦିଆଯାଉ ନ ଥିବା କୁହାଯାଉଛି । ଏଭଳି ସ୍ଥିତିରେ ଏଠିକାର ସରପଞ୍ଚ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟଧାରା ଉପରେ ଖୋଦ ୱାର୍ଡ ସଭ୍ୟାସଭ୍ୟମାନେ ପ୍ରଶ୍ନ ଉଠାଇଛନ୍ତି । ସରକାର ସବୁଜାଗାକୁ ଶତପ୍ରତିଶତ ବିଦ୍ୟୁତ ସଂଯୋଗ କରାଯିବାକୁ ଘୋଷଣା କରିଛନ୍ତି । ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ଯୋଜନାକୁ ବାଟବଣା କରି ପାତର ଅନ୍ତରନୀତି ଅବଲମ୍ବନ କରୁଥିବା କୁହାଯାଉଛି । ଗ୍ରାମପଞ୍ଚାୟତର ହେର୍ଣ୍ଣାପଡା, ଉଦିଆପଡା, ଲାଲଭଟା ଭଳି ପଡାବାସୀ ସବୁବେଳେ ଅନ୍ଧାରରେ ରହୁଥିବାବେଳେ ଏମାନଙ୍କୁ ବାଦ ଦେଇ ଯେଉଁଠାରେ ବିଜୁଳୀ ସଂଯୋଗ ରହିଛି ସେଠାରେ ସରପଞ୍ଚ ଜାଣିଶୁଣି ସୋଲାର ଲାଇଟ ବ୍ୟବସ୍ଥା କରିଛନ୍ତି । କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ସରପଞ୍ଚଙ୍କ ନିର୍ଦ୍ଦେଶକ୍ରମେ ଜଣେ ୱାର୍ଡସଭ୍ୟଙ୍କ ଜରିଆରେ ପିଡିଏସ ବଣ୍ଟନ କରାଯାଉଛି। ଯାହାର ଆୟବ୍ୟୟର କୌଣସି ହିସାବ ମିଳୁ ନ ଥିବା ଅଭିଯୋଗ ହୋଇଛି । ଚଳିତବର୍ଷ ଗ୍ରାମପଞ୍ଚାୟତକୁ ୬୯ଟି ଅନ୍ତ୍ୟୋଦୟ କାର୍ଡ ଆସିଥିଲା । ଏହି କାର୍ଡ ବାବଦକୁ ୩ ମାସର ଚାଉଳ ଆସିଥିବା ବେଳେ ମାତ୍ର ଦୁଇ ମାସର ଚାଉଳ ବଣ୍ଟନ କରାଯାଇଥିବାବେଳେ ଆଉ ଗୋଟିଏ ମାସର କୌଣସି ହିସାବ ଦିଆଯାଉନାହିଁ । ସରପଞ୍ଚ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଜ ମନମୁଖୀ ଭାବେ କାମ କରି ମୂଷାପାଲି ଡ୍ରେନ ନିର୍ମାଣ, ମହୁଲଭଟା ରାସ୍ତା ମରାମତି କାମ, ବଜାରର ଛାତ ନିର୍ମାଣ କାମ ନିମ୍ନମାନର କରି ବ୍ୟାପକ ଲୁଟ କରିଥିବା ଅଭିଯୋଗ କରିଛନ୍ତି । ପଞ୍ଚାୟତର ବିଭିନ୍ନ କାମର ହିସାବ ଜାଣିବାକୁ ସଭ୍ୟାସଭ୍ୟମାନେ ବାରମ୍ବାର ଉଦ୍ୟମ କରୁଥିଲେ ହେଁ ସରପଞ୍ଚ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ସମସ୍ତଙ୍କ ଆଖିରେ ଧୂଳି ଦେଇ ଚାଲିଛନ୍ତି । ଏହା ଉପରେ ଜିଲାପାଳ ହସ୍ତକ୍ଷେପ କରି ଯାଞ୍ଚ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ କରିବାକୁ ସଭ୍ୟାସଭ୍ୟମାନେ ଦାବି କରିଛନ୍ତି । ଏସଂକ୍ରାନ୍ତରେ ବୁଧବାର ନୂଆପଡା ଆସି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ନାଏବ ସରପଞ୍ଚ ଖେମେଶ୍ୱରୀ ରଣା, ୱାର୍ଡ ସଭ୍ୟା କଲ୍ୟାଣି ଦାସ, ଗୋପାଳ ସୁନାନୀ, ଖକେରାମ ଶବର, ମେନକା ଖମାରୀ, ହେମନ୍ତି ବାଗ ପ୍ରମୁଖ ଦସ୍ତଖତ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟକଳାପ ଉପରେ ଅତିଷ୍ଠ ହୋଇ ଗ୍ରାମପନଞ୍ଚାୟତବାସୀ କାର୍ଯ୍ୟାଳୟ ଘେରାଉ କରିବା ସହ ବିଶାଳ ଶୋଭାଯାତ୍ରା କରିଥିଲେ । ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଉଦବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସନ୍ତରାମ ସାହୁଙ୍କୁ ପଚାରିବାରୁ ପଞ୍ଚାୟତରେ ସବୁ କାମରେ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି। ଏହା କେତେକ ସ୍ୱାର୍ଥାନ୍ୱେସୀ ସଭ୍ୟ ନିଜ ଉଦ୍ଦେଶ୍ୟ ସାଧନ କରିବାକୁ ଚାହୁଁଛନ୍ତି ବୋଲି କହିଛନ୍ତି ।

ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

ସଂକ୍ଷେପରେ

ମୋବାଇଲ ଚୋର ଗିରଫ

ରାଉରକେଲା ଅଫିସ,୨୬।୧୨-ରେଳ ଷ୍ଟେଶନରୁ ଯାତ୍ରୀଙ୍କ ମୋବାଇଲ ଲୁଟି ଫେରାର ହୋଇଯାଇଥିବା ଜଣେ ଯୁବକଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବା ସହ ଚୋରି ମୋବାଇଲ ଉଦ୍ଧାର କରିଛି। ତାଙ୍କ ନାଁ ମହମ୍ମଦ ମହତାବ(୨୩)। ସେ ଆନନ୍ଦଭବନ ଲେନ ବାସିନ୍ଦା ବୋଲି ଜଣାପଡିଛି। ମଙ୍ଗଳବାର ଝାରଖଣ୍ଡର ଗୁରୁୱା ଅଞ୍ଚଳର ଜଣେ ଯାତ୍ରୀ ବବଲୁ ରାମ ରାଉରକେଲା ରେଳ ଷ୍ଟେଶନରେ ଓହ୍ଲାଇବା ସମୟରେ ମହତାବ ତାଙ୍କ ମୋବାଇଲ ଲୁଟି ଖସି ଯାଇଥିଲେ। ଏ ନେଇ ବବଲୁ ଜିଆରପିରେ ଅଭିଯୋଗ କରିବା ପରେ ପୋଲିସ ଟ୍ରାକିଂ ମାଧ୍ୟମରେ ମହତାବଙ୍କୁ ତାଙ୍କ ଘର ନିକଟରୁ ଗିରଫ କରିଥିଲା।

ବୋଗିବିଲ ସେତୁ ନିର୍ମାଣରେ ସେଲ୍ ଇସ୍ପାତ ଉପଯୋଗ

ରାଉରକେଲା ଅଫିସ,୨୬।୧୨-ମହାରତ୍ନ କମ୍ପାନୀ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିଃ.(ସେଲ) ବ୍ରହ୍ମପୁତ୍ର ନଦୀ ଉପରେ ନିର୍ମିତ ବୋଗିବିଲ ସଡକ ଓ ରେଳ ସେତୁ ନିର୍ମାଣ ପାଇଁ ୩୫୪୦୦ମେଟ୍ରିକ ଟନ ଇସ୍ପାତ ଯୋଗାଇ ଦେଇଛି। ଏହି ସେତୁ ନିର୍ମାଣରେ ବ୍ୟବହୃତ ସମୁଦାୟ ଇସ୍ପାତ ପରିମାଣର ଏହା ୫୦ପ୍ରତିଶତରୁ ଅଧିକ ଅଟେ। ସାମଗ୍ରିକ ଷ୍ଟ୍ରକଚରରେ ଷ୍ଟିଲ ଟ୍ରସ ଗାର୍ଡର ଯୁକ୍ତ ୪. ୯୪କିମି ଦୈର୍ଘ୍ୟ ବିଶିଷ୍ଟ ଏହି ସେତୁ ନିର୍ମାଣ ପାଇଁ ସେଲ ଟିଏମଟି ରିବାର, ପ୍ଲେଟ ଓ ଷ୍ଟ୍ରକଚର ଯୋଗାଇ ଦେଇଛି। ଏହା ପୂର୍ବରୁ ଭାରତର ଦୀର୍ଘତମ ଢୋଲା-ସଦିଆ ସେତୁ ନିର୍ମାଣ ନେଇ ସେଲ ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ଇସ୍ପାତ ଯୋଗାଇଦେଇଥିଲା।

ସଂଗ୍ରାମୀ ନେତାଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଝାରସୁଗୁଡା ଅଫିସ/ଲଖନପୁର,୨୬।୧୨-ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ବିଶିଷ୍ଟ ଜନନେତା ପ୍ରସନ୍ନ ପଣ୍ଡାଙ୍କ ୨୧ତମ ଶ୍ରାଦ୍ଧ ବାର୍ଷିକୀ ଝାରସୁଗୁଡାଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଇପାସସ୍ଥିତ ପ୍ରସନ୍ନ ପଣ୍ଡା ଛକରେ ଥିବା ତାଙ୍କ ପ୍ରତି ମୂର୍ତ୍ତିରେ ବୁଧବାର ପୂର୍ବାହ୍ନରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ କମ୍ୟୁନିଷ୍ଟ ପାର୍ଟି ଜିଲା ସମ୍ପାଦକ ଅନିତ ଚକ୍ରବର୍ତ୍ତିଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଆୟୋଜନ ହୋଇଥିଲା। ସିପିଆଇ କର୍ମୀମାନେ ସ୍ୱର୍ଗତ ପ୍ରସନ୍ନ ପଣ୍ଡାଙ୍କୁ ଜନନେତା, ଦରଦି ଜନତାର ନେତା, ଗରିବ ଖଟିଖିଆଙ୍କ ନେତା, ଯୁବଗୋଷ୍ଠୀଙ୍କ ନେତା ଭାବେ ଅଭିହିତ କରିଥିଲେ। ଏହି ଅବସରରେ ସିପିଆଇ ନେତା ଆଶିଷ କାନୁନଗୋ, ଅଶୋକ ଦାସ, ସାରଙ୍ଗଧର ମିଶ୍ର, ଅନିତ ଚକ୍ରବର୍ତ୍ତୀ, ଦେବ ନାରାୟଣ ନାୟକ, ନକୁଳ ପ୍ରଧାନ, ଶଙ୍କର ବିଷୋୟୀ, ରମାକାନ୍ତ ସାହୁ, ବିନୋଦିନି ପାତ୍ର, ରବି ପଟେଲ ପ୍ରମୁଖ

ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ

ଯୁଗାନ୍ତକାରୀ ଯୋଜନା ଓଡ଼ିଶାକୁ ନୂଆ ପରିଚୟ ଦେଇଛି

ରାଉରକେଲା ଅଫିସ,୨୬। ୧୨

ବିଜୁ ଜନତା ଦଳ(ବିଜେଡି)ର ୨୧ପ୍ରତିଷ୍ଠା ଦିବସ ଅବସରରେ ବୁଧବାର ଷ୍ଟିଲ ସିଟିର ଦୁଇଟି ସ୍ଥାନରେ ବିଶାଳ ସମାବେଶ ଆୟୋଜନ କରାଯାଇଥିଲା। ଆରଡିଏ ଅଧ୍ୟକ୍ଷ ତଥା ସୁନ୍ଦରଗଡ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସାରଦା ନାୟକଙ୍କ ଅଧ୍ୟକ୍ଷତାରେ ବିର୍ଶା ଷ୍ଟାଡିୟମ ଓ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇଙ୍କ ନେତୃତ୍ୱରେ ଟେଲିଫୋନ ଭବନ ପଡିଆରେ ଏହି ସମାବେଶ ଆୟୋଜନ କରାଯାଇଥିଲା। ବିର୍ଶା ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମହିଳା ବିକାଶ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଜେଡି ନେତା ତଥା ରାଜ୍ୟ ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷ ସୁବାଶ ସିଂ, ପର୍ଯ୍ୟଟନ ନିଗମ ଅଧ୍ୟକ୍ଷ ଦିଲ୍ଲୀପ ତିର୍କୀ, ପୂର୍ବତନ ବିଧାୟକ ରବି ଦେହୁରୀ ପ୍ରମୁଖ ମଞ୍ଚାସୀନ ଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବରିଷ୍ଠ ନେତା ସୁଦାମ ଦାସ। ସେହିଭଳି ଟେଲିଫୋନ ଭବନ ପଡିଆରେ ଆୟୋଜିତ ସମାବେଶରେ ନଗର ସଭାପତି ସୁଧିର ସୁନ୍ଦର ରାୟ ଅଧ୍ୟକ୍ଷତା କରିଥିଲେ। ସତ୍ୟାନନ୍ଦ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ବିଧାୟକ ସୁବ୍ରତ ତରାଇଙ୍କ ସହ ଥିଲେ ବିଜେଡି ରାଜ୍ୟ ସମ୍ପାଦକ ଆନନ୍ଦ ମହାନ୍ତି, ଲାଠିକଟା ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଖାଲକୋ, ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତି ବିଏନ ଦାସ, ମହିଳା ବିଜେଡି ନେତ୍ରୀ ଇନ୍ଦିରା ନାୟକ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନୀରଞ୍ଜନ ଦାସ, ଗୋପିନାଥ ଖାଲକୋ, ଯୁବ ସଭାପତି ସତ୍ୟନାରାୟଣ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ପ୍ରତିମା ରାଉତ ଓ ଲାଠିକଟା ବ୍ଲକ ଉପାଧ୍ୟକ୍ଷା ସୋମେ ଓରାମ ପ୍ରମୁଖ ବିଜେଡି ନେତୃମଣ୍ଡଳୀ। ବିଜେଡି ୨୧ତମ ପ୍ରତିଷ୍ଠା ଦିବସରେ କର୍ମୀଙ୍କୁ ଭରପୁର ଉତ୍ସାହ ପ୍ରଦାନ କରିବାରେ ଅବହେଳା କରି ନ ଥିଲେ ଏହି ଦୁଇ ନେତା ନାୟକ ଓ ତରାଇ। ନବୀନ ପଟ୍ଟନାୟକଙ୍କ ୪ଟର୍ମ ଶାସନ କାଳରେ କିଭଳି ରାଜ୍ୟ ଦ୍ରୁତ ଅଗ୍ରଗତି କରିଛି ତାର ଲମ୍ବା ତାଲିକା ରଖିଥିଲେ ମଞ୍ଚ ସମ୍ମୁଖରେ ଉପସ୍ଥିତ କର୍ମୀଙ୍କ ଆଗରେ। ସେହିପରି ନବୀନଙ୍କ ଶାସନରେ ମହିଳାମାନେ କିପରି ସ୍ୱାବଲମ୍ବି ହୋଇ ପାରିଛନ୍ତି ସେ ନେଇ ମୁଖ୍ୟ ଅତିଥି ଶୀମୟୀ ମିଶ୍ର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶାସନ ବ୍ୟବସ୍ଥାରେ ଆଜି ଓଡିଶାର ମହିଳା ପ୍ରମୁଖ ଭାଗରେ ରହିଥିବାବେଳେ ପଞ୍ଚାୟତ ଶାସନରେ ମଧ୍ୟ ଏମାନଙ୍କ ଭୂମିକା ବେଶ ପ୍ରଭାଶାଳୀ ହୋଇ ପାରିଛି ବୋଲି ମିଶ୍ର କହିଥିଲେ। ୭୦ଲକ୍ଷ ମହିଳା ମିଶନ ଶକ୍ତି ତଥା ଏସଏଚଜିରେ ସାମିଲ ହୋଇ ପାରିଛନ୍ତି। ଏମାନେ ନିଜ ସହ ପାରିବାରିକ ସମୃଦ୍ଧିରେ ନିଜ ଅଂଶଦାନ କରି ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି ବୋଲି ମିଶ୍ର କହିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ଓଡିଶା ଆଶାତୀତ ଅଗ୍ରଗତି କରିଛି ବୋଲି ମଞ୍ଚାସୀନ ଅତିଥି ପ୍ରକାଶ କରିଥିଲେ। ଅନେକ ଯୁଗାନ୍ତକାରୀ ପଦକ୍ଷେପ ଦେଶରେ ଓଡିଶାକୁ ନୂଆ ପରିଚୟ ଦେଇଛି। ଲୋକଙ୍କ ସମର୍ଥନ ରହିଲେ ପୁଣି ଥରେ ବିଜେଡି ରାଜ୍ୟ ଶାସନ କ୍ଷମତାରେ ରହି ଓଡିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାରେ ଅବହେଳା କରିବ ନାହିଁ ବୋଲି ଏଥିରେ କୁହାଯାଇଥିଲା। ବିର୍ଶା ଷ୍ଟାଡିୟମ ସମାବେଶରେ ବରିଷ୍ଠ ଆଇନଜୀବୀ ସୁଜୟ ପାଣି, ଲିଗାଲ ସେଲ ଅଧ୍ୟକ୍ଷ ସନ୍ତୋଷ ନାୟକ, ବ୍ରିଜମୋହନ ଅଗ୍ରୱାଲ, ସଂଖ୍ୟାଲଘୁ ରାଜ୍ୟ ଉପସଭାପତି ଯଶବିନ୍ଦର ସିଂ ଗୋଲ୍ଡି, ମହମ୍ମଦ ଖାଲିଦ, ଯୁବ ସଭାପତି ସୁବାଶ ସ୍ୱାଇଁ, ଅକ୍ଷୟ ଦାସ, ସୁରା ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଛେଣ୍ଡ କଲୋନୀ କଳିଙ୍ଗ ବିହାରଠାରୁ ଛାତ୍ର ନେତା ବିଭୂତି ପୁହାଣଙ୍କ ନେତୃତ୍ୱରେ ଏକ ମୋଟର ସାଇକେଲ ଶୋଭାଯାତ୍ରା ବାହାରି ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ପରେ ସଭା ସ୍ଥଳରେ ପହଞ୍ଚିଥିଲା।

ବିର୍ଶା ଷ୍ଟାଡିୟମଠାରେ ଆୟୋଜିତ ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ ଅବସରରେ ମଞ୍ଚାସୀନ ଅତିଥି।

ଓଡ଼ିଶାବାସୀଙ୍କ ଆଶୀର୍ବାଦ, ସହଯୋଗ ରହିଲେ ବିଜେଡି ଦୀର୍ଘାୟୁ ହେବ

ବେଦବ୍ୟାସ, ୨୬।୧୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲାଠିକଟା ବ୍ଲକ କଲୁଙ୍ଗା କରତକଳ ଛକସ୍ଥିତ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ବୁଧବାର ସାଢ଼େ ୧୧ଟାବେଳେ ଲାଠିକଟା ବିଜେଡି ପକ୍ଷରୁ ୨୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି କମିଟିର ସଭାପତି ଦେବବ୍ରତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ସୁନ୍ଦରଗଡ ଜିଲା ବିଜେଡିର ପୂର୍ବତନ ସଭାପତି ରାମଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶାବାସୀଙ୍କ ଆଶୀର୍ବାଦ ଓ ସହଯୋଗ ରହିଲେ ବିଜେଡି ଦୀର୍ଘାୟୁ ହୋଇରହିବ ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରବି ଦେହୁରୀ ଯୋଗଦେଇ ନବୀନବାବୁଙ୍କ ସ୍ୱଚ୍ଛ ଶାସନ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଯୁବ ନେତା ଦିଲୀପ ସେନାପତି, ଛୋଟା ବାବୁ, ଅନିରୁଦ୍ଧ ସ୍ୱାଇଁ, ବରିଷ୍ଠ ବିଜେଡି ସଭ୍ୟ ଅକ୍ଷେଶ୍ୱର ଧରୁଆ, ଚନ୍ଦ୍ରମଣୀ କିଷାନ, ଯୁବ ଶିଳ୍ପଦ୍ୟୋଗୀ ରମାକାନ୍ତ ବିଶ୍ୱାଳ, ଲାଠିକଟା (ଖ) ଜିଲା ପରିଷଦ ସଭ୍ୟ ମହେଶ ନାଗ, ଶମ୍ଭୁନାଥ ସାହୁ, ଶୁକଦେବ ନନହାର ପ୍ରମୁଖ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ।

ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ କଳାଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

ବିଜେଡି ପ୍ରତିଷ୍ଠା ଦିବସରେ କଂଗ୍ରେସ ପାଳିଲା କଳାଦିବସ

ରାଉରକେଲା ଅଫିସ,୨୬।୧୨

ଗୋଟିଏ ପଟେ ଅତି ଆଡମ୍ବରରେ ବିଜେଡି ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ କରାଯାଉଥିବାବେଳେ ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ବୁଧବାର ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ କଳା ଦିବସ ପାଳନ କରାଯାଇଛି। ଜିଲା ସଭାପତି ରବି ରାୟଙ୍କ ନେତୃତ୍ୱରେ ଝିରପାଣି ଗ୍ରାମ ପଞ୍ଚାୟତ ସମ୍ମୁଖରେ ଦଳୀୟ ନେତୃମଣ୍ଡଳୀ ଏକାଠି ହୋଇ ବିଜେଡିର ଆମ ଗାଁ ଆମ ବିକାଶ ଓ ପିଠା ଯୋଜନାର ତୀବ୍ର ସମାଲୋଚନା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ସରକାର ତଥା ବିଜୁ ଜନତା ଦଳ ନେତୃମଣ୍ଡଳୀ ପଞ୍ଚାୟତିରାଜ ବ୍ୟବସ୍ଥାର ସଫଳ ରୂପାୟନ ଦିଗରେ ବାଧକ ସାଜିଛନ୍ତି ବୋଲି ଏଥିରେ ଜିଲା କଂଗ୍ରେସ ସଭାପତି ରବି ରାୟ ଅଭିଯୋଗ କରିଥିଲେ। ସେ କହିଥିଲେ, ସରକାରଙ୍କ ଲମ୍ବା ଯୋଜନା କେବଳ ପ୍ରଚାର ସର୍ବସ୍ୱ। ଏଥିରୁ ସାଧାରଣ ଲୋକେ କାଣିଚାଏ ସୁବିଧା ପାଉ ନାହାନ୍ତି। ତଳ ସ୍ତରରେ ବିଜେଡି କର୍ମୀ ବ୍ୟାପକ ଦୁର୍ନୀତିରେ ବୁଡି ରହିଛନ୍ତି। କ୍ଷମତା ଓ ପ୍ରଭାବ ଯୋଗୁ ଲୋକେ ମୁହଁ ଚୁପ କରି ବସିଛନ୍ତି। କଂଗ୍ରେସ ନେତା ମାନସ ମଲ୍ଲିକ ଏଥିରେ ଅତିଥି ଭାବେ ଯୋଗଦେଇ ବିଜେଡି ଶାସନ କାଳରେ ସାଧାରଣ ଲୋକଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇ ପଡିଛି ବୋଲି କହିବା ସହ ପଞ୍ଚାୟତ ଗୁଡିକ ଦଳୀୟ କର୍ମୀଙ୍କ ଆଡ୍ଡା ସ୍ଥଳ ପାଲଟିଛି ବୋଲି ଅଭିଯୋଗ କରିଥିଲେ। ଏଥିରେ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ସବିର ହୁସେନ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଓ ରାଜ୍ୟ ସମ୍ପାଦକ ରଶ୍ମିରଞ୍ଜନ ପାଢି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ରାଜ୍ୟ ସରକାରଙ୍କ ଆଭିମୁଖ୍ୟର କଡା ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ଉପସଭାପତି ଅଜିତ ସାମଲ, ବରିଷ୍ଠ ନେତା ଦୀନବନ୍ଧୁ ଭୋଳ, ବାସୁ ବାନାର୍ଜୀ, ଘନଶ୍ୟାମ ସୁନା, ଗଜେନ୍ଦ୍ର ତନ୍ତି, ରବୀନ୍ଦ୍ର ଭଞ୍ଜ, ମହିଳା ସଭାନେତ୍ରୀ ଲତା ନାୟକ, ଜ୍ୟୋତି ଡୁଙ୍ଗ ଡୁଙ୍ଗ, ସୁଶୀଳ କିଣ୍ଡୋ, ସନ୍ତୋଷ ତନ୍ତି, ଯୁବ ସଭାପତି ପ୍ରବୋଧ ଦାସ, ଛାତ୍ର ନେତା ଶିବୁ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

ଶିଶୁମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ, ସମ୍ପାଦକ ସମ୍ମିଳନୀ

ଝାରସୁଗୁଡା ଅଫିସ,୨୬।୧୨

ଝାରସୁଗୁଡା ଶିଳ୍ପାଞ୍ଚଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ପ୍ରଧାନ ଆଚାର୍ଯ୍ୟ ଓ ସମ୍ପାଦକ ସମ୍ମିଳନୀ ମଙ୍ଗଳବାର ହୋଇଯାଇଛି। ସଂସ୍ଥାନର ରାଜ୍ୟ ନିରୀକ୍ଷକ ଏକାଦଶୀ ଜେନା, ପଶ୍ଚିମ କ୍ଷେତ୍ର ପ୍ରଭାରୀ ସତ୍ୟବ୍ରତ ରଥ, ପୌର ଲୋକସମ୍ପର୍କ ଅଧିକାରୀ ଦୀପକ ନାୟକ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ପ୍ରଧାନ ଆଚାର୍ଯ୍ୟ ଏବଂ ସମ୍ପାଦକଙ୍କ ଭୂମିକା ବିଷୟରେ କହିଥିଲେ। ସ୍କୁଲର ସଭାପତି କଳ୍ପତରୁ ସ୍ୱାଇଁ ସଭା ପରିଚାଳନା କରିଥିଲେ। ସମ୍ବଲପୁର ସଙ୍ଗଠକ ବଭ୍ରୁବାହନ ଭୋଇ, ସୁନ୍ଦରଗଡ ସଂଯୋଜକ ରବୀନ୍ଦ୍ର ସାହୁ, ପ୍ରଧାନ ଆଚାର୍ଯ୍ୟା ସୁନିତା ଦତ୍ତ, ଅହଲ୍ୟା ସ୍ୱାଇଁ , ରଶ୍ମିତା ବେରୋ, ସୁରମା ପଟେଲ, ନବନିତା ନାୟକ, ଶିଖା ସାହୁ, ସିନି ପ୍ରଧାନ, ଅମ୍ରିତା ପଟେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଜାତୀୟ ଖାଉଟି ସୁରକ୍ଷା ଦିବସ

ଅର୍ଥନୀତି ସମୃଦ୍ଧିରେ ଗ୍ରାହକଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ

ରାଉରକେଲା ଅଫିସ,୨୬।୧୨

ସେକ୍ଟର-୯ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ରାଉରକେଲା ଶାଖା ପକ୍ଷରୁ ଜାତୀୟ ଖାଉଟି ସୁରକ୍ଷା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ସଂଗଠନ ସଭାପତି ପ୍ରମୋଦ ଦେବତା, ଉପସଭାପତି ସାନନ୍ଦ ଦାସ, ଖାଉଟି ଓ ସାଧାରଣ ବଣ୍ଟନ ଅଧିକାରୀ ରାମଚନ୍ଦ୍ର ଟୁଡୁ, ବୈଧ ଓ ପରିମାପକ ନୀରିକ୍ଷକ ହେମଲତା କିଶାନ, ଲିପ୍ସାରାଣୀ ମହାପାତ୍ର, ସାଧାରଣ ବଣ୍ଟନ ନୀରିକ୍ଷକ ସଂଗଠନର କ୍ଷେତ୍ରୀୟ ସଂଗଠନ କର୍ମକର୍ତ୍ତା ରାମଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ଜଣେ ଗ୍ରାହକ ସଚେତନ ହେଲେ ପରିବାର, ସମାଜ ଓ ଦେଶ ମଧ୍ୟ ସମୃଦ୍ଧ ହେବ ବୋଲି ମତ ପ୍ରକାଶ କରିଥିଲେ ମଞ୍ଚାସୀନ ଅତିଥି। ବଜାରରେ ମିଳୁଥିବା ପ୍ୟାକେଟ ବା ସିଲ ଯୁକ୍ତ ସାମଗ୍ରୀର ଦର, ଗୁଣବତା ଏବଂ ଓଜନ ଇତ୍ୟାଦିକୁ ନେଇ କିଭଳି ପକ୍ଷପାତ କରାଯାଉଛି ସେ ସମ୍ପର୍କରେ ହେମଲତା କିଶାନ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମମତା ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ବଦ୍ରିନାରାୟଣ ମହାରଣା, ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରକାଶ ନାୟକ, ସରୋଜ ପତି, କୈଳାସ ଦାସ, ଗୁଲୁ ପଟ୍ଟନାୟକ, ବିଷ୍ଣୁ ନାୟକ, ପ୍ରଫୁଲ୍ଲ ମହାକୁଡ, ଶାନ୍ତିଲତା ମହାରଣା ଓ ସ୍ୱର୍ଣ୍ଣଲତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପକ୍ଷରୁ ସେକ୍ଟର-୯ ମଙ୍ଗଳା ମନ୍ଦିର ପରିସରରେ ଆୟୋଜିତ ଖାଉଟି ଦିବସ ଅବସରରେ ମଞ୍ଚାସୀନ ଅତିଥି।

ଭଞ୍ଜ ଭବନଠାରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଯାପିତ

ଶିଳ୍ପୀର ତୂଳୀରେ ଥାଏ ସମାଜର ବାର୍ତ୍ତା

ରାଉରକେଲା ଅଫିସ,୨୬।୧୨

ସେକ୍ଟର-୫ ଭଞ୍ଜ ଭବନଠାରେ ମଙ୍ଗଳବାର ୨ଦିନିଆ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଯାପନୀ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଆରଏସପିର ବରିଷ୍ଠ ଅଧିକାରୀ ପିସି ଦାସ ଓ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ କବି କୁଞ୍ଜବିହାରୀ ରାଉତ। ମୁଖ୍ୟ ଅତିଥି ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ, ପଞ୍ଚମ ବେଦ ହେଉଛି କାନଭାସ, ଏହି କାନଭାସ ଉପରେ ଯେତେବେଳେ ଶିଳ୍ପୀର ଚିତ୍ର ଜୀବନ୍ତ ହୋଇଉଠେ ତାହା ଚେତନାଧର୍ମୀ ପାଲଟିଯାଏ। ଏହାର ବାର୍ତ୍ତା ସଞ୍ଚରି ଯାଏ ସମାଜର ପ୍ରତି ସ୍ତରରେ। ଶିଳ୍ପୀର ତୁଳି ଗାଏ ଜୀବନର ଗାଥା। ଏଥିରେ ଥାଏ ସମାଜ ପାଇଁ ବାର୍ତ୍ତା। ତେବେ ଏହାକୁ ବୁଝିବା ଭଳି ମହତ ଲୋକଙ୍କ ଆବଶ୍ୟକତା ରହିଛି ବୋଲି ଦାସ ଏଥିରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରାଉତ ନିଜ ବକ୍ତବ୍ୟରେ କାନଭାସର ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ସାମଲ ଚିତ୍ରକଳା ଓ ସାହିତ୍ୟ ପରସ୍ପର ପରିପୂରକ ବୋଲି ଚିତ୍ରଣ କରିଥିଲେ। ସେହିଭଳି ଅତିଥି ଜେନା ମଧ୍ୟ ଅନୁଷ୍ଠାନର ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଜେନାଙ୍କୁ କାନଭାସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କ ବ୍ୟତୀତ ଚିତ୍ରଶିଳ୍ପୀ ରମେଶ ମାଝି, ପ୍ରତାପ ପଟ୍ଟନାୟକ, ଜ୍ୟୋତ୍ସ୍ନା ନନ୍ଦ, ସସ୍ମିତା ପଟ୍ଟନାୟକ, ସୀମା ମହନ୍ତ, ପିନାକି ବୋଷ, ସୁଶୀଲ ବେହେରାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ମହାରଣା, ରଶ୍ମିରେଖା ଧଳ, ସୁଜିତ ବେହେରା, ଅନିରୁଦ୍ଧ ସାହୁ, ପିବି ଗଣେଷ, ଜଗନ୍ନାଥ ଦାସ, ଡଃ. ସତ୍ୟନାରାୟଣ ମିଶ୍ର ଓ ସାଇସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଷ୍ଟିଲ୍ ସିଟିରେ ବ୍ୟାଙ୍କ ଧର୍ମଘଟ, କାରବାର ବାଧାପ୍ରାପ୍ତ

ରାଉରକେଲା ଅଫିସ,୨୬।୧୨

ବ୍ୟାଙ୍କ ଅଫ ବରୋଦା, ଦେନା ଓ ବିଜୟା ବ୍ୟାଙ୍କ ମିଶ୍ରଣ ପ୍ରତିବାଦରେ ବୁଧବାର ଷ୍ଟିଲ ସିଟି ରାଉରକେଲାର ସମସ୍ତ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିବାରୁ କାରବାର ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। କର୍ମଚାରୀଙ୍କ କହିବାନୁସାରେ ଏହି ମିଶ୍ରଣ କାର୍ଯ୍ୟକାରୀ ହେଲେ ଅନାଦେୟ ଋଣ ପରିମାଣ ବୃଦ୍ଧି ପାଇବ। ଆଦାୟ ଆଉ ସମ୍ଭବ ହେବ ନାହିଁ। ଏଥିସହ ନିଯୁକ୍ତି ସୁଯୋଗ ମଧ୍ୟ ସଙ୍କୁଚିତ ହେବ। ଆୟ ହ୍ରାସ ପାଇବ। ବୃହତ ପରିକଳ୍ପନା ପରିବର୍ତ୍ତେ ଉତ୍ତମ ପରିଚାଳନା ଆବଶ୍ୟକ ବୋଲି କହିଥିଲେ ଧର୍ମଘଟରେ ସାମିଲ କର୍ମଚାରୀ। ଏହି ଅବସରରେ ବିର୍ଶା ଛକ ମୁଖ୍ୟ ଶାଖା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସରକାରଙ୍କ ଏଭଳି ଅଦୂରଦର୍ଶୀ ନିଷ୍ପତିର ପୁନର୍ବିଚାର ପାଇଁ ଦାବି କରିଥିଲେ ଉପସ୍ଥିତ ବ୍ୟାଙ୍କ କର୍ମଚାରୀ ନେତା। ଏଥିରେ ସୁରେଶ ଦାସ, ସୌରଭ ପାଣି, ଜୟନ୍ତୀ ପାତ୍ର, ସରୋଜ ମଲ୍ଲିକ, ପ୍ରଫୁଲ୍ଲ ତ୍ରିପାଠୀ ଓ ସୁରେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ବିର୍ଶା ଛକଠାରେ ଥିବା ଏସବିଆଇ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାଙ୍କ କର୍ମଚାରୀମାନଙ୍କ ପକ୍ଷରୁ ବିକ୍ଷୋଭ।

ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

-ଶ୍ରୀ ଅଭିରାମ ପରମହଂସ

ନିର୍ଦ୍ଦେଶ ପରେ ମିଲ୍‌ର ପ୍ରତିନିଧି ପ୍ୟାକ୍ସରେ ଅନୁପସ୍ଥିତ

ଝାରସୁଗୁଡା ଅଫିସ,୨୬ା୧୨

ଖରିଫ୍ ଧାନ କିଣା ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ କରିବାକୁ ସବୁବେଳେ ପ୍ରାଧାନ୍ୟ ଦିଆଯାଇଛି। ଖରିଫ ଧାନ କିଣାରେ ଚାଷୀ ଯେପରି କ୍ଷତିଗ୍ରସ୍ତ ନ ହୁଏ ସେଥିପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସେଥିପାଇଁ ଧାନ ସଂଗ୍ରହ ସମୟରେ ପ୍ରତ୍ୟେକ ପ୍ୟାକ୍ସ ପଏଣ୍ଟରେ ଧାନ ଓଜନ ସମୟରେ ଚାଷୀ, ମିଲ୍‌ର ପ୍ରତିନିଧି ଏବଂ ପ୍ୟାକ୍ସ ସମ୍ପାଦକ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଜିଲା ପ୍ରଶାସନର ବାରମ୍ବାର ନିର୍ଦ୍ଦେଶ ପରେ ବି ମିଲ୍ ମାଲିକ କିମ୍ବା ତାଙ୍କ ପ୍ରତିନିଧି ପ୍ୟାକ୍ସ ପଏଣ୍ଟରେ ଅନୁପସ୍ଥିତ ରହୁଛନ୍ତି। ଏହାକୁ ନେଇ ଚାଷୀ ଏବଂ ପ୍ୟାକ୍ସ ସେକ୍ରେଟାରୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ବୁଧବାର ଝାରସୁଗୁଡା ବ୍ଲକ୍ ଦୁର୍ଲଗା ସୋସାଇଟିରେ ଧାନ କିଣା ଥିଲା। ଧାନ କିଣା ବେଳେ ପ୍ୟାକ୍ସ ସେକ୍ରେଟାରୀ ଏବଂ ଚାଷୀ ଉପସ୍ଥିତ ଥିଲେ ମଧ୍ୟ ମିଲର ପ୍ରତିନିଧି ଅନୁପସ୍ଥିତ ଥିଲେ। କେବଳ ମିଲ ମାଲିକ ଗାଡି ପଠାଇ ଧାନ ସଂଗ୍ରହ କରିଥିଲେ। ଏହାଦ୍ୱାରା କଟନୀ ଛଟନୀ ସହ ଚାଷୀ ଶୋଷଣର ସମ୍ଭାବନା ସୃଷ୍ଟି ହୋଇଛି ବୋଲି ଚାଷୀ କହିଛନ୍ତି।

ଧାନ ସଂଗ୍ରହ ପ୍ରକ୍ରିୟା ଏକ ଆପୋଷ ବୁଝାମଣା ପ୍ରକ୍ରିୟା ହୋଇଥିବାବେଳେ ଏହି ପ୍ରକ୍ରିୟାରେ ସମସ୍ତଙ୍କ ଉପସ୍ଥିତି ଜରୁରୀ। କାରଣ ପ୍ୟାକ୍ସକୁ ଚାଷୀମାନେ ଆଣୁଥିବା ଧାନର ମାନ ନିର୍ଦ୍ଧାରଣ ପରେ ଆପୋଷ ବୁଝାମଣାରେ ପ୍ୟାକ୍ସରୁ ଧାନ ଉଠେ। ଧାନର ମାନକୁ ନେଇ କଟଣି ଛଟଣି ନିର୍ଦ୍ଧାରଣ ହୁଏ। ଧାନ କିଣା ବେଳେ ପ୍ୟାକ୍ସ ସମ୍ପାଦକ, ମିଲର ପ୍ରତିନିଧି ଏବଂ ଚାଷୀ ଉପସ୍ଥିତ ରହିଲେ ଭଲ ଧାନ ଆଣିଥିବା ଚାଷୀ ଉପଯୁକ୍ତ ମୂଲ୍ୟ ପାଇବ ଏବଂ ଖରାପ ଧାନ ଆଣିଥିବା ଚାଷୀର ଧାନ ଆପୋଷ ବୁଝାମଣାରେ ପ୍ୟାକ୍ସରୁ ମିଲକୁ ଯିବ। ହେଲେ ମିଲ୍ ପ୍ରତିନିଧି ଅନୁପସ୍ଥିତ ରହୁଥିବାରୁ ଚାଷୀର ଧାନ ପ୍ୟାକ୍ସରେ ଓଜନ କରାଯାଇ ମିଲକୁ ପଠାଯାଉଛି। ସେଠାରେ ପୁନଶ୍ଚ ଓଜନ କରାଯାଇ ସମସ୍ତଙ୍କ ପାଇଁ ଗୋଟିଏ ପ୍ରକାର କଟଣି ଛଟଣି ନିୟମ ଲାଗୁ ହେଉଛି। ଫଳରେ ଭଲ ଧାନ ଆଣିଥିବା ଚାଷୀ ମଧ୍ୟ କଟଣିର ଶୀକାର ହେଉଛି ବୋଲି ଚାଷୀ ଅଶୋକ ନାଏକ ଅଭିଯୋଗ କରିଛନ୍ତି। ଦୁର୍ଲଗା ପ୍ୟାକ୍ସ ପାଇଁ ୩ କେ.ଜି. କଟଣି ସ୍ଥିର ହୋଇଥିବାବେଳେ ଭଲ ଧାନ ଆଣୁଥିବା ଚାଷୀ କାହିଁକି କଟଣୀର ଶୀକାର ହେବ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି।

ଦୁର୍ଲଗା ପ୍ୟାକ୍ସକୁ ବୁଧବାର ଚାଷୀ ଆଣିଥିବା ଧାନ ଓଜନ କରାଯାଉଛି।

ଭଲ ଧାନ ବି କଟନୀର ଶିକାର

ଚଳିତ ବର୍ଷ ଦୁର୍ଲଗା ପ୍ୟାକ୍ସକୁ ପ୍ରଥମ ପର୍ଯ୍ୟାୟରେ ୯୫୦୦କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ୟାକ୍ସ ତରଫରୁ ୬ହଜାରରୁ ଅଧିକ କୁଇଣ୍ଟାଲ ଧାନ ଖରିଦ୍ ସରିଥିବାବେଳେ ଆଉ ଗୋଟିଏ ସପ୍ତାହ କିମ୍ବା ଦୁଇ ସପ୍ତାହରେ ଲକ୍ଷ୍ୟ ପୂରଣ କରି ଦ୍ୱିତୀୟ ପର୍ଯ୍ୟାୟ ଟାର୍ଗେଟ୍ ମଗାଯିବ ବୋଲି ପ୍ୟାକ୍ସ ସମ୍ପାଦକ ପ୍ରଦୀପ ସାହୁ କହିଛନ୍ତି। ତେବେ ପ୍ୟାକ୍ସରେ ହେଉଥିବା ଓଜନ ଅନୁସାରେ ଚାଷୀଙ୍କୁ ମୂଲ୍ୟ ପ୍ରଦାନ କରାଯାଉଛି କି ବୋଲି ପଚାରିବାରୁ ସେ କହିଲେ, ମିଲ ପ୍ରତିନିଧି ଅନୁପସ୍ଥିତ ରହୁଥିବାରୁ ମିଲରେ ପୁନଶ୍ଚ ଓଜନ କରାଯାଉଛି। ଏ ନେଇ ଜିଲା ଯୋଗାଣ ଅଧିକାରୀ ଉଦିତ୍ ପଟ୍ଟନାୟକ କହିଛନ୍ତି ପ୍ୟାକ୍ସ ପଏଣ୍ଟରେ ମିଲ୍ ପ୍ରତିନିଧି ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଅନୁପସ୍ଥିତ ରହୁଛନ୍ତି, ତେବେ ସେମାନଙ୍କୁ ଉପସ୍ଥିତ ରହିବାକୁ ତାଗିଦ୍ କରାଯିବ ବୋଲି କହିଥିଲେ।

ସଂକ୍ଷେପରେ

କୋଇଲା ବୋଝେଇ ଟ୍ରକ୍ ଜବତ, ଚାଳକ ଫେରାର

ଲଖନପୁର,୨୬ା୧୨(ଡି.ଏନ୍.ଏ.)- ଝାରସୁଗୁଡା ଜିଲା ଲଖନପୁର ଥାନା ଅଞ୍ଚଳରେ ଦିନକୁ ଦିନ କୋଇଲା ଚୋରି ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବାରେ ପୋଲିସ୍ ସମ୍ପୂର୍ଣ୍ଣ ବିଫଳ ହେଉଛି। ଯାହାଫଳରେ ଏହା ପୋଲିସ୍ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ଏଭଳି ସ୍ଥିତିରେ ଗତ ମଙ୍ଗଳବାର ରାତି କୋଇଲାଖଣି ସଂଲଗ୍ନ କାଣ୍ଡସର ଜଙ୍ଗଲରୁ ପୋଲିସ୍ ଯୁପିଓ୩ଟି ୫୦୫୫ନଂ କୋଇଲା ବୋଝେଇ ଟ୍ରକ୍‌କୁ ଜବତ କରଛି। ପୋଲିସ୍‌କୁ ଦେଖି ଟ୍ରକ୍ ଚାଳକ ଫେରାର୍ ହୋଇଯାଇଛି। ଏ ନେଇ ପୋଲିସ୍ ଲଖନପୁର ଥାନା କେଶ ନଂ୧୪୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ୍ ତଦନ୍ତରୁ ଜାଣିପାରିଛି ଫେରାର୍ ଟ୍ରକ୍ ଚାଳକ ବ୍ରଜରାଜନଗର ଗାନ୍ଧୀ ଛକ ନୂଆଡିହିର ସୀତାରାମ ସିଂହ(୪୩)। ଏହି ଫେରାର୍ ଟ୍ରକ୍ ଚାଳକ ସୀତାରାମ ହେଉଛନ୍ତି ଟ୍ରକ୍‌ମାଲିକ ମଧ। ଫେରାର୍ ଟ୍ରକ୍ ଚାଳକଙ୍କୁ ବହୁଶୀଘ୍ର ଗିରଫ କରାଯିବ ବୋଲି ବ୍ରଜରାଜନଗର ଏସ୍‌ଡିପିଓ ରାମପ୍ରସାଦ ସାହୁ କହିଛନ୍ତି।

ଝାରସୁଗୁଡ଼ା ବିଜେଡିରେ ନବ ଇଫେକ୍ଟ

ଝାରସୁଗୁଡା ଅଫିସ,୨୬ା୧୨- ଝାରସୁଗୁଡା ବିଧାୟକ ନବ କିଶୋର ଦାସ ବିଜେଡିରେ ଯୋଗଦେବା ନେଇ ଯେଉଁ ଚର୍ଚ୍ଚା ହୋଇଥିଲା ଅବଶ୍ୟ ବିଧାୟକ ଦାସ ଏହି ଚର୍ଚ୍ଚାକୁ ଖଣ୍ଡନ କରିଥିଲେ। ହେଲେ ବୁଧବାର ବିଜେଡି ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା କେତେକ ନେତାଙ୍କ ଭାଷଣରେ ଏହା ବାରି ହୋଇଥିଲା। ବିଧାୟକ ଦାସ ବିଜେଡିରେ ଯୋଗଦେଲେ ବର୍ତ୍ତମାନର ବିଜେଡି ନେତା କିଶୋର ମହାନ୍ତିଙ୍କ ଟିକଟ୍ କଟିଯିବା ଆଶଙ୍କା କରିଥିଲେ। ଏପରିକି ଝାରସୁଗୁଡା ନିର୍ବାଚନମଣ୍ଡଳୀରୁ କିଶୋର ମହାନ୍ତିଙ୍କୁ ହିଁ ଟିକେଟ୍ ପ୍ରଦାନ କରିବାକୁ ନିଜ ଉଦ୍‌ବୋଧନରେ ଲଇକେରା ବ୍ଲକ ସଭାନେତ୍ରୀ ସୁକାନ୍ତି ଜୟପୁରିଆ କହିଥିଲେ। ଦଳର ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିବା ପଦାଧିକାରୀମାନେ କେବଳ ନବ ଦାସଙ୍କୁ ଟାର୍ଗେଟ କରିଥିଲେ। ହେଲେ ଏପରି ନ କହିବାକୁ ଜିଲା ସଭାପତି କିଶୋର ମହାନ୍ତି ଦଳୀୟ କର୍ମକର୍ତ୍ତାଙ୍କୁ ବାରଣ ମଧ କରିଥିଲେ।

ବାଇକ୍ ଧକ୍କାରେ ଯୁବକ ମୃତ

ଲଇକେରା,୨୬ା୧୨(ଡି.ଏନ.ଏ.)- ଝାରସୁଗୁଡା ଜିଲା ଲଇକେରା ଥାନା ସାରଙ୍ଗଲୋଇର କାର୍ତ୍ତିକ ଦିହିରିଆ(୩୫)ଙ୍କ ବାଇକ ଧକ୍କାରେ ମୃତ୍ୟୁ ହୋଇଥିବାବେଳେ ଉତ୍ୟକ୍ତ ଲୋକେ ଏକ ଘଣ୍ଟା ଧରି ଲଇକେରା- ବାମରା ରାସ୍ତାରେ ମୃତଦେହ ରଖି ଅବରୋଧ କରିଥିଲେ । ପରେ ଘଟଣାସ୍ଥଳକୁ ଲଇକେରା ବିଡିଓ ପ୍ରସନ୍ନ ପାଣ୍ଡେ, ଏବିଡିଓ ପ୍ରମୋଦ ଦେହୁରୀ, ସାହାସପୁର ଫାଣ୍ଡି ଅଧିକାରୀ କିଶୋର ବହିଦାର ପହଞ୍ଚି ଲୋକଙ୍କୁ ବୁଝାସୁଝା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରକାଶ ଯେ, ମଙ୍ଗଳବାର ଅଇତାପାଲିଠାରେ ଚାଲିଥିବା ଦିବ୍ୟ ସମ୍ମିଳନୀ ଦେଖି ସନ୍ଧ୍ୟାରେ ଚାଲିଚାଲି ଫେରୁଥିବାବେଳେ ପଛପଟୁ ସେହି ଗ୍ରାମର ଦୀନବନ୍ଧୁ ନେଟି ବାଇକରେ ଧକ୍କା ଦେବାରୁ କାର୍ତ୍ତିକ ମୁହଁ ମାଡି ତଳେ ପଡି ଗୁରୁତର ହୋଇପଡିଥିଲେ । ପରେ ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।



ପ୍ରତିଷ୍ଠା ଦିବସ ସଭାରେ ଉପସ୍ଥିତ ବଜେଡି ନେତା ଓ କର୍ମୀ।

ପ୍ରତିଷ୍ଠା ଦିବସ ବାର୍ତ୍ତା

ରାଜ୍ୟର ବିକାଶ ହିଁ ବିଜେଡି ଶାସନର ଲକ୍ଷ୍ୟ

ଝାରସୁଗୁଡା ଅଫିସ,୨୬ା୧୨- ବିଜୁ ଜନତା ଦଳ(ବିଜେଡି)ର ୨୧ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ମନମୋହନ ସ୍କୁଲରୁ ବାହାରି ସହର ମଧ୍ୟ ଦେଇ କାଳିମନ୍ଦିର ରୋଡସ୍ଥିତ ସଭାସ୍ଥଳରେ ପହଞ୍ଚିଥିଲା। ୧୯୯୭ରେ ବିଜେଡି ଦଳ ଗଠନ ହୋଇଥିଲା। ୨୦୦୦ରୁ ନବୀନ ପଟ୍ଟନାୟକ ଦଳର ମୁଖ୍ୟମନ୍ତ୍ରୀ ପଦରେ ରହି ଓଡ଼ିଶାର ପାନୀୟ ଜଳ ଯୋଜନା, ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପାଇଁ ଉଦ୍ଦିଷ୍ଟ ଭିତ୍ତିଭୂମିର ବିକାଶ କରି ଆସୁଛନ୍ତି। ସେହିପରି କଂଗ୍ରେସ ଅମଳରେ ଭ୍ରଷ୍ଟାଚାର, ଦୁର୍ନୀତି ବୃଦ୍ଧି ପାଇଥିବାବେଳେ ଗତ ୧୯ବର୍ଷ ହେବ ବିଜେଡି ସରକାର ଲୋକଙ୍କୁ ଦୁର୍ନୀତି ମୁକ୍ତ ଶାସନ ଯୋଗାଇଛି। କେବଳ ରାଜ୍ୟର ବିକାଶ ହିଁ ବିଜେଡି ଶାସନର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଜିଲା ବିଜେଡି ସଭାପତି କିଶୋର ମହାନ୍ତି, ଜିଲା ପର୍ଯ୍ୟବେକ୍ଷକ ରବି ନାରାୟଣ ପାଣିଙ୍କ ସମେତ ଦଳୀୟ ନେତା ରବି ସିଂ, ମାତାଦିନ ମୁନ୍ଦ୍ରା, ତାପସ ରାୟଚୌଧୁରୀ, ତ୍ରିନାଥ ଗୁଆଲ, ଗଙ୍ଗାଧର ଗଡାନାୟକ, ହରିଶ ଗଣତ୍ରା, ସନ୍ଦୀପ ଅୱସ୍ଥି, ମନୋରଞ୍ଜନ ମହାପାତ୍ର, ଜୟ କୁମାରୀ ପଟେଲ, ସଞ୍ଜୟ ପଣ୍ଡା, ପ୍ରଶାନ୍ତ ଜେନା, ଇଶ୍ୱର ରାଓ, ତୁଳାରାମ ସେନାପତି, ପ୍ରଭାତ ପଟେଲ, ଜୟପ୍ରକାଶ କୁଅଁର ପ୍ରମୁଖ ମଞ୍ଚାସୀନ ଥିଲେ।

କଂଗ୍ରେସ ପାଳିଲାନି କଳା ଦିବସ

ଝାରସୁଗୁଡା ଅଫିସ,୨୬ା୧୨- ଆମ ଗାଁ ଆମ ବିକାଶ ତଥା ପିଠା କାର୍ଯ୍ୟକ୍ରମରେ ପଞ୍ଚାୟତ ବ୍ୟବସ୍ଥାର ଅବମାନନା ବିରୋଧରେ କଂଗ୍ରେସ କଳା ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ପଞ୍ଚାୟତ ସ୍ତରରେ ଏହି କଳା ଦିବସ ପାଳନ କରିବାକୁ ପ୍ରତ୍ୟେକ ଜିଲା ସଭାପତିଙ୍କୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା। ହେଲେ ଝାରସୁଗୁଡା ଜିଲାରେ କଳା ଦିବସ ପାଳନର ଗନ୍ଧ ସୁଦ୍ଧା ମିଳିନାହିଁ। ଛୋଟିଆ କାର୍ଯ୍ୟକ୍ରମଟିଏ କଲେ କଂଗ୍ରେସ କର୍ମକର୍ତ୍ତା ଗଣମାଧ୍ୟମକୁ ବହୁ ଆଗୁଆ ସୂଚନା ଦେଉଥିଲେ। ହେଲେ କଳାଦିବସ ପାଳନରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏ ନେଇ ଜିଲା କଂଗ୍ରେସ ସଭାପତି ଗିରିଶ ରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, କଳା ଦିବସ ପାଳନ କରିବାକୁ ପିସିସି ତରଫରୁ ବିଳମ୍ବରେ ସୂଚନା ଦିଆଯାଇଥିଲା। ତଥାପି ଲଖନପୁର, କୋଲାବିରା ବ୍ଲକ୍‌ର କେତେକ ସ୍ଥାନରେ ପାଳନ ହୋଇଛି। ଝାରସୁଗୁଡା ବ୍ଲକରେ କେଉଁଠାରେ ପାଳନ ହୋଇଛି ତାର ନିର୍ଦ୍ଦିଷ୍ଟ ସୂଚନା ଦେଇପାରି ନ ଥିଲେ।

ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ବଡ଼ଗାଁ କଲେଜ ୧୯୯୫ ସ୍ନାତକ ବ୍ୟାଚର ବନ୍ଧୁମିଳନ

ବଡ଼ଗାଁ, ୨୫।୧୨ (ଡି.ଏନ.ଏ)- ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟର ୧୯୯୫ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ ରବିବାର ବାଇବାଇ ଗାଁ ନିକଟ ସୃଜନ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚର ଜିତେନ୍ଦ୍ର ଦାସ, କେଶବ କର୍ସେଲ, ସମୀର ରାଉତରାୟ, ବୀରେନ୍ଦ୍ର ପଣ୍ଡା, ପ୍ରଶାନ୍ତ ଦାସ, ପ୍ରଶାନ୍ତ ମାଝି, ଅନ୍ତରାମ ପଟେଲ, କର୍ଣ୍ଣ ନାଏକ ପ୍ରମୁଖ ଯୁବକମାନେ ସାମିଲ ହୋଇଥିଲେ। ଏହି ଅବସରରେ ଆୟୋଜିତ ଆଲୋଚନାରେ ସମାଜସେବା, ସ୍ୱଚ୍ଛତା, ପରିବେଶ ସୁରକ୍ଷା, ବିଭିନ୍ନ ସାମାଜିକ କାର୍ଯ୍ୟ, ଗରିବ ଛାତ୍ରୀଛାତ୍ରଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ ଆଦି ଉପରେ ସ୍ୱମତ ଉପସ୍ଥାପନ କରିଥିଲେ।

ଖବରଦାତାଙ୍କ ମାତୃବିୟୋଗ

ସୁନ୍ଦରଗଡ/ବଡଗାଁ, ୨୬।୧୨ (ଡି.ଏନ୍.ଏ) -ବଡଗାଁର ଧର୍ମପ୍ରାଣ ମହିଳା ତଥା ଧରିତ୍ରୀର ବଡ଼ଗାଁ ଖବରଦାତା ଅଶୋକ ଷଡଙ୍ଗୀଙ୍କ ମାତା କମଳିନୀ ଷଡଙ୍ଗୀଙ୍କ ବୁଧବାର ସନ୍ଧ୍ୟା ପ୍ରାୟ ସାଢେ ୭ଟା ବେଳେ ରାଉରକେଲା ହାଇଟେକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ କାରଣରୁ ହଠାତ୍ ଅସୁସ୍ଥ ହୋଇପଡିବାରୁ ମଙ୍ଗଳବାର ପ୍ରଥମେ ତାଙ୍କୁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ମାତ୍ର ତାଙ୍କର ଅବସ୍ଥା ଗୁରୁତର ଥିବାରୁ ରାଉରକେଲା ହାଇଟେକ ହସ୍ପିଟାଲକୁ ନିଆଯାଇଥିଲା। ତାଙ୍କ ଅନ୍ତିମ ସମୟରେ ତାଙ୍କର ଏକମାତ୍ର ପୁତ୍ର ଓ ୫ଝିଅ ହ୍ୱାଇଁ ଉପସ୍ଥିତ ଥିଲେ।

■ ଅଠରଗଡ଼ ଫୁଲମାଲୀ ସମାଜ ସୁନ୍ଦରଗଡ଼ ମଣ୍ଡଳର ନବମ ବାର୍ଷିକ ମହୋତ୍ସବ

ଜୀବନଯାପନରେ ସମାଜ ପ୍ରମୁଖ ଅଙ୍ଗ

ଲେଫ୍ରିପଡା, ୨୬।୧୨(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ମଙ୍ଗସପୁରଠାରେ ଅଠରଗଡ ଫୁଲମାଲୀ ସମାଜର ନବମ ବାର୍ଷିକ ମହୋତ୍ସବ ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ସୁନ୍ଦରଗଡ ଉପସଭାପତି ଆଇନଜୀବୀ ରାଜୁ ପଟେଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ହେମଗିର ରାଜା ସୁନିଲ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଫୁଲମାଲୀ ସମାଜର ସଭାପତି ରଘୁମଣୀ ପଟେଲ, ଓଡିଶାପ୍ରାନ୍ତର ସାହାଯ୍ୟକାରୀ ସଭାପତି ଟଙ୍କଧର ମାଝି, ବରଗଡ ମଣ୍ଡଳ ଉପସଭାପତି ଦୀନବନ୍ଧୁ ପଟେଲ, ଝାରସୁଗୁଡା ମଣ୍ଡଳ ଉପସଭାପତି ଖେଳାକର ପାଣ୍ଡେ, ପୂର୍ବତନ ସାହାଯ୍ୟକାରୀ ସଭାପତି ରଘୁବୀର ପାଣ୍ଡେ ପ୍ରମୁଖ ଯୋଗଦେଇଥିଲେ। ପରେ ଏହାର ମଧ୍ୟାହ୍ନରେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ ଅତିଥି ଭାବେ ଯୋଗଦାନ କରି ଅଠରଗଡ ଫୁଲମାଲୀ ସମାଜ ଏକତା, ଅଖଣ୍ଡତା ଏବଂ ସଦ୍‌ଭାବ ବଜାୟ ରଖିବାରେ ଏକ ଅଗ୍ରଣୀ ସମାଜ ରୂପେ ଉଭାପାରିଛି ବୋଲି ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ମଧ୍ୟମ ଭାଗରେ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ଉପାଧ୍ୟାକ୍ଷା କୁସୁମ ଟେଟେ ଯୋଗଦାନ କରି ସମାଜର ଜାତିଭାଇମାନଙ୍କୁ ଉତ୍ସାହିତ କରିଥିଲେ। ସାନ୍ଧ୍ୟକାଳୀନ ବୈଠକରେ ମୁଖ୍ୟଅତିଥି ଭାବେ ଫୁଲମାଲୀ ସମାଜର ଓଡିଶା ପ୍ରଶାସନିକ ସେବାରେ ନିଯୁକ୍ତି ଥିବା ବରିଷ୍ଠ ଅଧିକାରୀ ତୋଲାମଣୀ ପଟେଲ ଯୋଗଦାନ କରି ପ୍ରତ୍ୟେକ ସମାଜ ଭିତରୁ ଫୁଲମାଲୀ ସମାଜ ଏକତା ଏବଂ ଅଖଣ୍ଡତା ରକ୍ଷା କରି ସରଳ ଏବଂ ନିରାଡମ୍ବର ଭାବେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ମଣିଷର ଜୀବନ ଯାପନରେ ସମାଜ ଏକ ପ୍ରମୁଖ ଅଙ୍ଗ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସବ୍‌ଜୁନିୟର, ଜୁନିୟର, ସିନିୟର ଏବଂ ମୁକ୍ତ ଭାବେ ଭାଗ କରାଯାଇ ଜିଲାପି ଡିଆଁ, ଫେନ୍‌ସି ଡ୍ରେସ୍, ଗୀତ, ନାଚ, ଅଙ୍କଦୌଡ, ପ୍ରବନ୍ଧ, ସାଧାରଣଜ୍ଞାନ, ଡ୍ରଇଂ, ନୃତ୍ୟ, ଫୁଲମାଲା ଓ ଫୁଲତୋଡା ତିଆରି, ମ୍ୟୁଜିକାଲ ଚେୟାର, ମହିଳାମାନଙ୍କ ପାଇଁ ଲକ୍ଷ୍ମୀପୁରାଣ ପଠନ, ଶ୍ରୀମତୀ କମ୍ ନୁହନ୍ତି, ରଙ୍ଗୋଲି, ଝୋଟି ତିଆରି ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଟାଙ୍ଗରପାଲି ବ୍ଲକ୍ ଅଧ୍ୟକ୍ଷ ଜଟିଆ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଠରଗଡ ଫୁଲମାଲୀ ସମାଜର ପୂର୍ବତନ ସଭାପତି ଡ.ରାମକୁମାର ପଟେଲ, ଛତିଶଗଡ ପ୍ରାନ୍ତର ସାହାଯ୍ୟକାରୀ ସଭାପତି ସେବକ ରାମ ପଟେଲ ପ୍ରମୁଖ ଯୋଗଦାନ କରିଥିଲେ। ପରେ କୃତୀ ପ୍ରତିଯୋଗୀ ଛାତ୍ରୀଛାତ୍ର ଏବଂ ମହିଳାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଅନନ୍ତ ପାଣ୍ଡେ, ଅହଲ୍ୟା ପଟେଲ, ଟଙ୍କଧର ପଟେଲ, ଉଦିତ ପଟେଲ, ଫିରୋଜ ପଟେଲ, ସଜନ ନାଏକ ପ୍ରମୁଖ ଯୁବବନ୍ଧୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁନ୍ଦରଗଡ ମଣ୍ଡଳର ଅଞ୍ଚଳାଧିକାରୀ ବନମାଳୀ ପଟେଲ, ଅନନ୍ତରାମ ପଟେଲଙ୍କ ସମେତ ହେମଗିର ଗାଦି ସରପଞ୍ଚ ପବିତ୍ରମୋହନ ନାଏକ, ଗୋପାଳପୁର ଗାଦୀ ସରପଂଚ ରାମଜୀ ପଟେଲ, ପଟୁଆଡିହି ଗାଦୀ ସରପଞ୍ଚ ଦେଶରଞ୍ଜନ ପଟେଲ, ସୁନ୍ଦରଗଡ ଗାଦୀ ସରପଞ୍ଚ ସଂକୀର୍ତ୍ତନ ପଟେଲ, ଅବନକେଲା ଗାଦୀ ସରପଞ୍ଚ ଶ୍ରୀ ଚୂଡାମଣୀ ପଟେଲ, ମଙ୍ଗସପୁର ଗାଦୀ ସରପଞ୍ଚ ହେମନ୍ତ କୁମାର ପଟେଲ, ଧଉଁରା ଅଡା ଗାଦୀ ସରପଞ୍ଚ ଅଶୋକ ପଟେଲ ପ୍ରମୁଖ ସମେତ ସୁନ୍ଦରଗଡ ମଣ୍ଡଳର ଜାତିଭାଇ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ଏଥିରେ ଓଡିଶା ଏବଂ ଛତିଶଗଡ ଅଞ୍ଚଳର ଜନସାଧାରଣ ବହୁ ସଂଖ୍ୟାରେ ଭାଗ ନେଇଥିଲେ।

ଅଠରଗଡ ଫୁଲମାଲୀ ସମାଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ କର୍ମକର୍ତ୍ତା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ହାଇମାଷ୍ଟ ଲାଇଟ ଉଦ୍‌ଘାଟିତ

ହାଇମାଷ୍ଟ ଲାଇଟ ଉଦ୍‌ଘାଟନ କରାଯାଉଛି।

ଲହୁଣୀପଡା, ୨୬।୧୨(ଡି.ଏନ.ଏ.)

ବଣାଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଦରେଇକଲା ଛକ ଏବଂ ଲୁଥୁର୍ବା ଟୁଲ ଗେଟଠାରେ ନିର୍ମିତ ୨ଟି ହାଇମାଷ୍ଟ ଲାଇଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଦୁଇଟି ହାଇମାଷ୍ଟ ଲାଇଟ ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠି ୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ହୋଇଥିଲା। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ୨ଟି ଲାଇଟକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ବିଶିଷ୍ଟ ଶ୍ରମିକ ନେତା ବାଣେଶ୍ୱର ସାହୁ, ଓମନ୍ତ କୁମାର ମହାନ୍ତ (ଲାଧୁ)ଙ୍କ ସମେତ ବହୁ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

କିକ୍ ବକ୍ସିଂରେ ଖେଳିବା ପାଇଁ ବିଲାସପୁରକୁ ଯାତ୍ରା

ସୁନ୍ଦରଗଡ, ୨୬।୧୨ (ଡି.ଏନ.ଏ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ କିକ୍ ବକ୍ସିଂରେ ଖେଳିବା ପାଇଁ ପଶ୍ଚିମ ଓଡିଶାର ଏକମାତ୍ର ଝିଅ ଲିପସା ଷଡଙ୍ଗୀ ବିଳାସପୁର ଯାତ୍ରା କରିଛନ୍ତି। ସୁନ୍ଦରଗଡ଼ସ୍ଥିତ ଯୁକ୍ତ ୨ ପ୍ରଥମ ବର୍ଷ ଗୁରୁକୁଳ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀ। ବିଳାସପୁରରେ ଜାତୀୟସ୍ତର ପ୍ରତିଯୋଗିତାରେ ଭାଗ ନେବା ପାଇଁ ବୁଧବାର ଉତ୍କଳ ଏକ୍ସପ୍ରେସ ଟ୍ରେନ ଯୋଗେ ସମସ୍ତ ପ୍ରତିଯୋଗୀ ସହିତ ସେ ଯାତ୍ରା କରିଛନ୍ତି। ତାଙ୍କ ସହିତ ବଡବିର କଲେଜର ମଧୁସୂଦନ ମୁଣ୍ଡା ଓ ଚନ୍ଦ୍ର ପୂର୍ତ୍ତି, ମନଧାତା ବାବା କଲେଜର ଅଜିତ ଛତ୍ରିଆ, ଭୁବନେଶ୍ୱରର ସନ୍ୟାସୀ ମୁଥମାଝୀ ଓ ଅନିତା ଏକ୍କା, କଳାପଥର ଆଞ୍ଚଳିକ କଲେଜର ରାଧାକାନ୍ତ ସେଠି, ବନ୍ଧମୁଣ୍ଡା କଲେଜର ବିକାଶ ମହାନନ୍ଦ, ରାଧାନାଥ ରଥ ବିଜ୍ଞାନ କଲେଜ ଖୁଣ୍ଟୁଣୀ ବଦ୍ରିନାରାୟଣ ବାହିନିପତି, ବାପୁଜୀ ଖଦପଲାମୁନିର ଲକି ବିଶ୍ୱାଳ ଓ ରୁପାଳି ସାମଲ, ସାଲେପୁର ଜୁନିୟର କଲେଜର ଲୋପାମୁଦ୍ରା ଜେନା ପ୍ରମୁଖ ବିଲାସପୁରକୁ ଭୁବନେଶ୍ୱରରୁ ଯାତ୍ରା କରିଛନ୍ତି।

ବଣାଇକୁ ଜିଲା ଘୋଷଣା ଦାବିକଲା ସାମ୍ବାଦିକ ସଂଘ

ବଣାଇଁ, ୨୬।୧୨ (ସ୍ୱ.ପ୍ର.)

ସୁନ୍ଦରଗଡ଼ ଜିଲାର ବଣାଇଁ ଉପଖଣ୍ଡକୁ ଜିଲା ଘୋଷଣା ଦାବିନେଇ ଅଣ୍ଟା ଭିଡ଼ିଛି ସାମ୍ବାଦିକ ସଂଘ। ଏହି ଦାବି ସମେତ ବଣାଇଗଡ, ଲହୁଣୀପଡା, କୋଇଡାକୁ ଏନଏସିର ମାନ୍ୟତା ପ୍ରଦାନ, ଖୁଣ୍ଟଗାଁକୁ ବ୍ଲକ ଘୋଷଣା, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବହେଳିତ ବଣାଇ ଉପଖଣ୍ଡର ଉପଖଣ୍ଡ ଚିକିତ୍ସାଳୟ ସମେତ ସମସ୍ତ ଚିକିତ୍ସାଳୟରେ ତୁରନ୍ତ ଡାକ୍ତର ନିଯୁକ୍ତି, ବଣାଇଗଡ ମହାବିଦ୍ୟାଳୟକୁ ସରକାର ହାତକୁ ନେବା, ଖାଲି ପଡିଥିବା ନିୟମିତ ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଉପରେ ଦାବି ଉପସ୍ଥାପନ କରାଯାଇଛି। ଏ ସଂକ୍ରାନ୍ତରେ ତୁରନ୍ତ ଅନ୍ୟତମ ବଣାଇ ଓକିଲ ସଂଘ, ବିଭିନ୍ନ ସାମାଜିକ ଅନୁଷ୍ଠାନ ଏବଂ ସର୍ବଦଳୀୟ ପ୍ରତିନିଧିମାନଙ୍କୁ ନେଇ ସାମ୍ବାଦିକ ସଂଘର ତତ୍ତ୍ୱାବଧାନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯିବା ସହ ଆଲୋଚନା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଉତ୍କଳ ସାମ୍ବାଦିକ ସଂଘ ସହବନ୍ଧିତ ସୁନ୍ଦରଗଡ ଜିଲା ସାମ୍ବାଦିକ ସଂଘର ୨୪ତମ ପ୍ରତିଷ୍ଠା ଦିବସ ବଣାଇରେ ଆୟୋଜିତ ଅବସରରେ ମଙ୍ଗଳବାର ଏହି ପ୍ରସ୍ତାବ ଗୃହୀତ ହୋଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାମ୍ବାଦିକମାନେ ଏଥିରେ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ସଂଘର ସଭାପତି ପ୍ରଦୀପ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସର୍ବପ୍ରଥମେ ସମସ୍ତ ସଭ୍ୟମାନଙ୍କୁ ସଂଘର ବରିଷ୍ଠ ସଭ୍ୟ ତଥା ଉପଦେଷ୍ଟା ଦିଲୀପ କୁମାର ତ୍ରିପାଠୀ ସ୍ୱାଗତ କରିଥିବା ବେଳେ ସମ୍ପାଦକ ବିଭୂତିଭୂଷଣ କର ବିବରଣୀ ପାଠ କରିଥିଲେ।

ବେଆଇନ ମଦ କାରବାର ଅଭିଯୋଗରେ ଜଣେ ଗିରଫ

ବେଦବ୍ୟାସ, ୨୬।୧୨ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗାସ୍ଥିତ ଏକ ଢ଼ାବାରେ ବେଆଇନ ମଦ କାରବାର ଅଭିଯୋଗରେ ଢ଼ାବା ମାଲିକ ଶ୍ୟାମ ଠାକୁର (୩୫)ଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଢ଼ାବା ମାଲିକଙ୍କଠାରୁ ୫ଲିଟର ବିଭିନ୍ନ କମ୍ପାନୀର ବିଦେଶୀ ମଦ ଜବତ କରାଯାଇଛି । ଚଢ଼ାଉ ପୂର୍ବରୁ ଢ଼ାବା ଉପରେ ବହୁତ ଅଭିଯୋଗ ହୋଇଥିଲା ।

■ କଂଗ୍ରେସ ପକ୍ଷରୁ କଳାଦିବସ ପାଳିତ

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ


ସଦର ବ୍ଲକ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୁନ୍ଦରଗଡ଼, ୨୬।୧୨ (ଡି.ଏନ୍.ଏ)

ଡିସେମ୍ବର ୨୬କୁ ଜିଲା ବ୍ୟାପୀ କଂଗ୍ରେସ ପକ୍ଷରୁ ବିଭିନ୍ନ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଳାଦିବସ ପାଳନ କରାଯାଇଥିଲା। ସଦର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ସଭାପତି ତାରାଚାନ୍ଦ କିଷାନଙ୍କ ନେତୃତ୍ୱରେ କଳା ଦିବସ ପାଳନ କରାଯିବା ସହ ପଞ୍ଚାୟତିରାଜ ବ୍ୟବସ୍ଥାର ସୁରକ୍ଷା ନେଇ ୫ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଦର ବ୍ଲକ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରରେ ଆମ ଗାଁ ଆମ ବିକାଶ ଯୋଜନାର ପ୍ରହସନ ବନ୍ଦ କରିବା, ଯୋଜନାର ପ୍ରକଳ୍ପ ଗୁଡିକ ଗ୍ରାମସଭା ତଥା ଗ୍ରାମପଞ୍ଚାୟତର ବିନା ଅନୁମୋଦନରେ ଘୋଷଣା ନ କରିବା, ପଞ୍ଚାୟତ ସଭ୍ୟ ଓ ଜିଲା ପରିଷଦ ସଭ୍ୟଙ୍କ ଖୋଲାହାତ ପାଣ୍ଠିର ବ୍ୟବସ୍ଥା, ପଞ୍ଚାୟତ ପ୍ରତିନିଧିମାନଙ୍କର ଭତ୍ତାକୁ ସ୍ତର ଭିତିରେ ବୃଦ୍ଧି କରାଯିବା, ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ, ସମ୍ବିଧାନ ସଂଶୋଧନ ଆଇନ୍ ମୁତାବକ ଦିଆଯାଇଥିବା ଅଧିକାରକୁ କାର୍ଯ୍ୟକାରୀ କରିବା ଉଲ୍ଲେଖ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ବେଣୁ ମାଧବ ତ୍ରିପାଠୀ, ନବୀନ ତାଣ୍ଡିଆ, ଦେବେନ୍ଦ୍ର ପଟେଲ ଆଦି ବିଭିନ୍ନ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।

■ ଜୟବାଲାଜୀ ସ୍ପଞ୍ଜ ଗେଟ ଜଗୁଆଳଙ୍କୁ ଆକ୍ରମଣ

ବ୍ରାହ୍ମଣୀତରଙ୍ଗ ଥାନାରେ ମାମଲା ରୁଜୁ

ବେଦବ୍ୟାସ, ୨୬।୧୨ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟାଇଁସର ସ୍ଥିତ ଜୟବାଲାଜୀ ସ୍ପଞ୍ଜର ଗେଟ ଜଗୁଆଳଙ୍କୁ ମାରପିଟ ଓ ଆକ୍ରମଣ ଅଭିଯୋଗରେ ବୁଧବାର ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ମାମଲା ରୁଜୁକରି ନାବାଳକ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୋଲିସ ସୂଚନା ଅନୁଯାୟୀ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟା ୧୫ରେ ଅଭିଯୁକ୍ତ ଲାଠିକଟା ନିବାସୀ ସୁରେଶ ତିର୍କୀ (୨୦), ଲୁଙ୍ଗେଇ ନିବାସୀ ଛୋଟୁ ନନହାର (୨୦) ଓ ଜଣେ ନାବାଳକ ସମେତ ଗାଡି ଚାଳକ ନିରୋଜ ଟପ୍ପୋ ଏକ ସ୍ପଞ୍ଜ ମେଟେରିଆଲ ବୋଝେଇ ଟ୍ରକ ଗେଟ ପାଖରେ ପହଞ୍ଚିଲା ପରେ ଗେଟ ଜଗୁଆଳ ବେଲାରସନ ନାୟକ (୨୮) ଗାଡି ନଂ ଉପରେ ସନ୍ଦେହ କରି ଯାଞ୍ଚ ନିମନ୍ତେ ଉପରସ୍ଥ ସ୍ପଞ୍ଜ ଅଧିକାରୀଙ୍କ ଅବଗତ କରାଉଥିବା ସମୟରେ ଗାଡିରେ ଥିବା ଅଭିଯୁକ୍ତମାନେ ବିରୋଧ କରିଥିଲେ। ପରବର୍ତ୍ତି ସମୟରେ କଥାକଟା କଟି ହେବା ସହ ଉତକ୍ଷିପ୍ତ ହୋଇ ଗେଟ ଜଗୁଆଳ ବେଲାରସେନ ନାୟକଙ୍କୁ ମାରପିଟ କରିବା ସହ ଆକ୍ରମଣ କରିଥିଲେ। ବେଲାରସେନ ଗୁରୁତର ହୋଇଯିବା ଫଳରେ ଅନ୍ୟ ସହକର୍ମୀଙ୍କ ସହାୟତାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସୁସ୍ଥ ମନେ କରିବାରୁ ବ୍ରାହ୍ମଣୀତରଙ୍ଗ ଥାନାରେ ଆସି ସେହି ସନ୍ଧ୍ୟା ବେଳେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତିକର ବ୍ରାହ୍ମଣୀ ତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ ମାମଲା ନଂ. ୨୮୭/୧୮ ଭାରତୀୟ ଦଣ୍ଡବିଧି ଆଇନ ବିଭିନ୍ନ ଧାରା ଯଥା ୨୯୪/୩୨୩/୩୦୭/୫୦୬/୩୪ରେ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ କରିବା ସହ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ୨ଜଣ ଅଭିଯୁକ୍ତ ସୁରେଶ ତିର୍କି ଓ ଛୋଟୁ ନନହାରଙ୍କ ସମେତ ଜଣେ ନାବାଳକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛନ୍ତି। ଗାଡି ଚାଳକ ନିରୋଜ ଟପ୍ପୋ ଫେରାର ହୋଇଯାଇଛନ୍ତି। ସେ ଖୁବଶୀଘ୍ର ଧରାପଡିଯିବେ ବୋଲି ତଦନ୍ତ ଅଧିକାରୀ ଦୁର୍ଗାଚରଣ ଜେନା କହିଛନ୍ତି।

ପ୍ରତିଷ୍ଠା ଦିବସରେ ବିଜେଡିର ଶକ୍ତି ପ୍ରଦର୍ଶନ

■ ୧୦ହଜାରରୁ ଉର୍ଦ୍ଧ୍ୱ କର୍ମୀଙ୍କ ସମାଗମ

ସୁନ୍ଦରଗଡ଼, ୨୬।୧୨ (ଡି.ଏନ୍.ଏ)

ସୁନ୍ଦରଗଡ ସଦର ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡ଼ି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଡାକ୍ତରଖାନାରେ ରକ୍ତଦାନ ଶିବିର ହୋଇଥିଲା। ରାଣୀ ବଗିଚା ବାଇପାସଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତୃବୃନ୍ଦଙ୍କ ପୁଷ୍ପମାଲ୍ୟ ଅର୍ପଣ ପରେ ସହରର ବିଭିନ୍ନ ଦିଗରୁ ହଜାର ହଜାର ସଂଖ୍ୟାରେ ବିଜେଡି ଯୁବଛାତ୍ର, ମହିଳା ତଥା ବିଭିନ୍ନ ଶାଖାର କର୍ମକର୍ତ୍ତା ଓ କର୍ମୀମାନେ ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ଭବାନୀ ଭବନ ପଡିଆରେ ପ୍ରତିଷ୍ଠା ଦିବସ ସମାବେଶ ସ୍ଥଳରେ ପହଞ୍ଚିଥିଲେ। ବିଜେଡି ନେତ୍ରୀ ତଥା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା କୁସୁମ ଟେଟେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିଶାଳ ଜନସମାବେଶରେ ଦଳୀୟ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ସୁନ୍ଦରଗଡ ରାଜମାତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷା ପଦ୍ମିନୀ ଶେଖର ଦେଓ ଉଦ୍‌ବୋଧନ ଦେଇ ବିଜେଡ଼ିର ୧୮ବର୍ଷର ଶାସନ ଓଡିଶା ରାଜନୀତିର ସୁବର୍ଣ୍ଣ ଯୁଗବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଓଡିଶାରେ ବିକଳ୍ପ ନାହିଁ। ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା, ବିଜୁ ପକ୍କାଘର, ମଧୁବାବୁ ପେନସନ ଯୋଜନା, କଳାକାର ଭତ୍ତା, ନିର୍ମାଣ ଶ୍ରମିକଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସେ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ବିଫଳତା, ପ୍ରତିଶ୍ରୁତି ପାଳନ ପରିବର୍ତ୍ତେ ପ୍ରତାରଣା, ଓଡିଶା ପ୍ରତି ବୈମାତୃକ ମନୋଭାବକୁ ସମାଲୋଚନା କରାଯାଇଥିଲା। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମାଞ୍ଚଳ ଜୋନ୍‌ର ଯୁବଛାତ୍ର ସଙ୍ଗଠନର ଆବାହକ ବୈକୁଣ୍ଠ ନାଏକ, ସୁନ୍ଦରଗଡର ପୂର୍ବତନ ନଗରପାଳ ବେଣୁମାଧବ ତାଣ୍ଡିଆ, ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, ବରିଷ୍ଠ ନେତା ହରଜେନ୍ଦ୍ର ସିଂ, ସୁକାନ୍ତ ପତି, ଗୋପ ମହାନ୍ତି, ଗୋବିନ୍ଦ ପଟେଲ, ଜୟନାରାୟଣ ତ୍ରିପାଠୀ, ରାମଚନ୍ଦ୍ର ବୈକାର, ଶ୍ରମିକ ନେତା ପ୍ରଣବ ଭୈଷାଁଲ, ଲଲାଟ ପରିଡା, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସୁମନ୍ତ ପଣ୍ଡା ,ପୂର୍ବତନ କାଉନସିଲର ପଞ୍ଚା ବାର୍ଲା, ଜିଲା ଆଇନ ସାମୁଖ୍ୟ ସଭାପତି କିଶୋର ନାଏକ, ବଲ୍ଲଭୀ ନାଏକ, ଅଜୟ ପଟେଲ, ସୁନୀଲ ମହାପାତ୍ର, ବିମଳ ପଟେଲ, ସୁମନ୍ତ ସାହୁ, ବୀଣା ସାହୁ ପ୍ରମୁଖ ଦଳୀୟ ନେତୃବୃନ୍ଦ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଆୟୋଜିତ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।



ରାଣୀବଗିଚା ବାଇପାସଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି। ପ୍ରତିଷ୍ଠା ଦିବସ ସମାରୋହରେ ଉପସ୍ଥିତ କର୍ମୀ।

ବିଜେଡିର ପ୍ରତିଷ୍ଠା ଦିବସରେ ପାରମ୍ପରିକ ନୃତ୍ୟ ପରିବେଷଣ

କୁଆଁରମୁଣ୍ଡା,୨୬।୧୨(ଡି.ଏନ.ଏ.)

ବୀରମିତ୍ରପୁର ବିଆରଆଇ କ୍ଲବ ପଡ଼ିଆରେ ବୁଧବାର ବିଜେଡ଼ିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା, ନୂଆଗାଁ, ବିଶ୍ରା ବ୍ଲକ ସମେତ ବୀରମିତ୍ରପୁର ପୌରପାଳିକା ଅନ୍ତର୍ଗତ ବିଜେଡ଼ି କର୍ମୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ଜିଲାପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ମହିଳା ପର୍ଯ୍ୟବେକ୍ଷିକା ରଶ୍ମିବାଳା ମିଶ୍ର, କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର କୁଜୁର, ବିଜେଡ଼ି ସଂଖ୍ୟାଲଘୁ ସେଲର ରାଜ୍ୟ ସମ୍ପାଦକ ସାହିଦ୍ ଆଲମ, ବୀରମିତ୍ରପୁରର ପୂର୍ବତନ ବିଧାୟକ ନିହାର ସୁରିନ, ଗୌରିଶଙ୍କର ଦୀପ, ପୂର୍ବତନ ପୌରାଧ୍ୟକ୍ଷା ମଞ୍ଜୁ ଏକ୍କା, ଉପାଧ୍ୟକ୍ଷ ଅଜିତ୍ ରାଏ, ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ପୂର୍ବତନ ରାଜ୍ୟସଭା ସଦସ୍ୟଙ୍କ ପ୍ରତିନିଧି ରାଜେଶ ଖାଲଖୋ, ସରିତା କେର୍କେଟା, ପ୍ରେମା ଦାସ, ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ବିଜେଡ଼ି ସଭାପତି ରୋହିତ ତନ୍ତୀ, ଗଜେନ୍ଦ୍ର ସାହୁ, କୁଆଁରମୁଣ୍ଡା ସମିତି ସଭ୍ୟ ରାଜେଶ ହାଁସଦା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିବା ସହ କେନ୍ଦ୍ରୀୟ ଅବହେଳା ସମ୍ପର୍କରେ ବିଶୋଦଗାର କରିଥିଲେ। କାର୍ଯ୍ୟକ୍ରରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ବିଜେଡ଼ି ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ବୀରମିତ୍ରପୁର ବିଜେଡ଼ି ଟାଉନ୍ ସଭାପତି କୁନା ଦେଓ, ରୋହିତ ଦୀପ ଓ ଅନ୍ୟମାନେ ସହାୟତା କରିଥିଲେ। କୁଆଁରମୁଣ୍ଡା,ନୂଆଗାଁ ଓ ବିଶ୍ରା ଅଞ୍ଚଳରୁ ଆସିଥିବା ମହିଳାମାନେ ପାରମ୍ପରିକ ନୃତ୍ୟ କରିଥିଲେ।